

ଏକାଠି ଆସିବେ
ଅର୍ଶଦ-ଅମୃତା
▶ଭିତର ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-347 ◆BHUBANESWAR ◆THURSDAY ◆13 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୪୭ ◆ଭୁବନେଶ୍ୱର ◆ଗୁରୁବାର ◆୧୩ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ଜଳିଗଲା ଶ୍ରମିକ ନିବାସ | ୪୯ ଦଗ୍ଧ, ୫୦ ଆହତ

■ କୁଏତ୍ ସିଟି, ୧୨।୬ (ଏଜେନ୍ସି): ଆରବୀୟ ରାଷ୍ଟ୍ର କୁଏତ୍‌ରେ ଥିବା ଏକ ଶ୍ରମିକ ନିବାସ (ବହୁତଳ ଅଟ୍ଟାଳିକା)ରେ ବୁଧବାର ସକାଳେ ନିଆଁ ଲାଗିଯିବାରୁ ୪୯ ଜଣ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୫୦ରୁ ଅଧିକ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪୧ ଜଣ ଭାରତୀୟ ଶ୍ରମିକ ଥିବା ସୂଚନା ମିଳିଛି। ଗୁରୁତରଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦକ୍ଷିଣ କୁଏତର ମାଙ୍ଗାଫ୍ ଜିଲ୍ଲାରେ ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଏଠାକାର ଏକ ବହୁତଳ ପ୍ରାସାଦରେ ଭାରତୀୟ ଶ୍ରମିକମାନେ ରହୁଥିଲା ବେଳେ ବୁଧବାର ସକାଳେ

**ମୃତକଙ୍କ ମଧ୍ୟରେ ୪୧ ଭାରତୀୟ**

**ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ମୋଦୀ**

**ମୃତକଙ୍କ ପରିବାରକୁ ୨ ଲକ୍ଷର ସହାୟତା**

ଏହାର ତଳ ମହଲାରେ ଥିବା ରୋଷେଇ ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। କ୍ଷଣିକ ମଧ୍ୟରେ ନିଆଁ ପୁରା କୋଠାକୁ ବ୍ୟାପି ଯାଇଥିଲା। ଯଦ୍ଦ୍ୱାରା ବିଭିନ୍ନ ମହଲାରେ ରହୁଥିବା ଲୋକମାନେ ତଳକୁ ଓହ୍ଲାଇବା ସମ୍ଭବ ହୋଇ ନଥିଲା। ଫଳରେ ୪୧ ଭାରତୀୟ ଶ୍ରମିକ ଜୀବନ୍ତ ଦଗ୍ଧ ହେବା ସହିତ ୫୦ରୁ ଅଧିକ ଲୋକ ଶ୍ୱାସରୁଦ୍ଧ ହୋଇପଡ଼ିବାରୁ ▶ପୃଷ୍ଠା-୯



### ନବୀନଙ୍କ ଶୋକ ପ୍ରକଟ

■ ଭୁବନେଶ୍ୱର, ୧୨।୬ (ସମିସ): କୁଏତ୍‌ରେ ଭାରତୀୟମାନେ ରହୁଥିବା ଏକ କୋଠାରେ ଅଗ୍ନିକାଣ୍ଡ ଘଟି ୪୧ ଜଣଙ୍କ ମୃତ୍ୟୁ ହେବା ସହିତ ୫୦ରୁ ଅଧିକ ଭାରତୀୟ ଆହତ ହେବା ଘଟଣାରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ସଦସ୍ୟମାନଙ୍କ ପ୍ରତି ସେ ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଛନ୍ତି ବୋଲି 'ଏକ୍ସ'ରେ ନିଜର ଭାବ ବ୍ୟକ୍ତ କରି ଉଲ୍ଲେଖ କରିଛନ୍ତି।

# ଓଡ଼ିଶାରେ ମୋହନ ସରକାର

## ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଓ ୧୩ ମନ୍ତ୍ରୀଙ୍କ ଶପଥ

■ ଭୁବନେଶ୍ୱର, ୧୨।୬ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ମୋହନ ସରକାର। ଓଡ଼ିଶାରେ ବିଜେପିର ପ୍ରଥମ ଓ ରାଜ୍ୟର ୧୫ତମ ମୁଖ୍ୟମନ୍ତ୍ରୀ ରୂପେ ମୋହନ ଚରଣ ମାଝିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ମୁଖ୍ୟମନ୍ତ୍ରୀଙ୍କ ସହ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା

**ମନ୍ତ୍ରିମଣ୍ଡଳରେ ୮ କ୍ୟାବିନେଟ୍, ୫ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ**

**ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ୭ କେନ୍ଦ୍ରମନ୍ତ୍ରୀଙ୍କ ଯୋଗଦାନ**

**ମଞ୍ଚରେ ୯ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ**

**ଯୋଗଦେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ**

ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେହିପରି ୮ ଜଣ କ୍ୟାବିନେଟ ପାହ୍ୟା ଓ ୫ ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)ଙ୍କୁ ମଧ୍ୟ ରାଜ୍ୟପାଳ ଶପଥପାଠ କରାଇଛନ୍ତି। ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀଙ୍କ





ସହ ମୋଟ ୭ଜଣ କେନ୍ଦ୍ରମନ୍ତ୍ରୀ, ୯ଟି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଦେଶର ବିଭିନ୍ନ ଭାଗରେ ରହୁଥିବା ସୁନାମ ଅର୍ଜନ କରିଥିବା ଓଡ଼ିଆ ବ୍ୟକ୍ତିବିଶେଷ ଏବଂ ସାଧୁସନ୍ଥମାନେ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯୋଗ ଦେଇଛନ୍ତି। ଜନତା ମଇଦାନରେ ଅନୁଷ୍ଠିତ ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର, ନୃତ୍ୟ, ସଂଗୀତର ତାଳେତାଳେ ସମାରୋହ ସ୍ଥଳ ପ୍ରକମ୍ପିତ ହୋଇ ଉଠିଥିଲା। ▶ପୃଷ୍ଠା-୯

**ମୋହନଙ୍କ ପ୍ରଥମ କ୍ୟାବିନେଟରେ ୪ ନିଷ୍ପତ୍ତି**

## ଖୋଲିବ ଶ୍ରୀମନ୍ଦିର ଚାରି ଦ୍ୱାର

**ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ**

**ଲାଗୁ ହେବ 'ସୁଭଦ୍ରା' ଓ 'ସମୃଦ୍ଧ କୃଷକ' ଯୋଜନା**



■ ଭୁବନେଶ୍ୱର, ୧୨।୬ (ସମିସ): ଆଜି ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶପଥ ଗ୍ରହଣ କରିବାର କିଛି ସମୟ ଭିତରେ ଲୋକସେବା ଭବନରେ ବସିଥିଲା ପ୍ରଥମ କ୍ୟାବିନେଟ ବୈଠକ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ନୂଆ ସରକାର ଚାରିଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ପ୍ରଥମ ନିଷ୍ପତ୍ତି ଅନୁସାରେ ଆସନ୍ତା କାଲି ମଙ୍ଗଳା ଆଳତି ସମୟରେ ଶ୍ରୀ ମନ୍ଦିରର ଚାରି ଦ୍ୱାର ଦେଇ ଶ୍ରଦ୍ଧାଳୁଙ୍କ ପ୍ରବେଶ ଆରମ୍ଭ ହେବ। ଆଜି ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ପୁରୀ ଯାଇ ରାତ୍ରୀ ଯାପନ କରିବେ। ଗୁରୁବାର ସକାଳେ ଚତୁର୍ଦ୍ଧା ମୂରତିଙ୍କ ଦର୍ଶନ କରିବା ପରେ ମନ୍ତ୍ରୀମଣ୍ଡଳ ସଦସ୍ୟଙ୍କ ଉପସ୍ଥିତିରେ ଚାରି ଦ୍ୱାର ଖୋଲାଯିବ। ସାଢ଼େ ଚାରି କୋଟି ଓଡ଼ିଆଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶ୍ରୀ ମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଶ୍ରୀ ମାଝୀ କହିଥିଲେ ଯେ ଶ୍ରୀ ମନ୍ଦିରର ସୁରକ୍ଷା, ସୌନ୍ଦର୍ଯ୍ୟକରଣ, ରକ୍ଷଣାବେକ୍ଷଣ ତଥା ପରିଚାଳନା ଆଦି କାର୍ଯ୍ୟ ଯେପରି ସୂଚାରୁରୂପେ ସମ୍ପାଦନ ହେବ ସେଥିପାଇଁ ୫୦୦ କୋଟି ଟଙ୍କାର ଏକ କର୍ପସ୍ ଫଣ୍ଡ ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଛି। ବଜେଟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଫଳରେ ଆବଶ୍ୟକତା ସମୟରେ ଶ୍ରୀ ମନ୍ଦିର କାମ ପାଇଁ ପାଣ୍ଠିର ଅଭାବ ରହିବ ନାହିଁ।

**୩୧୦୦ ଟଙ୍କା କରାଯିବ ଧାନର ସହାୟକ ମୂଲ୍ୟ**

ତୃତୀୟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ କୃଷି ଓ କୃଷକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସମୃଦ୍ଧ କୃଷକ ନୀତି ▶ପୃଷ୍ଠା-୯

## ଟ୍ୟାଙ୍କର ସହ ୨ ବାଇକ୍ ଧକ୍କା; ୩ ମୃତ

■ ବିଷମ କଟକ, ୧୨।୬ (ସମିସ): ଦୁଇଟି ବାଇକ୍‌କୁ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଗୋଟିଏ ବାଇକରେ ଥିବା ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ବାଇକରେ ଥିବା ଆଉ ଜଣେ ଯୁବକଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଭାତପୁର ପଞ୍ଚାୟତର ବୃନ୍ଦାବାଡ଼ି ନିକଟରେ।

୩୨୬ ନମ୍ବର ରାଜ୍ୟ ରାଜପଥରେ ଓଡି-୧୭-ଏନ- ୫୨୯୨ ଟ୍ୟାଙ୍କରଟି ଝାରସୁଗୁଡ଼ାରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ ଦୁଇ ବାଇକ ଆରୋହୀ ସାମ୍ନା ପଟୁ ଦୁର୍ଘଟଣାର ଶିକାର ହୋଇଥିଲେ। ରାୟଗଡ଼ାରୁ ମୁନିଗୁଡ଼ା ଅଭିମୁଖେ ଆସୁଥିବା ସମୟରେ କୌଣସି କାରଣରୁ ଟ୍ୟାଙ୍କରଟି ଭାରସାମ୍ୟ ହରାଇଥିଲା। ବାଇକ ଆରୋହୀଙ୍କ ଉପରେ ଚଢ଼ିଯାଇ ଟ୍ୟାଙ୍କରଟି ରାସ୍ତାକଡ଼କୁ ଚାଲିଯାଇଥିଲା। ଏହି ଟ୍ୟାଙ୍କର ଚାପାରେ ଓଡି ୧୮ ଏଚ-୩୯୧୨ ବାଇକ ଆରୋହୀ ମୁନିଗୁଡ଼ା ଥାନା ଡାଙ୍ଗସରଡ଼ା ଫାଣ୍ଡି କୁର୍ମାଯୋଡ଼ି ଗ୍ରାମର ନେପାଳ ବ୍ରେଡ଼େକା ଏବଂ ତେଲେଙ୍ଗାପଦର ପଞ୍ଚାୟତର ପଟାଙ୍ଗପଦର ▶ପୃଷ୍ଠା-୯

**ଗଣତନ୍ତ୍ରର ମାଧୁର୍ଯ୍ୟ**

## ଆକର୍ଷଣର କେନ୍ଦ୍ର ନବୀନ

**ନବୀନଙ୍କ ନିକଟକୁ ଆସି ମୋଦୀଙ୍କ ଭାବ ବିନିମୟ**

**ଅନୁଜ ପରି ମଞ୍ଚ ଉପରକୁ ଶଙ୍ଖୋଳି ନେଲେ ଧର୍ମେନ୍ଦ୍ର**

■ ଭୁବନେଶ୍ୱର, ୧୨।୬ (ସମିସ): ମାତ୍ର ଦୁଇ ସପ୍ତାହର ବ୍ୟବଧାନ। ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ପୂର୍ବରୁ ବିଜେଡି ଓ ବିଜେପି ପରସ୍ପରକୁ ଶାଣିତ ଆକ୍ରମଣ କରିଥିଲେ। ଉଭୟ ଦଳର ଶୀର୍ଷ ନେତାମାନେ ପରସ୍ପରକୁ ଆକ୍ଷେପ ଓ ପ୍ରତି ଆକ୍ଷେପ କରିବାରେ ଲାଗିଥିଲେ। ଯେମିତି ଲାଗୁଥିଲା ଉଭୟ ରାଜନୈତିକ ଦଳ ପରସ୍ପରର ଆଜନ୍ମ ଶତ୍ରୁ। ଇତିମଧ୍ୟରେ ରାଜ୍ୟରେ ରାଜନୈତିକ ସ୍ଥିତି ବଦଳିଛି। ଆଉ ନୂତନ ସରକାର ଗଠନ ଓ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଦେଖିବାକୁ ମିଳିଛି ଗଣତନ୍ତ୍ରର ମାଧୁର୍ଯ୍ୟ। ବିଜୟୀ ବିଜେପିର ବିଧାୟକ ଓ ନେତାମାନଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଅଭିନନ୍ଦନ ରାଜନୀତିରେ ସୌଜନ୍ୟତାର ଗାରିମାକୁ ବୃଦ୍ଧି କରିଛି। ଅପରପକ୍ଷରେ ରାଜ୍ୟରେ ପ୍ରଥମଥର ପାଇଁ ସରକାର ଗଠନ କରୁଥିବା ବିଜେପି ▶ପୃଷ୍ଠା-୯



### ଲୋକକଥା



ସାରା ଓଡ଼ିଶାର ସାଥୀଙ୍କ ଗହଣେ
ଶପଥ କରିଲେ ମୋହନ,
ନୂଆ ସରକାର ଗଠନ ହୋଇଲା
କମ୍ପିଲା ଜନତା ମୈଦାନ।
ଆକର୍ଷଣ ଥିଲେ ନବୀନ,
ରାଜନେତା ନୁହେଁ; ମିଳିଅଛି ତାଙ୍କୁ
ଜଗତଜିତାର ଆସନ !!

**ଭିତରକନିକା ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ**

## ୮.୭ କିମି ପରିଧି ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷିତ

■ ରାଜନଗର, ୧୨।୬ (ସମିସ): ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ଅଭୟାରଣ୍ୟ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ୦.୧୦ କିଲୋମିଟରରୁ ୮.୭ କିମି ପର୍ଯ୍ୟନ୍ତ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ବା ଇକୋ ସେନ୍‌ସିଟିଭ ଜୋନ୍ ଭାବେ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ୯ ଜୁନ ୨୦୨୪ରେ ବିଜ୍ଞାପନ ପ୍ରକାଶ ପାଇଛି। ୬ ସେପ୍ଟେମ୍ବର ୨୦୨୩ର ଅଧିସୂଚନାକୁ ୯ ଜୁନ ୨୦୨୪ରେ ପ୍ରକାଶ କରାଯାଇଛି। ଏହି ଅଧିସୂଚନା ପ୍ରକାଶର ୬୦ଦିନ ଭିତରେ ପ୍ରସ୍ତାବ ବା ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯାଇଛି। ୬୦ଦିନର ଅବଧି ପରେ ଏହା ଆଇନରେ ପରିଣତ ହେବ। ଏହି ଇକୋ ସେନ୍‌ସିଟିଭ୍ ଜୋନ୍ ଆଇନ୍‌ର ବିଜ୍ଞପ୍ତିକୁ ନେଇ ରାଜନଗରବାସୀଙ୍କ ସମେତ ୨୦୫ଟି ଗାଁର ଅଧିବାସୀ ଏକ ଅଜଣା ଅଶଙ୍କାରେ ଆତଙ୍କିତ। ▶ପୃଷ୍ଠା-୯

**ଶବ୍ଦ ପ୍ରଦୂଷଣ, ଗାଡି ଚଳାଚଳ ଉପରେ ଲାଗିବ କଟକଣା**

### ଭିତରକନିକାରେ ୪୮ କୁମ୍ଭୀରବସା ଚିହ୍ନଟ



■ ରାଜନଗର, ୧୨।୬ (ସମିସ): ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟଉଦ୍ୟାନ ଅଧୀନରେ ଥିବା କନିକା ବନାଞ୍ଚଳରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ମା' ବଉଳା କୁମ୍ଭୀରମାନେ କରିଥିବା ବସା ଗୁଡିକୁ ବନବିଭାଗ ପକ୍ଷରୁ ଚିହ୍ନଟ କରାଯାଉଛି। କନିକା ବନାଞ୍ଚଳରେ ୪୮ଟି କୁମ୍ଭୀର ବସା ଠାବ କରାଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଚଳିତମାସ ୧ ତାରିଖରୁ କୁମ୍ଭୀର ବସା ଚିହ୍ନଟ ▶ପୃଷ୍ଠା-୯

## ହଦଗଡ଼ ଡ୍ୟାମ୍‌ରେ ବୁଡ଼ି ଦୁଇ ଛାତ୍ର ମୃତ

■ ହାଟଡ଼ିହି/ସୋସୋ, ୧୨।୬ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ଥାନା ଅଧୀନ ସାଳନ୍ଦୀ ହଦଗଡ ଡ୍ୟାମରେ ଭଦ୍ରକ ଅଞ୍ଚଳର ଦୁଇଜଣ ଛାତ୍ର ଗାଧୋଉଥିବାବେଳେ ପାଣିରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ଖବରରୁ ଜଣାଯାଇଛି ଯେ, ଭଦ୍ରକ ଜିଲ୍ଲା ତିହିଡି ଏବଂ ବରପଦାରୁ ୭ ଜଣ ଛାତ୍ର ହଦଗଡ ବୁଲିବାକୁ ଆସିଥିଲେ। ହଦଗଡ ଡ୍ୟାମର ଜିରୋ ପଏଣ୍ଟରେ ୭ଜଣଯାକ ଛାତ୍ର ଗାଧୋଉଥିବା ବେଳେ ତିହିଡି ଅନ୍ତର୍ଗତ ମିର୍ଜାପୁର ଗ୍ରାମର ସୌମ୍ୟଜିତ ନାୟକ (୨୦) ଓ ବରପଦା ଅନ୍ତର୍ଗତ ପଞ୍ଚୁବଟିଆ ଗ୍ରାମର ଈଶ୍ୱର ଦାଶ (୨୦) ପାଣିରେ ବୁଡିଯାଇଥିଲେ। ତାଙ୍କ ନିକଟରେ ଥିବା ଅନ୍ୟସାଙ୍ଗମାନେ ଉଦ୍ଧାର କରିପାରିନଥିଲେ। ଖବର ପାଇ ହାଟଡିହି ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ଦୁଇଜଣଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ସୋସୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଛି।

## ଆଜିର ଇତିହାସ

- ୧୭୩୧- ସ୍ୱିଡିଶ୍ ଇଷ୍ଟ ଇଣ୍ଡିଆ କମ୍ପାନିର ସ୍ଥାପନା।
- ୧୯୪୩- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜର୍ମାନୀରୁ ଟୋକିଓରେ ପହଞ୍ଚିଲେ।
- ୧୯୫୫- ସୋଭିଏତ୍ ରୁଷ୍‌ର ପ୍ରଥମ ହୀରା ଖଣି 'ମୀର୍ ମାଇନ୍'ର ସନ୍ଧାନ।
- ୧୯୯୩- କିମ୍ କ୍ୟାମ୍ପବେଲ୍ କାନାଡ଼ାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୧୯୯୭-ଦିଲ୍ଲୀର ଉପହାର ସିନେମା ହଲ୍‌ରେ ନିଆଁ ଲାଗିବାରୁ ୫୯ ଲୋକଙ୍କ ମୃତ୍ୟୁ।
- ୨୦୧୨- ଜଣାଶୁଣା ଗଜଲ ଗାୟକ ମେହେନ୍ଦି ହସନଙ୍କ ପରଲୋକ।



## 'ଜଲି ଏଲ୍‌ଏଲ୍‌ବି-୩'

# ଏକାଠି ଆସିବେ ଅର୍ଶଦ-ଅମୃତା

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ସିଙ୍କ ଫିଲ୍ମ 'ଜଲି ଏଲ୍‌ଏଲ୍‌ବି-୩' ଯେବେଠାରୁ ଘୋଷଣା ହୋଇଛି ସେବେଠାରୁ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ଫ୍ରାଞ୍ଚାଇଜ୍‌ର ପ୍ରଥମ ଦୁଇଟି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଛି। ଏବେ ଏହାର ତୃତୀୟ ପାର୍ଟର ସୁଟିଂ ଚାଲିଛି। ଫିଲ୍ମର ସୁଟିଂ ସମୟର ଫଟୋ ଓ ଭିଡିଓଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଅନେକ ସମୟରେ ଭାଇରାଲ୍ ହେବାରେ ଲାଗିଛି। ଏହି ଫିଲ୍ମରେ ଏବେ ଜଣେ ଅଭିନେତ୍ରୀଙ୍କ ଏଣ୍ଟ୍ରି ହୋଇଛି। ଅମୃତା ରାଓ ଏବେ ଏଥିରେ ଅଭିନୟ କରିବେ ବୋଲି ଜଣାପଡ଼ିଛି। ତେବେ ପୁଣି ଥରେ ଅମୃତା, ଅର୍ଶଦଙ୍କ ସହ କାମ କରୁଥିବାର ନଜର ଆସିବେ। ୨୦୧୩ରେ 'ଜଲି ଏଲ୍‌ଏଲ୍‌ବି'ରେ ଅର୍ଶଦ ଓ ଅମୃତା ଏକାଠି କାମ କରିଥିଲେ। ଏଥିରେ ଅମୃତା, ଅର୍ଶଦଙ୍କ ପତ୍ନୀ ଭୂମିକାରେ ନଜର ଆସିଥିଲେ। ତେବେ ଏହାର ତୃତୀୟ ପାର୍ଟରେ ବି ଅମୃତା, ଅର୍ଶଦଙ୍କ ପତ୍ନୀ ଭୂମିକାରେ ଦେଖାଯିବେ। ଏବେ ଅମୃତା ରାଜସ୍ଥାନରେ ଏହାର ସୁଟିଂ କରୁଛନ୍ତି। ସୁଟିଂ ସରିବା ପରେ ସେ ମୁମ୍ବାଇରେ କିଛି ସିନ୍ ସୁଟ୍ କରିବେ। ସୁଭାଷ କପୁରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଜଲି ଏଲ୍‌ଏଲ୍‌ବି' ୨୦୧୩ରେ ଓ 'ଜଲି ଏଲ୍‌ଏଲ୍‌ବି-୨' ୨୦୧୭ରେ ଆସିଥିଲା। ଏହି ଦୁଇଟି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଦର୍ଶକେ ଏହାର ତୃତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି। ଆସନ୍ତାବର୍ଷ ଏହି ଫିଲ୍ମ ପରଦାକୁ ଆସିବ ବୋଲି କୁହାଯାଉଛି।



# ମାଗଣାରେ ତେଜରାତି

## ଭୋକିଲା ରହିବେନି ଗରିବ ଲୋକ

ଗରିବ ତଥା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ କାନାଡ଼ାରେ ଖୋଲିବ ପ୍ରଥମ ମାଗଣା ଗ୍ରସରି ଷ୍ଟୋର୍। ଏହାଦ୍ୱାରା ଅସହାୟ ଲୋକେ ମାଗଣାରେ ଖାଦ୍ୟଦ୍ରବ୍ୟ ପାଇ ଉପକୃତ ହେବେ। ସସ୍କେଚେୱାନ୍‌ରେ ଖୋଲା ଯିବାକୁ ଥିବା ଏହି ଷ୍ଟୋର୍‌ଟି ରେଜିନା ଫୁଡ୍ ବ୍ୟାଙ୍କ ପକ୍ଷରୁ କରାଯାଇଛି। ଏହା 'କମ୍ୟୁନିଟି ଫୁଡ୍ ହବ୍' ନାଁରେ ପରିଚିତ ହେବ। ତେବେ ଏହି ଗ୍ରସରି ଷ୍ଟୋର୍ ଫୁଡ୍ ବ୍ୟାଙ୍କ ଉପରେ ନିର୍ଭରଶୀଳ ଲୋକଙ୍କୁ ମାଗଣାରେ ତେଜରାତି ଜିନିଷ ପ୍ରଦାନ କରିବ। ଏହା ମାଧ୍ୟମରେ ଉକ୍ତ ଫୁଡ୍ ବ୍ୟାଙ୍କ ଅସହାୟଙ୍କୁ ପୁଷ୍ଟିକର ଖାଦ୍ୟ ଖୁଆଇବା ଲକ୍ଷ୍ୟ ରଖିଛି। ଯେଭଳି କୌଣସି ଗରିବ ଲୋକ ଭୋକିଲା ରହିବେ ନାହିଁ, ସେଥିପାଇଁ ଏହି ଷ୍ଟୋର୍‌ର ଜିନିଷ କେବଳ ଗରିବ ଏବଂ ଅସହାୟଙ୍କ ପାଇଁ ଉପଲବ୍ଧ କରାଯିବ। ଏଠାରେ ଫଳ, ପନିପରିବା ଭଳି ଅନ୍ୟାନ୍ୟ ଖାଦ୍ୟ-ପାନୀୟ ସହିତ ଜଡ଼ିତ ସମସ୍ତ ଜିନିଷ ଉପଲବ୍ଧ କରାଯିବ। ଏଠାକୁ ଗରିବ, ଅସହାୟ ଲୋକେ ଆସି ଜିନିଷ କିଣିବା ପରେ ଟଙ୍କା ପଇଠ କରିବେ ନାହିଁ। ଏହି ଷ୍ଟୋର୍ ସପ୍ତାହକୁ ୫ ଦିନ ଖୋଲା ରହିବ। କରୋନା ମହାମାରୀ ପରେ କାନାଡ଼ାରେ ଫୁଡ୍ ବ୍ୟାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ରେଜିନା ଫୁଡ୍ ବ୍ୟାଙ୍କ ଏକ ଅଣ ଲାଭକାରୀ ସଂସ୍ଥା, ଯିଏକି ଭୋକିଲା ଲୋକଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ ଚଳାଇଛି।

# ପ୍ରକୃତିକୋଳରେ ପଚାଶ ବର୍ଷ



ସହରର ସୁଖ ସୁବିଧାକୁ ଏଡ଼ାଇ ଜଣେ ଦମ୍ପତି ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୫୦ ବର୍ଷ ଧରି ଜଙ୍ଗଲରେ ରହି ଆସୁଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ଏହି ଦମ୍ପତିଙ୍କ ଜୀବନକୁ ନେଇ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ଡ୍ୟାନୋ ଏବଂ ରବିନ୍ ୧୯୭୦ ମସିହା ଶେଷ ବେଳକୁ ହାୱାଇର ମୋଲୋକାଇର ୱାୟାଲୁଆ ଘାଟିରେ କାଠ ନିର୍ମିତ ଘରେ ରହି ଆସୁଛନ୍ତି। କେବଳ ସେମାନେ ଜଙ୍ଗଲରେ ରହୁଛନ୍ତି ତାହା ନୁହେଁ, ୩୦ ବର୍ଷରୁ ଅଧିକ ବର୍ଷ ସେମାନେ ଟିଭି ଦେଖି ନାହାନ୍ତି। ଏହାବାଦ୍ ଯଥାସମ୍ଭବ ସେମାନେ ନିଜକୁ ଇଣ୍ଟରନେଟ୍‌ଠାରୁ ଦୂରେଇ ରଖୁଥିବା କହିଛନ୍ତି। ସେହିପରି ସେମାନେ ଜଙ୍ଗଲରେ ହିଁ ଚାରି ପିଲାଙ୍କୁ ପାଳିପୋଷି ବଡ଼ କରିଛନ୍ତି। ଜଙ୍ଗଲର ଫଳମୂଳ ଏବଂ ଜୀବଜନ୍ତୁ ହେଉଛି ସେମାନଙ୍କ ଆହାର। ସେହିଭଳି ଚିକିତ୍ସା ନିମନ୍ତେ ସେମାନେ ଜଙ୍ଗଲର ଜଡ଼ିବୁଟି ଜିନିଷକୁ ବ୍ୟବହାର କରିଥାନ୍ତି। ଏହିପରି ଭାବେ ଘର ପାଖ ୨ ଏକର ଜମିରୁ ଯେଉଁ ପ୍ରାକୃତିକ ଜିନିଷ ସେମାନଙ୍କୁ ମିଳେ, ସେସବୁକୁ ନିତିଦିନ ଜୀବନ ପାଇଁ ଉପଯୋଗ କରନ୍ତି। ସେ ନିଜ ଜମିରୁ ଉତ୍ପନ୍ନ ଫଳ ଓ ପନିପରିବାଗୁଡ଼ିକ ବାହାରେ ବିକ୍ରି ମଧ୍ୟ କରନ୍ତି। ନିକଟରେ ଆମେରିକୀୟ ଫିଲ୍ମ ନିର୍ମାତା ପିଟର ସାଣ୍ଟେନେଲୋ ସେମାନଙ୍କ ଉପରେ ଏକ ଡକ୍ୟୁମେଣ୍ଟାରି କରି ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହି ଦମ୍ପତି ଚର୍ଚ୍ଚାକୁ ଆସିଛନ୍ତି।

# ବିଶ୍ୱର ସବୁଠୁ ଛୋଟ ମାଙ୍କଡ଼

## ଓଜନ ୧୫ ଗ୍ରାମ୍

ନିକଟରେ ଅଷ୍ଟ୍ରେଲିଆ, ସିମ୍ବିୟୋ ୱାଇଲ୍ଡ ଲାଇଫ୍ ପାର୍କରେ ଦୁଇଟି ପିଗ୍‌ମି ମାର୍ମୋସେଟ୍‌ସ ପ୍ରଜାତିର ମାଙ୍କଡ଼ ଜନ୍ମଗ୍ରହଣ କରିଛନ୍ତି। ଏହି ପ୍ରଜାତିର ମାଙ୍କଡ଼ର ଓଜନ ବହୁତ କମ୍ ହୋଇଥାଏ। ଏବେ ଏହି ମାଙ୍କଡ଼ ଛୁଆ ଦୁହିଁଙ୍କୁ ଦେଖିବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ଏହି ମାଙ୍କଡ଼ ଛୁଆ ଦୁଇଟିଙ୍କର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏମାନଙ୍କର ମା-ବାପାଙ୍କ ନାଁ ପିପର ଏବଂ ମାଟେଓ। ଏହି ମାଙ୍କଡ଼ ଛୁଆମାନଙ୍କର ଓଜନ ୧୫ ଗ୍ରାମ୍। ତେବେ ପିଗ୍‌ମି ମାର୍ମୋସେଟ୍‌ସ ବିଶ୍ୱର ସବୁଠୁ ଛୋଟ ମାଙ୍କଡ଼ ଭାବେ ଜଣାଯାଏ। ମୁଖ୍ୟତଃ ଏହା ଆମାଜନ ଜଙ୍ଗଲରେ ଦେଖାଯାନ୍ତି। ଏହି ମାଙ୍କଡ଼ଗୁଡ଼ିକ ୧୨ରୁ ୧୫ ସେଣ୍ଟିମିଟର ଲମ୍ବ ହୋଇଥାନ୍ତି। ବଡ଼ ହେବା ମାତ୍ରେ ଏହି ମାଙ୍କଡ଼ଙ୍କର ଓଜନ ୧୦୦ ଗ୍ରାମ୍ ହୋଇଯାଇଥାଏ। ଏହି ପ୍ରଜାତିର ମାଙ୍କଡ଼ଙ୍କ ଲାଞ୍ଜ ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଥାଏ। ସେମାନଙ୍କର ଲାଞ୍ଜର ଲମ୍ବ ପାଖାପାଖି ୨୦ ସେଣ୍ଟିମିଟର ହୋଇଥାଏ। ତେବେ ଏତେ ଛୋଟ ହୋଇଥିବା କାରଣରୁ ଏହି ପ୍ରଜାତିର ମାଙ୍କଡ଼ଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଏବେ ଏମାନଙ୍କର ବଂଶ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି।



# ବନ୍ଦ ହୁଏନି ଟିଭି ଓ ଲାଇଟ୍



ସାଧାରଣତଃ ଲୋକେ ରାତିରେ ଶାନ୍ତ ପରିବେଶରେ ଶୋଇବାକୁ ପସନ୍ଦ କରନ୍ତି। ସେଥିପାଇଁ ଲାଇଟ୍ ବନ୍ଦ କରି ଶୋଇଥାନ୍ତି। କିନ୍ତୁ, ଏପରି ଏକ ଦ୍ୱୀପ ରହିଛି, ଯେଉଁଠି ଲୋକେ ରାତିରେ ଟିଭି ଓ ଲାଇଟ୍ ଲଗାଇ ଶୋଇଥାନ୍ତି। ଏସିଆ ମହାଦେଶରେ ଥିବା ଏହି ଦ୍ୱୀପଟିର ନାମ ଇଓଙ୍ଗପିଓଙ୍ଗ। ଦକ୍ଷିଣ କୋରିଆରେ ଥିବା ଏହି ଛୋଟ ଦ୍ୱୀପରେ ବାସ କରୁଥିବା ଲୋକଙ୍କ ଜୀବନରେ ସୁଖଶାନ୍ତି ନାହିଁ କହିଲେ ଚଳେ। ଦ୍ୱୀପରେ ରହୁଥିବା ଲୋକଙ୍କୁ ସବୁବେଳେ ସତର୍କ ରହିବାକୁ ପଡ଼େ। ଏହି ଦ୍ୱୀପ ଦକ୍ଷିଣ କୋରିଆର ଶତ୍ରୁ ଦେଶ ଉତ୍ତର କୋରିଆରୁ ତିନି କିଲୋମିଟର ଦୂରରେ ଅବସ୍ଥିତ। ଚଳିତ ବର୍ଷ ଜାନୁଆରୀ ମାସରେ ଉତ୍ତର କୋରିଆ ପକ୍ଷରୁ ଏଠାରେ ଗୁଳିଚାଳନା କରାଯାଇଥିଲା। ତେଣୁ ଏଠାର ଲୋକମାନେ ସର୍ବଦା ଜାଗ୍ରତ ଅବସ୍ଥାରେ ରହିଥାନ୍ତି। ଅଧିକାଂଶ ଲୋକେ ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ବଙ୍କରରେ ରହିଥାନ୍ତି। ଏନେଇ ସ୍ଥାନୀୟ ମହିଳା ଜୁଂଗ ଇନ୍ ଜିନ୍‌ଙ୍କ କହିବାନୁଯାୟୀ, 'ରାତି ସମୟରେ ଟିଭି ଓ ଲାଇଟ୍ ଲଗାଇ ସେମାନେ ଶୋଇଥାନ୍ତି।' ୨୦୧୦ ମସିହାର ଏଠାରେ ହୋଇଥିବା ଆକ୍ରମଣରେ ଦୁଇଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ତେଣୁ ଏଠାରେ ଅନେକ ସଂଖ୍ୟାରେ ବଙ୍କର ନିର୍ମାଣ କରାଯାଇଛି। ଏହି ବଙ୍କରଗୁଡ଼ିକରେ ସପ୍ତାହେ ପାଇଁ ଖାଦ୍ୟ, ଚିକିତ୍ସାସୁବିଧା, ସହ ଗ୍ୟାସ୍ ମାସ୍କ, ବଡ଼ ବଡ଼ ଟିଭି ଲଗାଯାଇଛି। ଏହି ସ୍ଥାନକୁ ଯେକୌଣସି ସମୟରେ ଉତ୍ତର କୋରିଆ ଆକ୍ରମଣ କରି ଧ୍ୱଂସ କରିଦେବା ଆଶଙ୍କା କରି ଲୋକେ ସର୍ବଦା ଟିଭି ଓ ଲାଇଟ୍ ଲଗାଇ ଶୋଇଥାନ୍ତି।



# ଝିଅଠୁ ମା' ନିଅନ୍ତି ଘରଭଡ଼ା

ସାଧାରଣତଃ ବାପାମାଆମାନେ ଛୋଟବେଳୁ ଟଙ୍କାର ମୂଲ୍ୟ ବାବଦରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଅଷ୍ଟ୍ରେଲିଆର ଜଣେ ମା' ନିଜ ଝିଅଠାରୁ ଘରଭଡ଼ା ନେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି। କ୍ୟାଟ୍ କ୍ଲାର୍କ ନାମ୍ନୀ ଏହି ମହିଳା ଜଣକ ନିଜ ଝିଅଠାରୁ ପ୍ରତି ସପ୍ତାହରେ ଘରଭଡ଼ା ନିଅନ୍ତି। କ୍ୟାଟ୍‌ଙ୍କର ଦୁଇଟି ସନ୍ତାନ। ସେ ଗୋଲ୍ଡକୋଷ୍ଟରେ ରୁହନ୍ତି। କ୍ୟାଟ୍ ତାଙ୍କ ୨୦ ବର୍ଷୀୟା ଝିଅ ଲୈତାସଠାରୁ ଘରଭଡ଼ା ନେବା କଥା ନିଜେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଯାହାକୁ ଜାଣିବା ପରେ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏପରିକି ଏ ନେଇ ତାଙ୍କର ଖୁବ୍ ସମାଲୋଚନା କରାଯାଉଛି। ଲୋକେ ତାଙ୍କର ତାଚ୍ଛଲ୍ୟ କରିବା ସତ୍ତ୍ୱେ ସେ କରୁଥିବା କାମକୁ ଠିକ୍ ବୋଲି ଦର୍ଶାଇଛନ୍ତି। କ୍ୟାଟ୍ ଏଭଳି କାମ ତାଙ୍କ ବାପା ମାଆଙ୍କଠାରୁ ଶିଖିଥିବା କଥା କହିଛନ୍ତି। ଯାହାକୁ ସେ ଏବେ ନିଜ ଝିଅ ପାଇଁ ଆପଣାଇଛନ୍ତି। ୩୭ ବର୍ଷୀୟା କ୍ୟାଟ୍ ତାଙ୍କ ଝିଅଠାରୁ ପ୍ରତି ସପ୍ତାହରେ ୨,୭୫୮ ଟଙ୍କା ନିଅନ୍ତି। ଏବାବାଦରେ ସେ ପାଖାପାଖି ମାସିକ ୧୨ ହଜାର ଟଙ୍କା ନେଉଛନ୍ତି। ସେହିପରି ନିଜ ଝିଅଠାରୁ ଘରଭଡ଼ା ଆଣି ଦୁନିଆରେ କିଛି ବି ଜିନିଷ ମାଗଣା ମିଳୁ ନ ଥିବା ସେ ଶିକ୍ଷା ପ୍ରଦାନ କରୁଛନ୍ତି। ଏଣୁ ଟଙ୍କାର ମୂଲ୍ୟକୁ ବୁଝିବା ଦରକାର ବୋଲି କ୍ୟାଟ୍ କହିଛନ୍ତି। ଅନ୍ୟପଟେ କିଛି ଲୋକ କ୍ୟାଟ୍‌ଙ୍କର ଏହି କାମକୁ ପ୍ରଶଂସା କରିଥିବା ବେଳେ ଆଉ କେତେଜଣ ନାପସନ୍ଦ କରିଛନ୍ତି।

# ଘରର ଏହି ସ୍ଥାନରେ ଲଗାନ୍ତୁନି ୱିଣ୍ଡ ଚାଇମ୍

## ହୋଇପାରେ ଧନହାନି

**ଘରର ସୁଖସମୃଦ୍ଧି ପାଇଁ ଲୋକେ ନାନା ପ୍ରଚେଷ୍ଟା ଚଳାଇଥାନ୍ତି। ବାସ୍ତୁ ଶାସ୍ତ୍ରରେ ଏପରି କିଛି ଜିନିଷ ସମ୍ପର୍କରେ ଉଲ୍ଲେଖ କରାଯାଇଛି, ଯାହା ଘରେ ସୁଖ ସମୃଦ୍ଧି ଆଣିଥାଏ। ଏହି ପରିପ୍ରେକ୍ଷୀରେ ଚୀନା ବାସ୍ତୁ ଶାସ୍ତ୍ର ଫେଙ୍ଗ୍‌ସୁଇରେ ୱିଣ୍ଡ ଚାଇମ୍‌ର ବେଶ୍ ଗୁରୁତ୍ୱ ରହିଛି। ଏହା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ସୁଖ ସମୃଦ୍ଧି ଆଣିଥାଏ। ବଜାରରେ ବାଉଁଶ, ମେଟାଲ୍, କ୍ରିଷ୍ଟାଲ୍, ଫାଇବର୍ ଓ କାଠର ୱିଣ୍ଡ ଚାଇମ୍ ଉପଲବ୍ଧ ହୋଇଥାଏ। ତେବେ ଘରେ ୱିଣ୍ଡ ଚାଇମ୍ ଲଗାଇବା ସମୟରେ କେତୋଟି ନିୟମ ପାଳନ କରିବା ଉଚିତ, ନଚେତ୍ ଏହା କ୍ଷତିକାରକ ହୋଇପାରେ।**

- ୱିଣ୍ଡ ଚାଇମ୍‌କୁ କେବେ ବି ରୋଷେଇ ଘରେ କିମ୍ବା ପୂଜା ଘରେ ଲଗାଇବା ଅନୁଚିତ। ରୋଷେଇ ଘରେ ୱିଣ୍ଡ ଚାଇମ୍ ଲଗାଇବା ଦ୍ୱାରା ଏହା ନକାରାତ୍ମକତା ଆଣିଥାଏ। ଏହାକୁ ପୂଜାସ୍ଥଳରେ ଲଗାଇବା ଦ୍ୱାରା ଘରର ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ରହିଥାଏ।
- ସେହିଭଳି ଯେଉଁଠି ବସୁଛନ୍ତି କିମ୍ବା ଶୋଉଛନ୍ତି ସେଠାରେ ମଧ୍ୟ ୱିଣ୍ଡ ଚାଇମ୍ ଲଗାଇବା ଅନୁଚିତ। ସୋଫା, ବେଡ୍ ଆଦିର ଠିକ୍ ଉପରେ ଏହାକୁ ଲଗାଇବା କଥା ନୁହେଁ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟହାନି ଘଟିଥାଏ ବୋଲି କୁହାଯାଏ।
- ଯଦି ଘରେ ମେଟାଲ, ଷ୍ଟିଲ୍, ଲୁହାର ୱିଣ୍ଡ ଚାଇମ୍ ଲଗାଉଛନ୍ତି, ଏହାକୁ ଘରର ଉତ୍ତର-ପଶ୍ଚିମ ଦିଗରେ ଲଗାନ୍ତୁ।
- ସେହିଭଳି ଘରର ନୈଋତ୍ୟ କିମ୍ବା ଈଶାନ କୋଣରେ ମାଟିର ୱିଣ୍ଡ ଚାଇମ୍ ଲଗାଇବା ଉଚିତ। ଘରର କେନ୍ଦ୍ରସ୍ଥଳରେ ମଧ୍ୟ ୱିଣ୍ଡ ଚାଇମ୍ ଲଗାଇବା ଅନୁଚିତ। ଏହାର ନକାରାତ୍ମକ ଶକ୍ତିକୁ ବୃଦ୍ଧି କରିଥାଏ।
- ସେହିଭଳି ୱିଣ୍ଡ ଚାଇମ୍‌କୁ କାହାକୁ ଉପହାରସ୍ୱରୂପ ଦେବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଉଭୟ ଦେଉଥିବା ଓ ନେଉଥିବା ଲୋକଙ୍କର ହାନି ଘଟିଥାଏ।



## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ପରିବାର ଲୋକଙ୍କର ସହଯୋଗ ମିଳିବ। ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ। ବାଣିଜ୍ୟରୁ ଲାଭ ମିଳିବ। ସକାରାତ୍ମକ ଚିନ୍ତା ରଖନ୍ତୁ।

**ବୃଷ:** ପୁରୁଣା ବନ୍ଧୁଙ୍କଠାରୁ ଶୁଭ ଖବର ପାଇପାରନ୍ତି। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଧା ରହିଥିବା କାର୍ଯ୍ୟ ପୂରା ହେବ। ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସଙ୍ଗୀତ, କଳା ଓ ଅଭିନୟ କ୍ଷେତ୍ରରେ ଜଡ଼ିତ ବ୍ୟକ୍ତିଙ୍କୁ ସଫଳତା ମିଳିବ।

**କର୍କଟ:** ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ଜମିଜମା ବିବାଦର ଅନ୍ତ ଘଟିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି।

**ସିଂହ:** କୌଣସି କାର୍ଯ୍ୟ କରିବା ପୂର୍ବରୁ ହଜାର ଥର ଚିନ୍ତା କରନ୍ତୁ। ନୂତନ ଚାକିରି ପାଇଁ ପ୍ରସ୍ତୁତ କରିବେ। ହଠାତ୍ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ବୈବାହିକ ଜୀବନ ସୁଖମୟ ହେବ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଅଟକି ରହିଥିବା କାମ ପୂରା ହେବ। କୃଷିକାର୍ଯ୍ୟରେ ବିଭିନ୍ନ ବାଧାର ସମ୍ମୁଖୀନ ହୋଇପାରନ୍ତି। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ।।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ୍ ଖୁସି ଖବର ପାଇବେ। ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ବଢ଼ାନ୍ତୁନି। ବ୍ୟବସାୟରୁ ଲାଭ ପାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥୀଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖିବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ବୈବାହିକ ଜୀବନ ମଧୁମୟ ହେବ। ରାଜନୀତିରେ ପଦ ଏବଂ ପ୍ରତିଷ୍ଠା ବୃଦ୍ଧି ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

## ଗଡ଼ାଚାଲିଛି ତିନିରଥ...

# ଚଉଦ ନାହାକା କାମ ଆରମ୍ଭ



**ପୁରୀ, ୧୨।୬(ସମିସ):** ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣ କାମ ଦ୍ରୁତଗତିରେ ଚାଲିଛି। ବୁଧବାର ତିନିରଥର ଚାର ପରିଛା, ଧୂଳିଦଣ୍ଡା ଏବଂ ଡମକକୁ ମହାରଣା ସେବକମାନେ ଚଉପଟ କରିଛନ୍ତି। ପ୍ରତ୍ୟେକ ରଥର ପାର୍ଶ୍ୱ ଦଣ୍ଡା ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ଭୋଇ ସେବକମାନେ ଚଉଦ ନାହାକା ପାଇଁ ପ୍ରତ୍ୟେକ ରଥ ଚାଲିକୁ ୩ଟି ଲେଖାଏଁ ୨୦ ଫୁଟିଆ ଅସନ ଓ ଧଉରା କାଠ ଯୋଗାଇ ଦେଇଥିଲେ। ଏହାପରେ ମହାରଣା ସେବକମାନେ ବାରିସୀରେ ଆଠକୋଣୀ ଅଂଶ ସାଇଜ୍ ଆରମ୍ଭ କରିଛନ୍ତି। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଦୁଇଟି ଲେଖାଏଁ ଗରଗରାର ଚଉପଟ ପରେ ଏଥିରେ ବିନ୍ଧ କରାଯାଇଛି। ସେହିପରି କୋଣ ଗୁଜରେ ସିଂହ ବିରଳ ରୂପ ଖୋଦେଇ ପରେ ପଲିସି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତିନି ରଥର ରୂପକାର ସେବକମାନେ ବେଦୀ ଓ ସିଂହାସନ ମୁହାଁଟିରେ ପୂର୍ଣ୍ଣ କୁମ୍ଭ, କୁମ୍ଭ ଦୁଇପାର୍ଶ୍ୱରେ ମତ୍ସ୍ୟ, ମୟୂର ଏବଂ ଡାଳିଲତା ଚିତ୍ର ଅଙ୍କନ କରିବା ପରେ ଖୋଦେଇ ଜାରି ରଖିଛନ୍ତି। କରତୀ ସେବକମାନେ ଦର୍ପଦଳନ ରଥର ପୋଲ ଗୟଳ ଚିରଟ କରୁଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ତିନି ରଥର ଘଡ଼ିମୁହଁ କଣ୍ଟା, ପୋଖରୀଆ କଣ୍ଟା ଓ ଗରାଗରା କଣ୍ଟା ନିର୍ମାଣ ଶେଷ କରି ଭୂଇଁ, ଚାରପରିଛା ପାଇଁ ବିଡିଆ କଣ୍ଟା, ନଦା କଣ୍ଟା ନିର୍ମାଣ କରୁଛନ୍ତି।

# ନୂଆ ସରକାରଙ୍କ ଶପଥ ସମାରୋହ




# ଶପଥ ପୂର୍ବରୁ ନବୀନଙ୍କ ଆଶୀର୍ବାଦ ନେଲେ ମୋହନ



**ଭୁବନେଶ୍ୱର, ୧୨।୬ (ସମିସ):** ଆଜି ଶପଥ ଗ୍ରହଣ ପୂର୍ବରୁ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେବା ସହ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ନିମନ୍ତେ ମଧ୍ୟ ପୁନଃ ଅନୁରୋଧ କରିଥିଲେ। ନବୀନ ନିବାସରେ ନୂଆ ଓ ପୁରୁଣା ମୁଖ୍ୟମନ୍ତ୍ରୀ ପରସ୍ପର ମଧ୍ୟରେ ବେଶ୍ କିଛି ସମୟ ଆଲୋଚନା ହୋଇଥିଲା। ଏହି ଅବସରରେ ନବୀନ ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ପୂରଣ ଦିଗରେ ଆପଣଙ୍କ ସରକାର ନିଷ୍ଠାର ସହ କାମ କରିବାକୁ ନୂତନ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ ନବୀନ। ଗତକାଲି ବିଜେପି ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ବିଜେପି ପ୍ରତିନିଧି ଦଳ ନବୀନ ନିବାସ ଯାଇ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନିବେଦନ କରିଥିଲେ। ବିଜେପି ନେତା ଏବଂ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରି ନବୀନ ନିର୍ଦ୍ଧାରିତ ସମୟରେ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ନବୀନ ନିବାସରୁ ଫେରିବା ସମୟରେ ଗଣମାଧ୍ୟମକୁ ଶ୍ରୀ ମାଝୀ କହିଥିଲେ, ନୂଆ ସରକାର ପ୍ରତି ନବୀନଙ୍କ ଆଶୀର୍ବାଦ ରହିବ। ବିରୋଧୀ ଦଳକୁ ସାଙ୍ଗରେ ନେଇ ରାଜ୍ୟର ବିକାଶ ସୁନିଶ୍ଚିତ କରାଯିବ ବୋଲି ସେ କହିଥିଲେ।

**ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ**

**ରାଜ୍ୟବାସୀଙ୍କ ଆଶା ପୂରଣ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ**

ଅନୁରୂପ ଭାବରେ ଶପଥ ଗ୍ରହଣ ଉତ୍ସବ ପରେ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପଟ୍ଟନାୟକ ନୂଆ ସରକାରକୁ ଶୁଭକାମନା ଜଣାଇବା ସହ ଓଡ଼ିଶାବାସୀଙ୍କ କଲ୍ୟାଣ ଦିଗରେ ସମସ୍ତଙ୍କ ସଫଳ କାର୍ଯ୍ୟକାଳ କାମନା କରୁଛି ବୋଲି କହିଛନ୍ତି।

## ଲୋକସେବା ଭବନକୁ ସାମ୍ବାଦିକଙ୍କୁ ଅନୁମତି

**ଭୁବନେଶ୍ୱର, ୧୨।୬(ସମିସ):** ରାଜ୍ୟ ସଚିବାଳୟ ତଥା ଲୋକସେବା ଭବନକୁ ସାମ୍ବାଦିକମାନଙ୍କ ପ୍ରବେଶକୁ ପୁନର୍ବାର ଅନୁମତି ଦିଆଯାଇଛି। କୋଭିଡ୍ ଯୋଗୁଁ ୨୦୨୦ ମସିହାଠାରୁ ଲୋକସେବା ଭବନକୁ ସାମ୍ବାଦିକମାନଙ୍କ ପ୍ରବେଶ ଉପରେ କଟକଣା ଲଗା ଯାଇଥିଲା। ବୁଧବାରଠାରୁ ରାଜ୍ୟରେ ନୂତନ ସରକାର ଗଠନ ପରେ ଏହି ପ୍ରତିବନ୍ଧକ ହଟାଇ ଦିଆଯାଇଛି। ଅପରାହ୍ନରେ ଜନତା ମଇଦାନରେ ରାଜ୍ୟର ପ୍ରଥମ ବିଜେପି ସରକାର ଶପଥ ନେବା ପରେ ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ସାମ୍ବାଦିକମାନଙ୍କୁ ଭେଟିବେ ବୋଲି ଇଚ୍ଛାବ୍ୟକ୍ତ କରିଥିଲେ। ଫଳରେ ସାମ୍ବାଦିକମାନେ ସନ୍ଧ୍ୟାରେ ଲୋକସେବା ଭବନକୁ ପ୍ରବେଶ କରିଥିଲେ। ସେହିପରି ସରକାର ଗଠନ ପରେ ରାଜ୍ୟ ସରକାର ନିଜର ପ୍ରଥମ କ୍ୟାବିନେଟ୍ ବୈଠକ କରିଥିଲେ।

## ବଦଳିଲା ସରକାରୀ ଛୁଟି ବାତିଲ୍ ନିର୍ଦ୍ଦେଶନାମା

**ଭୁବନେଶ୍ୱର, ୧୨।୬(ସମିସ):** ସରକାରୀ ଅଧିକାରୀଙ୍କ ଛୁଟି ବାତିଲ ନିର୍ଦ୍ଦେଶନାମାରେ ପରିବର୍ତ୍ତନ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସାନି ନିର୍ଦ୍ଦେଶନାମାରେ ସରକାରୀ କର୍ମଚାରୀମାନେ ଛୁଟି ନେଇପାରିବେ। ତେବେ ଆବଶ୍ୟକ ପଡ଼ିଲେ କର୍ମଚାରୀମାନେ ତତ୍କାଳ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ସେହିପରି ଛୁଟି ସମୟରେ ଜରୁରୀକାଳୀନ ସ୍ଥିତିରେ ମୋବାଇଲରେ ବା ଡିଜିଟାଲ ମାଧ୍ୟମରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉକି ମଙ୍ଗଳବାର ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜୁନ୍ ୩୦ ଯାଏଁ ରାଜ୍ୟ ସରକାର କର୍ମଚାରୀମାନେ ଛୁଟି ନେଇ ପାରିବେନି ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ।

## ଜାରି ରହିବ ଗୁଳୁଗୁଳି

**ଭୁବନେଶ୍ୱର, ୧୨।୬(ସମିସ):** ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗୁଳୁଗୁଳି ଜାରି ରହିବ। ଗୁରୁବାର କିଛି ସ୍ଥାନରେ ଗୁଳୁଗୁଳି ସହ ଗ୍ରୀଷ୍ମ ଲହରୀ ଆଶଙ୍କା ଥିବା ବେଳେ ଏହା ପରେ ଗୁଳୁଗୁଳି ସହିତ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଗୁରୁବାର ବଲାଙ୍ଗିର, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଆଦିରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗୁଳୁଗୁଳି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଚେତାବନୀ ଜାରି କରିଛି। ଅନ୍ୟପଟେ ଗୁରୁବାର ରାଜ୍ୟର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ମଧ୍ୟ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼ ଓ କନ୍ଧମାଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁରର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟର କିଛି ସ୍ଥାନକୁ ମୌସୁମୀ ଅଗ୍ରସର ହେବା ନେଇ ଆକଳନ କରାଯାଇଛି। ଏଥିପାଇଁ କିଛି ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ପାଇଁ ପାଗ ଅନୁକୂଳ ହେଉଛି।

## ବୈଷୟିକ ତ୍ରୁଟି: ଆଇଟିଇପି ପରୀକ୍ଷା ବାତିଲ

ଭୁବନେଶ୍ୱର, ୧୨।୬(ସମିସ): ବୈଷୟିକ ତ୍ରୁଟି ପାଇଁ ବୁଧବାର ହେବାକୁ ଥିବା ସମନ୍ୱିତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ଆଇଟିଇପି) ପରୀକ୍ଷା ବାତିଲ କରାଯାଇଛି। ଆଜି କିଛି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହୋଇଥିଲା, ହେଲେ ଆଉ କିଛି ପରୀକ୍ଷା କେନ୍ଦ୍ରରେ ବୈଷୟିକ ତ୍ରୁଟି କାରଣରୁ ପରୀକ୍ଷା ଅରମ୍ଭ ହୋଇପାରି ନ ଥିଲା। ଦୀର୍ଘ ସମୟ ପରେ ପ୍ରଶ୍ନପତ୍ର ଆସିନଥିଲା। ଏଣୁ ସମସ୍ତ କେନ୍ଦ୍ରର ପରୀକ୍ଷାକୁ ବାତିଲ କରାଯାଇଥିବା ନେଇ ପରୀକ୍ଷା ପରିଚାଳନା କରୁଥିବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ଓ ରାଜ୍ୟ ବିଶ୍ୱବିଦ୍ୟାଳୟ, ଆଇଆଇଟି, ଏନ୍‌ଆଇଟି, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ(ଆର୍‌ଆଇଇ) ଓ ସରକାରୀ ମହାବିଦ୍ୟାଳୟରେ ୪ ବର୍ଷିଆ ସମନ୍ୱିତ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ (ଆଇଟିଇପି) ପାଇଁ ନାମଲେଖାଇବାକୁ ପ୍ରବେଶିକା ପରୀକ୍ଷା ହେଉଥିଲା। ଚଳିତବର୍ଷ ସମୁଦାୟ ୪୦ହଜାର ୨୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜିକରଣ କରିଛନ୍ତି। ଆଜି ଦେଶର ୧୬୦ଟି ସହରର ୨୯୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବାର ଥିଲା। ଏଥିପାଇଁ ପ୍ରାୟ ୨୯ ହଜାର ପରୀକ୍ଷାର୍ଥୀ ବାଇଓମେଟ୍ରିକ୍ ଦେଇଥିବା ଏନ୍‌ଟିଏ ସୂଚନା ଦେଇଛି। ପରୀକ୍ଷା ବାତିଲ ହୋଇଥିବାରୁ ପରବର୍ତ୍ତୀ ତାରିଖ ଖୁବ୍ ଶୀଘ୍ର ଏନ୍‌ସିଇଟି ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବ ବୋଲି ଏନ୍‌ଟିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ସୁପ୍ରିମୋଙ୍କୁ ଭେଟିଲେ ବିଜେଡି ନେତୃତ୍ୱ





**ଭୁବନେଶ୍ୱର,୧୨।୬(ସମିସ):** ବିଭିନ୍ନ ଜିଲ୍ଲାରୁ ଆସିଥିବା ବିଜେଡି ନେତୃବୃନ୍ଦ ଏବଂ କର୍ମକର୍ତ୍ତାମାନେ ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଡ଼ ଅରୁଣ କୁମାର ସାହୁ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ପୂର୍ବତନ ବିଧାୟକ ରମା ରଞ୍ଜନ ବଳିଆରସିଂ, ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓ ପ୍ରମୁଖଙ୍କ ସମେତ ବହୁ ନାରୀ ନେତ୍ରୀମାନେ ବିଜେଡି ସୁପ୍ରିମୋଙ୍କୁ ସାକ୍ଷାତ କରିଥିଲେ। ପୂର୍ବପରି ଓଡ଼ିଶାବାସୀଙ୍କ ସେବା ସଂକଳ୍ପ ନେଇ କାମ କରିବା ଲାଗି ନବୀନ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।





## ମହାମଣ୍ଡଳରେ ମହାଦେବଙ୍କ ମାନବୀୟ ଲୀଳା

# ଶୀତଳଷଷ୍ଠୀରେ ଝୁମିଲା ସହର







**ବଲାଙ୍ଗିର, ୧୨।୬(ସମିସ)**

ଜଗତଜନନୀ ମାତା ପାର୍ବତୀ ଓ ଦେବଦେବ ମହାଦେବଙ୍କ ମିଳନର ପର୍ବ ଶୀତଳ ଷଷ୍ଠୀ ବଡ଼ ଧୁମଧାମରେ ସମ୍ପନ୍ନ ହୋଇଛି। ମାନବ ସମାଜର ବିଧି ପରମ୍ପରା ଅନୁସାରେ ବିବାହର ପବିତ୍ର ବନ୍ଧନରେ ବାନ୍ଧି ହୋଇଛନ୍ତି ଦେବଦମ୍ପତି। ହର ପାର୍ବତୀଙ୍କ ଯୁଗଳବନ୍ଦୀ ବେଶ ଦର୍ଶନ କରି ଭକ୍ତମାନେ ଆଶିଷ ଲାଭ କରିଛନ୍ତି। ଶୀତଳଷଷ୍ଠୀ ର ଶୋଭାଯାତ୍ରାରେ ସାମିଲ ହୋଇଥିବା ବିରାଟ ପଟୁଆରେ ଓଡ଼ିଶା ତଥା ବାହାର ରାଜ୍ୟର କଳା, ସଂସ୍କୃତି, ଐତିହର ନିଦର୍ଶନ ଦେଖିବାକୁ ମିଳିଛି।

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବଲାଙ୍ଗିର ସହରର ବିଭିନ୍ନ ଶୀତଳ ଷଷ୍ଠୀ କମିଟି ତରଫରୁ ଶୀତଳ ଷଷ୍ଠୀ ପର୍ବ ପାଳନ କରାଯାଇଛି। ମହାଦେବ ଓ ପାର୍ବତୀଙ୍କ ଶୁଭବିବାହ ପାଇଁ ଗତ ଏକ ସପ୍ତାହ ଧରି ବଲାଙ୍ଗିର ସହର ଚଳଚଞ୍ଚଳ ରହିଥିଲା। ସ୍ୱପିତ୍ରାଳୟକୁ ହର ପାର୍ବତୀଙ୍କ ଆଗମନ ଠାରୁ ଆରମ୍ଭ କରି ବିବାହ ପାଣିଗ୍ରହଣ, ନଗର ପରିକ୍ରମା ବେଶ ଧୁମ୍‌ଧାମରେ କରାଯାଇଥିଲା। ଶିବ ପାର୍ବତୀଙ୍କୁ ପୁଅ ଝିଅ ରୂପରେ ପାଇ କନ୍ୟାପକ୍ଷ ଓ ବରପକ୍ଷଙ୍କ ଘର ତଥା ପରିଜନ ମହଲରେ ବେଶ ଖୁସିର ମାହୋଲ ରହିଥିଲା। ସେହିଭଳି ଯୁଗଳବନ୍ଦୀ ବେଶରେ ଦେବଦମ୍ପତିଙ୍କୁ ଦର୍ଶନ କରି ଭକ୍ତମାନେ ଆଶିଷ ଲାଭ କରିଥିଲେ। ଏବିଏସସ, ବିବିଏସଏସ, ରାଧରାଣୀ ପଡ଼ା, ଗାନ୍ଧୀନଗର ପଡ଼ା, ବ୍ରାହ୍ମଣପଡ଼ା, ପେଲେସଲାଇନ ଏଭଳି ବିଭିନ୍ନ ପଡ଼ାରେ ଶୀତଳଷଷ୍ଠୀ ପର୍ବ ପାଳନ କରାଯାଇଥିଲା। ଶୀତଳଷଷ୍ଠୀ କମିଟି ତରଫରୁ ରାଜ୍ୟର କୋଣ ଅନୁକୋଣ ଏପରିକି ରାଜ୍ୟ ବାହାରୁ କଳାକାରମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମଙ୍ଗଳବାର ଓ ବୁଧବାର ଶୋଭାଯାତ୍ରା କରାଯାଇଥିଲା। ସୁସଜ୍ଜିତ ମେଢରେ ଦେବଦମ୍ପତି ନଗର ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଭଗବାନଙ୍କୁ ଦର୍ଶନ କରି ସୁଖସମୃଦ୍ଧି କାମନା କରିବା ସହିତ ଭଲବର୍ଷା ହେବାକୁ ଭକ୍ତମାନେ ପ୍ରାର୍ଥନା କରିଥିଲେ। ଶୀତଳ ଷଷ୍ଠୀ ଅବସରରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ମୀନାବଜାର ବସିଥିବାବେଳେ ସେଠାରେ ପ୍ରବଳ ମାତ୍ରାରେ ଲୋକେ ଯାଇ ମୀନାବଜାର ବୁଲିବାର ଆନନ୍ଦ ନେଉଛନ୍ତି।




## ଭାଗ୍ୟ ଚମକାଇଛି ଲୋଇସିଂହା ଆସନ

# କ୍ୟାବିନେଟ ମନ୍ତ୍ରୀଭାବେ ଶପଥ ନେଲେ ଡ. ମୁକେଶ ମହାଲିଙ୍ଗ

**ବଲାଙ୍ଗିର, ୧୨।୬(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ରାଜନୀତି ଇତିହାସରେ ପୁଣି ଯୋଡିହେଲା ଆଉ ଏକ ଫର୍ଦ୍ଦ। ଲୋଇସିଂହା ଆସନ ପୁଣି ଜଣେ ବିଧାୟକଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି। ଲୋଇସିଂହା ଆସନରୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବା ଡ. ମୁକେଶ ମହାଲିଙ୍ଗ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ଜନତା ମଇଦାନରେ ବୁଧବାର ସେ ଶପଥ ଗ୍ରହଣ ଉତ୍ସବରେ କ୍ୟାବିନେଟ ମନ୍ତ୍ରୀଭାବେ ଶପଥ ଗ୍ରହଣ କରିଛନ୍ତି। ତେବେ ଲୋଇସିଂହା ଆସନରୁ ବିଜୟୀ ହୋଇଥିବା ଅନେକ ବିଧାୟକ ଅତୀତରେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସୁଯୋଗ ପାଇଛନ୍ତି। ପୂର୍ବତନ ବିଧାୟକ ରମାକାନ୍ତ ସେଠ ଓ ବାଲଗୋପାଲ ମିଶ୍ରଙ୍କୁ ବାଦ ଦେଲେ ପ୍ରାୟ ସବୁ ବିଧାୟକ ମନ୍ତ୍ରୀ ହେବାରେ ସଫଳ ହୋଇଛନ୍ତି। ପୂର୍ବରୁ ଏହି ଆସନ ଅନେକ ବିଧାୟକଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିବାବେଳେ ବର୍ତ୍ତମାନ ଶ୍ରୀ ମହାଲିଙ୍ଗଙ୍କ ପାଇଁ ମଧ୍ୟ ଏହି ଆସନ ଶୁଭଙ୍କର ସାବ୍ୟସ୍ତ ହୋଇଛି।



ରାଜ୍ୟ ରାଜନୀତିରେ ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଆସନରୁ ସରକାରୀ ଦଳରୁ ନିର୍ବାଚିତ ହେଉଥିବା ବିଧାୟକମାନେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସୁଯୋଗ ପାଇଥାନ୍ତି। ପୂର୍ବତନ ବିଧାୟକ ରମାକାନ୍ତ ସେଠ ଓ ବାଲଗୋପାଲ ମିଶ୍ରଙ୍କୁ ଛାଡ଼ିଦେଲେ ପ୍ରାୟ ସମସ୍ତ ବିଧାୟକ ମନ୍ତ୍ରୀ ହୋଇପାରିଛନ୍ତି। ଏହିକ୍ରମରେ ପୁଣି ଥରେ ଇତିହାସର ପୁନରାବୃତ୍ତି ଘଟିଛି। ଚଳିତ ସାଧାରଣ ନିର୍ବାଚନରେ ଲୋଇସିଂହାରୁ ବିଧାୟକ ଭାବେ ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଥିବା ଡ. ମୁକେଶ ମହାଲିଙ୍ଗ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନପାଇ ବୁଧବାର ଶପଥଗ୍ରହଣ କରିଛନ୍ତି। ଲୋଇସିଂହା ନିର୍ବାଚନମଣ୍ଡଳି ଇତିହାସ ଉପରେ ନଜର ପକାଇଲେ ଏହି ଆସନ ବିଧାୟକଙ୍କ ପାଇଁ କେତେଶୁଭଙ୍କର ତାହାସହଜରେ ଅନୁମାନ କରାଯାଇପାରିବ। ୧୯୫୭ରେ ପ୍ରଥମ ବିଧାୟକ ଭାବେ ଏହି ଆସନରୁ ରମାପ୍ରସାଦ ମିଶ୍ର ବିଜୟୀ ହୋଇଥିଲେ। ସେ ୧୯୫୭, ୧୯୬୧ରେ ଲଗାତାର ଦୁଇ ଥର ବିଜୟୀ ହୋଇଥିବା ରାମପ୍ରସାଦ ମିଶ୍ର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ୧୯୬୭ ଓ ୧୯୭୧ ସ୍ୱତନ୍ତ୍ର ପାର୍ଟିରୁ ନନ୍ଦକିଶୋର ମିଶ୍ର ବିଜୟୀ ହୋଇ ବିଧାନସଭା ବାଚସ୍ପତି ଚୌକିରେ ବସିବାକୁ ସୁଯୋଗ ପାଇଥିଲେ। ୧୯୭୪ ନିର୍ବାଚନରେ ଅନଙ୍ଗ ଉଦୟ ସିଂହଦେଓ ସ୍ୱତନ୍ତ୍ର ପାର୍ଟିରୁ ବିଧାୟକ ଭାବେ ନିର୍ବାଚିତ ହୋଇ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହାପରେ ପୁଣି ୧୯୭୭ ନିର୍ବାଚନରେ ରାମ ପ୍ରସାଦ ମିଶ୍ର ଲୋଇସିଂହା ଆସନରୁ ଜନତା ପାର୍ଟିରୁ ନିର୍ବାଚିତ ହୋଇ ଅର୍ଥମନ୍ତ୍ରୀ ହୋଇଥିଲେ। ଏହା ପରେ ୧୯୯୦ ନିର୍ବାଚନରେ ଏହି ଆସନରୁ ଜନତା ଦଳରୁ ନରସିଂହ ମିଶ୍ର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସୁଯୋଗ ପାଇବା ସହ ଆଇନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇପାରିଥିଲେ। ସେହିପରି ୨୦୧୪ ନିର୍ବାଚନରେ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଯୋଗେନ୍ଦ୍ର ବେହେରା ରାଜ୍ୟ ମନ୍ତ୍ରୀମଣ୍ଡଳରେ ସୁଯୋଗ ପାଇ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ସେ ଏମ୍‌ଏସ୍‌ଏମ୍‌ଇ, ପେନସନ ଭଳି ବିଭାଗରେ ମନ୍ତ୍ରୀ ହୋଇଥିଲେ। ଏହି ବିଧାୟକମାନଙ୍କ ପରେ ଏହି ତାଲିକାରେ ବିଜେପି ବିଧାୟକ ମୁକେଶ ମହାଲିଙ୍ଗଙ୍କ ନାମ ସାମିଲ ହୋଇଛି। ସେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି। ଯାହାକି ଲୋଇସିଂହା ପାଇଁ ଏକ ଗୌରବର ବିଷୟ। କେବଳ ଦୁଇ ଜଣ ପୂର୍ବତନ ବିଧାୟକ ରମାକାନ୍ତ ସେଠ ଓ ବାଲଗୋପାଳ ମିଶ୍ରଙ୍କୁ ଛାଡିଦେଲେ ଅନ୍ୟମାନଙ୍କ ଭାଗ୍ୟ ଲୋଇସିଂହା ଆସନ ନିର୍ଦ୍ଧାରଣ କରିଛି। ବାଲଗୋପାଳ ମିଶ୍ର ଏହି ଆସନରେ ସବୁଠାରୁ ଅଧିକଥର ବିଧାୟକ ହୋଇଥିଲେ ସତ କିନ୍ତୁ ୩ଥର ସେ ସ୍ୱାଧୀନ ଓ ଥରେ ବିଜେପିରୁ ନିର୍ବାଚିତ ହୋଇଥିଲେ। ଅଞ୍ଚଳର ଜଣେ ଟାଣୁଆ ନେତା ଭାବେ ତାଙ୍କ ପରିଚୟ ରହିଥିଲା କିନ୍ତୁ ମନ୍ତ୍ରୀମଣ୍ଡଳରେ ସୁଯୋଗ ମିଳି ନ ଥିଲା।







**ନନ୍ଦକିଶୋର, ରାମପ୍ରସାଦ, ଅନଙ୍ଗ, ନରସିଂହ, ଯୋଗେନ୍ଦ୍ରଙ୍କ ପରେ ମୁକେଶ**

**ରମାକାନ୍ତ ଓ ବାଲଗୋପାଳଙ୍କୁ ଛାଡ଼ିଦେଲେ ସମସ୍ତଙ୍କୁ ମିଳିଛି ମନ୍ତ୍ରୀ ସୁଯୋଗ**

## ଭିଣୋଇର ଟାଙ୍ଗିଆ ଚୋଟରେ ଶାଳି ଗୁରୁତର



**କଣ୍ଟାବାଞ୍ଜି, ୧୨।୬(ସମିସ):** ଶାଳିକୁ ଟାଙ୍ଗିଆରେ ହାଣି ଲହୁଲୁହାଣ କଲା ଭିଣୋଇ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଧୀନ କୁଲିହାଦୋରୋ ଗାଁ ରେ। ଏହି ଗାଁର ସଙ୍ଗୀତା କୁମାର ଗତ ୧୦ ବର୍ଷ ତଳେ ଲାଠୋର ଥାନା କରୁଆଝେର ଗାଁର ସୁରେଶ ତାଣ୍ଡିଙ୍କୁ ବିବାହ କହିଥିଲେ। ହେଲେ ଅନେକ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କହଳ ଲାଗି ରହୁଥିଲା। ଗତ ୫ ମାସ ହେବ ସଙ୍ଗୀତା ତାଙ୍କ ବାପଘର କୁଲିହାଦୋରୋ ଗାଁ ରେ ରହୁଥିଲେ। ବୁଧବାର ତାଙ୍କ ସ୍ୱାମୀ ସୁରେଶ ଶଶୁରଘରେ ପହଞ୍ଚି ସଙ୍ଗୀତଙ୍କୁ ତାଙ୍କ ଘରକୁ ଫେରେଇ ନେବାକୁ ତାଙ୍କ ବନ୍ଧୁବାନ୍ଧବ ସହ ଆସିଥିଲେ। କିନ୍ତୁ ସେଠାରେ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଥା କଟାକଟି ହୋଇଥିଲା। ସଙ୍ଗୀତାଙ୍କ ସାନ ଭଉଣୀ ବାସୁମତି କୁମାର ମନା କରିବାରୁ ସୁରେଶ ଏକ ଟାଙ୍ଗିଆରେ ବାସୁମତିଙ୍କ ଗୋଡ଼ରେ ଆକ୍ରମଣ କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ବାସୁମତୀକୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନ ନେଇ ଆସିଥିବାବେଳେ ବାସୁମତିଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ମନ୍ତ୍ରିମଣ୍ଡଳରେ ବଢ଼ିଲା ବଲାଙ୍ଗିରର ଗୁରୁତ୍ୱ

# ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କ୍ୟାବିନେଟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ

**ବଲାଙ୍ଗିର, ୧୨।୬(ସମିସ)**

ରାଜ୍ୟରେ ବିଜେପି ଶାସିତ ସରକାରର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ବୁଧବାର ଶପଥ ପାଠ କରିଛନ୍ତି। ଏହି ମନ୍ତ୍ରୀମଣ୍ଡଳରେ ବଲାଙ୍ଗିର ଜିଲ୍ଲାକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଭାବେ କନକବର୍ଦ୍ଧନ ସିଂହଦେଓ ଓ କ୍ୟାବିନେଟ ମନ୍ତ୍ରୀ ଭାବେ ଡ. ମୁକେଶ ମହାଲିଙ୍ଗ ଶପଥ ଗ୍ରହଣ କରିଛନ୍ତି। ଯାହାକୁ ନେଇ ବଲାଙ୍ଗିର ଜିଲ୍ଲା ବିଜେପିରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି।

ବଲାଙ୍ଗିର ଜିଲ୍ଲାକୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ଭାବେ କନକବର୍ଦ୍ଧନ ସିଂହଦେଓଙ୍କ ନାମ ଘୋଷଣା ହୋଇଥିଲା। ବୁଧବାର ରାଜ୍ୟ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବେ ଡ. ମୁକେଶ ମହାଲିଙ୍ଗଙ୍କୁ ସ୍ଥାନ ମିଳିଛି। ବୁଧବାର ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ଶପଥଗ୍ରହଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ଏହି ଦୁଇ ଜଣ ମଧ୍ୟ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ଷଷ୍ଠ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି କନକବର୍ଦ୍ଧନ ସିଂହଦେଓ। ସେ ବିଜେଡି ବିଧାୟକ ସରୋଜ ମେହେରଙ୍କୁ ହରାଇଥିଲେ। ରାଜ୍ୟରେ ବିଜେପି ସରକାର କରିବା ନିଶ୍ଚିତ ହେବା ପରେ ଦଳ ଓ ସରକାର ରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଥିଲା। ଏହିକ୍ରମରେ ତାଙ୍କୁ ସଂସଦୀୟ କମିଟି ଉପମୁଖ୍ୟମନ୍ତ୍ରୀ ଭାବେ ମନୋନୀତ କରିଥିଲେ।

ସେହିପରି ଜିଲ୍ଲାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନମଣ୍ଡଳୀ ଲୋଇସିଂହାରୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ ଡ. ମୁକେଶ ମହାଲିଙ୍ଗ। ବୈଜ୍ଞାନିକ ଭାବେ ସରକାରୀ ଚାକରି କରୁଥିବା ଶ୍ରୀ ମହାଲିଙ୍ଗ ୨୦୧୯ ନିର୍ବାଚନ ପୂର୍ବରୁ ଛାଡି ରାଜନୀତିରେ ପ୍ରବେଶ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ବିଜୟୀ ହୋଇଥିଲେ। ଦଳରେ ତାଙ୍କ ଗୁରୁତ୍ୱ ବଢ଼ିଥିଲା। ବିଧାନସଭାରେ ବିଜେପି ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ କରିବା ସହ ଦଳର ବରିଷ୍ଠ ନେତାମାନଙ୍କ ବିଶ୍ୱାସ ଭାଜନ ହୋଇଥିଲେ। ଚଳିତ ନିର୍ବାଚନରେ ପୁଣିଥରେ ଦଳ ତାଙ୍କ ଉପରେ ଭରସା କରିଥିଲା। ଲୋଇସିଂହା ଆସନରୁ ସେ ନିର୍ବାଚନ ଲଢି ପ୍ରାୟ ୧୮ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ନିର୍ବାଚନ ଜିତିବା ପରେ ଦଳପକ୍ଷରୁ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ ବୋଲି ଆଲୋଚନା ହେଉଥିଲେ। ଏହି ମର୍ମରେ ବୁଧବାର ତାଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଇଥିବା ନେଇ ଜଣାପଡ଼ିଥିଲା। ସେ ମଧ୍ୟ ଶପଥ ପାଠ ସମାରୋହରେ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ନେଇଥିଲେ। ଶ୍ରୀ ମହାଲିଙ୍ଗ ଜଣେ ଉଚ୍ଚଶିକ୍ଷିତ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାମ କରିଛନ୍ତି। ତାଙ୍କୁ ସରକାରରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।




### ସାଧାରଣ ଲୋକଙ୍କ ମୁହଁରୁ...



ଲୋଇସିଂହାକୁ ପୁଣିଥରେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିଛି। ବିଧାୟକ ମୁକେଶ ମହାଲିଙ୍ଗଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି। ଜଣେ ଉଚ୍ଚଶିକ୍ଷିତ ବିଧାୟକ ଭାବେ ଲୋକେ ଗ୍ରହଣ କରି ପୁଣିଥରେ ଅଞ୍ଚଳର ସେବା କରିବା ପାଇଁ ସୁଯୋଗ ଦେଇଛନ୍ତି। ଲୋକଙ୍କ ସମର୍ଥନକୁ ଦଳ ସମ୍ମାନ ଜଣାଇ ତାଙ୍କୁ କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ମିଳିଛି। ଯାହାକି ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଜଣେ ଦକ୍ଷ ବିଧାୟକ ଭାବେ ନିଜ ପରିଚୟ ସୃଷ୍ଟି କରିଥିବା ଶ୍ରୀ ମହାଲିଙ୍ଗ ଆଗକୁ ଜଣେ ଦକ୍ଷ ମନ୍ତ୍ରୀ ଭାବେ ମଧ୍ୟ ପରିଚୟ ସୃଷ୍ଟି କରିବେ।

**ରବୀନ୍ଦ୍ର ନାଏକ, ଯୁବ ବ୍ୟବସାୟୀ ଲୋଇସିଂହା**



ପୂର୍ବରୁ ଅନେକ ବିଧାୟକ ଲୋଇସିଂହା ଆସନରୁ ବିଜୟୀ ହୋଇ ମନ୍ତ୍ରୀ ହୋଇଛନ୍ତି। କିନ୍ତୁ ଯେଉଁ ଅନୁସାରେ ଅଞ୍ଚଳର ବିକାଶ ହେବା କଥା ସେହି ଅନୁସାରେ ଅଞ୍ଚଳର ବିକାଶ ହୋଇନାହିଁ। ଏବେବି ଅନେକ କାମ ଓ ପ୍ରକଳ୍ପ ବାକି ରହିଛି। ନେତାମାନେ ମନ୍ତ୍ରୀ ହୋଇ ନିଜଭାଗ୍ୟ ଚମକାଉଛନ୍ତି କିନ୍ତୁ ଅଞ୍ଚଳର ଭାଗ୍ୟ ବଦଳୁ ନାହିଁ। ଆଶା କରୁଛି ବିଧାୟକ ମନ୍ତ୍ରୀ ହେବା ପରେ ଅଞ୍ଚଳର ବିକାଶ ଓ ଅଞ୍ଚଳବାସୀଙ୍କ ସୁବିଧାକୁ ଗୁରୁତ୍ୱ ପ୍ରଦାନ କରିବେ।

**ସୁନୀଲ ଦାସ, ବାଦିବାହାଲ, ଲୋଇସିଂହା ନିର୍ବାଚନମଣ୍ଡଳୀ**



ଆମ ଅଞ୍ଚଳର ବିଧାୟକ ମନ୍ତ୍ରୀ ହେବା ନିଶ୍ଚିତ ଗୌରବର ବିଷୟ। ଏଥିପାଇଁ ଆମେ ବହୁତ ଖୁସି। ଅନ୍ୟମନ୍ତ୍ରୀ ମାନଙ୍କ ଠାରୁ ଭିନ୍ନ ଅଟନ୍ତି ଲୋଇସିଂହା ବିଧାୟକ। ବିରୋଧୀ ହୋଇ ବିଧାନସଭାରେ ଗତ ପାଞ୍ଚବର୍ଷ ସେ ଲଢେଇ କରିଥିଲେ। ଏଥର କିନ୍ତୁ ନିଜେ ମନ୍ତ୍ରୀ ହୋଇ ସେହି ସବୁ ସମସ୍ୟାର ସମାଧାନ କରିବା ବୋଲି ଆମର ଆଶା ଓ ବିଶ୍ୱାସ ରହିଛି।

**ସରୋଜ ବିଶ୍ୱାଳ, ଲୋଇସିଂହା**



ଲୋଇସିଂହାରୁ ଦ୍ୱିତୀୟଥର ପାଇଁ ବିଧାୟକ ଭାବେ ଚଳିତ ନିର୍ବାଚନରେ ମୁକେଶ ମହାଲିଙ୍ଗ ନିର୍ବାଚିତ ହୋଇଥିଲେ। ପ୍ରଥମ ପାଞ୍ଚବର୍ଷରେ ଅଞ୍ଚଳର ଅନେକ ସମସ୍ୟାକୁ ବିଧାନସଭାରେ ଉଠାଇଥିଲେ। ଦଳପକ୍ଷରୁ ମଧ୍ୟ ଦିଆଯାଇଥିବା ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିଥିଲେ। ଯାହାର ପୁରସ୍କାର ମିଳିଛି। ଆଜି ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ କରିଛନ୍ତି। ଏହା ନିଶ୍ଚିତ ଆମ ଅଞ୍ଚଳର ଲୋକମାନଙ୍କ ପାଇଁ ଖୁସିର ବିଷୟ।

**ରଞ୍ଜନ ବେହେରା, ଲୋଇସିଂହା**

# ଧାନବାଦ-ଏଲେପି ଏକ୍ସପ୍ରେସ୍‌ରେ ନିଆଁ, ସମସ୍ତ ଯାତ୍ରୀ ସୁରକ୍ଷିତ



**ନର୍ଲା, ୧୨।୬(ସମିସ):** ବୁଧବାର ସକାଳ ସାଢେ ୫ଟା ସମୟରେ ଧାନବାଦ ଏଲେପି ଟ୍ରେନରେ ନିଆଁ ଲାଗିବା ଘଟଣା ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଛି। ସୂଚନା ଅନୁଯାୟୀ ବୁଧବାର ସକାଳ ସାଢେ ୫ଟା ସମୟରେ ଧାନବାଦ-ଏଲେପି ଟ୍ରେନ ଯିବା ସମୟରେ ନର୍ଲା ଲାଞ୍ଜିଗଡ଼ ରୋଡ଼ ଓ ଅମ୍ବାଦୋଳା ମଝିରେ ଟ୍ରେନର ଏକ ଏସି ବଗିରେ ସର୍ଟ ସାର୍କିଟ ଯୋଗୁଁ ନିଆଁ ଲାଗି ଧୂଆଁ ବାହାରୁ ଥିବା ଯାତ୍ରୀମାନେ ଦେଖିବାକୁ ପାଇଥିଲେ। ପରେ ଟ୍ରେନର କର୍ମଚାରୀଙ୍କ ପାଖରେ ଖବର ପହଞ୍ଚିବାରେ ଟ୍ରେନ ଅଟକାଇଥିଲେ। ଯାତ୍ରୀମାନେ ଭୟରେ ଟ୍ରେନରୁ ଓହ୍ଲେଇ ପଡ଼ିଥିଲେ। ଯାତ୍ରୀମାନେ ହୋହାଲ୍ଲା ହେଉଥିବା ବେଳେ ତୁରନ୍ତ ଖବର ପାଇ ଲାଞ୍ଜିଗଡ଼ ରୋଡ଼ ଷ୍ଟେସନ ରେଳ ସୁରକ୍ଷା ବଳ ଓ ଟେକ୍ନିସିଆନ ଟିମ୍ ପହଞ୍ଚି ନିଆଁ ଲିଭାଇବା ସହ ସ୍ଥିତି ସ୍ୱାଭାବିକ ହୋଇଥିଲ। ଟ୍ରେନର ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି।

# କଠିନ ପରିଶ୍ରମ, ଅଧ୍ୟବସାୟ ହିଁ ସଫଳତାର ମାପକାଠି



**ସିନାପାଲି, ୧୨।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ସିଙ୍ଗଝର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ତ୍ରିବିକ୍ରମ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଠିନ ପରିଶ୍ରମ, ଅଧ୍ୟବସାୟ ହିଁ ସଫଳତାର ମାପ କାଠି ବୋଲି ମତ ପ୍ରକାଶ ପାଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବୈଠକ ଗୃହରେ ଆୟୋଜିତ ଏହି ସଭାରେ ସିଙ୍ଗଝର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ ଯୋଷୀ, ନୂଆପଡ଼ା ଜିଲ୍ଲା ଓଷ୍ଟା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ, ସିନାପାଲି ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ, ବରିଷ୍ଠ କିରାଣି କମଳ ମାଝୀ, ସୋନାଲି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲଳିତ ସୁନାରି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠ୍ ସଭାପତିତ୍ୱ କରିଥିଲେ। ସିଆରସିସି ରାକେଶ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସିଆରସିସି ମହେଶ୍ୱର ଗୁଆଲ ମଞ୍ଚ ସଂଯୋଜନା କରିଥିଲେ। ସିଆରସିସି ସୁଧୀର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସୀମାନ୍ତ କୁସୁମଯୋର ପଞ୍ଚାୟତର ବ୍ରାହ୍ମଣୀଗୁଡା ଗ୍ରାମରେ ତ୍ରିବିକ୍ରମଙ୍କ ଘର। ତାଙ୍କ ବାପା ଜଣେ ଚାଷୀ। ଏଥର ମାଟ୍ରିକ ପରୀକ୍ଷାରେ ସେ ୫୫୧ ମାର୍କ ରଖିଛନ୍ତି।

**● ସିଙ୍ଗଝର ଉଚ୍ଚ ବିଦ୍ୟାଳୟର ଟେକ ରଖିଲେ ତ୍ରିବିକ୍ରମ**

# ମନ୍ତ୍ରୀଶୂନ୍ୟ ହେଲା କଳାହାଣ୍ଡି ଜିଲ୍ଲା

**କୋକସରା, ୧୨।୬(ସମିସ):** ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ବୁଧବାର ଶପଥଗ୍ରହଣ କରିଛନ୍ତି ମୋହନ ଚରଣ ମାଝୀ। ତାଙ୍କ ସହ ଦୁଇଜଣ ଉପ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଶପଥ ପାଠ କରିଛନ୍ତି। ତେବେ କଳାହାଣ୍ଡି ଜିଲ୍ଲା ମନ୍ତ୍ରୀ ଶୂନ୍ୟ ରହିଛି। ଏହି ଜିଲ୍ଲା ଭାଗରେ ଗୋଟିଏ ହେଲେ ମନ୍ତ୍ରୀ ପଦ ପଡ଼ିନାହିଁ। କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ୭ ଗୋଟି ବିଧାନସଭା କ୍ଷେତ୍ର ରହିଥିବା ବେଳେ ଧର୍ମଗଡ଼ରେ ହିଁ ଜଣେ ମାତ୍ର ବିଜେପି ବିଧାୟକ ଭାବରେ ସୁଧୀର ପାଟଯୋଶୀ ନିର୍ବାଚିତ ହୋଇଛନ୍ତି। ବିଜେପି ବିଧାୟକ ସୁଧୀର ୮୭, ୮୯୦ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ୬୮, ୯୬୩ ଖଣ୍ଡ ଭୋଟ ମିଳିଥିଲା। ବିଜେପି ବିଧାୟକ ସୁଧୀର ୧୮, ୯୨୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇ କଳାହାଣ୍ଡିରେ ଦଳର ସମ୍ମାନ ବଜାୟ ରଖିଛନ୍ତି। ୨୦୨୪ ନିର୍ବାଚନରେ କଳାହାଣ୍ଡି ସଂସଦୀୟ କ୍ଷେତ୍ରର ୭ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବିଜେଡ଼ି ୫, ବିଜେପି ୧ ଓ କଂଗ୍ରେସ ଗୋଟିଏ ଆସନ ପାଇଛି। ତେବେ ବିଜେପି ବିଧାୟକ ଭାବରେ ନିର୍ବାଚିତ ହୋଇ କଳାହାଣ୍ଡିରେ ବିଜେପିର ସମ୍ମାନ ରକ୍ଷା କରିଥିବା ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଜିଲ୍ଲାବାସୀ ଆଶା କରୁଥିଲେ। ତେବେ ସେମାନଙ୍କ ଆଶା ନିରାଶାରେ ପରିଣତ ହୋଇଛି। ଯାହାକୁ ନେଇ ଜିଲ୍ଲାସାରା ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି।

# ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ନ୍ୟାୟରେ ବିଏସ୍‌ଏନ୍‌ଏଲ୍ ସଂସ୍ଥା

**ଭବାନୀପାଟଣା, ୧୨।୬(ସମିସ)**



**● ଦୂର ହେବ ତ ଦୂରସଞ୍ଚାରର ଦୁଃଖ**

**● ନାହାନ୍ତି ୫୦ ପ୍ରତିଶତ ଷ୍ଟାଫ୍**

**● ୧୦୫ ଟାୱାର ତଦାରଖ ଦାୟିତ୍ୱରେ ଜଣେ ଏସଡିଓ**

ବୈଜ୍ଞାନିକ ଚିନ୍ତାଧାରା ଓ ଆଗ୍ରହ ମାନବଜାତିର ପ୍ରଗତିର ମେରୁଦଣ୍ଡ ବୋଲି କୁହାଯାଏ। ବିଶେଷକରି ମୋବାଇଲ ହେଉ କି ଟେଲିଫୋନ ଏବେ ଛାତ୍ରଛାତ୍ରୀ ଏପରିକି ସମସ୍ତଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ଜିଓ ମୋବାଇଲ ସେବା ଯେମିତି କାୟା ବିସ୍ତାର କରୁଛି, ସେ ତୁଳନାରେ କେନ୍ଦ୍ର ସରକାରଙ୍କ ଦୂରସଂଚାର ବିଭାଗକୁ କେବଳ ସାଲାଇନ ଦେଇ ବଞ୍ଚାଇ ରଖିଥିବା ଭଳି ମନେହେଉଛି। କଳାହାଣ୍ଡି ପ୍ରସଙ୍ଗରେ କୁହାଗଲେ ଯେଉଁଠି ଅତ୍ୟନ୍ତ ଆବଶ୍ୟକ ରହୁଛି ସେଠାରେ ବିଏସଏନଏଲର ଟାୱାର ନାହିଁ। ଅନାବଶ୍ୟକ ସ୍ଥାନରେ ପୂର୍ବରୁ ଟାୱାର ପ୍ରତିଷ୍ଠା ହୋଇଛି ଏବଂ ଆଗକୁ ମଧ ଟାୱାର ଲଗାଯିବାର ପ୍ରସ୍ତାବ ରହିଥିବା ଜଣାପଡ଼ିଛି। ଯେତେବେଳେ ସ୍ୱେଚ୍ଛାକୃତ ଅବସର ନେବାକୁ ସୁଯୋଗ ମିଳିଲା ଠିକ ସେସମୟର ଅର୍ଦ୍ଧାଧିକ ଷ୍ଟାଫ ଭିଆରଏସ ନେଇ ସଂସ୍ଥାଠାରୁ ବିଦାୟ ନେଇଛନ୍ତି। କଳାହାଣ୍ଡି ଜିଲ୍ଲାରେ ଦୂର ସଂଚାର ଭବନ କାର୍ଯ୍ୟାଳୟରେ ବର୍ତ୍ତମାନ ୫୦ ପ୍ରତିଶତ କର୍ମଚାରୀ ଓ ଆଉଟ ସୋର୍ସିଙ୍ଗ ଷ୍ଟାଫରେ କାମ ଚଳାଇ ନିଆଯାଉଛି। ଜିଲ୍ଲା ଟେଲିକମ ମୁଖ୍ୟଯନ୍ତ୍ରୀ ତଥା ଟିଡ଼ିଏମଙ୍କୁ ବାଦଦେଲେ ୪ ଜଣ ଜେଟିଓ ଓ ଜଣେ ଜେଇ ଜିଲ୍ଲାରେ ଲ୍ୟାଣ୍ଡଲାଇନ ମୋବାଇଲ ଟାୱାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ବିଚିତ୍ର ବ୍ୟବସ୍ଥା ଭିତରେ ସଂସ୍ଥା ଗତିକରୁଛି। ଇତିମଧ୍ୟରେ ଜିଲ୍ଲାରେ ଥିବା ୫୦୦ ଲ୍ୟାଣ୍ଡ ଫୋନ ଗ୍ରାହକଙ୍କ ସେବା ଯୋଗାଇବାରୁ ମୁକ୍ତ କରି ସେମାନଙ୍କୁ ଘରକୁ ଅପ୍ଟିକାଲ ଫାଇବର ଟେଲିଫୋନ ସୁବିଧା ଅନୁସାରେ ନୂଆ ଫୋନ ବ୍ୟବସ୍ଥାରେ ସଂଯୋଗ କରୁଥିବା କୁହାଯାଇଛି। ଏଯାବତ କଳାହାଣ୍ଡି ଜିଲ୍ଲାରେ ଟୁ ଜି ଟାୱାର ୯୨, ଥ୍ରୀ ଜି ୧୫ ଟାୱାର, ଫୋର ଜି ଟାୱାର ୭୬ ଟି ରହିଛି। ପୁଣି ୯୪ଟି ଫୋର ଜି ଟାୱାର ଲାଗି ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିବା ସୂଚନା ମିଳିଛି। ସେଥିରୁ ଥୁଆମୂଳରାମପୁର ବ୍ଲକରେ ୪୭ଟି, ଲାଞ୍ଜିଗଡ଼ ବ୍ଲକରେ ୪୦ଟି, ମଦନପୁର ରାମପୁର ବ୍ଲକରେ ୫ଟି, ଗୋଟିଏ ଜୁନାଗଡ଼ ବ୍ଲକର ବାଇଡପଡ଼ା ଓ କୋକସରା ବ୍ଲକର ଖଲିଗଡ଼ ଗ୍ରାମରେ ଟାୱାର ମିଶି ୯୪ଟି ନୂତନ ଫୋର ଜି ଟାୱାର ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ହୋଇଛି। ତତସହିତ ଜିଲ୍ଲାରେ ଯେଉଁସବୁ ଟୁ ଜି ଓ ଥ୍ରୀ ଜି ଟାୱାର ଅଛି ସେଗୁଡିକୁ ଅପଗ୍ରେଡ କରାଯାଇ ଫୋର ଜି ହେବ ବୋଲି ଏକପ୍ରକାର ଚୂଡାନ୍ତ ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଟେଲିଫୋନ କିମ୍ବା ମୋବାଇଲ ଆଜି ଜୀବନକୁ ସହଜ ଓ ଉନ୍ନତ କରିପାରିଛି କହିଲେ ଭୁଲ ହେବନାହିଁ। ଏହା ବ୍ୟତୀତ ସମୟ ବଞ୍ଚାଇବାରେ ସହାୟକ ହୋଇଛି। ଶିକ୍ଷା ଲାଗି ଯେମିତି ବିଦ୍ୟୁତ ସେବା ଠିକ ସେମିତି ମୋବାଇଲ ଓ ଇଣ୍ଟରନେଟ ଆଜି ସମସ୍ତଙ୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାଜି ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ମଣିଷ ସମାଜ ଲାଗି କେବଳ ଜରୁରୀ ନୁହେଁ ଆବଶ୍ୟକ ଉପକରଣ ରୂପେ ସ୍ୱତନ୍ତ୍ର ସ୍ଥାନ ଆବୋରେଇ ନେଇଛି। ବର୍ତ୍ତମାନ ଯୁଗ ଅନ୍ୟ ଘରୋଇ ଟେଲିକମ ସଂସ୍ଥା ୫ ଜିକୁ ଆପଣେଇ ଆହୁରି ବହୁ ଦୂରକୁ ଦେଖୁଥିବା ବେଳେ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗ କେତେ ପଛରେ ରହିଛି ଏଥିରୁ ଅନୁମେୟ। ଏତେ ସବୁ ସତ୍ତ୍ୱେ କେନ୍ଦ୍ର ସରକାର ଦୂର ସଂଚାର ବିଭାଗକୁ ଦୂରରେ ରଖି ପରୋକ୍ଷରେ ଘରୋଇ କମ୍ପାନୀକୁ ଲକ୍ଷ ଲକ୍ଷ କୋଟିର ଲାଭ ହେବାର ରାସ୍ତା ଦେଖାଉଥିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଆଲୋଚନା ଚାଲିଛି। ଘରୋଇ କମ୍ପାନୀ ମାନେ ଦରକାର ପଡ଼ିଲେ ବିଦେଶରୁ ଯନ୍ତ୍ରପାତି ଆଣି ମୋବାଇଲ ସେବା ଯୋଗାଇବାକୁ ତତ୍ପରତା ପ୍ରଦର୍ଶନ କରୁଥିବା ବେଳେ ବିଏସଏନଏଲର ଫାଇଲ ଯାଉ ଯାଉ ଘରୋଇ ସଂସ୍ଥା ସବୁ ମାଡିବସି ଫାଇଦା ନେଉଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପଟେ ରାଜନେତାମାନେ କଳାହାଣ୍ଡି ଜିଲ୍ଲାରେ ୫୦୦ ଟାୱାର ପାଇଁ କେନ୍ଦ୍ର ସରକାର ଯୋଜନା କରୁଥିବା ମିଛ ବାହାସ୍ଫୋଟ ନିର୍ବାଚନ ପୂର୍ବରୁ ମାରୁଥିଲେ। ଜିଲ୍ଲାରେ କେବେ ସମ୍ପୂର୍ଣ୍ଣ ମୋବାଇଲ ସେବା ଜିଲ୍ଲାବାସୀ ଉପଲବ୍ଧ କରିବେ ତାହା ସହଜରେ ଆକଳନ କରିବା ମୁସ୍କିଲ। ଦିନଥିଲା ଲ୍ୟାଣ୍ଡ ଲାଇନ୍ ଫୋନର ବିଲ ଭରିବାକୁ ଲମ୍ବା ଲାଇନ ଲାଗୁଥିଲା। ପରେ ପରେ ବିଏସଏନଏଲ ସିମ୍ କାର୍ଡ ପାଇବା ଲାଗି ଘଣ୍ଟା ଘଣ୍ଟା ଲାଇନରେ ଛିଡା ହେବାର କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ଦାୟିତ୍ୱହୀନତା ଯୋଗୁଁ ଏହି ସଂସ୍ଥା ବୁଡିଗଲା ଗୋଡ ତଳକୁ ତଳକୁ ବୋଲି ପ୍ରାୟ ସମସ୍ତେ ଅନୁଭବ କରୁଛନ୍ତି। କାରଣ ଷ୍ଟାଫ ନାହାନ୍ତି, ଯନ୍ତ୍ରୀ ନାହାନ୍ତି, ସାମଗ୍ରୀ ବି ନାହିଁ କେବଳ କୋଠା ଘର ଖଣ୍ଡେ ସଂସ୍ଥାର ପରିଚୟ ଦେବାକୁ ଠିଆ ହୋଇଛି।

**● ୫ କେଜି କଟ୍‌ନି ନ କଲେ ଉଠୁନି ଧାନ**

# ମଣ୍ଡିରେ ପଡ଼ି ରହିଛି ୧୫୮୮୭ କ୍ୱିଣ୍ଟାଲ ଧାନ



**ଭବାନୀପାଟଣା, ୧୨।୬(ସମିସ):** କଳାହାଣ୍ଡି ଜିଲ୍ଲାରେ ଧାନକିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆସିଛି। ମଣ୍ଡି ଗୁଡ଼ିକରେ ୫ କେଜି କଟ୍‌ନି ଛଟ୍‌ନି ନ ହେଲେ ମଣ୍ଡିରୁ ଧାନ ଉଠୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସପ୍ତାହରୁ ଅଧିକ ସମୟ ଧରି ଚାଷୀମାନେ ମଣ୍ଡିରେ ପଡ଼ିଥିବା ଧାନ ଜଗି ରହିଥିବା ବେଳେ ଆଗକୁ ମୌସୁମୀକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ଜିଲ୍ଲାରେ ୨୭ ଲକ୍ଷ ୪ ହଜାର ୫୦ କ୍ୱିଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏପର୍ଯ୍ୟନ୍ତ ୨୦ ଲକ୍ଷ ୭୫ ହଜାର ୩୫୨ କ୍ୱିଣ୍ଟାଲ ଧାନ କିଣା ସରିଛି। ମଣ୍ଡିଗୁଡ଼ିକରେ ୧୫ ହଜାର ୮୮୭ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଜିଲ୍ଲାରେ ୧୫୪ଟି ମଣ୍ଡି ଖୋଲିଥିଲା। ବର୍ତ୍ତମାନ ୧୩ଟି ମଣ୍ଡି ବନ୍ଦ ହୋଇସାରିଛି। ସମୁଦାୟ ୬୭ ଜଣ ମିଲର୍ସ ଧାନ ଉଠାଣ ପାଇଁ ନିୟୋଜିତ ହୋଇଥିଲେ। ୩୩ ହଜାର ୮୨ ଜଣ ଚାଷୀ ଧାନ ବିକି ସାରିଛନ୍ତି। ଏ ପର୍ଯ୍ୟନ୍ତ ୪୫ ଲକ୍ଷ ୩୦୪ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପୈଠ ହେବା ପାଇଁ ପ୍ରକ୍ରିୟା ଶେଷ ହୋଇଛି। ୨୭ ଲକ୍ଷ ୧୭୬ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି। ୧୯ ହଜାର ୭୩୧ ଜଣ ଚାଷୀ ଧାନ ଟଙ୍କା ପାଇଛନ୍ତି। ବର୍ତ୍ତମାନ ମୌସୁମୀ ବର୍ଷା ଯୋଗୁଁ ମଣ୍ଡିରେ ଧାନ ସୁରକ୍ଷିତ ରହିବା ନେଇ ଆଶଙ୍କା ଥିବା ବେଳେ ଧାନ ଉଠାଣ ବିଳମ୍ବ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସମସ୍ତ ମଣ୍ଡିମାନଙ୍କରେ ୫ କେଜି ଧାନ କଟ୍‌ନି ଛଟ୍‌ନି ଯୋଗୁଁ ଚାଷୀ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଯୋଗୁଁ ଚାଷୀ ମହଲରେ କ୍ଷୋଭପ୍ରକାଶ ପାଇଛି। ଏସ୍ଏଚ୍‌ଜିମାନେ ନେଇଥିବା ମଣ୍ଡିଗୁଡ଼ିକରେ ଧାନର ମିଥ୍ୟା ଏଣ୍ଟ୍ରି ଚାଲିଥିବା ଗୁରୁତର ଅଭିଯୋଗ ହେଉଛି। ଜୁନାଗଡ଼ ବ୍ଲକର ରାଜପୁର ମଣ୍ଡିରେ ଏସ୍ଏଚ୍‌ଜିକୁ ଢାଲ କରି ମିଲର୍ସମାନେ ମିଥ୍ୟା ଏଣ୍ଟ୍ରି କରୁଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗ ଗୁଡ଼ିକର ତଦନ୍ତ କରାଗଲେ ବହୁ ଗୁମର ଫିଟିବ ବୋଲି ଚାଷୀ ମହଲରେ ଦାବି ହୋଇଛି। ତେଣୁ ରାଜ୍ୟ ସରକାର ତୁରନ୍ତ ମିଲରମାନଙ୍କର ଷ୍ଟକ ଭେରିଫିକେସନ ଓ ଫଲ୍‌ସ ଏଣ୍ଟ୍ରିର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରେ ଏଭଳି ଅଭିଯୋଗ ଆସିଲେ ତଦନ୍ତ ହେବ ବୋଲି କହିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରୁପ୍ରାରୋଡ, ୧୨।୬(ସମିସ):** ନର୍ଲା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଢ଼ୀପଦରର ପ୍ରଧାନଶିକ୍ଷକ ଡୋଲେଶ୍ୱର ସାହୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବୁଧବାର ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବୁଢ଼ୀପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ବଗର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ, ଲାଞ୍ଜିଗଡ଼ ଏବିଇଓ ତଥା ବିଆରସିସି ଦ୍ରୋଣ ରଣା, ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୀନକେତନ ସାହୁ, ସାଧାରଣ ସମ୍ପାଦକ ଅମିତ କୁମାର ଶର୍ମା, ବୁଢିପଦର ପ୍ରାଥମିକ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ସଞ୍ଜୟ କୁମାର ଧଙ୍ଗଡାମାଝୀ, ବଲବସପୁର ସିଆରସିସି ଜଗଦୀଶ ପ୍ରସାଦ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାକୁ ଶିକ୍ଷକ ଅନିଲ ପ୍ରସାଦ ସାହୁ ସଂଯୋଜନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବଲବସପୁର କ୍ଲଷ୍ଟରର ଶିକ୍ଷକ/ ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ସଂସଦର ସଦସ୍ୟ/ସଦସ୍ୟା ଓ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ/ସଦସ୍ୟାମାନେ ସହଯୋଗ କରିଥିଲେ।



# ଚଳନ୍ତା କାରରେ ପଡ଼ିଲା ଗଛ; ବର୍ତ୍ତିଗଲେ ଯାତ୍ରୀ

**କୋକସରା, ୧୨।୬(ସମିସ):** ଘରକୁ ଫେରୁଥିବାବେଳେ କୋକସରା ବ୍ଲକ କୁସୁମଖୁଣ୍ଟି ସ୍ଥିତ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୋକୁଳାନନ୍ଦ କଲାରୀଙ୍କ କାର ଉପରେ ଏକ ଗଛ ପଡ଼ିଯାଇଥିଲା। ତେବେ ଏକ ବଡ଼ ଦୁର୍ଘଟଣାରୁ ଉକ୍ତ ଶିକ୍ଷକ ବର୍ତ୍ତି ଯାଇଥିବା ବେଳେ କାର ଚୁରମାର ହୋଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ମୋଟେରରୁ କୌଣସି କାମ ସାରି ଶ୍ରୀ କଲାରୀ କୁସୁମଖୁଣ୍ଟିକୁ କାର ଯୋଗେ ଫେରୁଥିବାବେଳେ ହଠାତ ଗାଡି ଉପରେ ଏକ ଗଛ ଖସି ପଡ଼ିଥିଲା। ଗାଡି ଉପରେ ଗଛ ପଡ଼ିବାରୁ ତାହା ଚୁରମାର ହୋଇଛି। ସୌଭାଗ୍ୟବଶତଃ କାହାରି କିଛି ହୋଇ ନ ଥିବା ଜଣାପଡ଼ିଛି। ତେବେ ନିଳକଣ୍ଠେଶ୍ୱର ମନ୍ଦିର କମିଟିର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଅଗ୍ନିଶମ କର୍ମଚାରୀମାନେ କାର ଭିତରେ ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ରାସ୍ତାରୁ ଗଛକୁ ହଟାଇଛନ୍ତି।




# ଜେଇଇ ଆଡଭାନ୍ସରେ ବିକାଶ ସ୍କୁଲର ସଫଳତା



**ଭବାନୀପାଟଣା, ୧୨।୬(ସମିସ):** ୨୦୨୩-୨୪ ଶିକ୍ଷା ବର୍ଷରେ ବିକାଶ ଆବାସିକ ବିଦ୍ୟାଳୟ ଭବାନୀପାଟଣାର ଛାତ୍ର ଶାଶ୍ୱତ ପାଣିଗ୍ରାହୀ ବିଶେଷ ସଫଳତା ଆଣିଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦିଲ୍ଲୀ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସେ ୯୩ ପ୍ରତିଶତ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଜେଇଇ ମୁଖ୍ୟ ପରୀକ୍ଷାରେ ୯୮.୮୯ ପ୍ରତିଶତ ରଖିବା ସହିତ ଜେଇଇ ଆଡ଼ଭାନ୍ସ ପରୀକ୍ଷାରେ ୧୪୫ ନମ୍ବର ସହ ସର୍ବଭାରତୀୟ ସ୍ତରରେ ୧୦୨୫୪ ର୍‍ୟାଙ୍କ ରଖି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।

# ବରଦେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ଓ ରୁଦ୍ରାଭିଷେକ ସମ୍ପନ୍ନ



**ହାତୀବନ୍ଧା, ୧୨।୬(ସମିସ):** ସିନାପାଲି ବ୍ଲକ ଚଳନା ବାବା ବରଦେଶ୍ୱରଙ୍କ ଶୀତଳଷଷ୍ଠୀ ଶିବବିବାହ ଓ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ହଜାର ହଜାର ଭକ୍ତଙ୍କ ସମାଗମରେ ବାବା ବରଦେଶ୍ୱରଙ୍କ ମନ୍ଦିରରେ ପଣ୍ଡିତ ଈଶ୍ୱର ପଣ୍ଡା ଓ ଅରୂପା ଠାକୁର ପୂଜା ଅର୍ଚ୍ଚନା କରିଥିଲେ। ବରପକ୍ଷ ଓ କନ୍ୟାପକ୍ଷର ସମସ୍ତ ଭକ୍ତ ଆୟୋଜନ କମିଟିର ସଦସ୍ୟ ଉପସ୍ଥିତିରେ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସରେ ସମାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ନରେଶ ନାଏକ, ଗୌତମ ନାଗ, ଦୈତାରୀ ନାଏକ, ବାହାଦୁର ଦଣ୍ଡସେନା ମନକର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଟୋଲ୍ ଗେଟ୍‌ରେ ଦୁଇ ପ୍ରକାର ରସିଦ




**● ଗୋଟେ ଅସଲି, ଆଉଗୋଟେ ନକଲି ଅଭିଯୋଗ**

**● ଲକ୍ଷାଧିକ ଟଙ୍କାର ଟିକସ ଫାଙ୍କି, ଭିଜିଲାନ୍ସ ତଦନ୍ତ ଦାବି**

**କେସିଙ୍ଗା, ୧୨।୬(ସମିସ)**

କଳାହାଣ୍ଡି ଜିଲ୍ଲାର ପଶ୍ଚିମ ଦ୍ୱାର କେସିଙ୍ଗା ବ୍ଲକ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ନୁନମାଠ ସ୍ଥିତ ନୂତନ ଟୋଲ୍ ଗେଟ୍ ବର୍ତ୍ତମାନ ବିବାଦ ଘେରକୁ ଠେଲିହୋଇ ଯାଇଛି। ପୂର୍ବରୁ ଏହି ଟୋଲ୍ ଗେଟରେ ସ୍ଥାନୀୟ ଲୋକଙ୍କୁ ଟୋଲ୍ ଫ୍ରୀ କରିବାକୁ ଦାବି ନେଇ ବିବାଦୀୟ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ବର୍ତ୍ତମାନ ଟୋଲ୍ ଗେଟ କର୍ମଚାରୀଙ୍କ ଦୁଇ ନମ୍ବରୀ କାମ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି। ଟୋଲ୍ ଗେଟ୍ କର୍ମଚାରୀମାନେ ଟିକସ ଆଦାୟରେ ଯେଉଁ ରସିଦ୍ ପ୍ରଦାନ କରୁଛନ୍ତି ତାହାକୁ ନେଇ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ରସିଦରେ ବାର କୋଡ ରହୁଥିବା ବେଳେ ଅନ୍ୟଟିରେ ବାର କୋଡ ରହୁନାହିଁ। ଯାହାଦ୍ୱାରା ପ୍ରତ୍ୟେକ ଦିନ ଟୋଲ୍ ଗେଟରେ ଲକ୍ଷ ଲକ୍ଷ ଟଙ୍କାର ହେରଫେର ହେଉଥିବା ଆଲୋଚନା ହେଉଛି। ଯେଉଁ ରସିଦରେ ବାର କୋଡ ନାହିଁ ସେହି ରସିଦ ପ୍ରଦାନ ପରେ ଟୋଲ୍ ଗେଟସ୍ଥିତ ବାଡ଼ଟିକୁ ହାତରେ ଖୋଲିବାକୁ ପଡୁଥିବା ଜଣାପଡ଼ିଛି। ବିନା ବାର କୋଡରୁ ଆଦାୟ ହେଉଥିବା ଟଙ୍କା କାହା ପାଖକୁ ଯାଉଛି ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ନୁନମାଠ ଟୋଲ୍ ଗେଟ୍‌ରେ କାର୍ଯ୍ୟରତ କର୍ମଚାରୀ ଓ ମୁଖ୍ୟ ଅଧିକାରୀଙ୍କୁ ପଚାରିବାରେ ସେମାନଙ୍କ କଥାରେ ତାଳମେଳ ରହୁ ନ ଥିବା ଦେଖିବାକୁ ମିଳିଛି। ଦାୟିତ୍ୱରେ ଥିବା ଅଧିକାରୀ ଜଣଙ୍କ କୁହନ୍ତି ଯେ ବେଳେ ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦେଲେ ମାନୁଆଲ ରସିଦ ଦିଆଯାଏ ବୋଲି କହିଛନ୍ତି। ମାନୁଆଲ ରସିଦରେ ବାର କୋଡ ରହୁ ନ ଥିବା ସେ ସ୍ୱୀକାର କରିଛନ୍ତି। କିନ୍ତୁ ସୂଚନା ଅନୁଯାୟୀ ଯେଉଁ ଟୋଲ୍ ଗେଟ୍ ଗୁଡିକରେ ଫାଷ୍ଟ ଟ୍ୟାଗ ବ୍ୟବସ୍ଥା ରହିଛି ସେଠାରେ ମାନୁଆଲ ବ୍ୟବସ୍ଥା ରୁହେ ନାହିଁ। ଆହୁରି ମଧ୍ୟ ଏନ୍ଏଚଏଆଇର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅମିତ୍ ବାବୁଙ୍କୁ ପଚାରିବାରେ ସେ ପ୍ରଥମେ ଏପରି ହେବା କଥା ନୁହଁ ବୋଲି କହିବା ସହ ପରେ ଏହା ଏକ ଯାନ୍ତ୍ରିକ ତ୍ରୁଟି ବୋଲି କହିଛନ୍ତି। ଏହି ଘଟଣାର ଗୁରୁତ୍ୱକୁ ନେଇ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।







# ନୂଆ ସରକାରଙ୍କ ଶୁଭଦୃଷ୍ଟି ଅପେକ୍ଷାରେ ଅନୁସୂଚିତ ଜାତି

**ଲାଞ୍ଜିଗଡ଼, ୧୨।୬(ସମିସ):** ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆନୁଷ୍ଠାନିକ ଭାବେ ଶପଥ ନେଇଛନ୍ତି। ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ୮ଜଣ କ୍ୟାବିନେଟ ଓ ୫ଜଣ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ତେବେ ଶପଥ ନେବା କ୍ଷଣି ହିଁ ରାଜ୍ୟର ଅନୁସୂଚିତ ଜାତି ବର୍ଗର ବିଭିନ୍ନ ସମସ୍ୟା ଓ ଦାବିର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କଳାହାଣ୍ଡିରୁ ପ୍ରଥମ ପତ୍ର ଲେଖିଛନ୍ତି ଜିଲ୍ଲାର ଯୁବ ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ତୃତୀୟ ଜନସଂଖ୍ୟାବହୁଳ ଅନୁସୂଚିତ ଜାତିର ଲୋକେ ଆଜି ବି ଅବହେଳିତ ହୋଇ ରହିଛନ୍ତି। ଶିକ୍ଷା, ନିଯୁକ୍ତି ଓ ସାମଗ୍ରିକ ବିକାଶ ଦିଗରେ ଅନୁସୂଚିତ ଜାତି ପ୍ରତି କୌଣସି ନା କୌଣସି କ୍ଷେତ୍ରରେ ଅବହେଳା କରାଯାଉଛି। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସର୍ବଦା ଅବହେଳିତ ଏ ଜାତି ଆଜି ବି ସରକାରଙ୍କ ଶୁଭଦୃଷ୍ଟି ଅପେକ୍ଷାରେ ରହିଛି। ଏଣୁ ନୂତନ ସରକାରଙ୍କ କାର୍ଯ୍ୟକାଳ ପ୍ରାରମ୍ଭରେ ରାଜ୍ୟର ଅବହେଳିତ ଅନୁସୂଚିତ ଜାତିର ଜନସାଧାରଣଙ୍କ କଲ୍ୟାଣକୁ ବିଚାରକୁ ନେଇ ସମସ୍ୟା ଜର୍ଜରିତ ଏହି ଜାତିର ଉନ୍ନତିକୁ ପ୍ରାଥମିକତା ଦେବାକୁ ଶ୍ରୀ ବାଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ ଦଳିତ ବର୍ଗର ଜଣେ ବିଧାୟକଙ୍କୁ ଉପମୁଖ୍ୟମନ୍ତ୍ରୀ ପଦବୀ ଦେବା, ଅନୁସୂଚିତ ଜାତିର ଦୁଇ ଜଣ ବ୍ୟକ୍ତିଙ୍କୁ ଆଗାମୀ ଦିନରେ ରାଜ୍ୟସଭା ସଦସ୍ୟ ଭାବେ ମନୋନୀତ କରିବା, ରାଜ୍ୟର ତୃତୀୟ ଜନବହୁଳ ଗୋଷ୍ଠୀ ଭାବେ ପରିଚିତ ଅନୁସୂଚିତ ଜାତିଙ୍କ ପାଇଁ ଆଇଟିଡିଏ ଢାଞ୍ଚାରେ ଆଇଏସସିଡିଏ ସ୍ଥାପନ ଓ ସ୍ୱତନ୍ତ୍ର ଅନୁଦାନ ପ୍ରଦାନର ବ୍ୟବସ୍ଥା କରିବା, କେବଳ ଅନୁସୂଚିତ ଜାତିଙ୍କ ପାଇଁ ରାଜ୍ୟର ୩୦ ଜିଲ୍ଲାରେ ୩୦ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ସ୍ୱତନ୍ତ୍ର ଭାବେ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସୃଷ୍ଟି, ଅନୁସୂଚିତ ଜାତି ଆୟୋଗ ଗଠନ ସହିତ ରାଜ୍ୟ ବ୍ୟାପି ବଢୁଥିବା ଏଟ୍ରୋସିଟି ରୋକିବାକୁ ସ୍ୱତନ୍ତ୍ର ବିଧି ଓ ନ୍ୟାୟିକ ବ୍ୟବସ୍ଥା, ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟର ପ୍ରତି ବ୍ଲକରେ ସ୍ୱତନ୍ତ୍ର ଅନୁସୂଚିତ ଜାତି ଆବାସିକ ବିଦ୍ୟାଳୟ ଓ ସ୍ୱତନ୍ତ୍ର ଛାତ୍ରାନିବାସ ପ୍ରତିଷ୍ଠା, କଳା ଓ ସଂସ୍କୃତି ପ୍ରିୟ ଅନୁସୂଚିତ ଜାତି ବର୍ଗର ଜନସାଧାରଣଙ୍କୁ କଳାକାର ଭତ୍ତା ପ୍ରଦାନରେ ଅଗ୍ରାଧିକାର ଭିତ୍ତିରେ ଚୟନ, ଅନୁସୂଚିତ ଜାତିଙ୍କ ପାଇଁ ରାଜଧାନୀ ଭୁବନେଶ୍ୱରରେ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ନାମରେ ଏକ ଆମ୍ବେଦକର ଭବନ ସ୍ଥାପନ ସହିତ ପାଞ୍ଚ ଏକର ଜମି ଯୋଗାଇ ଦେବା ପାଇଁ ପଦକ୍ଷେପ ନେବା ଲାଗି ଦୃଷ୍ଟି ଆକର୍ଷଣ କରାଯାଇଛି। ଅନୁସୂଚିତ ଜାତିର ଏକାଧିକ ନିଜସ୍ୱ ଭାଷା ଥିବାବେଳେ ଏହାର ସଂରକ୍ଷଣ, ପ୍ରଚାର, ପ୍ରସାର ପାଇଁ ଏକ ବିଶେଷଜ୍ଞ କମିଟି ଗଠନ ଓ ସ୍ୱତନ୍ତ୍ର ପଦକ୍ଷେପ, ଉକ୍ତ ଭାଷାର ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ପ୍ରାଥମିକତା, ବାବାସାହେବ ଆମ୍ବେଦକରଙ୍କ ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପ୍ରତି ଜିଲ୍ଲାରେ ଆଧୁନିକ ସୁବିଧା ସମ୍ପନ୍ନ ପାଠାଗାର, ପାଠପଢ଼ା ଓ ଗବେଷଣା କ୍ଷେତ୍ରରେ ଆମ୍ବେଦକରଙ୍କ ନାମରେ ଫେଲୋସିପ ପ୍ରଦାନ, ଅନୁସୂଚିତ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଓ ସମସ୍ତ ବୃତ୍ତିଗତ ଶିକ୍ଷାରେ ସେମାନଙ୍କ ଜନସଂଖ୍ୟା ଅନୁସାରେ ୧୮ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ, ବର୍ତ୍ତମାନ ମଙ୍ଗଳ ବିଭାଗ ତରଫରୁ ପରିଚାଳିତ ସମସ୍ତ ଆଶ୍ରମ ସ୍କୁଲଗୁଡ଼ିକରେ ଅନୁସୂଚିତ ଜାତି ବର୍ଗର ଛାତ୍ର, ଛାତ୍ରୀ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଦିଆଯିବା, ରାଜ୍ୟରେ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ ପ୍ରତିଷ୍ଠାରେ ଏବଂ ସବୁ ଉନ୍ନୟନ କାର୍ଯ୍ୟରେ ଠିକାଦାର ନିଯୁକ୍ତିରେ ଏହି ବର୍ଗର ଉଦ୍ୟୋଗୀମାନଙ୍କୁ ୨୦ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ବାଧ୍ୟତାମୂଳକ କରାଯିବା, ପ୍ରତ୍ୟେକ ଘରୋଇ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ଦିଆଯିବା ନେଇ ସେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶପଥ ନେବା କ୍ଷଣି ପଠାଯାଇଥିବା ଏହି ଚିଠିକୁ ନୂଆ ରାଜ୍ୟ ସରକାର କେତେ ଗୁରୁତ୍ୱ ଦେବେ ଓ ଏହା ଉପରେ ବିଚାର କରି ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା।

ଛାୟାଗୀତି

# ଗୀତି ସୁରେ ମନ ଝୁରେ
# ଶାସ୍ତ୍ରୀୟ ଆରୋପଣ



ସୂର୍ଯ୍ୟ ଦେଓ

ଓଡ଼ିଆ ସିନେଗୀତି ପ୍ରବାହରେ ଯେବେ ଯେବେ ଶାସ୍ତ୍ରୀୟ ସ୍ୱରର ସଂଯୋଗ ହୋଇଛି, ସେବେ ସେବେ ସେହି ସଂଯୋଗରେ ଆଳଙ୍କାରିକ ସ୍ପନ୍ଦନ ଶୁଭିଛି । ଶାସ୍ତ୍ରୀୟ ଅଳଙ୍କାରର ଛନ୍ଦ, ବନ୍ଧରେ ଓଡ଼ିଆ ସିନେଗୀତ ଆହୁରି ଚକ୍‌ଚକ୍, ଝଲ୍‌ମଲ୍ କରିଛି । ଶାସ୍ତ୍ରୀୟ ରାଗ କ'ଣ? ଏହାର ଉତ୍ତରରେ କୁହାଯାଇପାରେ 'ରାଗ' ହେଉଛି ଭାରତୀୟ ସଂଗୀତର ଲୟ, ଯାହା ଉପରେ ଆଧାରିତ ହୁଏ 'କୃତି' । 'ରାଗ' ହେଉଛି ସ୍ୱରର ଆରୋହଣ ଓ ଅବତରଣର ଅନୁଶାସନ, ଯାହାର ସଂପୃକ୍ତିରେ ସଂଗୀତ ରଚନା କରାଯାଏ । ପାଶ୍ଚାତ୍ୟ ସଙ୍ଗୀତରେ 'ଇମ୍ପ୍ରୋଭାଇଜେସନ୍' ମଧ୍ୟ ଏହି ପ୍ରକାର ପଦ୍ଧତି । ସର୍ବନିମ୍ନ ୫ ଏବଂ ସର୍ବାଧିକ ୭ ସ୍ୱର ମିଶି ହୁଏ 'ରାଗ' । ଏହାକୁ ଗାୟନ କରିହେବ, ବାଦନ ମଧ କରିହେବ । କୌଣସି ରାଗ ବିଶେଷକୁ ବିଭିନ୍ନ ପ୍ରକାରରେ ଗାୟନ/ ବାଦନ କରି ତାହାର ଲକ୍ଷଣକୁ ସୂଚାଇ ହେବ । କୌଣସି ଆଳାପ ବା ପ୍ରବନ୍ଧ ବା ଗୀତରେ ସେହି ରାଗ ବିଶେଷର ସ୍ୱରକୁ ଅନୁଶାସନରେ ଗାୟନ କରାଯାଏ । 'ସାମବେଦ'ରେ ରାଗର ପ୍ରାଚୀନତମ ଉଲ୍ଲେଖ ରହିଛି । ସୁଗମ ସଂଗୀତ ଓ ଅର୍ଦ୍ଧଶାସ୍ତ୍ରୀୟ ଗାୟନ ଶୈଳୀରେ ମଧ ରାଗର ଛାୟା ରହେ । ମୂଳ ରୂପରେ 'ମେଳ'ରୁ ରାଗର ବିଭାଜନ କରାଯାଏ । ଓଡ଼ିଶୀ ପଦ୍ଧତିରେ ୧୦ଟି ମେଳର ପ୍ରୟୋଗ ହେଉଛି, କର୍ଣ୍ଣାଟକୀ ପଦ୍ଧତିରେ ୩୧ । ହିନ୍ଦୁସ୍ତାନୀ ପଦ୍ଧତିରେ ମେଳକୁ କହାଯାଏ 'ଥାଟ୍', ଏହି ପଦ୍ଧତିରେ ମଧ ରହିଛି ୧୦ଟି 'ଥାଟ୍' । ଆହୁରି ସଂଯୋଗ ଦେଖନ୍ତୁ, ଏହି ପ୍ରବାହ ଆରମ୍ଭ ହୋଇଛି ଓଡ଼ିଆ ସିନେ ଗୀତର ଜନ୍ମଜାତକରୁ । ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ଗୀତ ରେକର୍ଡ ଚାରିଟି ଖଣ୍ଡରେ ୧୯୩୬ ମସିହାରେ ରିଲିଜ୍ ହୋଇଥିଲା । ରେକର୍ଡର ପ୍ରତି ପାର୍ଶ୍ୱର ଅବଧି ସାଢ଼େ ତିନି ମିନିଟ୍ । ସଙ୍ଗୀତକାର :ରାଧାରମଣ ରାୟ । ସମଗ୍ର ଗୀତ ସଂଖ୍ୟା ଚଉଦ । ଆଉ ଏହି ଗୀତସବୁରେ ଥିଲା ଓଡ଼ିଶୀ ରାଗ ସଙ୍ଗୀତ, ଓଡ଼ିଶୀ ରାଗ ସଙ୍ଗୀତର ଶୁଦ୍ଧ ଗାୟନ ଶୈଳୀ, ଛାନ୍ଦ, ଜଣାଣ, ନାଟକୀୟ କୀର୍ତ୍ତନ ସ୍ୱର ଏବଂ ଗୀତିନାଟ୍ୟ ଧାରା । ପାଲାର ସାଙ୍ଗୀତିକ ଆବୃତ୍ତି ମଧ ଏଥିରେ ରହିଛି । ପିଲୁ, ଶଙ୍କରାଭରଣ ଓ ଚୋଖି ଆଦି ରାଗର ବ୍ୟବହାର କରାଯାଇଛି । ହଁ, ସେତେବେଳେ ଅବଶ୍ୟ 'ଓଡ଼ିଶୀ'ର ନାମକରଣ ହୋଇ ନଥିଲା, କିନ୍ତୁ ତାହା ଶୁଦ୍ଧ ଶାସ୍ତ୍ରୀୟ ଛନ୍ଦରେ ଛନ୍ଦି ହୋଇଥିଲା । 'ସୀତା ବିବାହ'ର 'ଶୁଭେ ସୀମାଞ୍ଜନୀ ଧ୍ୱନି' ଗୀତ ଏହାର ସାକ୍ଷୀ । ଯେଉଁ ଶାସ୍ତ୍ରୀୟ ଧ୍ୱନି ଆସିଥିଲା ପ୍ରଥମ ସିନେ ଓଡ଼ିଆ ଗୀତରେ, ତାହା ଦୀର୍ଘବର୍ଷ ପର୍ଯ୍ୟନ୍ତ ଅନ୍ୟ ସିନେଗୀତରେ ମଧ ବିସ୍ତରି ଥିଲା । ଯେଉଁ ପର୍ଯ୍ୟନ୍ତ ବିସ୍ତିରି ଥିଲା ସେ ପର୍ଯ୍ୟନ୍ତ ସମୟଧାରାର ଗୀତକୁ ମନ ବେଶି ବେଶି ଝୁରେ, ସେହି ଝରାଗୀତି ବେଶି ବେଶି ମାଧୁର୍ଯ୍ୟ ଆଣେ ।

ବିଶେଷ କଥା ହେଉଛି, ଯେଉଁ ସିନେ ଗୀତିରେ ଶୁଦ୍ଧ ଓଡ଼ିଶୀ ଶାସ୍ତ୍ରୀୟ ପ୍ରୟୋଗ ରହିଛି, ସେହି ଗୀତସବୁ ଆହୁରି ବିଶୁଦ୍ଧ ହେବା ତ ସ୍ୱାଭାବିକ କଥା, କିନ୍ତୁ ଯେଉଁ ଗୀତରେ ନୂଆ ଜହ୍ନର କ୍ଷୀଣ ଛିଟା ଭଳି ଶାସ୍ତ୍ରୀୟ ସଂଗୀତ ଚହଟି ଯାଇଛି, ସେହି ଗୀତ ଆହୁରି ଐନ୍ଦ୍ରଜାଲିକ ହୋଇଛି । ବୋଧହୁଏ, ଏହା ଓଡ଼ିଶୀ ଶାସ୍ତ୍ରୀୟଠାରୁ ଆହୁରି ମିଠା, ଆହୁରି ମାଦକଭରା । ଏହା ଓଡ଼ିଆ ସିନେମା ଗୀତର ପରୀକ୍ଷା ନିରୀକ୍ଷାର ଇନ୍ଦ୍ରଜାଲ । ■


'ଅରୁନ୍ଧତୀ' ଚଳଚ୍ଚିତ୍ର ଗୀତ ଦୃଶ୍ୟରେ ମିନତି ଓ ବ୍ରଜ

## 'ରାହା' ନାଁରେ ରଣବୀରଙ୍କ ଟାଟୁ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର କିଛି ନା କିଛି ଖବର ପାଇଁ ଚର୍ଚ୍ଚାରେ ରହିଥାନ୍ତି । ଏହି କ୍ରମରେ ଏବେ ସେ ତାଙ୍କ ଟାଟୁ ପାଇଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ରଣବୀର ନିଜ କାମରେ ବ୍ୟସ୍ତ ରହୁଥିଲେ ବି ପରିବାରକୁ ସମୟ ଦେଇଥାନ୍ତି । ସେହିପରି ସେ ତାଙ୍କ ଝିଅ ରାହାକୁ ଖୁବ୍ ଭଲପାଆନ୍ତି । ଏବେ ରଣବୀରଙ୍କ ଏକ ନୂଆ ଫଟୋ ଭାଇରାଲ ହୋଇଛି । ଯେଉଁଥିରେ ସେ ରାହାକୁ କେତେ ଭଲପାଆନ୍ତି, ସେକଥା ସ୍ପଷ୍ଟ ହୋଇଛି । ସେ ତାଙ୍କ ବେକରେ ରାହା ନାଁରେ ଯେଉଁ ଟାଟୁ କରିଛନ୍ତି, ତାହା ଦେଖିବାକୁ ଖୁବ୍ ଷ୍ଟାଇଲିସ୍ ଲାଗୁଛି । ସେହିପରି ତାଙ୍କର ଏହି ନୂଆ ଫଟୋକୁ ତାଙ୍କ ହେୟାର୍ ଷ୍ଟାଇଲିଷ୍ଟ ଆଲିମ୍ ହକିମ୍ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି । ଏଥିରେ ରଣବୀର ବ୍ଲାକ୍ ବାଥ୍‌ରୋବ୍‌ରେ ନଜର ଆସିଛନ୍ତି । ତା'ସହ ତାଙ୍କ ନୂଆ ହେୟାର୍ ଷ୍ଟାଇଲ୍ ଦେଖିବାକୁ ମିଳିଛି । ସେ ସନ୍‌ଗ୍ଲାସ୍‌ରେ ଖୁବ୍ ସୁନ୍ଦର ମଧ ଲାଗୁଛନ୍ତି । କେବଳ ସେତିକ ନୁହେଁ, ବେକରେ ରାହା ନାଁରେ କରିଥିବା ଟାଟୁ ମଧ ସ୍ପଷ୍ଟ ଭାବେ ନଜର ଆସିଛି । ଅବଶ୍ୟ ଏହି ଟାଟୁ ସେ ଗତବର୍ଷ କରିଥିଲେ । ଏହାର ଫଟୋ ସାମାଜିକ ଗଣମାଧମରେ ଖୁବ୍ ଭାଇରାଲ ହେଉଛି । ■

ଟେଲିଭିଜନ୍ ପ୍ରିମିୟର୍

## 'ରାଉଡ଼ି ରାଜା' ଏବଂ 'ବୋହୂ ଆମର ମେଟ୍ରିକ୍ ଫେଲ୍'

ରଜ ସଂକ୍ରାନ୍ତିରେ ସିଦ୍ଧାର୍ଥ ଟିଭିରେ ଦିନ ୨ଟାରେ ଟେଲିଭିଜନ ପ୍ରିମିୟର୍ ହେବ 'ରାଉଡ଼ି ରାଜା' । ରମେଶ ରାଉତଙ୍କ ନିର୍ଦ୍ଦେଶିତ ଏବଂ କଳ୍ପନା ସିଂହଙ୍କ ପ୍ରଯୋଜିତ ଏହି ସିନେମା ପୂର୍ବରୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିସାରିଛି । ଯେଉଁମାନେ ସିନେମାଟିକୁ ହଲ୍‌ରେ ଦେଖି ପାରି ନାହାନ୍ତି, ସେମାନେ ଏହାକୁ ଟେଲିଭିଜନରେ ଦେଖିପାରିବେ । ସିନେମାର ନାୟକ ଭୂମିକାରେ ସୋହମ୍ ସିଂହ ଏବଂ ନାୟିକା ଭୂମିକାରେ ଅଛନ୍ତି ଶ୍ରଦ୍ଧା ପାଣିଗ୍ରାହୀ । ସିନେମାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ରଜନୀ ରଞ୍ଜନ । ସିନେମାର ବିଭିନ୍ନ ଚରିତ୍ରରେ ବବି ମିଶ୍ର, ପପି ସନ୍ଧୁକା, ଅକ୍ଷୟ ବସ୍ତିଆ, ଚୌଧୁରୀ ବିକାଶ ଦାସ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ଶେଷ ରଜ ଅର୍ଥାତ୍ ଜୁନ୍ ୧୬ରେ ଜି-ସାର୍ଥକରେ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର୍ ହେବ 'ବୋହୂ ଆମର ମେଟ୍ରିକ୍ ଫେଲ୍' । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିନେତ୍ରୀ ନିକିତା ଓ ଅଭିନେତା ରାକେଶ । ଏଥିରେ ନିକିତା ଗୌରୀ ଚରିତ୍ରରେ ଅଭିନୟ କରିଛନ୍ତି ଏବଂ ରାକେଶ ବିବେକ ଚରିତ୍ରରେ ଅଛନ୍ତି । ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ପ୍ରଯୋଜନାରେ ଅଛନ୍ତି ସୁନୀଲ ପଟ୍ଟନାୟକ । ସେହିପରି ସିନେମାର ବିଭିନ୍ନ ଚରିତ୍ରରେ ଜୟ ପ୍ରକାଶ ପୁଷ୍ପାଞ୍ଜଳି, ଅନନ୍ତ ମିଶ୍ର, ଚୌଧୁରୀ ଦାସଙ୍କୁ ଦେଖିବାକୁ ମିଳିବ । ■



## 'ବିଗ୍‌ବସ୍ ଓଟିଟି-୩'ରେ ଅନିଲ୍




ରିଆଲିଟି ଶୋ' ବିଗ୍‌ବସ୍ ଓଟିଟିର ତୃତୀୟ ସିଜନ୍‌କୁ ଦର୍ଶକେ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି । ଏଥର ଏହି ଶୋ'କୁ ପରିଚାଳନା ଅଭିନେତା ସଲମାନ ଖାନ୍ କରିବେ ନାହିଁ । ଏବେ ସଲମାନଙ୍କ ସ୍ଥାନ ନେଇଛନ୍ତି ଅଭିନେତା ଅନିଲ କପୁର । ଅବଶ୍ୟ ଏହାର ପୂର୍ବ ଦୁଇଟି ସିଜନ୍‌କୁ ସଂଚାଳନ କରିଥିଲେ ସଲମାନ । ସେହିପରି ତୃତୀୟ ସିଜନ୍‌ର ଟିଜର୍‌କୁ ଜାରି କରାଯାଇଛି । ଯେଉଁଥିରେ ଅନିଲଙ୍କ ଝଲକ୍ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । କେବଳ ସେତିକି ନୁହେଁ, ତାଙ୍କର ଦମ୍‌ଦାର୍ ସ୍ୱର ମଧ ଶୁଣିବାକୁ ମିଳିଛି । ଏହାର ଟିଜର୍‌ରେ ଲେଖାଯାଇଛି, 'ପାଣିପାଗ ବଦଳିବ, ତାପମାତ୍ରା ବଦଳିବ, ଅନିଲ କପୁରଙ୍କ ଆଗମନରେ ଏବେ ସବୁ ବଦଳିବ । ଆମ ହୋଷ୍ଟ ଅନିଲ କପୁରଙ୍କ ସହିତ ବିଗବସ୍ ଓଟିଟି-୩ର ଏହି ସ୍ୱତନ୍ତ୍ର ସିଜନ୍ ପାଇଁ ପ୍ରସ୍ତୁତ ରୁହନ୍ତୁ ।' ଜୁନ୍ ୨୧ରୁ ଜିଓ ସିନେମାରେ ରାତି ୯ଟାରେ ଏହାର ପ୍ରିମିୟର୍ ହେବ । ତେବେ ଅନିଲ ଶୋ' ସଞ୍ଚାଳନ କିଭଳି ଭାବେ କରୁଛନ୍ତି, ତାହା ଆଗାମୀ ଦିନରେ ଜଣାପଡ଼ିବ । ■

## ପୁଣି ଆସୁଛି 'ଦିଦି ନମ୍ବର ୧'

'ଜି-ସାର୍ଥକ'ରେ ପ୍ରସାରିତ ଦିଦି ନମ୍ବର ୧ କୁ ଦର୍ଶକଙ୍କର ଖୁବ୍ ଭଲପାଇବା ମିଳିଛି । ଏହାର ବହୁଳ ଆଦୃତକୁ ଦେଖି ଜୁନ୍ ୧୭ରେ ପୁଣି ଥରେ ନୂଆ ରୂପରେ ପ୍ରସାରିତ ହେବ 'ଦିଦି ନମ୍ବର ୧' । ଅବଶ୍ୟ ପୂର୍ବ ସିଜିନ୍ ତୁଳନାରେ ଏଥର ସବୁ କିଛି ନୂଆ ଓ ନିଆରା ହେବ ବୋଲି ଏହାର ପ୍ରମୋ ଭିଡିଓରୁ ଏକପ୍ରକାର ସ୍ପଷ୍ଟ ହୋଇଛି । ସେହିପରି ଏଥର ଦିଦି ନମ୍ବରର ପ୍ରତିଭା ଏବଂ ଦକ୍ଷତାର ମଞ୍ଚ ପାଲଟିବ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀଙ୍କୁ ଏଥିରେ ଦେଖିବାକୁ ମିଳିବ । ସୋମବାରରୁ ଶନିବାର ଏହା ସନ୍ଧ୍ୟା ୫ଟାରେ ପ୍ରସାରିତ ହେବ । ■



## ସୋନାକ୍ଷୀଙ୍କ ବାହାଘର



ବାହା ହେବେ ବଲିଉଡ୍‌ର ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା । ଫିଲ୍ମ 'ହୀରାମଣ୍ଡି'ର ସଫଳତାରେ ଖୁସି ଥିବା ସୋନାକ୍ଷୀ ବିବାହ ପାଇଁ ଚର୍ଚ୍ଚାରେ ଅଛନ୍ତି । ସେ ଦୀର୍ଘଦିନ ହେବ ଅଭିନେତା ଜହିର୍ ଇକବଲ୍‌ଙ୍କୁ ଡେଟ୍ କରି ଆସୁଥିଲେ । ଏପରିକି ଦୁହିଁଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳୁଥିଲା । ତେବେ ଏବେ ସୋନାକ୍ଷୀ ତାଙ୍କୁ ହିଁ ବିବାହ କରିବା ନିଷ୍ପତ୍ତି ନେଇଛନ୍ତି । ଜୁନ୍ ୨୩ରେ ସେ ଜହିର୍‌ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ । ମୁମ୍ବାଇରେ ଉଭୟଙ୍କ ପରିବାର ସଦସ୍ୟ ଓ ଅନ୍ତରଙ୍ଗ ବନ୍ଧୁଙ୍କ ଉପସ୍ଥିତିରେ ହିଁ ସେମାନଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ଅବଶ୍ୟ ପ୍ରଥମଥର ପାଇଁ ସୋନାକ୍ଷୀ ତାଙ୍କ ବିବାହ ତାରିଖକୁ ନେଇ ଚର୍ଚ୍ଚାରେ ଅଛନ୍ତି ତାହା ନୁହେଁ, ଗତବର୍ଷ ମଧ ଏଭଳି ଖବରକୁ ନେଇ ଚର୍ଚ୍ଚାରେ ରହିଥିଲେ । ଏବେ ଦେଖିବାକୁ ବାକି ରହିଲା, ସୋନାକ୍ଷୀ ସତରେ ଜୁନ୍ ୨୩ରେ ବାହା ହେଉଛନ୍ତି ନା ଏହି ତାରିଖ ପୁଣି ଥରେ ଘୁଞ୍ଚୁଛି । ■

ପରଦା ପଛର କାହାଣୀ

## ଫୋଲେ କଳାକାରଙ୍କ ଚମତ୍କାରିତା

ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ ଏଡିଟିଂ

ଫିଲ୍ମ ଦୁନିଆରେ ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦାୟିତ୍ୱକୁ ନିର୍ବାହ କରିଥାନ୍ତି, ଜଣେ ଜଣେ ଫୋଲେ କଳାକାର । ଯେଉଁମାନେ ସର୍ବଦା କ୍ୟାମେରା ଅନ୍ତୁଆଳରେ ରହି ନିଜର ଶବ୍ଦ ଦ୍ୱାରା ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି । ଏଭଳି କଳାକାରଙ୍କ ଯୋଗୁଁ ହିଁ ଆମେ ଦେଖୁଥିବା ଫିଲ୍ମରେ ଅଭିନେତା ଅଭିନେତ୍ରୀଙ୍କ ଅଭିନୟ ଅଧିକ ଜୀବନ୍ତ ତଥା ଆକର୍ଷଣୀୟ ଲାଗିଥାଏ । ସେ ଡାଇଲଗ୍ ହେଉ ଅବା ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ, ସବୁଠି ରହିଥାଏ ସେମାନଙ୍କର ସ୍ୱତନ୍ତ୍ର ଛାପ । ତେବେ ଗୋଟିଏ ଚଳଚ୍ଚିତ୍ର ନିର୍ମାଣ ପାଇଁ କାହାଣୀଠୁ ନେଇ ଅଭିନେତା, ଅଭିନେତ୍ରୀ ଅଭିନୟ ସମେତ ଗୀତର ଯେତିକି ଭୂମିକା ରହିଛି, ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡର ମଧ ସେତିକି ଗୁରୁତ୍ୱ ରହିଛି । ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ ବିନା ଚଳଚ୍ଚିତ୍ର ଅଧୁରା । ବର୍ଷା ହେଉ ଅବା ଘୋଡ଼ାର ଟାପୁ ଶବ୍ଦ, କବାଟ ଖୋଲିବା ଅବା କୌଣସି ବିସ୍ଫୋରଣ ଶବ୍ଦ ଇଫେକ୍ଟ ଆଦି ଫୋଲେ କଳାକାରମାନେ ଫିଲ୍ମ ସୁଟିଂ ହେବା ପରେ ପୋଷ୍ଟ ପ୍ରଡକ୍ସନ୍ ସମୟରେ କରିଥାନ୍ତି । ଅଭିନେତାଙ୍କ ଭଳି ଫୋଲୋ କଳାକାରମାନେ ମଧ କଠିନ ପରିଶ୍ରମ କରିଥାନ୍ତି । ଫୋଲେ କଳାକାରମାନେ ଫିଲ୍ମ ସୁଟିଂ ଶେଷ ହେବା ପରେ, ପୋଷ୍ଟ ପ୍ରଡକ୍ସନ୍ ସମୟରେ ଯେଉଁ ସାଉଣ୍ଡ ଭଲରେ ରେକର୍ଡ ହୋଇନଥାଏ, ତାହାକୁ ପୁନର୍ବାର ରେକର୍ଡ କରି ପ୍ରାକୃତିକ ଇଫେକ୍ଟ ଦେଇଥାନ୍ତି । ଯେମିତି କବାଟ ଖୋଲିବା, ଚପଲ ଶବ୍ଦ, ଶିଡ଼ିରୁ ଓହ୍ଲାଇବା ସମେତ ଘୋଡ଼ା ଦୌଡ଼ିବାର ଶବ୍ଦ ପ୍ରାକୃତିକ ଉପାୟରେ ସୃଷ୍ଟି କରିଥାନ୍ତି । ତେବେ ଏହି ସାଉଣ୍ଡ ସୃଷ୍ଟି କରିବା ପାଇଁ କୌଣସି ବାଦ୍ୟ ଯନ୍ତ୍ର କିମ୍ବା ଅନ୍‌ଲାଇନ୍ ଉପକରଣ ତଥା ଧ୍ୱନିର ବ୍ୟବହାର କରାଯାଏ ନାହିଁ । ବରଂ ଫୋଲେ କଳାକାରମାନେ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଜିନିଷକୁ ଉପଯୋଗ କରି ଏପରି ଶବ୍ଦ ସୃଷ୍ଟି କରିଥାନ୍ତି । ଏଥିପାଇଁ ସେମାନେ ଭିନ୍ନ ଭିନ୍ନ ପ୍ରକାର ଜିନିଷ ବ୍ୟବହାର କରିଥାନ୍ତି । ଯେପରି ଚାଲିବା ଶବ୍ଦ ପାଇଁ ଜୋତା ବ୍ୟବହାର କରିବା,ରୋଷେଇ ଘରେ କୌଣସି ଜିନିଷ ପଡ଼ିବାର ଶବ୍ଦ ସୃଷ୍ଟି ପାଇଁ ପରଦା ପଛରେ ଡବାଗୁଡ଼ିକୁ ତଳକୁ ପକାଇଥାନ୍ତି । ସେହିପରି ବର୍ଷାର ଶବ୍ଦ ପାଇଁ ବାଲ୍‌ଟିରୁ ପାଣି ତଳକୁ ଫୋପଡ଼ା ଯାଏ । ଏହିପରି ଜିନିଷର ବ୍ୟବହାର କରି ପ୍ରାକୃତିକ ଶବ୍ଦ ସୃଷ୍ଟି କରିଥାନ୍ତି । ତେବେ ଏକ ରିପୋର୍ଟ ଅନୁସାରେ କରଣ ଅର୍ଜୁନ ସିଂ ଜଣେ ପ୍ରସିଦ୍ଧ ଫୋଲେ କଳାକାର ଭାବେ ଜଣାଶୁଣା । 'ଜବ୍ ଉଇ ମେଟ୍', 'ସୁଲତାନ୍', 'ଟାଇଗର୍ ଜିନ୍ଦା ହେ', 'ନିର୍ଯା' ଓ 'ବାହୁବଳୀ' ସମେତ ବିଭିନ୍ନ ଚଳଚ୍ଚିତ୍ରରେ ବ୍ୟାକ୍‌ଗ୍ରାଉଣ୍ଡ ସାଉଣ୍ଡ ଦେଇ ସେ ବେଶ୍ ଲୋକପ୍ରିୟତା ସାଉଁଟିଛନ୍ତି । ■



## ଫ୍ରାଇଡେ ରିଲିଜ୍

୧୪ ଜୁନ୍, ଶୁକ୍ରବାର (ହିନ୍ଦୀ)




### ଚନ୍ଦୁ ଚାମ୍ପିଅନ୍

**ନିର୍ଦ୍ଦେଶକ:** କବୀର ଖାନ୍
**ପ୍ରଯୋଜକ:** ସାଜିଦ୍ ନାଦିଆଡୱାଲା
**କଳାକାର:** କାର୍ତ୍ତିକ ଆର୍ଯ୍ୟନ, ଶ୍ରଦ୍ଧା କପୁର, କ୍ୟାଟ୍ରିନା କୈଫ୍

## ଦିଲ୍ଲୀରେ ଭୟଙ୍କର ଜଳ ସଙ୍କଟ

# ଆପ୍ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି)



ଦିଲ୍ଲୀରେ ଭୟଙ୍କର ଜଳ ସଙ୍କଟ ସୃଷ୍ଟି ହୋଇଛି। ଏ ବାବଦରେ ଆଗତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ପାଣି ବର୍‌ବାଦ ଏବଂ ଟ୍ୟାଙ୍କର ମାଫିଆଙ୍କ ଉପରେ ଲଗାମ ନ ଲଗାଇବାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଜଳ ସଙ୍କଟ ଗୁରୁତର ହେବାରେ ଲାଗିଛି। ଏ ପର୍ଯ୍ୟନ୍ତ ସରକାର ଟ୍ୟାଙ୍କର ମାଫିଆଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଯଦି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହଁ ତେବେ କୋର୍ଟ ସେଥିପାଇଁ ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦେବେ। ଜଳ ନଷ୍ଟ ବା ଜଳର ଅନୁଚିତ ଉପଯୋଗ ବନ୍ଦ କରିବାକୁ ଦିଲ୍ଲୀ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଦିନକ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଷ୍ଟିସ ପିକେ ମିଶ୍ରା ଏବଂ ପି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି। ସେହିପରି ସର୍ବୋଚ୍ଚ ନ୍ୟାୟାଳୟ ହିମାଚଳ ପ୍ରଦେଶ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଅଧିକ ପାଣି ଛାଡ଼ିବା ପାଇଁ ହିମାଚଳ ସରକାରଙ୍କୁ କୁହାଯାଇଥିଲା। ସରକାର ମଧ୍ୟ ଲିଖିତ ଜବାବ ଦେଇ ପାଣି ଛାଡ଼ି ଦିଆଯାଇଥିବା କହିଥିଲେ। ମାତ୍ର ଏଠାରେ ଥିବା ସରକାରୀ ଓକିଲ ପାଣି ଛାଡ଼ିବାକୁ ପ୍ରସ୍ତୁତ ଥିବା କହୁଛନ୍ତି। ଅର୍ଥାତ୍ ଏ ପର୍ଯ୍ୟନ୍ତ ପାଣି ଛଡ଼ା ଯାଇନାହିଁ। ଏହା ଅଦାଲତ ଅବମାନନା ମାମଲା। ଏହି ମାମଲାରେ ହିମାଚଳ ଅଧିକାରୀଙ୍କୁ ଗୁରୁବାର ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଦିଲ୍ଲୀ ଉପରାଜ୍ୟପାଳ ଭିକେ ସକ୍ସେନା ଇତିମଧ୍ୟରେ ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନିଙ୍କୁ ଭେଟି ଦିଲ୍ଲୀକୁ ତା' ଭାଗ ଜଳ ଛଡ଼ାଯିବା ନେଇ ଆଲୋଚନା କରିଛନ୍ତି। ଗତ ଦୁଇ ସପ୍ତାହ ଧରି ଆପ୍ ସରକାର ଅଭିଯୋଗ କରୁଛନ୍ତି ଯେ ହରିୟାଣାରୁ ଦିଲ୍ଲୀକୁ ଯେତେ ପରିମାଣର ଜଳ ମିଳିବା କଥା ତାହା ହରିୟାଣାର ବିଜେପି ସରକାର ଦେଉନାହାନ୍ତି। ଦିଲ୍ଲୀର ଜଳ ସଙ୍କଟ ଦୂର କରିବା ସମ୍ପର୍କରେ ଉପରାଜ୍ୟପାଳ ସକ୍ସେନା ଗତ ସୋମବାର ଦିନ ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲୋନ ଓ ସୌରଭ ଭରଦ୍ୱାଜଙ୍କ ସହ ଆଲୋଚନା କରିଛନ୍ତି। ଦିଲ୍ଲୀ ମନ୍ତ୍ରୀ ଦ୍ୱୟଙ୍କୁ ଉପରାଜ୍ୟପାଳ ପରାମର୍ଶ ଦେଇଛନ୍ତି ଯେ ହରିୟାଣା ସରକାରଙ୍କୁ ଦୋଷ ନଦେଇ ଆପୋସ ବୁଝାମଣା ମାର୍ଗରେ ଜଳ ସଙ୍କଟ ସମାଧାନ ବାହାର କର।

## ପାଣି, ବିଜୁଳି ବିନା ଦିଲ୍ଲୀବାସୀ ହନ୍ତସନ୍ତ



ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ପାଣି ଏବଂ ବିଜୁଳି ବିନା ଦିଲ୍ଲୀବାସୀଙ୍କ ଜୀବନ ନିର୍ବାହ ଏବେ ଦୁର୍ବିସହ ହୋଇପଡ଼ିଛି। ବିଗତ କିଛି ଦିନ ହେଲା ସହରର ବିଭିନ୍ନ ଅଞ୍ଚଳରେ ପାଣିର ଘୋର ଅଭାବକୁ ନେଇ ଲୋକମାନେ ଛଟପଟ ହେଉଥିଲା ବେଳେ ସେମାନଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି। କିନ୍ତୁ ଏହା ଲୋକଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ଭଳି। ପାଣି ସମସ୍ୟାକୁ ନେଇ ଦିଲ୍ଲୀ ସରକାର ହରିୟାଣା ସରକାରଙ୍କ ଉପରେ ଦୋଷ ଲଦି ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣ ସମାଧାନ ହୋଇପାରି ନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗତକାଲିର ବିଦ୍ୟୁତ ସଙ୍କଟ ଦିଲ୍ଲୀ ବାସିନ୍ଦାଙ୍କ ପାଇଁ ଆହୁରି କଷ୍ଟଦାୟକ ହୋଇଛି। ବର୍ତ୍ତମାନ ଦିଲ୍ଲୀରେ ପ୍ରବଳ ଗରମ ଜାରି ରହିଥିଲେ ହେଁ ଦିନ ତମାମ ଅଧିକାଂଶ ସ୍ଥାନରେ ବିଦ୍ୟୁତ ସେବା ବନ୍ଦ ରହିଥିଲା। ଉତ୍ତର ପ୍ରଦେଶର ମାଣ୍ଡୋଲା ସ୍ଥିତ ଏକ ସବ୍-ଷ୍ଟେସନରେ ନିଆଁ ଲାଗି ଯାଇଥିବାରୁ ସହରର ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇଥିଲା। ଏହାଯୋଗୁ ମଙ୍ଗଳବାର ଦିଲ୍ଲୀର ଅନେକ ସ୍ଥାନରେ ଦିନ ୨ଟାରୁ ବିଦ୍ୟୁତ ସେବା ଠପ୍ ହୋଇଯାଇଥିଲା। ବୁଧବାର ସୁଦ୍ଧା ବିଦ୍ୟୁତ୍ ପୁନଃସଂଯୋଗ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଅଧିକାଂଶ ଅଞ୍ଚଳରେ ଲୋକମାନେ ବିନା ବିଜୁଳିରେ ରହିଥିବା କୁହାଯାଉଛି।

## ଉଦ୍‌ଘାଟନ ପୂର୍ବରୁ ଗାନ୍ଧୀ ପ୍ରତିମା ଭାଙ୍ଗିଲେ ଖଲିସ୍ତାନୀ

ରୋମ, ୧୨।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇଟାଲୀ ଗସ୍ତ ପୂର୍ବରୁ ଖଲିସ୍ତାନୀ ସମର୍ଥକମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମା ଭାଙ୍ଗି ଦେଇଛନ୍ତି। ସେମାନେ ମୂର୍ତ୍ତିର ତଳେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାର ନାମ ଲେଖି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିବାର ଥିଲା। ଏଭଳି ସ୍ଥିତିରେ ମୂର୍ତ୍ତି ଭଙ୍ଗା ଘଟଣାକୁ ସୁରକ୍ଷାରେ ବଡ଼ ତ୍ରୁଟି ଭାବେ ଦେଖାଯାଉଛି।ଭାରତ ବୈଦେଶିକ ମନ୍ତ୍ରାଳୟର ସଚିବ ବିନୟ କ୍ୱାତ୍ରା କହିଛନ୍ତି ଯେ ଇଟାଲୀ ଅଧିକାରୀଙ୍କ ନିକଟରେ ଏହି ପ୍ରସଙ୍ଗ ଉତ୍ଥାପନ କରାଯାଇଛି। ମାମଲାରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଦୋଷୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଇଟାଲୀର ଭାରତୀୟ ରାଷ୍ଟ୍ରଦୂତ ବାଣୀ ରାଓ କହିଛନ୍ତି ଯେ ଇଟାଲୀ ଦକ୍ଷିଣାଞ୍ଚଳର ବ୍ରିନଦିସିରେ ଏହି ଘଟଣା ଘଟିଛି। ଏହି ପ୍ରସଙ୍ଗକୁ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ଉଠା ଯାଇଛି। ସୂଚନାଯୋଗ୍ୟ ଯେ ଇଟାଲୀରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଜି୭ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ମୋଦୀ ଏଥିରେ ସାମିଲ ହେବା ପାଇଁ ଗୁରୁବାର ଇଟାଲୀ ଗସ୍ତ କରିବେ।

## କୁଡ଼ିଆ ଘର ଉପରେ ଓଲଟି ପଡ଼ିଲା ଟ୍ରକ୍; ୮ ମୃତ

ଲକ୍ଷ୍ନୌ,୧୨।୬(ଏଜେନ୍ସି): ଏକ କୁଡ଼ିଆ ଘରେ ରାତିରେ ଶୋଇଥିବା କିଛି ଲୋକ ସବୁ ଦିନ ପାଇଁ ଶୋଇଯାଇଛନ୍ତି। ଉତ୍ତରପ୍ରଦେଶରେ ରାସ୍ତା କଡ଼ରେ ଥିବା ଏକ କୁଡ଼ିଆ ଘର ଉପରେ ଏକ ବାଲି ବୋଝେଇ ଟ୍ରକ୍ ଓଲଟିପଡ଼ିବାରୁ ଗୋଟିଏ ପରିବାରର ୮ ଜଣଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ମର୍ମନ୍ତୁଦ ଘଟଣା ଉତ୍ତରପ୍ରଦେଶର ହରଦୋଇ ଅଞ୍ଚଳରେ ଘଟିଛି । ମିଳିଥିବା ଖବର ଅନୁସାରେ ହରଦୋଇ ମଲ୍ଲାମ୍ବା ଥାନା ଅଞ୍ଚଳରେ ରାସ୍ତା କଡ଼ରେ ଏକ କୁଡ଼ିଆ ଘରେ କିଛି ଲୋକ ଶୋଇଥିଲା ବେଳେ ବୁଦବାର ଭୋର ସମୟରେ ଏହି ଘର ଉପରେ ଏକ ବାଲି ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। କେହି କିଛି ବୁଝିବା ପୂର୍ବରୁ ଗୋଟିଏ ପରିବାରର ୮ ଜଣ ଲୋକଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତକଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ, ଦୁଇ ମହିଳା ଏବଂ ଚାରି ଜଣ ଶିଶୁ ଅଛନ୍ତି। ଦୁର୍ଘଟଣା ପରେ ଚିତ୍କାର ଓ କାନ୍ଦ ବୋବାଳିରେ ପୂରା ଅଞ୍ଚଳ ଫାଟି ପଡିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଜେସିବି ଦ୍ୱାରା ଟ୍ରକ୍ ତଳେ ଏବଂ ବାଲି ଭିତରେ ଦବି ରହିଥିବା ମୃତଦେହ ଗୁଡ଼ିକୁ ଉଦ୍ଧାର କରିଥିଲା।

## ନିଟ୍ ମାମଲାର ନ୍ୟାୟିକ ତଦନ୍ତ ଦାବି

ନୂଆଦିଲ୍ଲୀ, ୧୨।୬ (ଏଜେନ୍ସି): ନିଟ୍ ପରୀକ୍ଷା ବିବାଦକୁ ନେଇ ସୁପ୍ରିମକୋର୍ଟରେ ନୂଆ ଆବେଦନ ଦାଏର କରାଯାଇଛି। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ନିଟ୍ ଫଳାଫଳରେ ହୋଇଥିବା ତ୍ରୁଟିର ତଦନ୍ତ କରିବାକୁ ଏଥିରେ ଦାବି କରାଯାଇଛି। ଏବେ ଏନ୍‌ଟିଏ ୪ ସଦସ୍ୟ ବିଶିଷ୍ଟ କମିଟି ମାମଲାର ଯାଞ୍ଚ କରୁଛନ୍ତି। ଗତ ୪ ତାରିଖରେ ବାହାରିଥିବା ନିଟ୍ ୟୁଜି ପରୀକ୍ଷା ଫଳାଫଳରେ ୧୫୬୩ ଛାତ୍ରଛାତ୍ରୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି। ଏହା ବିରୋଧରେ ଗତ ୧୦ ତାରିଖରେ ଏକ ଆବେଦନ ଦାଏର କରାଯାଇଥିଲା। ଏହା ପୂର୍ବରୁ ୮ ତାରିଖରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଡିଜି ମାମଲାର ଯାଞ୍ଚ ପାଇଁ କମିଟି ଗଠନ କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ ହାଇକୋର୍ଟ ଏ ସମ୍ବନ୍ଧିତ ୪ଟି ଆବେଦନର ଶୁଣାଣି କରି ଏନ୍‌ଟିଏକୁ ନୋଟିସ୍ ଜାରି କରିଛନ୍ତି। ଜୁଲାଇ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଅଯୋଧ୍ୟାରେ ହେବ ଏନ୍‌ଏସ୍‌ଜି କେନ୍ଦ୍ର

ଅଯୋଧ୍ୟା, ୧୨।୬ (ଏଜେନ୍ସି): ଅଯୋଧ୍ୟାରେ ନ୍ୟାସନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି)ର ନୂଆ କେନ୍ଦ୍ର ଖୋଲିବ। ଏହା ଦେଶର ଷଷ୍ଠ କେନ୍ଦ୍ର ପାଲଟିବ। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଏବେ ଚେନ୍ନାଇ, ହାଇଦରାବାଦ, କୋଲକାତା, ମୁମ୍ବାଇ ଏବଂ ଅହମଦାବାଦରେ ଏନ୍‌ଏସ୍‌ଜିର ଆଞ୍ଚଳିକ ଶାଖା ରହିଛି। ଅଧିକାରୀ କହିଛନ୍ତି ଯେ ଅଯୋଧ୍ୟା ବ୍ୟତୀତ ପଠାନକୋଟ ଏବଂ କେରଳରେ ମଧ୍ୟ ଏନ୍‌ଏସ୍‌ଜି ଶାଖା ଖୋଲିବ। ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପରେ ଅଯୋଧ୍ୟା ଆତଙ୍କବାଦୀ ସଂଗଠନଙ୍କ ରାଡାରରେ ରହିଛି। ତେଣୁ ଏଠାରେ ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ର ଏବଂ ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ଲଗାଯିବ। କିଛି ମାସ ମଧ୍ୟରେ ଅଯୋଧ୍ୟା ଏବଂ ବର୍ଷ ଶେଷ ସୁଦ୍ଧା ପଠାନକୋଟ ଓ କେରଳ ଶାଖା କାର୍ଯ୍ୟାରମ୍ଭ କରିବ। ଏହା ଆରମ୍ଭ ହେଲେ ସ୍ଥାନୀୟ ପୁଲିସ ଏବଂ ସିଏପିଏଫ୍ ୟୁନିଟକୁ ସହାୟତା ମିଳିବ। କୌଣସି ଆକ୍ରମଣ ସ୍ଥିତିରେ ଏନ୍‌ଏସ୍‌ଜି ତୁରନ୍ତ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଅନେକ ପର୍ଯ୍ୟାୟ ବୈଠକ ପରେ ଅଯୋଧ୍ୟାରେ ଏନ୍‌ଏସ୍‌ଜି ୟୁନିଟ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ ଦେଇଛନ୍ତି ମସ୍କ

ୱାଶିଂଟନ, ୧୨।୬ (ଏଜେନ୍ସି): ଶିଳ୍ପପତି ଏଲନ ମସ୍କଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ସେ ସ୍ପେସ୍-ଏକ୍ସରେ କାମ କରୁଥିବା ଜଣେ ମହିଳା କର୍ମଚାରୀଙ୍କ ସହ ଶାରୀରିକ ସମ୍ବନ୍ଧ ରଖିଥିବା ଅଭିଯୋଗ ହୋଇଛି। ଆମେରିକା ଗଣମାଧ୍ୟମ 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପକ୍ଷରୁ ଏହି ଦାବି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ନିଜ ସନ୍ତାନ ଜନ୍ମ କରିବା ପାଇଁ ମସ୍କ ମହିଳା କର୍ମଚାରୀଙ୍କ ଉପରେ ଚାପ ପକାଇ ଥିଲେ। ଏହି ମାମଲାରେ ତିନି ମହିଳା ସାମ୍ନାକୁ ଆସିଛନ୍ତି। ମସ୍କଙ୍କ ସହ ତାଙ୍କର ଯୌନ ସମ୍ବନ୍ଧ ଥିବା ବୋଲି ୨ ମହିଳା ଦାବି କରିଛନ୍ତି। ଜଣେ ମହିଳା କହିଛନ୍ତି ଯେ ମସ୍କ ଅନେକ ସମୟରେ ନିଜ ସନ୍ତାନ ଜନ୍ମ କରିବା ପାଇଁ ଚାପ ପକାଉ ଥିଲେ। ଏହି ମହିଳା ସ୍ପେସ୍-ଏକ୍ସରେ ପ୍ରଶିକ୍ଷଣ ନେଉଥିଲେ। ସନ୍ତାନ ଜନ୍ମ କରିବା ପାଇଁ ମନା କରିବାରୁ ମସ୍କ ତାଙ୍କ ଦରମା ବନ୍ଦ କରି ଦେଇଥିଲେ। ଜାଣିଶୁଣି କାମ କରିପାରୁ ନାହାନ୍ତି ବୋଲି ଅଭିଯୋଗ ଲଗାଇ ଥିଲେ। ଅନ୍ୟପକ୍ଷରେ ମସ୍କଙ୍କ ଓକିଲ ଏହି ରିପୋର୍ଟକୁ ଖାରଜ କରିଦେଇଛନ୍ତି। ବ୍ୟବସାୟୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଲଗାଯାଇଥିବା କୁହାଯାଇଛି।

## ବିଧାୟକ ପଦରୁ ଅଖିଳେଶଙ୍କ ଇସ୍ତଫା

ଲକ୍ଷ୍ନୌ, ୧୨।୬ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଉତ୍ତର ପ୍ରଦେଶ କରହଲ ବିଧାନସଭା ଆସନ ଏବଂ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି। ସେ ଦିନକ ତଳେ ଏ ନେଇ ଘୋଷଣା କରିଥିଲେ। ଅଖିଳେଶଙ୍କ ସହିତ ଅଯୋଧ୍ୟା ସାଂସଦ ଅବଧେଶ ପ୍ରସାଦ ମଧ୍ୟ ବିଧାୟକ ପଦରୁ ବୁଧବାର ଇସ୍ତଫା ଦେଇଛନ୍ତି। ଅବଧେଶ କହିଛନ୍ତି ଯେ ବାଚସ୍ପତିଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇ ଦିଆଯାଇଛି। ଆଗରୁ ଯେମିତି ବିଧାନସଭାରେ ଏକାଠି ବସୁଥିଲୁ ଏବେ ଲୋକସଭାରେ ସେମିତି ବସିବୁ। ସେହିପରି ଆମ୍ବେଦକର ନଗରରୁ ସମାଜବାଦୀ ପାର୍ଟିର ନବ ନିର୍ବାଚିତ ସାଂସଦ ଲାଲାଜି ବର୍ମା ମଧ୍ୟ ଇସ୍ତଫା ଦେଇଛନ୍ତି। ମାତ୍ର ବାଚସ୍ପତି ତାଙ୍କ ଇସ୍ତଫାକୁ ଗ୍ରହଣ କରିନାହାନ୍ତି।

## ଦ୍ୱନ୍ଦ୍ୱରେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଲୋକସଭା ନିର୍ବାଚନରେ ରାହୁଲ ଉତ୍ତରପ୍ରଦେଶର ରାଏବରେଲି ଏବଂ କେରଳର ୱାଏନାଡ଼ ଭଳି ଦୁଇଟି ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲା ବେଳେ କେଉଁଟାକୁ ରଖିବେ ଏବଂ କେଉଁଟା ଛାଡିବେ ତାହା ତାଙ୍କ ପାଇଁ ଏକ ବଡ଼ ପ୍ରଶ୍ନ ହୋଇଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସେ ପ୍ରଥମଥର ପାଇଁ ୱାଏନାଡ ଗସ୍ତ କରିଥିଲା ବେଳେ ଏଭଳି ପ୍ରଶ୍ନକୁ ନେଇ ରାହୁଲ ଏକପ୍ରକାର ଅଡୁଆରେ ପଡ଼ିଥିଲେ। ତେବେ ଏଭଳି ପ୍ରଶ୍ନକୁ ନେଇ ରାହୁଲ ଯାହା କହିଛନ୍ତି ତାହା ମଧ୍ୟ ଆହୁରି ବିସ୍ମୟ ସୃଷ୍ଟି କରିଛି। ସେ କହିଛନ୍ତି ଯେ, ଏଭଳି ସ୍ଥିତି ତାଙ୍କ ପାଇଁ ନିଶ୍ଚିତ ଭାବେ ସମସ୍ୟା ଆଣିଛି।

# ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଚନ୍ଦ୍ରବାବୁ

ବିଜୟୱାଡା, ୧୨।୬(ଏଜେନ୍ସି)



ତେଲୁଗୁ ଦେଶମ୍ ପାର୍ଟି(ଟିଡିପି)ସୁପ୍ରିମୋ ନାରାଚନ୍ଦ୍ରବାବୁନାଇଡୁଆଜିବିଜୟୱାଡାରେ ଆୟୋଜିତଏକ ଭବ୍ୟ ସମାରୋହରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଶୁଭ ମୁହୂର୍ତ୍ତ ପୂର୍ବାହ୍ନ ୧୧ଟା ୨୭ ମିନିଟରେ ଶପଥ ଗ୍ରହଣ କରିଛନ୍ତି। ଚନ୍ଦ୍ରବାବୁଙ୍କ ସହିତ ଜନ ସେନା ପାର୍ଟି ମୁଖ୍ୟ ପବନ କଲ୍ୟାଣ, ଚନ୍ଦ୍ରବାବୁଙ୍କ ପୁତ୍ର ନାରା ଲୋକେଶ ଓ ଅନ୍ୟ ୨୨ ଜଣ ମନ୍ତ୍ରୀ ମଧ୍ୟ ଶପଥଗ୍ରହଣ କରିଛନ୍ତି। ରାଜ୍ୟପାଳ ଏସ୍ ଅବଦୁଲ ନାଜିର ଚନ୍ଦ୍ରବାବୁ ଓ ଅନ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଚନ୍ଦ୍ରବାବୁଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ବେସାମରିକ ବମାନ ଚଳାଚଳ ବିଭାଗ ମନ୍ତ୍ରୀ ରାମ ମୋହନ ନାଇଡୁ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ବାନ୍ଦି ସଞ୍ଜୟ କୁମାର, ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୌନ୍ଦାରାଜନ, ସୁପରଷ୍ଟାର୍ ରଜନୀକାନ୍ତ, ଚିରଞ୍ଜୀବୀ, ରାମ ଚରନ ପ୍ରମୁଖ ବହୁସଂଖ୍ୟକ ସେଲିବ୍ରିଟି ଯୋଗ ଦେଇଥିଲେ।

### ପବନ କଲ୍ୟାଣ ଉପ-ମୁଖ୍ୟମନ୍ତ୍ରୀ

ଚନ୍ଦ୍ରବାବୁଙ୍କ ମନ୍ତ୍ରିମଣ୍ଡଳରେ ପବନ କଲ୍ୟାଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ନାରା ଲୋକେଶ କ୍ୟାବିନେଟ୍ ମନ୍ତ୍ରୀ ପଦ ପାଇଛନ୍ତି। ପବନ କଲ୍ୟାଣଙ୍କ ଜନ ସେନାର ଆଉ ଦୁଇ ବିଧାୟକ ମଧ୍ୟ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦ ପାଇଛନ୍ତି। ଜଣେ ବିଜେପି ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଛି। ଚନ୍ଦ୍ରବାବୁଙ୍କ ମନ୍ତ୍ରିମଣ୍ଡଳରେ ୩ ଜଣ ମହିଳା, ପଛୁଆ ବର୍ଗର ୮, ଅନୁସୂଚିତ ଜାତି(ଏସସି)ର ୨, ଅନୁସୂଚିତ ଜନଜାତି(ଏସଟି)ର ୧, ମୁସଲିମ୍ ୧, କାପୁ ଓ କମା ସମ୍ପ୍ରଦାୟର ୪, ରେଡ୍ଡି ସମ୍ପ୍ରଦାୟର ୩, ବୈଶ୍ୟ ସମ୍ପ୍ରଦାୟର ୧ ମନ୍ତ୍ରୀ ସ୍ଥାନ ପାଇଛନ୍ତି।

ଏଥରକୁ ମିଶାଇ ଚନ୍ଦ୍ରବାବୁ ୪ଥର ମୁଖ୍ୟମନ୍ତ୍ରୀ ହେଲେଣି। ୧୭୫ ଆସନ ବିଶିଷ୍ଟ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନରେ ଟିଡିପି-ବିଜେପି-ଜନସେନା ମେଣ୍ଟ (ଏନ୍‌ଡିଏ) ୧୬୪ଟି ଆସନରେ ଜିତିଛି। ଚନ୍ଦ୍ରବାବୁଙ୍କ ଟିଡିପି ଏକା ୧୩୫ଟି ଆସନ ଜିତିଥିବା ବେଳେ ପବନ କଲ୍ୟାଣଙ୍କ ଜନ ସେନା ପାର୍ଟି ୨୧ଟି ଓ ବିଜେପି ୮ଟି ଆସନ ଜିତିଛି।

# ୬୦ ଘଣ୍ଟାରେ ଜମ୍ମୁ-କାଶ୍ମୀରରେ ତିନି ଆତଙ୍କବାଦୀ ଆକ୍ରମଣ

ଶ୍ରୀନଗର, ୧୨।୬(ଏଜେନ୍ସି)

- ଯବାନ ସହିଦ; ୬ ଆହତ
- ୨ ଆତଙ୍କବାଦୀ ନିପାତ



ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପୁଣି ବୃଦ୍ଧି ପାଇବାରେ ଲାଗିଛି। ଗତ ୬୦ ଘଣ୍ଟା ମଧ୍ୟରେ ଘାଟୀରେ ୩ ଆତଙ୍କବାଦୀ ଆକ୍ରମଣ ହୋଇଛି। କାଠୁଆ ଜିଲ୍ଲାରେ ଆଜି ଭୋର୍ ୩ଟା ବେଳେ ଏକ ସର୍ଚ୍ଚ ଅପରେସନ୍ ଚାଲିଥିବା ସମୟରେ ଆତଙ୍କବାଦୀଙ୍କ ଗୁଳିରେ ଜଣେ ସିଆର୍‌ପିଏଫ୍ ଯବାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନିକଟସ୍ଥ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗତ ରାତ୍ରରେ ଦୁଇ ଜଣ ଆତଙ୍କବାଦୀ କାଠୁଆ ଜିଲ୍ଲାର ସୀମାନ୍ତବର୍ତ୍ତୀ ସଇଦା ସୁଖାଲ ଗ୍ରାମକୁ ପ୍ରବେଶ କରି ଜଣେ ବାସିନ୍ଦାଙ୍କୁ ପାଣି ମାଗିଥିଲେ। ଗ୍ରାମରେ ଆତଙ୍କବାଦୀଙ୍କ ଉପସ୍ଥିତି ଲୋକଙ୍କୁ ଆତଙ୍କିତ କରିଥିଲା। ପୁଲିସ୍‌କୁ ଖବର ମିଳିବାରୁ ସେହି ଗ୍ରାମକୁ ସୁରକ୍ଷାବାହିନୀର ଏକ ଟିମ୍ ଯାଇ ଘେରାବନ୍ଦୀ ଓ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ସେତିକିବେଳେ ସିକ୍ୟୁରିଟି କର୍ଡନ୍ ଭାଙ୍ଗିବାକୁ ଆତଙ୍କବାଦୀ ଦ୍ୱୟ ଗୁଳି ଚଳାଇବା ଆରମ୍ଭ କରିଥଲେ ଓ ସିଆର୍‌ପିଏଫ୍ ଯବାନଙ୍କୁ ଗୁଳି ଲାଗିଥିଲା। ସୁରକ୍ଷା ବାହିନୀର ପାଲଟା ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ବେଳେ ଅନ୍ୟ ଜଣକ ଖସିଯିବାକୁ ସମର୍ଥ ହୋଇଥିଲା। ପରେ ତାକୁ ଠାବ କରି ନିପାତ କରାଯାଇଥିଲା। ଆତଙ୍କବାଦୀମାନେ ପାକିସ୍ତାନ ପଟୁ ସୀମା ଡେ଼ଇଁ ଭାରତ ମଧ୍ୟକୁ ପ୍ରବେଶ କରିଥିବା କୁହାଯାଇଛି। ଅନ୍ୟଏକ ଘଟଣାରେ ଗତ ରାତ୍ରରେ ଡୋଡା ଜିଲ୍ଲାର ଛାଟେରଗାଲ୍ଲାରେ ଥିବା ସୁରକ୍ଷା ବାହିନୀର ଏକ ଚେକ୍ ପୋଷ୍ଟ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେଥିରେ ଉଭୟ ପଟୁ ପ୍ରବଳ ଗୁଳି ବର୍ଷଣ ହେଇଥିଲା। ଘଣ୍ଟା ଘଣ୍ଟା ଧରି ଗୁଳି ବିନିମୟ ପରେ ଅନ୍ଧକାରର ସୁଯୋଗ ନେଇ ଆତଙ୍କବାଦୀମାନେ ଜଙ୍ଗଲ ମଧ୍ୟକୁ ଖସି ପଳାଇଥିଲେ। ଏହି ଆକ୍ରମଣରେ ରାଷ୍ଟ୍ରୀୟ ରାଇଫଲ୍ସର ୫ ଜଣ ଜବାନ ଓ ଜଣେ ସ୍ୱତନ୍ତ୍ର ପୁଲିସ୍ ଆହତ ହୋଇଛନ୍ତି।

### କଂଗ୍ରେସର କ୍ଷୋଭ ପ୍ରକାଶ

ଜମ୍ମୁ-କାଶ୍ମୀରରେ ଗତ ତିନି ଦିନରେ ତିନିଟି ଆତଙ୍କବାଦୀ ଆକ୍ରମଣ ଘଟିଲାଣି। ପ୍ରଧାନମନ୍ତରୀ ନରେନ୍ଦ୍ର ମୋଦୀ ଏହି ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା ନ କରି ପାକିସ୍ତାନୀ ନେତାଙ୍କ ସହ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା ଦିଆନିଆ ଚଲାଇଛନ୍ତି ବୋଲି କଂଗ୍ରେସର ମିଡିଆ ବିଭାଗ ମୁଖପାତ୍ର ପବନ ଖେରା କ୍ଷୋଭର ସହ କହିଛନ୍ତି। ମୋଦୀ ସରକାରଙ୍କୁ କଠୋର ଶବ୍ଦରେ ସମାଲୋଚନା କରି ଖେରା କହିଛନ୍ତି, ବିଜେପି ଛାତିବାଡ଼େଇ ଉଚ୍ଚ ସ୍ୱରରେ ଦାବି କରିଚାଲିଛି, କାଶ୍ମୀରରେ ସବୁ କିଛି ସ୍ୱାଭାବିକ ଅଛି ଓ ବାତାବରଣରେ ଶାନ୍ତି ବିରାଜୁଛି। ଆତଙ୍କବାଦୀଙ୍କୁ ସଫା କରିଦିଆଯାଇଛି। ଲୋକେ ନିର୍ଭୟରେ, ଆନନ୍ଦରେ ଅଛନ୍ତି। ହେଲେ ଗତ ତିନି ଦିନରେ ତିନିଟି ଆତଙ୍କବାଦୀ ଆକ୍ରମଣ ଘଟିଥିବାରୁ ଏହା ସ୍ପଷ୍ଟ ଜଣାପଡୁଛି ଯେ ବିଜେପିର ଦାବି ଓ ଆସ୍ଫାଳନ ଫମ୍ପା। ବିଜେପିର 'ନୟା କାଶ୍ମୀର' ନୀତି ଫେଲ୍ ମାରିଛି।

## ବରିଷ୍ଠ କମାଣ୍ଡରର ମୃତ୍ୟୁର ପ୍ରତିଶୋଧ ନେଲା ହିଜବୁଲ୍ଲାହ

# ଇସ୍ରାଏଲ ଉପରେ ୨୦୦ ରକେଟ ମାଡ଼

ତେଲ ଆଭିଭ, ୧୨।୬ (ଏଜେନ୍ସି)



ମଙ୍ଗଳବାର ରାତିରେ ଇସ୍ରାଏଲ ସେନା (ଆଇଡିଏଫ) ଏୟାର ଷ୍ଟ୍ରାଇକ୍‌ରେ ଆତଙ୍କବାଦୀ ସଂଗଠନ ହିଜ୍‌ବୁଲ୍ଲାହର ବରିଷ୍ଠ କମାଣ୍ଡର ତାଲେବ ଅବଦୁଲା ସମେତ ୩ ଜଣଙ୍କୁ ନିପାତ କରିଥିଲା। ଏହାର କିଛି ଘଣ୍ଟା ପରେ ଆତଙ୍କବାଦୀ ସଂଗଠନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇସ୍ରାଏଲର ସେନା ଠିକଣାକୁ ନିଶାଣ କରି ସବୁଠାରୁ ବଡ଼ ଆକ୍ରମଣ କରିଛି। ୨୪ ଘଣ୍ଟା ମଧ୍ୟରେ ୨୦୦ରୁ ଅଧିକ ରକେଟ ମାଡ଼ କରିଛି। ଏହି ଆକ୍ରମଣ ପରେ ଲେବନାନ ସୀମା ନିକଟରେ ଥିବା ଇସ୍ରାଏଲ ସହର ସାଇରନ ଧ୍ୱନିରେ କମ୍ପି ଯାଇଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ ଅଧିକାଂଶ ରକେଟକୁ ଆଇରୋନ ଡୋମ୍ ଧ୍ୱଂସ କରି ଦେଇଥିଲା। ଏ ପର୍ଯ୍ୟନ୍ତ ଏଥିରେ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ। ଦେଶରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି। ସୁରକ୍ଷା ଅଧିକାରୀଙ୍କ ଜରୁରୀ ବୈଠକ ଡକାଯାଇଛି। ରକେଟ୍ ଆକ୍ରମଣ ପରେ ଇସ୍ରାଏଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହିଜବୁଲ୍ଲାହର ଅନେକ ରକେଟ ଲଞ୍ଚରକୁ ଧ୍ୱଂସ କରିଦେଇଛି। ଲେବନାନ ସୀମାର ୧୦ କିମି ମଧ୍ୟରେ ରହୁଥିବା ଅଧିବାସୀଙ୍କୁ ବୋମା ଆଶ୍ରୟସ୍ଥଳକୁ ଯିବା ପାଇଁ କୁହାଯାଇଛି।

### ହମାସ ମୁଖ୍ୟର ମନ୍ତବ୍ୟ

## ପାଲେଷ୍ଟିନୀୟଙ୍କ ମୃତ୍ୟୁ ହେବା ଜରୁରୀ



ତେଲ ଆଭିଭ, ୧୨।୬ (ଏଜେନ୍ସି): ଗାଜାରେ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ଜରୁରୀ। ଯେତେ ଅଧିକ ଲୋକେ ମରିବେ, ହମାସକୁ ସେତେ ଲାଭ ମିଳିବ। ଏହା ଦ୍ୱାରା ଦେଶ ସ୍ୱାଧୀନ ହେବ। ତେଣୁ ହମାସ ଅସ୍ତ୍ରବିରତି ଚାହୁଁନାହିଁ। ଲକ୍ଷ୍ୟ ହାସଲ ପାଇଁ ଗାଜାରେ ବୋମା ମାଡ଼ ହେବା ଉଚିତ। ଅସ୍ତ୍ରବିରତିରେ ଯେତିକି ଲାଭ ମିଳିବ ନାହିଁ, ସେତିକି ଲାଭ ଗାଜା ଆକ୍ରମଣରେ ମିଳିବ ବୋଲି ଆତଙ୍କବାଦୀ ସଂଗଠନ ହମାସର ମୁଖିଆ ୟାହା ସିନୱାର କହିଛି। ରିପୋର୍ଟ ଅନୁଯାୟୀ ହମାସର ରାଜନୈତିକ ନେତା ଇସ୍ମାଇଲ ହାନିଏର ତିନି ପୁଅ ଏବଂ ୪ ନାତି ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିଲେ। ଏହାକୁ ନେଇ ସିନୱାର କହିଛି ଯେ ଲୋକଙ୍କ ଏହି ବଳିଦାନ ପାଲେଷ୍ଟାଇନକୁ ନୂଆ ଜୀବନ ଦେବ। ଏହା ଦ୍ୱାରା ଦେଶ ବିକାଶ ଏବଂ ସମ୍ମାନର ସହ ଆଗକୁ ବଢ଼ିବ। ହମାସର ସଦସ୍ୟ ସକ୍ଷମ ଥିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ହେବ ନାହିଁ। ସେ ପର୍ଯ୍ୟନ୍ତ ଅସ୍ତ୍ରବିରତି ବୈଠକ କରିବା ଲଜ୍ଜାଜନକ।

ବହୁଲୋକଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତି ତୁଳନାରେ ଉନ୍ନତ ବୁଦ୍ଧିସମ୍ପନ୍ନ ଜଣେ ବ୍ୟକ୍ତିର ନିଷ୍ପତ୍ତି ଅଧିକ ଉତ୍ତମ।
-ପ୍ଲାଟୋ



ସକାଳ
THE SAKALA

## ବିଜେପିର 'ଡବଲ୍ ଇଞ୍ଜିନ ସରକାର' ସ୍ଲୋଗାନ

# ରାଜ୍ୟରେ ବିଜେପି ଶାସନର ପ୍ରଥମ ଅଙ୍କ ଆରମ୍ଭ

ରାଜଧାନୀ ଭୁବନେଶ୍ୱରରେ ବିଶାଳ ଜନସମାଗମ ଓ ପ୍ରବଳ ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ପୂର୍ବଘୋଷିତ କାର୍ଯ୍ୟକ୍ରମ ଅନୁସାରେ ରାଜ୍ୟର ଜଣେ ନିର୍ବିବାଦୀୟ ତଥା ଦକ୍ଷ ଯୁବ ଆଦିବାସୀ ନେତା ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ୧୬ ଜଣିଆ ମନ୍ତ୍ରିମଣ୍ଡଳ ଗତ ସନ୍ଧ୍ୟାରେ ନୂତନ ସରକାର ଗଠନ କରିବାର ଶପଥ ପାଠ କରିଛନ୍ତି। ରାଜଧାନୀର ଜନତା ମଇଦାନରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ବହୁ ବରିଷ୍ଠ କେନ୍ଦ୍ର ମନ୍ତ୍ରୀ, ନଅଟି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଓଡ଼ିଶାର ବିଦାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳ ରଘୁବର ଦାସ ମୁଖ୍ୟମନ୍ତ୍ରୀ, ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ୧୩ କ୍ୟାବିନେଟ୍ ଏବଂ ସ୍ୱାଧୀନ ରାଷ୍ଟ୍ର ପାହ୍ୟା ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଲକ୍ଷାଧିକ ଲୋକଙ୍କ ସମାବେଶରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ କ୍ଷମତା ପରିବର୍ତ୍ତନ ଜନିତ ଗଣତାନ୍ତ୍ରିକ ଉଲ୍ଲାସ ଜନତାଙ୍କ ମଧ୍ୟରେ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ପୂର୍ବ ପ୍ରତିଶ୍ରୁତି ମୁତାବକ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ପରେ କ୍ୟାବିନେଟ୍‌ର ପ୍ରଥମ ବୈଠକ ଗତସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯେଉଁ ଚାରିଟି ନିଷ୍ପତ୍ତି ନିଆଯାଇଛି,ସେଥିମଧ୍ୟରୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ହେଉଛି ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ।

ଶାସନ ଓ ପ୍ରଶାସନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଏଥିରେ ଗୋଟିଏ ଦଳ ବା ମେଣ୍ଟ ପରେ ଆଉ ଗୋଟେ ଦଳ ବା ମେଣ୍ଟ କ୍ଷମତାକୁ ଆସେ। ଲୋକେ ଯାହାକୁ ବାଛନ୍ତି, ସେ କ୍ଷମତାର ଦଣ୍ଡ ଧରେ। ସେହି ପ୍ରକ୍ରିୟାରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏହା ଏକ ଶାନ୍ତିପୂର୍ଣ୍ଣ ରୂପାନ୍ତରଣ। ଓଡ଼ିଶା ହେଉ ବା ଅନ୍ୟ ରାଜ୍ୟ କିମ୍ବା ଦେଶ ଆମ ଦେଶର ଭୌଗୋଳିକ, ଜାତିଗତ, ଭାଷାଗତ ଓ ଧର୍ମଗତ ବିବିଧତା ଏତେ ଅଧିକ ଯେ ଏଥିରେ ଗୋଟିଏ ମନ୍ତ୍ରିପରିଷଦ ଗଢ଼ି ସମସ୍ତଙ୍କୁ ସନ୍ତୁଷ୍ଟ କରିବା ଏକପ୍ରକାର ଅସାଧ୍ୟ ବ୍ୟାପାର। ଏଥିରେ ମଧ୍ୟ ସାମ୍ବିଧାନିକ କଟକଣା ରହିଛି। ବିଧାନସଭାର ମୋଟ ଆସନ ସଂଖ୍ୟାର ୧୫ ଭାଗରୁ ଅଧିକ ସଦସ୍ୟ ମନ୍ତ୍ରିପରିଷଦରେ ରହିପାରିବେ ନାହିଁ। ସେ ଦୃଷ୍ଟିରୁ ନୂଆ ମୁଖ୍ୟମନ୍ତ୍ରୀ ନିଜକୁ ମିଶାଇ ତାଙ୍କ ମନ୍ତ୍ରିପରିଷଦର ସଭ୍ୟ ସଂଖ୍ୟା ୧୬ ରଖି ସରକାରିଆ କମିଶନଙ୍କ ଧାର୍ଯ୍ୟ ସୀମା ମଧ୍ୟରେ ରହିଛନ୍ତି। ଯଦିଓ ସର୍ବାଧିକ ୨୨ ଜଣିଆ ମନ୍ତ୍ରିପରିଷଦ ଗଠନର ବୈଧାନିକ ବ୍ୟବସ୍ଥା ଓଡ଼ିଶାରେ ରହିଛି, ନୂଆ ମୁଖ୍ୟମନ୍ତ୍ରୀ ପ୍ରଥମ କ୍ଷେପରେ ଏକ ବିରାଟ ମନ୍ତ୍ରିସଭା ନ କରି ପୂର୍ବ ସରକାର ଭଳି ଏହାକୁ ୧୬ରେ ସୀମିତ ରଖିଛନ୍ତି। ଭବିଷ୍ୟତରେ ରାଜନୈତିକ ଆବଶ୍ୟକତା ପୂରଣ ପାଇଁ ଆଉ ତିନି ଚାରି ଜଣଙ୍କୁ ନେବାର ସମ୍ଭାବନାକୁ ମଧ୍ୟ ସେ ଉନ୍ମୁକ୍ତ ରଖିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀଙ୍କ 'ମିନିମମ୍ ଗଭର୍ଣ୍ଣମେଣ୍ଟ ଓ ମାକ୍ସିମମ୍ ଗଭର୍ଣ୍ଣାନ୍ସ' ତତ୍ତ୍ୱର ପ୍ରତିଫଳନ ଘଟିଥିବା ଭଳି ଲାଗୁଛି। ମନ୍ତ୍ରିପରିଷଦ ବିଶାଳ ହେଲେ କିମ୍ବା ଅଧିକ ସଦସ୍ୟଙ୍କୁ ମନ୍ତ୍ରୀ କଲେ ଶାସନ ଯେ ଭଲ ହେବ, ଏହାର କିଛି ଗ୍ୟାରେଣ୍ଟି ନାହିଁ।

ମୋହନ ବାବୁଙ୍କ ମନ୍ତ୍ରିମଣ୍ଡଳରେ ରାଜ୍ୟର ପ୍ରମୁଖ ବର୍ଗଙ୍କୁ ପ୍ରତିନିଧିତ୍ୱ ଦେବାକୁ ପ୍ରଚେଷ୍ଟା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମୋଟ ଚାରିଜଣ ଆଦିବାସୀଙ୍କୁ ଏଥିରେ ପ୍ରତିନିଧିତ୍ୱ ମିଳିଥିବା ବେଳେ ତଫସିଲଭୁକ୍ତ ଜାତିରୁ ଦୁଇଜଣ, ଦୁଇଜଣ ବ୍ରାହ୍ମଣ ଓ ସାତଜଣ ଓବିସିଙ୍କୁ ସ୍ଥାନ ମିଳିଛି। ରାଜପରିବାରରୁ ଜଣଙ୍କୁ ମନ୍ତ୍ରିସଭାରେ ସ୍ଥାନ ଦିଆଯାଇଛି। ବଡ଼କଥା ହେଉଛି ଏଥର ଦୁଇଜଣ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା ଯଥାକ୍ରମେ ରାଜ୍ୟର ପଶ୍ଚିମ ଓ ପୂର୍ବଭାଗକୁ ପ୍ରତିନିଧିତ୍ୱ କରୁଛନ୍ତି। ଏକମାତ୍ର ମହିଳା ମନ୍ତ୍ରିସଭାରେ ଥିବା ବେଳେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କୁ ବାଚସ୍ପତି କରାଯିବା ପାଇଁ ଶାସକ ଦଳ ସୂତ୍ରରୁ ସୂଚନା ମିଳିଛି। ମହିଳା ପ୍ରତିନିଧିତ୍ୱ ମନ୍ତ୍ରିସଭାରେ ପୂର୍ବାପେକ୍ଷା କମ୍ ରହିଛି। ମୋଟାମୋଟି ଭାବେ ପୂର୍ବ-ପଶ୍ଚିମ, ଉତ୍ତର-ଦକ୍ଷିଣ ସବୁ ଭାଗରୁ ମନ୍ତ୍ରୀମାନଙ୍କୁ ଦିଆଯାଇଛି। ବଡ଼କଥା ହେଉଛି ୧୧ଜଣ କ୍ୟାବିନେଟ୍ ଓ ୫ଜଣ ସ୍ୱାଧୀନ ପାହ୍ୟା ରାଷ୍ଟ୍ରମନ୍ତ୍ରୀ (ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ)ଙ୍କ ମଧ୍ୟରୁ ଅଧିକାଂଶ ଅପେକ୍ଷାକୃତ ମଧ୍ୟବୟସ୍କ ଓ ଯୁବ ବୟସର। ତେଣୁ ଏହାକୁ ଏକ ଯୁବ ମନ୍ତ୍ରିମଣ୍ଡଳ କହିଲେ ଭୁଲ୍ ହେବ ନାହିଁ। ଉପମୁଖ୍ୟମନ୍ତ୍ରୀ ସିଂହଦେଓ ସବୁଠୁ ବୟସ୍କ (୬୭ ବର୍ଷ) ଏବଂ ଅଭିଜ୍ଞ। ସେ ପୂର୍ବରୁ ଦୁଇଥର ରାଜ୍ୟରେ ମନ୍ତ୍ରୀ ଥିବା ବେଳେ ସପ୍ତମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ତାଙ୍କ ବ୍ୟତୀତ ମନ୍ତ୍ରିମଣ୍ଡଳରେ ଆଉ କାହାରି ଶାସନଗତ ଅଭିଜ୍ଞତା ନାହିଁ ଏବଂ ଅନ୍ୟ ସମସ୍ତେ ନୂଆ। ନୂଆ ମନ୍ତ୍ରିମାନଙ୍କୁ ନେଇ ନୂଆ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ କିପରି ତ୍ୱରାନ୍ୱିତ କରିବେ ଓ ଅମଲାତନ୍ତ୍ରକୁ କାମରେ ଲଗାଇବେ, ତାହା ସମୟ ଅବଶ୍ୟ କହିବ।

ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଓ ତା' ସାଙ୍ଗକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ଓଡ଼ିଶା ପାଇଁ ଥିଲା ବେଶ୍ ଲମ୍ବା ଆଉ ଲୋଭନୀୟ। ଏହାଫଳରେ ଓଡ଼ିଶା ଜନସାଧାରଣଙ୍କର ନୂତନ ସରକାରଠାରୁ ଆଶା ଆକାଂକ୍ଷାର ମାତ୍ରା ଉଚ୍ଚସ୍ତରରେ ରହିଛି। ସେହିପରି ନବୀନ ପଟ୍ଟନାୟକଙ୍କ ଶାସନକାଳରେ ବିକାଶର ବେଗ ଓ ସ୍ତର ତଥା ଲୋକ କଲ୍ୟାଣକାରୀ କାର୍ଯ୍ୟକ୍ରମମାନ ଯେଉଁ ସ୍ତରରେ ପହଞ୍ଚିଥିଲା, ତାହାକୁ ବଜାୟ ରଖି ଆହୁରି ଆଗକୁ ବଢ଼ିବା ପାଇଁ ନୂଆ ବିଜେପି ସରକାରକୁ ରୀତିମତ ଉଦ୍ୟମ କରିବାକୁ ପଡ଼ିବ।

ଏଥର ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଏକ ଗଣତାନ୍ତ୍ରିକ ଉତ୍ସବର ରୂପ ନେଇଛି। ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ଏଥିରେ ଯୋଗ ଦେବାର ଅର୍ଥ ଗୋଟିଏ ରାଜ୍ୟ ସରକାର ପ୍ରତି ସଂହତି ଓ ସମର୍ଥନ ପ୍ରଦର୍ଶନ କେବଳ ନୁହେଁ, ଏହା ସହିତ ଦଳ ଓ ଆଦର୍ଶଗତ ଏକତା ମଧ୍ୟ ଯୋଡ଼ି ହୋଇଯାଉଛି। ଏଭଳି ଉତ୍ସବରେ ବିରୋଧୀ ପକ୍ଷଙ୍କୁ ସରକାରୀ ଦଳର ନିମନ୍ତ୍ରଣ ଓ ସେମାନଙ୍କ ଯୋଗଦାନ ଆମ ଗଣତାନ୍ତ୍ରିକ ସୌନ୍ଦର୍ଯ୍ୟ ଓ ଶିଷ୍ଟାଚାରକୁ ଆହୁରି ବଢ଼ାଉଛି।

ବିଦାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଛୋଟବଡ଼ ସବୁ ବିରୋଧୀ ଦଳର ନେତାମାନଙ୍କୁ ବିଜେପି ପକ୍ଷରୁ ଏଥର ସସମ୍ମାନ ପୂର୍ବକ ନିମନ୍ତ୍ରଣ କରାଯିବା ଏକ ଭଲ ଲକ୍ଷଣ। ବିଶେଷକରି ବିଦାୟୀ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କୁ ବିଜେପି ନେତାଙ୍କ ସମେତ ସ୍ୱୟଂ ମୋହନ ମାଝୀ ନବୀନ ନିବାସକୁ ଯାଇ ନିମନ୍ତ୍ରଣ କରିବା ଏବଂ ନବୀନ ବାବୁ ଏହାକୁ ରକ୍ଷା କରି ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଆମ ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଓ ଶିଷ୍ଟାଚାରକୁ ବଢ଼ାଇଛି। ରାଜନୀତିରେ ଆଦର୍ଶଗତ ପାର୍ଥକ୍ୟ ବାହାରେ ବ୍ୟକ୍ତିଗତ ବ୍ୟବହାର ଓ ସମ୍ମାନବୋଧର ଗୁରୁତ୍ୱକୁ ଏହା ପ୍ରମାଣିତ କରିଥିଲା। ଦେଶ ବା ରାଜ୍ୟର ପ୍ରଗତି ଓ ଜନକଲ୍ୟାଣ ସବୁ ରାଜନୈତିକ ଦଳଙ୍କ ଲକ୍ଷ୍ୟ। ତେଣୁ ବିଧାନସଭା ବା ସଂସଦରେ ଏଭଳି ସୁସମ୍ପର୍କ ଶାସକ ଓ ବିରୋଧୀଙ୍କ ମଧ୍ୟରେ ରହିଲେ ଆମ ଗଣତନ୍ତ୍ର ଆହୁରି ସୁନ୍ଦର ଓ ସାବଳୀଳ ହେବ।

ପରିଶେଷରେ ଓଡ଼ିଶାରେ ବିଜେପିର ପ୍ରଥମ ଏକକ ଶାସନକାଳ ଆରମ୍ଭ ହୋଇଛି। ବିଜେଡି ସହିତ ମିଶି ଏହି ଦଳ ପୂର୍ବରୁ ଦୁଇଥର (୨୦୦୦-୨୦୦୯) ରାଜ୍ୟରେ ଭାଗୁଆଳୀ ଶାସନ କରିଥିଲା। ଏବେ ଦୀର୍ଘ ୧୫ ବର୍ଷର ବ୍ୟବଧାନ ପରେ ଏକାକୀ ଶାସନକୁ ଆସିଛି ଏବଂ ସଂଯୋଗକ୍ରମେ ମୁଖ୍ୟ ବିରୋଧୀ ଦଳରେ ବିଜେଡି ରହିଛି। ଏଥର ବିଜେପି ବିଧାନସଭାରେ ଏକ ଶକ୍ତିଶାଳୀ ବିରୋଧୀଦଳ (ବିଜେଡି ୫୧+ କଂଗ୍ରେସ ଓ ଅନ୍ୟାନ୍ୟ ୧୫)ର ସମ୍ମୁଖୀନ ହେବ। ତେଣୁ ଉତ୍ତମ ସମନ୍ୱୟ ଓ ଗୃହ ପରିଚାଳନାର ଆବଶ୍ୟକତା ଅଧିକ। ମୋହନବାବୁଙ୍କ ବିଜେପି ସରକାରକୁ ଆମର ଶୁଭେଚ୍ଛା ଓ ପୁନର୍ବାର ଅଭିନନ୍ଦନ।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ମେଣ୍ଟ ଶାସନ ହିଁ ସ୍ଥାୟୀ ବିକଳ୍ପ



ଡକ୍ଟର ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାର କେନ୍ଦ୍ରରେ ନିଜର ତୃତୀୟ ପାଳି ଆରମ୍ଭ କରିଛନ୍ତି। ୧୪ଟି ଦଳକୁ ନେଇ ଗଠିତ ଏନ୍‌ଡିଏକୁ ନିର୍ବାଚନରେ ୨୯୩ଟି ଆସନ ମିଳିଛି। ସେଥିମଧ୍ୟରୁ କେବଳ ବିଜେପିକୁ ୨୪୦ ଆସନ ମିଳିଥିବା ବେଳେ ଅବଶିଷ୍ଟ ମେଣ୍ଟ ସଦସ୍ୟ ଦଳ ୫୩ଟି ଆସନ ହାତେଇବାରେ ସଫଳ ହୋଇଛନ୍ତି। ରାଜନୈତିକ ବିଶେଷଜ୍ଞ ମନ୍ତବ୍ୟ ରଖୁଛନ୍ତି ଯେ ଯେହେତୁ ଏଥର ବିଜେପିକୁ ଗତ ଦୁଇଥର ଭଳି ଏକାକୀ ବହୁମତ ମିଳି ନାହିଁ, ତେଣୁ ଏହି ମେଣ୍ଟ ମୋଦୀଙ୍କ ଶାସନ ଶୈଳୀରେ ପରିବର୍ତ୍ତନ ଆଣିପାରେ କିମ୍ବା ମେଣ୍ଟ ସରକାରରେ ନିଆଯିବାକୁ ଥିବା ନିଷ୍ପତ୍ତି ଆଂଶିକ ଭାବେ ମେଣ୍ଟ ସହଯୋଗୀମାନଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇପାରେ।

ସେ ଯାହା ବି ହେଉ ରାଜନୀତିରେ ମେଣ୍ଟ ବହୁଳ ଭାବରେ ଗ୍ରହଣୀୟ ଏକ ରାଜନୈତିକ ପ୍ରକ୍ରିୟା ଏବଂ ଭାରତରେ ସର୍ବଦା ଆଲୋଚନାର ବିଷୟବସ୍ତୁ ହୋଇ ରହିଛି। ଜାତୀୟ ଓ ରାଜ୍ୟ ନିର୍ବାଚନ ପରିପ୍ରେକ୍ଷୀରେ ଭାରତରେ ବିଭିନ୍ନ ଆଦର୍ଶଗତ ରାଜନୈତିକ ଦଳକୁ ନେଇ ମେଣ୍ଟ ଗଠନ ଏକ ସାଧାରଣ ଘଟଣା। ସମ୍ବଳ, ଭୋଟ୍ ଓ ସମର୍ଥନ ଭିତ୍ତିଭୂମିକୁ ଏକାଠି କରି ନିର୍ବାଚନୀ ସଫଳତା ହାସଲ କରିବା ଉଦ୍ଦେଶ୍ୟରେ ଏହି ମେଣ୍ଟଗୁଡ଼ିକ ପ୍ରାୟତଃ ଗଠନ ହୋଇଥାଏ। ଏଭଳି ମେଣ୍ଟ ବିଭିନ୍ନ କାରଣ ଉପରେ ଆଧାରିତ, ଯେଉଁଥିରେ ଅଂଶୀଦାର ଲକ୍ଷ୍ୟ, ଆଞ୍ଚଳିକ ସ୍ୱାର୍ଥ କିମ୍ବା ଏକ ପ୍ରଭାବଶାଳୀ ରାଜନୈତିକ ଦଳକୁ ହଟାଇବା ପାଇଁ ସର୍ବସମ୍ମତ ଇଚ୍ଛା ଅନ୍ତର୍ଭୁକ୍ତ।

ମେଣ୍ଟ ସରକାର ଭାରତୀୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆମ ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ରାଜନୈତିକ ସ୍ଥିରତାକୁ ପ୍ରଭାବିତ କରୁଥିବା ଉପାଦାନ ହେଉଛି ରାଜନୈତିକ ମେଣ୍ଟ। ୧୯୭୭ମସିହାରେ ଭାରତର ପ୍ରଥମ ମେଣ୍ଟ ସରକାର ପରଠାରୁ ମେଣ୍ଟ ଏକ ସାଧାରଣ କଥା ହୋଇଆସିଛି। ମୁଖ୍ୟ କଥା ହେଉଛି, ଭାରତୀୟ ଗଣତନ୍ତ୍ର ଶାସନର ୭୩ ବର୍ଷ ମଧ୍ୟରୁ ୩୨ ବର୍ଷ ମେଣ୍ଟ ଶାସନରେ ରହିଛି। ମେଣ୍ଟ ରାଜନୀତିରେ ମୁଖ୍ୟ ଆହ୍ୱାନ ହେଉଛି ଦୁଇ ବା ଅଧିକ ଦଳ ଭିତରେ ଥିବା ବିବିଧ ବିଚାରଧାରା। ଏହି ଆହ୍ୱାନ ସତ୍ତ୍ୱେ ମେଣ୍ଟ ରାଜନୀତି ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ। ଦୀର୍ଘ ୫ ଦଶନ୍ଧି ଧରି କେନ୍ଦ୍ର ଓ ରାଜ୍ୟସ୍ତରରେ ଅନେକ ମେଣ୍ଟ ସରକାର ଗଠନ ହୋଇଛି। ଏହି ମେଣ୍ଟଗୁଡିକ ଭାରତର ରାଜନୈତିକ ଦୃଶ୍ୟପଟ୍ଟକୁ ଆକାର ଦେବା ସହ ଦେଶର ଆବଶ୍ୟକତା ଏବଂ ଆକାଂକ୍ଷାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

କୌଣସି ଗୋଟିଏ ଦଳ ନିର୍ଣ୍ଣାୟକ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ଅସମର୍ଥ ହେବା କାରଣରୁ ଅନେକ ସମୟରେ ବିଭିନ୍ନ ରାଜନୈତିକ ଗୋଷ୍ଠୀ ମଧ୍ୟରେ ମେଣ୍ଟ ହୋଇଥାଏ। ୨୦୨୪ ନିର୍ବାଚନରେ ଏହି ଗତିଶୀଳତା ସ୍ପଷ୍ଟ ହୋଇଛି, ଯେଉଁଠାରେ ବିଜେପିକୁ ସରକାର ଗଠନ ପାଇଁ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏବଂ ଜନତା ଦଳ (ୟୁନାଇଟେଡ୍) (ଜେଡିୟୁ) ଭଳି ସହଯୋଗୀଙ୍କ ସମର୍ଥନ ଆବଶ୍ୟକ ପଡ଼ିଛି। ନିର୍ବାଚନ ସମୟରେ ଭାରତରେ ରାଜନୈତିକ ଦଳଗୁଡ଼ିକ ନିଜର ସଫଳତାର ସମ୍ଭାବନାକୁ ଅଧିକରୁ ଅଧିକ କରିବା ପାଇଁ ମୁଖ୍ୟତଃ ପାଞ୍ଚ ପ୍ରକାରର ମେଣ୍ଟ କରିଥା'ନ୍ତି। ପ୍ରଥମ, ପ୍ରାକ୍- ନିର୍ବାଚନ ମେଣ୍ଟ, ଯେଉଁଠି ନିର୍ବାଚନ ପୂର୍ବରୁ ଦଳଗୁଡ଼ିକ ଏକାଠି ନିର୍ବାଚନ ଲଢ଼ିବା ପାଇଁ ବୁଝାମଣା କରିବା ସହ ପ୍ରାୟତଃ ଆସନ ଏବଂ ସମ୍ବଳ ବଣ୍ଟନ କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟରଙ୍କ ନିକଟରେ ଏକ ମିଳିତ ମୋର୍ଚ୍ଚା ଉପସ୍ଥାପନ କରିବା ଓ ମେଣ୍ଟର ଜିତିବାର ସମ୍ଭାବନାକୁ ସର୍ବାଧିକ କରିବା। ଦ୍ୱିତୀୟ ହେଉଛି, ନିର୍ବାଚନ ପରବର୍ତ୍ତୀ ମେଣ୍ଟ। ବେଳେବେଳେ ନିର୍ବାଚନରେ କୌଣସି ଗୋଟିଏ ଦଳ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥାଏ। ଏଭଳି ପରିସ୍ଥିତିରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଦଳମାନେ ମେଣ୍ଟ ମାଧ୍ୟମରେ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରନ୍ତି। ଏହି ମେଣ୍ଟଗୁଡିକ ପ୍ରାୟତଃ ସାଧାରଣ ନୀତି କିମ୍ବା ସାଧାରଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ କ୍ଷମତାକୁ ଆସିବାରୁ ରୋକିବାର ଆବଶ୍ୟକତା ଉପରେ ଆଧାରିତ। ତୃତୀୟଟି ହେଉଛି ମହାମେଣ୍ଟ। ଏହି ମେଣ୍ଟରେ ବିଭିନ୍ନ ରାଜନୈତିକ କ୍ଷେତ୍ରର ଏକାଧିକ ଦଳ ସାମିଲ ହୁଅନ୍ତି। ସାଧାରଣତଃ ଏକ ପ୍ରଭାବଶାଳୀ ଦଳ ବା ମେଣ୍ଟକୁ ଦୃଢ଼ ବିରୋଧ କରିବା ପାଇଁ ମହାମେଣ୍ଟ ଗଠନ କରାଯାଏ। ଚତୁର୍ଥ ହେଉଛି ଆଞ୍ଚଳିକ ମେଣ୍ଟ। ଏହି ମେଣ୍ଟଗୁଡ଼ିକ ସେହି ଦଳଗୁଡ଼ିକ ମଧ୍ୟରେ ଗଠିତ ହୋଇଥାଏ, ଯେଉଁମାନଙ୍କର ଏକ ଦୃଢ଼ ଆଞ୍ଚଳିକ ଉପସ୍ଥିତି ଅଛି, କିନ୍ତୁ ଜାତୀୟ ସ୍ତରରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉପସ୍ଥିତି ନାହିଁ। କେନ୍ଦ୍ର ସରକାର ଗଠନରେ ଆଞ୍ଚଳିକ ମେଣ୍ଟ ପ୍ରାୟତଃ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି। ପରିଶେଷରେ ପ୍ରସଙ୍ଗଭିତ୍ତିକ ମେଣ୍ଟ, ଯେଉଁଠି ଦଳଗୁଡ଼ିକ ଏକାଠି ହୋଇ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ବା ଏଜେଣ୍ଡା ଆଧାରରେ ମେଣ୍ଟ ଗଠନ କରିଥା'ନ୍ତି। ଏହି ମେଣ୍ଟଗୁଡ଼ିକ ଅସ୍ଥାୟୀ।




ଏହି ପାଞ୍ଚ ପ୍ରକାରର ମେଣ୍ଟ ଭାରତୀୟ ରାଜନୀତିର ଗତିଶୀଳ ପ୍ରକୃତିକୁ ପ୍ରତିଫଳିତ କରେ। ଯେଉଁଠାରେ ଦଳଗୁଡ଼ିକ ନିର୍ବାଚନ ରଣନୀତି, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଞ୍ଚଳିକ ଚିନ୍ତାଧାରା ସମେତ ବିଭିନ୍ନ କାରଣକୁ ଆଧାର କରି ମେଣ୍ଟ ଗଠନ କରନ୍ତି। ବିପରୀତ ବିଚାରଧାରାଭିତ୍ତିକ ରାଜନୈତିକ ଦଳଙ୍କ ମେଣ୍ଟରେ ଗଣତନ୍ତ୍ରର ଭବିଷ୍ୟତ ଜଟିଳ ଏବଂ ଅନିଶ୍ଚିତ ହୋଇପାରେ ବୋଲି କିଛି ବୁଦ୍ଧିଜୀବୀ ମତ ରଖୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ଗଣତନ୍ତ୍ରର ଏକ ସକାରାତ୍ମକ ଦିଗ ଭାବରେ ବିବେଚନା କରନ୍ତି। ସମାଜଶାସ୍ତ୍ରୀଙ୍କ ମତରେ ବିଭିନ୍ନ ଦୃଷ୍ଟିକୋଣର ବ୍ୟାପକ ପ୍ରତିନିଧିତ୍ୱ ସହ ସହଯୋଗ ଏବଂ ସନ୍ତୁଳନକୁ ପ୍ରୋତ୍ସାହିତ କରୁଥିବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ଗଠନ କରିବାରେ ମେଣ୍ଟ ସହାୟକ ହୁଏ। ମେଣ୍ଟ ରାଜନୀତି ଏକ ବହୁଦଳୀୟ ଗଣତନ୍ତ୍ରର ବିବିଧତାକୁ ପ୍ରତିଫଳିତ କରିପାରେ - ଏଥିରେ ଦ୍ୱିମତ ନାହିଁ। ଏହାଠାରୁ ନାଗରିକମାନେ ନିଜ ମନ ପସନ୍ଦ ନୀତି ସହ ସ୍ଥିର ଏବଂ ପ୍ରଭାବଶାଳୀ ଶାସନ ଆଶା କରନ୍ତି। ପ୍ରଭାବଶାଳୀ ମେଣ୍ଟ ଶାସନ ପାଇଁ ଦୃଢ଼ ନେତୃତ୍ୱ, ସ୍ୱଚ୍ଛ ବୁଝାମଣା ଏବଂ ଗଣତାନ୍ତ୍ରିକ ନୀତି ପ୍ରତି ପ୍ରତିଶ୍ରୁତିବଦ୍ଧତା ଆବଶ୍ୟକ।

ଐତିହାସିକ ଦୃଷ୍ଟିରୁ ଭାରତରେ ମେଣ୍ଟ ସରକାର ଉଭୟସଫଳତା ଓ ବିଫଳତାର ସମ୍ମୁଖୀନ ହୋଇଛନ୍ତି। ଉଦାହରଣ ସ୍ୱରୂପ, ୧୯୭୭ ମସିହାର ଜନତା ପାର୍ଟି ମେଣ୍ଟର ସଦସ୍ୟମାନଙ୍କ ମଧ୍ୟରେ ଆଦର୍ଶଗତ ମତଭେଦ କାରଣରୁ ଉକ୍ତ ସରକାର ଦୁଇ ବର୍ଷ ମଧ୍ୟରେ ଭାଙ୍ଗିଯାଇଥିଲା। ସେହିପରି ୧୯୭୯ରେ ଚରଣ ସିଂହ ଓ ୧୯୯୦ରେ ଚନ୍ଦ୍ରଶେଖରଙ୍କ ସରକାର ମେଣ୍ଟ ସହଯୋଗୀଙ୍କ ସମର୍ଥନ ପ୍ରତ୍ୟାହାର ଯୋଗୁଁ ଅଳ୍ପକାଳୀନ ଥିଲା। ଏସବୁ ଆହ୍ୱାନ ସତ୍ତ୍ୱେ ୧୯୯୯ ରୁ ୨୦୦୪ ପର୍ଯ୍ୟନ୍ତ ଅଟଳ ବିହାରୀ ବାଜପେୟୀଙ୍କ ମେଣ୍ଟ ସରକାର ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିବାରେ ସଫଳ ହୋଇଥିଲା ଏବଂ ଉଲ୍ଲେଖନୀୟ ସଫଳତା ମିଳିଥିଲା। ବାଜପେୟୀଙ୍କ ଦକ୍ଷ ମେଣ୍ଟ ପରିଚାଳନା ସମେତ ମେଣ୍ଟ ସହଯୋଗୀମାନଙ୍କୁ ଶାନ୍ତ କରିବାର ପ୍ରୟାସକୁ ଅନେକ ସମୟରେ ଉଦାହରଣୀୟ ବୋଲି କୁହାଯାଏ।

ଏବେ ଭାରତ ସମେତ ପୃଥିବୀର ଅଧିକାଂଶ ଦେଶରେ ମେଣ୍ଟ ସରକାର ଏକ ସାଧାରଣ କଥା ପାଲଟିଯାଇଛି। କାରଣ ଯେଉଁ ଦେଶମାନଙ୍କରେ ବହୁଦଳୀୟ ନିର୍ବାଚନ ବ୍ୟବସ୍ଥା ଅଛି ସେଠାରେ ଏକାକୀ ଦଳମାନେ ପ୍ରାୟତଃ ସିଧାସଳଖ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ସଂଘର୍ଷ କରୁଛନ୍ତି। ଅବଶ୍ୟ ଭାରତରେ ଶେଷ ଦୁଇଟି ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ଏନଡିଏ ମେଣ୍ଟ ସହ ସରକାର କରିଥିଲେ। ସେହିଭଳି ଆଞ୍ଚଳିକ ଦଳଗୁଡ଼ିକ ଯଥା ବିଜୁ ଜନତା ଦଳ, ଡିଏମକେ, ଆରଜେଡି, ତୃଣମୂଳ କଂଗ୍ରେସ, ଶିବସେନା ଓ ଜନତା ଦଳ(ୟୁ) ଇତ୍ୟାଦି ସେମାନଙ୍କର ଦୃଢ଼ ଆଞ୍ଚଳିକ ସମର୍ଥନ ଭିତ୍ତିଭୂମି ସହ ପ୍ରାୟତଃ ମେଣ୍ଟ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ବିଶେଷକରି ଭାରତ ଭଳି ସଂଘୀୟ ଢାଞ୍ଚା ଥିବା ଦେଶମାନଙ୍କ ମେଣ୍ଟ ରାଜନୀତିରେ ଆଞ୍ଚଳିକ ଦଳଗୁଡ଼ିକର ଭବିଷ୍ୟତ ସୁରକ୍ଷିତ। ପ୍ରାୟତଃ ନିଜ ନିଜ ଅଞ୍ଚଳର ନିର୍ଦ୍ଦିଷ୍ଟ ସ୍ୱାର୍ଥ ଏବଂ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଥିବା ଆଞ୍ଚଳିକ ଦଳଗୁଡ଼ିକର ଲକ୍ଷ୍ୟ ଜାତୀୟ ଦଳର ଏଜେଣ୍ଡାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ମେଣ୍ଟ ସଂସ୍କୃତିରେ ବୃହତ୍ତର ରାଜନୈତିକ ଦୃଶ୍ୟପଟରେ ଆଞ୍ଚଳିକ ସମସ୍ୟାର ସମାଧାନ ସୁନିଶ୍ଚିତ କରିବାରେ ଆଞ୍ଚଳିକ ଦଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି।

ମେଣ୍ଟ ରାଜନୀତି ଭାରତର ଗଣତନ୍ତ୍ରର ଏବେ ଏକ ଅବିଚ୍ଛେଦ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ମେଣ୍ଟ ସରକାରଗୁଡ଼ିକର ସ୍ଥିରତା ବିଭିନ୍ନ ରାଜନୈତିକ ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ବଜାୟ ରଖିବାର କ୍ଷମତା ଦ୍ୱାରା ପ୍ରଭାବିତ ହୋଇଥାଏ।ଏହି ସନ୍ତୁଳନ ଆଇନ, ସୁଶାସନ ଓ ପ୍ରଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ। ରାଜନୀତିରେ ମେଣ୍ଟ ଆମ ଦେଶର ଜଟିଳ ସାମାଜିକ ଢାଞ୍ଚା ଏବଂ ବହୁଦଳୀୟ ବ୍ୟବସ୍ଥାକୁ ପ୍ରତିଫଳିତ କରୁଛି। ଦେଶର ରାଜନୈତିକ ଗତିଶୀଳତା ସହ ଭାରତରେ ଗଣତନ୍ତ୍ରର ଭବିଷ୍ୟତ ଉପରେ ମେଣ୍ଟ ରାଜନୀତିର ପ୍ରଭାବ ବଢ଼ିବାରେ ଲାଗିଛି। ଅନେକସମୟରେ ବିଚାର ଓ ଆଦର୍ଶରେ ସାମଞ୍ଜସ୍ୟ ନ ଥାଇ ମେଣ୍ଟ କଲେ ଏହାର ସ୍ଥାୟିତ୍ୱ ଏବଂ ବୃହତର ରାଜନୈତିକ ଅସ୍ଥିରତା ନେଇ ମଧ୍ୟ ପ୍ରଶ୍ନ ଆସେ।

# ଅଧିକାର ଓ ଦାୟିତ୍ୱବୋଧ



ରାକେଶ ପଣ୍ଡା
ଟାଙ୍ଗୀ(କଟକ), ମୋ: ୯୩୩୭୮୯୭୬୫୦

ମଣିଷ ଜୀବନ ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ସର୍ବଶ୍ରେଷ୍ଠ ଉପହାର। ଉକ୍ତ ଜୀବନକୁ ସଫଳ, ପରିପୂର୍ଣ୍ଣ ତଥା ଯଥାର୍ଥ କରିବାକୁ ହେଲେ; ସଂକଳ୍ପ, ସଂସ୍କାର, ସୁବିଚାର ଏବଂ ସମର୍ପଣ ଭାବ ପୋଷଣ କରି ନିରନ୍ତର ନିଜର କର୍ମ ଏବଂ କର୍ତ୍ତବ୍ୟ କରିବା ଉଚିତ। ପ୍ରତ୍ୟକ ବ୍ୟକ୍ତି ନିଜର ଜୀବନ କାଳ ମଧ୍ୟରେ ଅଲଗା ଅଲଗା ତଥା ଭିନ୍ନ ଭୂମିକା ମାନ ଗ୍ରହଣ କରିଥାଏ। ପ୍ରତ୍ୟକ ଚରିତ୍ର ଏବଂ ଭୂମିକାରେ ତା'ର କିଛି ଅଧିକାର, ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଥାଏ। ସାଧାରଣତଃ, ଜଣେ ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥାଏ। କିନ୍ତୁ, ଯେତେବେଳେ ଦାୟିତ୍ୱ ତଥା କର୍ତ୍ତବ୍ୟ ନିର୍ବାହ କରିବାର ସମୟ ଆସେ, ସର୍ବପ୍ରଥମେ ତା'ର ମନ ମଧ୍ୟରେ ଏକ ପ୍ରଶ୍ନ ଉଙ୍କି ମାରିଥାଏ। ତାହା ହେଉଛି ଉକ୍ତ କାର୍ଯ୍ୟ ଦ୍ୱାରା ମୋତେ କ'ଣ ପ୍ରାପ୍ତି ହେବ ତଥା ସେଥିରେ ମୋ'ର ବ୍ୟକ୍ତିଗତ ଲାଭ କ'ଣ? କିନ୍ତୁ, ପ୍ରତ୍ୟେକ ବ୍ୟକ୍ତି ଏହା ଭୁଲିବା କଥା ନୁହେଁ ଯେ, ଜୀବନରେ ଅଧିକାର ଏବଂ ଦାୟିତ୍ୱ ଏକା ସହ ଚାଲିଥାଏ।

ଆଜିର ସମୟରେ ଅନେକ ବ୍ୟକ୍ତିବିଶେଷଙ୍କ ମତ ତଥା ଚିନ୍ତାଧାରା ଅନୁସାରେ ସମସ୍ତ ପ୍ରକାରର ସାମାଜିକ ଦାୟିତ୍ୱବୋଧ, ଯେପରିକି ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା, ଅସହାୟକୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କେବଳ ସରକାରଙ୍କର ଦାୟିତ୍ୱ। ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ସାଧାରଣତଃ, ଜଣେ ମଣିଷ ନିଜର ପରିବାର ତଥା ଏହାର ସଦସ୍ୟଙ୍କ ପ୍ରତି ରହିଥିବା କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ପ୍ରତି ସର୍ବଦା ସଚେତନ ଏବଂ ସଜାଗ ରହିଥାଏ। ସେଥିଲାଗି ସେ ନିଜର ସର୍ବଶ୍ରେଷ୍ଠ ଅବଦାନ ଦେବା ସହ ସମୟେ ସମୟେ ତା'ର ଅନେକ ବ୍ୟକ୍ତିଗତ ସ୍ୱାର୍ଥ, ଇଚ୍ଛା ଓ ଅଭିଳାଷକୁ ତ୍ୟାଗ ମଧ୍ୟ କରିଥାଏ। ଏପରିକି, ନିଜଠାରୁ ସେ ପରିବାରକୁ ସର୍ବଦା ପ୍ରାଥମିକତା ଦେଇଥାଏ। କିନ୍ତୁ ଅନେକ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ଯେ ସମାଜ ପ୍ରତି ଥିବା ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ସେ ଅଣଦେଖା କରିଦିଏ।

ଏକ ସାମାଜିକ ପ୍ରାଣୀ ଭାବରେ ସମାଜ ବିନା ମଣିଷର ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ। ଆମେ କହି ପାରିବା ନାହିଁ ଯେ ଜଣେ ବ୍ୟକ୍ତିର ଜୀବନ ନିର୍ବାହରେ ତା'ର ପରିବାରର ସମ୍ପୂର୍ଣ୍ଣ ତଥା ଶତକଡ଼ା ଶହେ ଭାଗ ଅବଦାନ ରହିଛି। କାରଣ ଗୋଟିଏ ଶିଶୁ ଜନ୍ମ ହୋଇ ବଡ଼ ହେବା ଏବଂ ବଡ଼ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରିବାରେ ତା'ର ପରିବାରର ଭୂମିକା ଯେତିକି ରହିଥାଏ, ତା'ସହ ସମାଜର ଭୂମିକା ମଧ୍ୟ ସେତିକି ଥାଏ। ବିଭିନ୍ନ କ୍ଷେତ୍ରରେ ନିଜ ପଡ଼ୋଶୀଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ତଥା ସମଗ୍ର ରାଜ୍ୟ ଏବଂ ଦେଶର ତା' ପ୍ରତି ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ଅନେକ ଭୂମିକା ଏବଂ ଅବଦାନ ରହିଥାଏ। ଏ ସମ୍ପର୍କିତ ଅନେକ ଘଟଣା ଏବଂ ବିଷୟବସ୍ତୁକୁ ଆମେ କେବଳ ଅନୁଭବ ହିଁ କରିଥାଉ, କିନ୍ତୁ ସେସବୁକୁ ସ୍ପର୍ଶ କରିବା ନିମନ୍ତେ ସକ୍ଷମ ହୋଇ ପାରୁନାହିଁ।

ଏଣୁ ଯେତେବେଳେ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ବିକଶିତ ହୋଇଥାଏ ତଥା ସମାଜରେ ପ୍ରତିଷ୍ଠା ଲାଭ କରିଥାଏ, ସେତେବେଳ ନିଜର ପରିବାର ସହ ସମାଜ ପ୍ରତି ମଧ୍ୟ ତା'ର ଅନେକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଥାଏ। ପ୍ରତ୍ୟେକ ବ୍ୟକ୍ତି ଉକ୍ତ ଦାୟିତ୍ୱକୁ ନିର୍ବାହ କରିବା ଲାଗି ହୁଏତ ଆର୍ଥିକ ସ୍ତରରେ ସର୍ବଦା ସକ୍ଷମ ନ'ହୋଇ ପାରନ୍ତି। କିନ୍ତୁ ନିଜର ସଦିଚ୍ଛା ଓ ଆନ୍ତରିକତା ଦ୍ୱାରା ଶାରୀରିକ ଏବଂ ମାନସିକ ସ୍ତରରେ ଜଣେ ବ୍ୟକ୍ତି ନିଜର ସାମାଜିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସବୁକୁ ନିର୍ବାହ କରିପାରିବେ। ଅନ୍ୟ ଜଣେ ବ୍ୟକ୍ତିର ଅସୁବିଧା ସମୟରେ ସେ ତା'ର ନିକଟରେ ଉପସ୍ଥିତ ରହି ସମସ୍ତ ପ୍ରକାରର ଶାରୀରିକ ସହଯୋଗ ପ୍ରଦାନ କରିପାରିବେ ଏବଂ ବର୍ତ୍ତମାନ ତଥା ଆଶଙ୍କିତ ବିପଦକୁ ସାମନା କରିବାକୁ ତଥା ସେଥିରୁ ମୁକୁଳିବାକୁ ମାନସିକ ସ୍ତରରେ ତାଙ୍କର ମନୋବଳ ବଢ଼ାଇପାରିବେ। ଯେପରି ଜଣେ ଲେଖକ ନିଜର ଲେଖନୀ ମୁନ ତଥା ଶବ୍ଦର ସମାହାର ସାହାଯ୍ୟରେ ବିଭିନ୍ନ ଲୋକଙ୍କ ମନ, ଚେତନାରେ ପରିବର୍ତ୍ତନ ଆଣି ପାରିବେ। ପରବର୍ତ୍ତୀ ମୁହୂର୍ତ୍ତରେ ଅନେକ ଲୋକଙ୍କ କାର୍ଯ୍ୟକଳାପରେ ତାହା ପ୍ରତିଫଳିତ ହେବ। ଏହାଦ୍ୱାରା ସମାଜରେ ବିଭିନ୍ନ କ୍ଷେତ୍ରରେ ଅନେକ ସୁଧାର ଆସିପାରିବ ତଥା ଏକ ସୁସ୍ଥ ସମାଜ ଗଠନ ଦିଗରେ ତାହା ବଡ଼ କାରକ ସାଜିବ। ଜଣେ ବ୍ୟକ୍ତି ନିଜର ଅବସର ସମୟରେ ନିଜ ଅଞ୍ଚଳରେ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରିପାରିବେ, ଯାହାଦ୍ୱାରା ଲୋକମାନେ ବିଭିନ୍ନ କ୍ଷେତ୍ରରେ ସଚେତନ ହୋଇପାରିବେ ଏବଂ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀକୁ ତାହା ମାର୍ଜିତ କରିବାରେ ସହାୟକ ହେବ। ଖାଲି ସମୟଗୁଡ଼ିକୁ ଅଯଥା ଥଟ୍ଟା, ତାମସା, ଗୁଲି-ଖଟିରେ ନଷ୍ଟ ନ'କରି ତଥା ଏହାର ସଦୁପଯୋଗ ପୂର୍ବକ, ଜଣେ ବ୍ୟକ୍ତି ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରି ନିଜର ଗ୍ରାମ ତଥା ଅଞ୍ଚଳରେ ସ୍ୱଚ୍ଛତା ତଥା ପରିମଳ, ବୃକ୍ଷରୋପଣ ଆଦି କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରିବା ସହ ବିଶେଷକରି ଆଜିର ଯୁବକ ଯୁବତୀମାନଙ୍କୁ ଏଥିଲାଗି ପ୍ରେରିତ କରିପାରିବେ ଏବଂ ତାହା ଅନ୍ୟ ସମସ୍ତଙ୍କ ପାଇଁ ମଧ୍ୟ ଏକ ସକାରାତ୍ମକ ଉଦାହରଣ ସୃଷ୍ଟି କରିବ।

ଜଣେ ଶିକ୍ଷିତ ପ୍ରାପ୍ତବୟସ୍କ ବ୍ୟକ୍ତି ଯିଏ କି ଶାରୀରିକ ସ୍ତରରେ ଏହିସବୁ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଲାଗି ନିଜକୁ ଅକ୍ଷମ ଅନୁଭବ କରିବେ ସେମାନେ ନିଜର ଅବସର ସମୟରେ ଗରିବ ଅସହାୟ ପିଲାମାନଙ୍କୁ ମାଗଣା ଶିକ୍ଷାଦାନ କରିପାରିବେ। ଯୁବକଯୁବତୀମାନଙ୍କୁ ଆଗକୁ ବଢ଼ିବାରେ ଉପଦେଶ ଦେବା ସହ ସେମାନଙ୍କର ପଥ ପ୍ରଦର୍ଶକ ସାଜି ପାରିବେ। ଏତଦବ୍ୟତୀତ, ଯିଏ ଯେଉଁ ବୃତ୍ତିରେ ନିୟୋଜିତ ଅଛନ୍ତି, ସେଥିରେ ଥିବା ଦାୟିତ୍ୱ ଓ କର୍ତ୍ତବ୍ୟକୁ ସତ୍ୟ ଓ ନିଷ୍ଠାର ସହ ନିର୍ବାହ କରିବା ଦ୍ୱାରା ବିଭିନ୍ନ କାର୍ଯ୍ୟ ତଥା ବିଭାଗକୁ ଦୁର୍ନୀତିମୁକ୍ତ ମଧ୍ୟ କରାଯାଇପାରିବ, ସେଥିରେ ସ୍ୱଚ୍ଛତା ଅଣାଯାଇପାରିବ। ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରାଜ୍ୟ ତଥା ଦେଶ ଉପକୃତ ହେବ ଏବଂ ସାରା ସମାଜ ପାଇଁ ଏହା ଜଣେ ବ୍ୟକ୍ତିର ସବୁଠାରୁ ବଡ଼ ସାମାଜିକ ଦାୟିତ୍ୱବୋଧ ରୂପେ ଉଭା ହେବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

■ ଭକ୍ତଙ୍କ ପାଇଁ ଆଜି ଖୋଲିବ ଚାରିଦ୍ୱାର

## ଚାଲିଛି ବ୍ୟାରିକେଡିଂ ନିର୍ମାଣ

**ପୁରୀ, ୧୨।୬(ସମିସ):** ଭକ୍ତଙ୍କ ପାଇଁ ଖୋଲିବ ଶ୍ରୀମନ୍ଦିର ଚାରିଦ୍ୱାର। ଏଥିପାଇଁ ପ୍ରଶାସନ ପକ୍ଷରୁ ଜୋର୍‌ଦାର୍ ପ୍ରସ୍ତୁତି କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଗୁରୁବାରଠାରୁ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯିବ ବୋଲି ସୂଚନା ମିଳିଛି। ଶ୍ରୀମନ୍ଦିରର ସବୁଦ୍ୱାର ଭକ୍ତଙ୍କ ପ୍ରବେଶ ପାଇଁ ଉନ୍ମୁକ୍ତ ହେଲେ ଶ୍ରଦ୍ଧାଳୁଙ୍କୁ ଆଉ ଦର୍ଶନ ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଫଳରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। କେବଳ ପୁରୀବାସୀଙ୍କ ପାଇଁ ପଶ୍ଚିମ ଦ୍ୱାର ଖୋଲାଯାଇଛି। ତେଣୁ ବାହାର ଶ୍ରଦ୍ଧାଳୁ କେବଳ ସିଂହଦ୍ୱାର ଦେଇ ଯାଉଥିବାରୁ ନାନା ପ୍ରକାର ସମସ୍ୟା ହେଉଛି। ତେଣୁ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯାଉ ବୋଲି ଦାବି ହୋଇ ଆସୁଥିବା ବେଳେ ବିଜେପି ସରକାରକୁ ଆସିଲେ ଚାରିଦ୍ୱାର ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ କିଛିଦିନ ହେବ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ସୋମବାର ଜିଲ୍ଲା ପ୍ରଶାସନ ସହ ଶ୍ରୀମନ୍ଦିର ଏବଂ ପୁଲିସ ପ୍ରଶାସନ ମିଳିତ ଭାବେ ବୁଲି ଚାରିଦ୍ୱାର ଖୋଲାଗଲେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ପ୍ରବେଶ ଏବଂ ପ୍ରସ୍ଥାନ କରିବେ ତା'ର ଅନୁଧ୍ୟାନ କରିଥିଲେ। ସେହିପରି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ନେଇ କ'ଣ ସବୁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ତା' ଉପରେ ମଧ୍ୟ ଅଧିକାରୀମାନେ ଆଲୋଚନା କରିଛନ୍ତି। ପ୍ରତି ଦ୍ୱାରରେ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଡିଏଫ୍‌ଏମ୍‌ଡି (ଡୋର ଫ୍ରେମ ମେଟାଲ ଡିଟେକ୍ଟର) ସହ କେତେ ସୁରକ୍ଷା କର୍ମୀ ନିୟୋଜିତ ହେବେ ସେ ସମ୍ପର୍କରେ ମଧ୍ୟ ତର୍ଜମା କରିଛନ୍ତି। ପୂର୍ବରୁ ପଶ୍ଚିମ ଦ୍ୱାରରେ ବ୍ୟାରିକେଡିଂ ଥିବାବେଳେ ବୁଧବାର ଉତ୍ତର ଏବଂ ଦକ୍ଷିଣ ଦ୍ୱାରରେ ମଧ୍ୟ ବ୍ୟାରିକେଡିଂ କରାଯାଇଛି।



## ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜନାଥ ସିଂ

### କେନ୍ଦ୍ରମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ବି ଦର୍ଶନ କଲେ

**ପୁରୀ, ୧୨।୬(ସମିସ):** ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। କେବେଳ ରାଜନାଥ ନୁହଁନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ପୁରୀ ସାଂସଦ ସମ୍ବିତ ପାତ୍ର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନ



୧୧ଟାରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ, ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ପୁରୀରେ ପହଞ୍ଚିଥିଲେ। ତାଙ୍କୁ ବିଜେପି ନେତା, କର୍ମୀ, ସେବାୟତ ଓ ପ୍ରଶାସନିକ ଅଧିକାରୀ ସ୍ୱାଗତ କରିଥଲେ। ସାଂସଦ ସମ୍ବିତ ପାତ୍ର ତାଙ୍କୁ ଶ୍ରୀମନ୍ଦିର ଭିତରକୁ ନେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ପ୍ରଥମେ ପତିତପାବନଙ୍କୁ ମୁଣ୍ଡିଆ ମାରି ଶ୍ରୀମନ୍ଦିରକୁ ପ୍ରବେଶ କରିଥଲେ। ରତ୍ନସିଂହାସନରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ମୁକ୍ତିମଣ୍ଡପରୁ ଆଶୀର୍ବାଦ ନେଇ ବେଢ଼ା ପରିକ୍ରମା କରି ମା' ବିମଳା, ମା' ଲକ୍ଷ୍ମୀ ସହ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥଲେ। ସାରା ବିଶ୍ୱର କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ଭଲ କାମ କରିବା ପାଇଁ ଭଗବାନ ତାଙ୍କୁ ଶକ୍ତି ଓ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିବା ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ।

ସେହିପରି ମହାପ୍ରଭୁଙ୍କ ଦର୍ଶନ ସହ ଆଶିଷ ଲାଭ କରିଛନ୍ତି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ। ମଧ୍ୟାହ୍ନରେ ସେ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସେବାୟତମାନେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ତାଙ୍କୁ ସ୍ୱାଗତ କରିଥିଲେ। ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଥିଲେ ଯେ, ପର୍ଯ୍ୟଟନର ବିକାଶ ସହ ନିଯୁକ୍ତି ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ବିଜେପି ସରକାର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହୋଇଥିବାରୁ ଓଡ଼ିଶା ବେଶ୍ ପ୍ରଗତି କରିବ ବୋଲି କହିଛନ୍ତି ଗୋଆ ମୁଖ୍ୟମନ୍ତ୍ରୀ। ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଭୁପିନ୍ଦର ଯାଦବ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।

## ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

କଟକ, ୧୨।୬(ସମିସ): ମତଦାନ ସମୟରେ ଇଭିଏମ ଭାଙ୍ଗିବା ଉଦ୍ୟମ ଓ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଗିରଫ ହୋଇଥିବା ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଆଧାରରେ କିଛି ଅଭିଯୋଗ କରା ନଯାଇ ସାଧାରଣ ଅଭିଯୋଗରେ ଏତଲା ଦିଆଯାଇଥିବାରୁ ଅଦାଲତ ଆବେଦନକାରୀଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ପ୍ରଶାନ୍ତ ଜଗଦେବଙ୍କ ପକ୍ଷରୁ ରୁଜୁ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନ ଅଦାଲତ ଚାହିଁଲେ ସର୍ତ୍ତାରୋପ କରିପାରିବେ ବୋଲି ଅଦାଲତ କହିଛନ୍ତି। ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ଼ ବ୍ଲକ ୧୧୪ନଂ ବୁଥ କୁଆଁରିପାଟଣା ମତଦାନ କେନ୍ଦ୍ରରେ ଶ୍ରୀ ଜଗଦେବ ନିଜ ସମର୍ଥକଙ୍କ ସହ ମତଦାନ କରିବାକୁ ଆସିଥିବା ବେଳେ ଇଭିଏମ ଭାଙ୍ଗିବା ସହ ପୋଲିଂ କର୍ମଚାରୀ ଏବଂ ଜଣେ ଭୋଟରଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ସମ୍ପୃକ୍ତ ପ୍ରିଜାଇଡିଂ ଅଧିକାରୀ ବୋଲଗଡ଼ ଥାନାରେ ଏତଲା ଦେଇଥିଲେ। ପ୍ରଶାନ୍ତଙ୍କୁ ପୁଲିସ ଗତ ମେ୨୫ରେ ଗିରଫ କରିଥିଲା। ତାଙ୍କର ନିୟମିତ ଜାମିନ ଆବେଦନକୁ ନିମ୍ନ ଅଦାଲତ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ନିକଟରେ ନିମ୍ନ ଅଦାଲତ ତାଙ୍କୁ ୩ଦିନ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Jairam Swain, S/o- Late Kanhu Charan Swain, resident of At- Arapada, Po-Dalakasoti, Ps-Balipatna, Dist-Khurda, Pin-752102, Odisha declared by this affidavit No.397, dated- 11/06/2024, that now onwards I shall be known as **JAYARAM SWAIN** for all future purposes.

**AFFIDAVIT**

I, Raghunatha Mishra, S/o, Ramachandra Mishra Resident of Telengasahi, PS- Sahadevkhunta, PO/ Dist-Balasore, Odisha- 756001, declare by this affidavit No.3056 dtd 11.06.2024 that now onwards I shall be known as **Raghunath Mishra** for all future purposes.

**WANTED LAND ON LEASE FOR NURSERY**

Godrej Agrovet Limited, Odisha Unit at Bargarh Dist. is looking out for a land on lease for 5 years - minimum 8 Acres to 10 Acres of land for raising Oil Palm Nursery under Government of India Scheme National Mission on Edible Oil - Oil Palm (NMEO - OP) scheme.
Land with Irrigation source & Approach road is a must.

**Please contact with details to: -**
**Godrej Agrovet Limited,**
**Edara Gunasekhar - 95561 34986**
**B. Praveen Kumar - 7680098623 / 9989973108**

**WALK-IN-INTERVIEW**

Wanted Lecturers in Sanskrit, Political Science and Physics to be appointed on contractual basis. Interested candidates with 55% in P.G level may attend the **Walk-in-Interview on dt. 23/06/2024** at **11.00 AM** on our college premises.
N.B:- No TA/DA will be allowed for the purpose.

**Sd/- Principal -cum- Secretary**
**K.P.A.N. Degree College, Bankoi, Dist-Khordha**
**Mob.: 9937565705**

**QUOTATION CALL NOTICE**

Sealed quotations are invited from Authorized Dealers (with G.S.T) for the supply of science Laboratory equipments to our college with CBCS pattern course within **20/06/2024.**
N.B:- (1) The List of Equipment's is available in college Email-kalicharandgcl@yahoo.in
(2) Supply is to be made within **30/06/2024.**

**Sd/- Principal**
**K.P.A.N. Degree College, Bankoi, Dist - Khordha**
**Mob.: 9937565705**


## ଅବଶିଷ୍ଟାଂଶ...

### ୪୯ ଦଗ୍ଧ...

ସେମାନଙ୍କ ଅବସ୍ଥା ଗମ୍ଭୀର ହୋଇପଡ଼ିଥିଲା। ଏହି ଭୟଙ୍କର ଅଗ୍ନିକାଣ୍ଡରେ କୋଠାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଭଳି ଏକ ମର୍ମନ୍ତୁଦ ଘଟଣା ପାଇଁ କୁଏତ ସରକାର ସଂପୃକ୍ତ ରିଅଲ ଇଷ୍ଟେଟ ମାଲିକଙ୍କୁ ଦାୟୀ କରିଛନ୍ତି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହା ସହିତ ଏକ ବୈଠକରେ ଘଟଣା ସମ୍ପର୍କରେ ବରିଷ୍ଠ ଅଧିକାରୀମାନଙ୍କ ଆଲୋଚନା କରିବା ସହିତ ମୃତକଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

ସେହିପରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରି ଆହତମାନଙ୍କ ଚିକିତ୍ସା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଭାରତୀୟ ରାଷ୍ଟ୍ରଦୂତଙ୍କୁ କହିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀବର୍ଦ୍ଧନ ସିଂଙ୍କୁ ତୁରନ୍ତ କୁଏତ ପଠାଯାଇଛି। ମୃତକମାନଙ୍କ ମଧ୍ୟରୁ ଅଧିକାଂଶ କେରଳ ରାଜ୍ୟର ହୋଇଥିବାରୁ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ କେନ୍ଦ୍ର ସରକାରଙ୍କ ସହାୟତା ଲୋଡି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। କୁଏତ୍‌ରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଆଦର୍ଶ ସ୍ୱାୟିକା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖି ଥିବା ବେଳେ ହସ୍ପିଟାଲରେ ପୀଡ଼ିତମାନଙ୍କ ସ୍ୱାସ୍ଥାବସ୍ଥା ବୁଲି ଦେଖିଛନ୍ତି। ଚିକିତ୍ସାଧୀନ ଥିବା ଭାରତୀୟମାନଙ୍କୁ ସମସ୍ତ ସହଯୋଗ କରିବାକୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜୟଶଙ୍କର କହିଛନ୍ତି। କୁଏତସ୍ଥିତ ଭାରତୀୟ ଦୂତାବାସ କାର୍ଯ୍ୟାଳୟ ପକ୍ଷରୁ ଏକ ଜରୁରୀକାଳୀନ ନମ୍ବର +୯୬୫-୬୫୫୦୫୨୪୬ ଜାରି କରାଯାଇଛି। ମୃତ ଏବଂ ଆହତ ଲୋକମାନଙ୍କ ପରିବାର ସଦସ୍ୟ ଏହି ଫୋନ୍ ନମ୍ବରକୁ କଲ କରି ନିଜ ପ୍ରିୟପରିଜନଙ୍କ ବିଷୟରେ ସୂଚନା ପାଇପାରିବେ। କୁଏତ ଉପପ୍ରଧାନମନ୍ତ୍ରୀ ଶେଖ ଫାହଦ ୟୋସେଫ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆରବସମୂହ ରାଷ୍ଟ୍ର ମଧ୍ୟରେ କୁଏତ୍ ଏକ କ୍ଷୁଦ୍ର ରାଷ୍ଟ୍ର ହୋଇଥିଲେ ମଧ୍ୟ ଏଠାକାର ମୋଟ ଜନସଂଖ୍ୟାର ପ୍ରାୟ ୨୧ ପ୍ରତିଶତ( ୧୦ ଲକ୍ଷ) ହେଉଛନ୍ତି ଭାରତୀୟ। ଏଠାରେ ବିଭିନ୍ନ କ୍ଷେତ୍ରରେ ଯେତିକି ଲୋକ କାମଧନ୍ଦା କରିଥାଆନ୍ତି ସେମାନଙ୍କ ମଧ୍ୟରେ ୩୦ ପ୍ରତିଶତ ଭାରତୀୟ ରହିଛନ୍ତି। ଦୁର୍ଘଟଣାଗ୍ରସ୍ତ କୋଠାରେ ପ୍ରାୟ ୧୬୦ରୁ ଅଧିକ ଭାରତୀୟ ଅବସ୍ଥାନ କରୁଥିଲେ ବୋଲି ଜଣାପଡ଼ିଛି।

### ଓଡ଼ିଶାରେ ମୋହନ...

ନିର୍ଦ୍ଧାରିତ ସମୟ ପୂର୍ବରୁ ଆମନ୍ତ୍ରିତ ଅତିଥି ସମାରୋହ ସ୍ଥଳରେ ପହଞ୍ଚି ଥିଲେ ଓ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସମାରୋହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଜାତୀୟ ସଂଗୀତ ଏବଂ ରାଜ୍ୟ ସଂଗୀତ ଧୂନ ବାଜିବା ପରେ ରାଜ୍ୟପାଳ ପ୍ରଥମେ ମୁଖ୍ୟମନ୍ତ୍ରୀ ଏବଂ ପରବର୍ତ୍ତୀ ସମୟରେ ଜଣକପରେ ଜଣେ ମନ୍ତ୍ରୀଙ୍କୁ ରାଜ୍ୟପାଳ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

କ୍ୟାବିନେଟ୍ ମନ୍ତ୍ରୀ ଭାବେ ସୁରେଶ ପୂଜାରୀ, ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର, ପୃଥ୍ୱୀରାଜ ହରିଚନ୍ଦନ, ଡ. ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା ଓ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶପଥ ନେଇଛନ୍ତି। ସେହିପରି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଭାବେ ଗଣେଶ ରାମ ସିଂଖୁଣ୍ଟିଆ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶପଥ ନେଇଛନ୍ତି। ଏହି ଉତ୍ସବରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ଯୋଗଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ପ୍ରଭାରୀ ସୁନିଲ ବଂଶଲ, ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟର ସମସ୍ତ ନବ ନିର୍ବାଚିତ ସାଂସଦ, ବିଧାୟକ, ବିଜେପି ପଦାଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପରିଚାଳନା କରିଥିଲେ ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସଂଯୋଜନା କରିଥିଲେ।

### ଖୋଲିବ ଶ୍ରୀମନ୍ଦିର...

ପ୍ରଣୟନ କରିବେ। ଧାନର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକମୂଲ୍ୟ ୩୧୦୦ ଟଙ୍କା କରିବା ପାଇଁ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରାଯିବ। ସେଥିପାଇଁ ପ୍ରସ୍ତାବ ଉପସ୍ଥାପନ କରିବା ଲାଗି କୃଷି ବିଭାଗକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ଏକ ମାର୍ଗଦର୍ଶୀକା ଏବଂ ବିସ୍ତୃତ ରୂପରେଖ ପ୍ରସ୍ତୁତ କରି ସରକାରଙ୍କ ନିକଟରେ ଦାଖଲ କରାଯିବା ପରେ ତାହା କାର୍ଯ୍ୟକାରୀ କରାଯିବ। ଚତୁର୍ଥ ପ୍ରସ୍ତାବ ଅନୁସାରେ ମହିଳା ମାନଙ୍କ ସଶକ୍ତିକରଣ ପାଇଁ ଶୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ନଗଦ ୫୦ ହଜାର ଟଙ୍କା ଦିଆଯିବ। ଶୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାର ସମ୍ପୃକ୍ତ ବିଭାଗକୁ ମାର୍ଗଦର୍ଶୀକା ପ୍ରସ୍ତୁତ କରିବା ଲାଗି କୁହାଯାଇଛି। ସରକାରର ପ୍ରଥମ ୧୦୦ ଦିନ କାର୍ଯ୍ୟକ୍ରମ ଭିତରେ ଉପରୋକ୍ତ ଚାରିଟି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ଲାଗି ଆସନ୍ତା କାଲି ଠାରୁ କାମ ଆରମ୍ଭ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତି ପରିଡାଙ୍କ ସମେତ ମନ୍ତ୍ରୀ ମଣ୍ଡଳର ସମସ୍ତ ସଦସ୍ୟ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ସମସ୍ତ ବିଭାଗର ଶୀର୍ଷ ଅଧିକାରୀ ଉପସ୍ଥିତ ଥିଲେ।

### ଟ୍ୟାଙ୍କର ସହ...

ଗ୍ରାମର ଚିମୁକି ଶିକକାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଓଡି-୧୮-ଏ ୪୩୩୫ ବାଇକରେ ଥିବା ଅମ୍ବାଦଳା ଥାନା ଶିବପଦର ଗ୍ରାମର କାଳିଆ ସାହୁଙ୍କୁ ଗୁରୁତର ଅବସ୍ଥାରେ ରାୟଗଡ଼ାରୁ ବିଶାଖାପାଟଣା ନେବାବେଳେ ଅଧାରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କର ଗାଡ଼ିକୁ ଜବତ କରିବା ସହ ଟ୍ୟାଙ୍କର ଡ୍ରାଇଭର ଇମ୍ରାନ ଖାନଙ୍କୁ ଗରଫ କରିଛି ପୁଲିସ। ବିଷମ କଟକ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନାଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡୀ ଦୁଇ ମୃତକଙ୍କ ପରିବାରକୁ ଭେଟି ସେମାନଙ୍କୁ ରେଡକ୍ରସ ବାବାଦରେ ୧୦ ହଜାର ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି।

### ଆକର୍ଷଣର କେନ୍ଦ୍ର...

ନେତାମାନେ ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ ସହ ଉତ୍ସବରେ ଯୋଗ ଦେବା ନିମନ୍ତେ ନିଜେ ମୋହନ ଚରଣ ମାଝି ନବୀନ ନିବାସରେ ପହଞ୍ଚି ଅନୁରୋଧ କରିବା ନବୀନଙ୍କ ପ୍ରତି ରହିଥିବା ଶ୍ରଦ୍ଧାକୁ ପ୍ରକଟିତ କରିଛି । ତେବେ ଶପଥ ଗ୍ରହଣ ଉତ୍ସବରେ ରାଜନୈତିକ ସୌହାର୍ଦ୍ଦ୍ୟ ଓ ଗଣତନ୍ତ୍ରର ଯେଉଁ ସୌନ୍ଦର୍ଯ୍ୟ ଜନତା ମଇଦାନରେ ଦେଖିବାକୁ ମିଳିଛି ଭିନ୍ନ ଏକ ଦୃଶ୍ୟ। ଏହି ଉତ୍ସବରେ ବହୁ ରାଜନେତା ଯୋଗ ଦେଇଥିଲେ ହେଁ ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୪ ବର୍ଷର ଧରି ଭାରତୀୟ ରାଜନୀତିରେ ନୂଆ ଇତିହାସ ରଚିଥିବା ଶ୍ରୀ ପଟ୍ଟନାୟକଙ୍କୁ ଯଥୋଚିତ ସମ୍ମାନ ଦେବାରେ ଅବହେଳା କରି ନ ଥିଲେ ବିଜେପିର ଶୀର୍ଷ ନେତୃତ୍ୱ।

ବୁଧବାର ଜନତା ମଇଦାନ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବସ୍ଥଳରେ ନବୀନ ପହଞ୍ଚିବା କ୍ଷଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଅତ୍ୟନ୍ତ ସମ୍ମାନର ସହ ମଞ୍ଚ ଉପରକୁ ପାଛୋଟି ନେଇଥିଲେ। ଅନୁଜ ପରି ଧର୍ମେନ୍ଦ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରିବା ସହ ଦଳର ଜାତୀୟ ନେତା ଓ ନବୀନଙ୍କ ମଧ୍ୟରେ ଭାବବିନିମୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦେଖାଯାଇଥିଲା। ପୁନଶ୍ଚ ଶପଥ ପରେ ନବନିଯୁକ୍ତ ମନ୍ତ୍ରୀମାନେ ମଧ୍ୟ ନବୀନଙ୍କୁ ସମ୍ମାନ ପ୍ରଦର୍ଶନ ସହ ନମସ୍କାର କରିଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ପ୍ରଥମଥର ବିଧାୟକ, ଯେଉଁମାନଙ୍କୁ ଚିହ୍ନିବାର ଅବସର ନବୀନଙ୍କର ନ ଥିଲା । ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସମସ୍ତଙ୍କୁ ନବୀନଙ୍କ ସହ ପରିଚୟ କରାଇ ଦେଉଥିବା ଦେଖାଯାଇଥିଲା। ସେହିପରି ଉତ୍ସବ ଶେଷ ପରେ ନିଜେ ଧର୍ମେନ୍ଦ୍ର ମଧ୍ୟ ବିଦାୟ ଦେବା ପାଇଁ ଆସିବା, ଏପରିକି ତାଙ୍କ ଯିବା ପାଇଁ ଚେୟାର ହଟାଇ ରାସ୍ତା ପରିଷ୍କାର କରିବା ଦୃଶ୍ୟରୁ ନବୀନଙ୍କ ପ୍ରତି ରହିଥିବା ତାଙ୍କର ଶ୍ରଦ୍ଧା ପ୍ରତିଫଳିତ ହୋଇଥିଲା।

ଅନୁରୂପଭାବରେ ଶପଥ ଗ୍ରହଣ ଉତ୍ସବ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜ ଚୌକି ନିକଟରୁ ସିଧାସଳଖ ନବୀନଙ୍କ ନିକଟକୁ ଆସି କରମର୍ଦ୍ଦନ କରିବା ସହିତ ବେଶ୍ କିଛି ସମୟ ବାର୍ତ୍ତାଳାପ କରିଥିଲେ। ଉଭୟ ମୋଦୀ ଓ ନବୀନ ପରସ୍ପର ହାତକୁ ହାତରେ ରଖି ଯେପରି କଥା ହେଉଥିଲେ ତାହା ଅନେକଙ୍କ ପାଇଁ କୌତୂହଳ ସୃଷ୍ଟି କରିଥିଲା। ଉଭୟଙ୍କ ମଧ୍ୟରେ ମାର୍ଜିତ, ସମ୍ଭ୍ରମ ଓ ଘନିଷ୍ଠ ଆଲୋଚନା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଉତ୍ତମ ବନ୍ଧୁ ଭାବେ ଦୁହିଁଙ୍କ ଆଲୋଚନା ଉପସ୍ଥିତ ରାଜନେତା, ଦର୍ଶକଙ୍କୁ ଆମୋଦିତ କରିଥିଲା। ଅନୁରୂପ ଭାବରେ ଜଣକ ପରେ ଜଣେ ବିଜେପି ନେତା, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଞ୍ଚଉପରେ ଯେପରି ସମ୍ମାନ ଜଣାଉଥିଲେ, ସେଥିରୁ ନବୀନଙ୍କ ମୂଲ୍ୟବୋଧ ଭିତ୍ତିକ ଆକର୍ଷଣୀୟ ରାଜନୈତିକ ବ୍ୟକ୍ତିତ୍ୱ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟପାଳ ରଘୁବର ଦାସ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଗଣ, ଓଡିଶାର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପ-ମୁଖ୍ୟମନ୍ତ୍ରୀ, ଓଡିଶା ବିଜେପି ସଭାପତି ମନମୋହନ ସାମଲ, ମନ୍ତ୍ରୀ ମଣ୍ଡଳର ସମସ୍ତ ସଦସ୍ୟମାନେ ନବୀନଙ୍କ ପ୍ରତି ସୌଜନ୍ୟତା ପ୍ରଦର୍ଶନ କରିଥିଲେ। ମଞ୍ଚରେ ବିଜେପି ନେତାମାନଙ୍କ ଏହି ସମ୍ମାନ ନବୀନଙ୍କ ସ୍ଥାନ ରାଜନୀତିରେ କେତେ ଉଚ୍ଚରେ ତାହା ସ୍ପଷ୍ଟ ହୋଇ ଯାଇଥିଲା। ନବୀନ ମଧ୍ୟ ସମସ୍ତଙ୍କୁ ଅତି ଆଦରରେ ସ୍ମିତ ହାସ୍ୟ ଦେଇ ପ୍ରତିସମ୍ମାନ ଜଣାଇବାରେ ଆଦୌ କୁଣ୍ଠାବୋଧ କରି ନ ଥିଲେ।

### ୮.୭ କିମି ପରିଧି...

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ମ୍ୟାନ୍‌ଗ୍ରୁଭ ଫରେଷ୍ଟ ଡିଭିଜନ୍, ୱାଇଲ୍ଡ ଲାଇଫ୍‌ର ୩ଟି ପ୍ରୋଟେକ୍ଟେଡ ଏରିଆ ଭିତରକନିକା ୱାଇଲ୍‌ଡ୍ ଲାଇଫ୍ ସାଞ୍ଚୁରୀ (୧୯୭୫), ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ (୧୯୯୭), ଭିତରକନିକା ନ୍ୟାସ୍‌ନାଲ ପାର୍କ (୧୯୯୮)ର ବାଉଣ୍ଡାରୀର ୧୦୦ମିଟରରୁ ୮ କିମି ୭୦୦ମିଟର ଯାଏ ପରିଧିକୁ ପରିବେଶ ସ୍ପର୍ଶକାତର ଅଞ୍ଚଳ (ଇକୋ ସେନ୍‌ସିଟିଭ୍ ଜୋନ୍) ଭାବେ ଘୋଷଣା କରାଯାଇଛି। ୩ଟି ପ୍ରୋଟେକ୍ଟେଡ ଏରିୟାର ୧୦୦ ମିଟରରୁ ୮.୭ କିଲୋମିଟର ଯାଏ ଓସାରରେ ଏହି ଆଇନ୍ ଲାଗୁ ହୋଇଛି। ୪୯୭.୬୭ ବର୍ଗ କିଲୋମିଟର ଅଞ୍ଚଳରେ ଏହି ଆଇନ୍ ଲାଗୁ କରାଯାଇଛି।

ଭିତରକନିକାରେ ୮୮ ପ୍ରକାରର ବିରଳ ଲୁଣା ଗଛ, କ୍ରୋକଡାଇଲ୍ ପ୍ରୋଜେକ୍ଟ, ଏସିଆର ସବୁଠୁ ବଡ ବଗଗହନ ରହିଛି। ଏହାବାଦ୍ ଭିତରକନିକାକୁ ରାମସାର ସାଇଟ୍ ରୂପେ ଘୋଷଣା କରାଯାଇଥିବାବେଳେ ଆନ୍ତର୍ଜାତିକ ଆଦ୍ରଭୂମିର ମାନ୍ୟତା ମିଳିସାରିଛି। ଏଠାରେ ଥିବା ଗହୀରମଥାରେ ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ମାସ୍ ନେସ୍‌ଟିଙ୍ଗ ମଧ୍ୟ ହେଉଛି। ଏହି ଅଞ୍ଚଳ ଜୈବ ବିବିଧତାରେ ସମୃଦ୍ଧ। ଏଥରେ ମୁହାଣ, ସମୁଦ୍ର ପରିସଂସ୍ଥା ସହିତ ୬୧ ପ୍ରଜାତିର ଅମେରୁଦଣ୍ଡୀ ପ୍ରାଣୀ, ୨୦ ପ୍ରଜାତି ମାଛ, ୫ ପ୍ରଜାତିର ଉଭୟଚର ପ୍ରାଣୀ, ୪୨ ପ୍ରଜାତିର ସରୀସୃପ, ୨୮୦ ପ୍ରଜାତିରୁ ଅଧିକ ପକ୍ଷୀ, ୨୮ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କର ଆବାସସ୍ଥଳୀ। ସମୃଦ୍ଧ ଜୈବ ବିବିଧତା କାରଣରୁ ଏଗୁଡିକ ସଂରକ୍ଷିତ କରାଯିବା ନିହାତି ଆବଶ୍ୟକ। ସେଥିପାଇଁ ଭିତରକନିକାର ୦.୧୦ କିଲୋମିଟର ରୁ ୮.୭ କିଲୋମିଟର ପର୍ଯ୍ୟନ୍ତ ପର୍ଯର୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ବା ଇକୋ ସେନ୍‌ସିଟିଭ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଥିସହ ଏହି ୩ଟି ପ୍ରୋଟେକ୍‌ଟେଡ୍ ଏରିୟା ସଂଲଗ୍ନ ଯେତେ ଜଳଉତ୍ସ, ଭୂମି ଅଛି ସବୁକୁ ଇକୋ ସେନ୍‌ସେଟିଭ୍ ଜୋନ୍ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି।

ଭିତରକନିକା ୱାଇଲ୍‌ଡ୍ ଲାଇଫ୍ ସାଞ୍ଚୁରୀ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ, ଭିତରକନିକା ନ୍ୟାସ୍‌ନାଲ୍ ପାର୍କର ୦.୧୦ କିଲୋମିଟରରୁ ୮.୭ କିଲୋମିଟର ପରିଧି ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ବ୍ଲକର ୫୨ଟି ଗାଁ, ପଟ୍ଟମୁଣ୍ଡାଇ ବ୍ଲକର ୮ଟି ଗାଁ, ମହାକାଳପଡା ବ୍ଲକର ୩୮ଟି ଗାଁ, ଆଳି ବ୍ଲକର ୩୨ଟି ଗାଁ, ରାଜକନିକା ବ୍ଲକର ୩୦ଟି ଗାଁ ସମେତ ଭଦ୍ରକ ଜିଲ୍ଲାର ଚାନ୍ଦବାଲି, ବାଂଶଡା, ତିହିଡି ବ୍ଲକର ୪୫ଟି ମୋଟ୍ ୨୦୫ଟି ଗାଁ ଆସୁଛି। ଇକୋ ସେନସିଟିଭ୍ ଜୋନ୍‌ର ଫାଇନାଲ୍ ଗେଜେଟ୍ ପ୍ରକାଶ ପାଇଲା ପରେ ଏହି ୨୦୫ଟି ଗାଁରେ ଶବ୍ଦ ପ୍ରଦୂଷଣଠାରୁ ଆରମ୍ଭ କରି ବାୟୁ ପ୍ରଦୂଷଣ, ଭୂମି ପରିଚାଳନା, ଜଳଉତ୍ସର ବ୍ୟବହାର, ଆବର୍ଜନା ପରିଚାଳନା ଉପରେ ରୋକ୍ ଲାଗିବା ସହିତ ଗାଡି ଚଳାଚଳ ମଧ୍ୟ ନିୟନ୍ତ୍ରିତ ହେବ। ଏପରିକି ଇକୋ ସେନ୍‌ସିଟିଭ୍ ଜୋନ୍ ମଧ୍ୟରେ ନୂତନ କନଷ୍ଟ୍ରକସନ୍ ଉପରେ କଟକଣା କରାଯାଇଥିବା ବେଳେ ପର୍ଯ୍ୟଟନ ଭିତ୍ତିକ କାର୍ଯ୍ୟକ୍ରମ ବି' ଗାଇଡ୍ ଲାଇନ୍ ଭିତରେ ହେବ ବୋଲି ଜଣାପଡିଛି।

ଏହି ଇକୋ ସେନ୍‌ସେଟିଭ୍ ଜୋନ୍‌କୁ କ୍ରିୟାଶୀଳ ଭାବେ ପରିଚାଳନା କରିବାକୁ ସ୍ଥାନୀୟ ଲୋକଙ୍କ ମତାମତ ନେଇ ରାଜ୍ୟ ସରକାର ୨ ବର୍ଷ ଭିତରେ ଜୋନାଲ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବେ। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ, ସହରାଞ୍ଚଳ ବିକାଶ, ପର୍ଯ୍ୟଟନ, ମ୍ୟୁନିସିପାଲିଟି, ରାଜସ୍ୱ, କୃଷି, ଜଳସେଚନ, ବନ୍ୟା ନିୟନ୍ତ୍ରଣ, ପୂର୍ତ୍ତ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣଙ୍କ ସହିତ ବିଚାରବିମର୍ଷ କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରିବେଶ ଆଇନ୍‌କୁ ଭିତ୍ତିକରି ଏହି ମାଷ୍ଟର ପ୍ଲାନ୍ ତିଆରି ହେବ। ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପାଇଁ କେନ୍ଦ୍ରସରକାରଙ୍କ ଦ୍ୱାରା ଏକ ମନିଟରିଙ୍ଗ କମିଟି ଗଠନ ପାଇଁ ଗେଜେଟ୍‌ରେ ନିଷ୍ପତି ହୋଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ଏହି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପିଙ୍କ ପ୍ରତିନିଧି, କେନ୍ଦ୍ରାପଡା ଏସ୍‌ପି, ଏନ୍‌ଜିଓ ସଦସ୍ୟ, ରାଜ୍ୟ ସରକାରଙ୍କ ମନୋନୀତ ପରିବେଶବିତ୍, ପ୍ରଦୂଷଣ ବିଭାଗର ସଚିବଙ୍କ ପ୍ରତିନିଧି, ଭଦ୍ରକ ଡିଏଫ୍‌ଓଙ୍କ ସହିତ ରାଜନଗର ଡିଏଫ୍‌ଓ ଏହାର ସଦସ୍ୟ ସଚିବ ରହିବେ।

### ଭିତରକନିକାରେ ୪୮...

ପ୍ରକ୍ରିୟା ଜାରି ରହିଛି। କନିକା ରେଞ୍ଜର ଭିତରକନିକା, ରଗଡାପାଟିଆ, ଡାଙ୍ଗମାଳ, ଚିନ୍ତାମଣି ମହାନ୍ତି କ୍ରିକ ଅଞ୍ଚଳରେ ଏହି କୁମ୍ଭୀର ବସା ଚିହ୍ନଟ ହୋଇଛି। ବର୍ତ୍ତମାନ ବଉଳା କୁମ୍ଭୀର ମାନଙ୍କର ପ୍ରଜନନ ଋତୁ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଇ ୧ ତାରିଖ ଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବଉଳା କୁମ୍ଭୀରମାନଙ୍କ ପ୍ରଜନନ ପକ୍ରିୟା ହୋଇଥାଏ। ଏହି ସମୟରେ ମା' ବଉଳା ନଦୀର ଜୁଆର ଠାରୁ ୫ଫୁଟ ଦୂରତ୍ୱରେ ନଦୀ ପଠାରେ ବସା ବାନ୍ଧିଥାନ୍ତି। ଗତବର୍ଷ ଭିତରକନିକାରେ ୧୨୨ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା।


n-15

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା
ଗା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା – ୭୫୨୦୫୫, ଫୋନ ନଂ- ୦୬୭୫୫-୨୨୩୫୨୫
ସଂଖ୍ୟା ୧୬୫୬ ତାରିଖ ୧୧.୦୬.୨୦୨୪

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ
ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି

ଏତଦ୍ ଦ୍ୱାରା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ବିଜ୍ଞାପନ କ୍ରମିକ ସଂଖ୍ୟା ୫୭୫ ତା୧୬.୦୨.୨୦୨୪ ରିଖ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ଅଧୀନରେ ପରିଚାଳିତ ନେତାଜୀ ସୁବାସ ଚନ୍ଦ୍ର ବୋଷ ଆବାସୀୟ ବିଦ୍ୟାଳୟମାନଙ୍କରେ ବିଭିନ୍ନ ପଦବୀରେ ଚୁକ୍ତିଭିତ୍ତିକ ନିଯୋଜନ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ବୈଧ ଡ୍ରାଫ୍ଟ ତାଲିକା ଓ ଖାରଜ ତାଲିକା ବ୍ଲକ ଶିକ୍ଷା ଅଧିକାରୀ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ନୋଟିସ ବୋର୍ଡରେ ପ୍ରଦର୍ଶିତ ହେବା ସହିତ ଜିଲ୍ଲା ୱେବସାଇଟ www.khordha.nic.in ଓ ଓସେପା ୱେବସାଇଟ www.osepa.odisha.gov.in ରେ ମଧ୍ୟ ଉପଲବ୍ଧ କରାଯାଇଅଛି ।

ଏହି ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ତତ୍-ସମ୍ପର୍କିତ ଅଭିଯୋଗ ଯଦି କୌଣସି ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଥାଏ ତେବେ କେବଳ ଜିଲ୍ଲା ୱେବସାଇଟରେ ଉପଲବ୍ଧ ନିର୍ଦ୍ଧାରିତ ଫର୍ମରେ ଅଭିଯୋଗ ପତ୍ର (ପ୍ରଯୁଜ୍ୟ ସହାୟକ ପ୍ରମାଣପତ୍ରର ନକଲ ସହିତ) ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧାରେ ଯେକୌଣସି କାର୍ଯ୍ୟ ଦିବସରେ ଦିବା ୧୦.୦୦ ଘଟିକା ଠାରୁ ସନ୍ଧ୍ୟା ୫.୦୦ଘଟିକା ମଧ୍ୟରେ ଦାଖଲ କରିପାରିବେ । ଅଭିଯୋଗ ପତ୍ର ସହ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରିବାର ଶେଷ ତାରିଖ ତା୨୮.୦୬.୨୦୨୪ରିଖ । ଶେଷ ତାରିଖ ପରେ ପ୍ରାପ୍ତ ହୋଇଥିବା କିମ୍ବା ନିର୍ଦ୍ଧାରିତ ଫର୍ମରେ ନଥିବା ଏଭଳି କୌଣସି ଅଭିଯୋଗ ପତ୍ର ଗ୍ରହଣ କରାଯିବ ନାହିଁ । ନିଯୁକ୍ତି ଆବେଦନ ଫର୍ମ ସହ ସଂଲଗ୍ନ କରାଯାଇନଥିବା କୌଣସି ଆବଶ୍ୟକୀୟ ସାର୍ଟିଫିକେଟ/ ମାର୍କସିଟ ଅବା ପ୍ରମାଣପତ୍ର ଅଭିଯୋଗ ନିମନ୍ତେ ଗ୍ରହଣୀୟ ହେବନାହିଁ ।
ବି. ଦ୍ର.: ପ୍ରକାଶିତ ହୋଇଥିବା ତାଲିକା କୌଣସି ମେଧା ତାଲିକା ନୁହେଁ ।

ସ୍ୱା/-
ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ,
ସମଗ୍ର ଶିକ୍ଷା, ଖୋର୍ଦ୍ଧା

OIPR-27101/11/0002/2425

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ , ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୭୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ : www.oshb.org
CAD-217

ପତ୍ର ସଂଖ୍ୟା - ୧୨୬ ବିଜ୍ଞାପନ ତା.୦୪.୦୬.୨୦୨୪
File No.: H-224/2005

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ବଦଳ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୧ ✓ ସ୍ୱାଧିନୀ ପଣ୍ଡା, ସ୍ୱାମୀ-ଗୋପବନ୍ଧୁ ପଣ୍ଡା, ଗା/ପୋ-ବଙ୍କାଲୋ, ଥାନା-ବାଲିମୀ/ବ୍ଲକ୍-କଣ୍ଟାବଣିଆ, ଜିଲ୍ଲା-ଢେଙ୍କାନାଳ | ଡି.ଡି.ଏଲ୍.- ୨୯୨ DDL-292 ଚୁମୁଚୁମା ହାଉସିଂ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧-ଗୋପବନ୍ଧୁ ପଣ୍ଡା-(ସ୍ୱାମୀ) ୨- ଗୌରହରି ପଣ୍ଡା-(ପୁତ୍ର) ୩- ଗୋପାଳକୃଷ୍ଣ ପଣ୍ଡା-(ପୁତ୍ର) ୪- ହରିପ୍ରିୟା ପଣ୍ଡା-(ବି.କନ୍ୟା) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0145/2425

OHPC
ODISHA HYDRO POWER CORPORATION LIMITED. CAD-222
OFFICE OF THE SENIOR GENERAL MANAGER (ELECTRICAL):
BALIMELA HYDRO ELECTRIC PROJECT:POST BALIMELA DIST MALKANGIRI (ODISHA) PIN 764051
E mail- <unit.head_balimela@yahoo.com>
REGD. OFFICE:ODISHA HYDRO POWER CORPORATION LIMITED.
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22

**NOTICE INVITING TENDER NO.BHEP/DE-III/04 Dated 07.06.2024**

Single part sealed Tenders are invited from the reputed suppliers/ agencies for the work **"Procurement of materials (Group-A:-Electronicaccessories/Group-B:-Miscellaneous inventories/Group-C:-Clothing inventories/Group-D:-Kitchen inventories) for newly constructed Training Hostel, BHEP,Balimela."** fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Cost of Tender Paper (Non-refundable) in Rs. | EMD (Refundable) in Rs. | Period of availability of Tender documents | Last date & Time of receipt of Tender | Date & Time of opening bid |
|---|---|---|---|---|---|---|
| 1 | "Procurement of materials (Group-A:-Electronic accessories / Group-B:- Miscellaneousinventories / Group-C:- Clothinginventories / Group-D:-Kitchen inventories) for newly constructed Training Hostel, BHEP, Balimela." | Rs.7080/- /- (Rs. 7000/-+ (GST @ 18%) 1080/-) Rupees (Seven thousandeighty) only | 1% of the quoted amount | 13.06.2024 to 29.06.2024 | 29.06.2024 12:30PM | 01.07.2024 12:30 PM |

For details of the tender documents, terms & conditions, please visit our website www.ohpcltd.com

C&P Head
BHEP, Balimela

OIPR-204019/11/0007/2425

# ଫେସ୍‌ବୁକ୍ ପ୍ରେମର କରୁଣ ପରିଣତି





**ସାମାଜିକ ଗଣମାଧ୍ୟମରୁ ଆରମ୍ଭ ହେଲା ପ୍ରେମ । ପରେ ପ୍ରେମ ମନାନ୍ତର ରୂପ ନେଇଥିଲା । ପ୍ରେମିକା ପ୍ରେମିକ ପାଖରୁ ଚାଲିଯିବା ପୂର୍ବରୁ ପ୍ରେମରେ ଅନ୍ଧ ହୋଇପଡ଼ିଥିବା ପ୍ରେମିକ ଚାହୁଁ ନ ଥିଲେ ତା' ପ୍ରେମିକା ଆଉ କାହାର ହୋଇଯାଉ । ସେଥିପାଇଁ କିଛି ଘଟିବା ପୂର୍ବରୁ ପ୍ରେମିକାକୁ ହତ୍ୟା ଉଦ୍ୟମ କରି ନିଜେ ଆତ୍ମହତ୍ୟା ଭଳି ଜଘନ୍ୟ କାଣ୍ଡ ଭିଆଇଥିଲା । ପ୍ରେମିକା ଗୁରୁତର ଅବସ୍ଥାରେ ଏବେ ଚିକିତ୍ସାଧୀନ ଅଛନ୍ତି । ତେବେ ଘଟଣାକୁ ନେଇ ପୁଲିସ ଅରମ୍ଭ କରିଛି ତଦନ୍ତ । ଏଭଳି ଏକ ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ପୌରାଞ୍ଚଳ ୪ ନମ୍ବର ୱାର୍ଡରେ ।**

**ଦେବଗଡ଼ରୁ ବ୍ରିଜେଶ୍ ରଞ୍ଜନ ସାହୁଙ୍କ ରିପୋର୍ଟ**



ପ୍ରେମରେ ଭଟ୍ଟା ପଡ଼ିବା ଯୋଗୁଁ ଉଭୟଙ୍କ ମଧ୍ୟରେ ମାନମନାନ୍ତର ସୃଷ୍ଟି ହୋଇ ଉଗ୍ରରୂପ ନେଇଥିଲା ।

ସୁରଟ୍‌ର ଏକ ସ୍ପିନିଂ ମିଲ୍‌ରେ କାର୍ଯ୍ୟ କରୁଥିଲେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୂଷଣ୍ଡି ଗ୍ରାମ ବିଜୟ ସାସମଲଙ୍କ ପୁଅ ସୀମାଞ୍ଚଳ ସାସମଲ । ରଜ ପୂର୍ବରୁ ଛୁଟି ନେଇ ଗାଁକୁ ଆସିବେ ବୋଲି ଘର ଲୋକଙ୍କୁ କହିଥିଲେ ସୀମାଞ୍ଚଳ । ପରିବାର ଲୋକେ ମଧ୍ୟ ସୀମାଞ୍ଚଳର ଆସିବା ବାଟକୁ ଚାହିଁ ବସିଥିଲେ । କିନ୍ତୁ ଘରେ ସୀମାଞ୍ଚଳ ପହଞ୍ଚିବା ପୂର୍ବରୁ ଦେବଗଡ଼ରୁ ମିଳିଥିଲା ସୀମାଞ୍ଚଳଙ୍କ ମୃତଦେହ । ମୃତଦେହ ସୁରଟରୁ ଦେବଗଡ଼କୁ କିଭଳି ଆସିଲା କିଛି ବୁଝିପାରୁ ନଥିଲେ ସୀମାଞ୍ଚଳଙ୍କ ସାନଭାଇ ରାମକୃଷ୍ଣ । କେବଳ ରାମକୃଷ୍ଣ ନୁହଁନ୍ତି ପୂରା ପରିବାର କୋହ ସମ୍ଭରଣ କରିପାରୁ ନ ଥାନ୍ତି । ତେବେ ସୀମାଞ୍ଚଳ ଗାଁକୁ ନ ଯାଇ ତାଙ୍କ ମୃତଦେହ କିଭଳି ଦେବଗଡ଼କୁ ଆସିଲା, ତାକୁ ନେଇ ପରିବାର ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ପ୍ରଥମେ ପୁଲିସଠାରୁ ଖବର ପାଇଁ ପରିବାର ଲୋକେ ସୀମାଞ୍ଚଳଙ୍କ ମୃତଦେହ ଆଣିବା ପରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ ଆରମ୍ଭ କରିଥିଲା ତଦନ୍ତ ।

ଫେସ୍‌ବୁକ୍‌ରେ ସୀମାଞ୍ଚଳ ଭଲପାଇ ବସିଥିଲେ । ଦେବଗଡ଼ ପୌରାଞ୍ଚଳର ୪ ନମ୍ବର ୱାର୍ଡର ଜଣେ ଯୁବତୀଙ୍କୁ । କେଉଁଠି ନା କେଉଁଠି ପ୍ରେମରେ ଭଟ୍ଟା ପଡ଼ିଥିଲା । ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ମାନମନାନ୍ତର ସୃଷ୍ଟି ହୋଇଥିଲା । ଶେଷରେ ସୀମାଞ୍ଚଳ ଦିଗପହଣ୍ଡିସ୍ଥିତ ନିଜ ଗାଁକୁ ନ ଯାଇ ଦେବଗଡ଼ ଆସିଥିଲେ । ଶନିବାର ସନ୍ଧ୍ୟାରେ ପ୍ରେମିକାକୁ ଦେଖା କରିବାକୁ ଘରୁ ଡାକିଥିଲେ ଏବଂ ଦେବଗଡ଼ ସହରର ଗୁରୁସାହି ଦାଣ୍ଡରେ ଉତ୍କ୍ଷିପ୍ତ ହୋଇଥିବା ସୀମାଞ୍ଚଳ ପ୍ରେମିକାର ତଣ୍ଟିକୁ ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲା । ଏ ନେଇ କେହି ଜାଣିବା ପୂର୍ବରୁ ନିଜେ ମଧ୍ୟ





ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସୀମାଞ୍ଚଳକୁ ଜିଲ୍ଲା ମୁଖ୍ୟାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିଭଳି ଗୁରୁତର ପ୍ରେମିକା ଏବେ ବି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଯୁବତୀଙ୍କ ମାଆ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ଅପରପକ୍ଷେ ପ୍ରେମିକା ସୁସ୍ଥ ହେବା ପରେ କାହିଁକି ଏଭଳି ଘଟିଲା, ସେ ନେଇ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ଅପରପକ୍ଷେ ପୁଲିସ ମୃତ ସୀମାଞ୍ଚଳଙ୍କ ନାଁରେ ୩୦୭ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି ବୋଲି କହିଛନ୍ତି ଦେବଗଡ଼ ଥାନା ଆଇଆଇସି ସରୋଜ ସେଠୀ । ଆଇଆଇସି ଶ୍ରୀ ସେଠୀଙ୍କ ନେତୃତ୍ୱରେ ସେହି ଦିନଠାରୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା ଦେବଗଡ଼ ଥାନା ପୁଲିସ । ସେହିପରି ଛୁରାମାଡ଼ ସ୍ଥଳରେ ପୁଲିସ ପହଞ୍ଚି ଆଖପାଖ ଲୋକଙ୍କଠାରୁ ଏସଂକ୍ରାନ୍ତ ତଥ୍ୟ ସଂଗ୍ରହ କରିଥିବାବେଳେ ସୁଦୂର ଗଞ୍ଜାମ ଭୁଷଣ୍ଡ ଅଞ୍ଚଳରୁ ମୃତ ଯୁବକ କେବେ ଠାରୁ ଆସିଥିଲା, କେଉଁଠାରେ ରହୁଥିଲା, ଫୋନ ବାର୍ତ୍ତାଳାପରେ ପ୍ରେମିକା ଡାକିଥିଲେ ନା ସେ ନିଜେ ଆସିଥିଲେ, କେତେ ଦିନ ଧରି ପ୍ରେମ ସମ୍ପର୍କ ରହିଥିଲା, କ'ଣ ପାଇଁ ରକ୍ତମୁଖା ହେଲେ ସୀମାଞ୍ଚଳ, ଏ ସବୁ ଦିଗ ଉପରେ ପୁଲିସ ତଦନ୍ତ ଚଳାଇଛି ।







# ମନିଅର୍ଡର ସ୍ଲିପ୍‌ରୁ ଧରାପଡ଼ିଲା ଲୁଟେରା

**୨୦୦୧ ନୂତନ ବର୍ଷକୁ ସମସ୍ତେ ସ୍ୱାଗତ କରୁଥିବା ବେଳେ ଚିତ୍ତରଞ୍ଜନ ସାହୁ କିନ୍ତୁ ବ୍ୟସ୍ତ ହୋଇ ଚତୁଃପାର୍ଶ୍ୱରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ପାଇଁ ମୁନିଗୁଡ଼ା ବଜାରର ବିଭିନ୍ନ ଛକ, ଚା'ଦୋକାନ, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନକୁ ଧାଇଁ ବୁଲୁଥିଲେ । ନୂଆବର୍ଷ ପାଳନ କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପାଇଁ ରାସ୍ତା ଉପରେ ଅନେକ ଲୋକଙ୍କ ଉପରକୁ ନଜର ଯାଉଥିଲେ ମଧ୍ୟ ଉକ୍ତ ଅଜଣା ବ୍ୟକ୍ତି ଜଣକଙ୍କ କୌଣସି ଖୋଜଖବର ମିଳୁ ନ ଥିଲା । ଶେଷରେ ବିଳମ୍ବିତ ରାତ୍ରରେ ମୁନିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସମସ୍ତଙ୍କ ଗହଣରେ ମିଳିମିଶି ରହୁଥିବା ଅଜଣା ବ୍ୟକ୍ତି ଜଣକ ୧ ଲକ୍ଷ ୯୫ହଜାର ଟଙ୍କା ଚୋରି କରି ନେଇ କେଉଁଆଡ଼େ ଚାଲି ଯାଇଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଇଥିଲେ ଚିତ୍ତରଞ୍ଜନ । ଲୁଟେରାକୁ ଖୋଜିବାକୁ ଯାଇ ପୁଲିସକୁ ମିଳିଥିଲା ଗୋଟିଏ ମନି ଅର୍ଡର ସ୍ଲିପ୍ । ଆଉ ସେଇ ସ୍ଲିପ୍‌କୁ ଆଧାର କରି ପୁଲିସ ତଦନ୍ତ କରିବା ପରେ ଲୁଟେରାକୁ ଉତ୍ତର ପ୍ରଦେଶରୁ ଗିରଫ କରିଥିଲା ପୁଲିସ ।**

**ରାୟଗଡ଼ାରୁ ଶିବ ନାରାୟଣ ଗଉଡ଼ଙ୍କ ରିପୋର୍ଟ**

ଛତିଶଗଡ଼ର ରାୟପୁରର ଜଣେ ଠିକାଦାର ଓଡ଼ିଶାର ରାୟଗଡ଼ା ଜିଲ୍ଲା ବିଷମକଟକ ଅଞ୍ଚଳରେ ରେଳବାଇ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଟେଣ୍ଡର ପାଇଥିଲେ । ଏହି ପ୍ରକଳ୍ପ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ପାଇଁ ସୋନପୁର ଜିଲ୍ଲା ତରଭା ଥାନା ଅନ୍ତର୍ଗତ ସଦର ତରଭା ଗ୍ରାମର ଚିତ୍ତରଞ୍ଜନ ସାହୁଙ୍କୁ ସୁପର୍‌ଭାଇଜର ଭାବେ ନିଯୁକ୍ତ କରିଥିଲେ ଠିକାଦାର । କାମ ଚାଲୁ ରହିଥିବା ବେଳେ ପ୍ରକଳ୍ପ କାର୍ଯ୍ୟରେ ଜଣେ ଗ୍ୟାସ୍ କଟର୍ ଶ୍ରମିକଙ୍କୁ ମଧ୍ୟ ସାମିଲ କରିଥିଲେ । ଶ୍ରମିକମାନଙ୍କ ନିମନ୍ତେ ଏକ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ରହିଥିବା ବେଳେ ସୁପର୍‌ଭାଇଜର ଚିତ୍ତରଞ୍ଜନ ମୁନିଗୁଡ଼ା ସହରର ସତ୍ୟସାଇ ଲଜ୍‌ର ରୁମ ନମ୍ବର ୫୬ରେ ରହି ଆସୁଥିଲେ । କାମ ସରିବା ପରେ ବେଳେ ବେଳେ ଅନ୍ୟ କର୍ମଚାରୀମାନଙ୍କ ସହ ଗ୍ୟାସ୍ କଟର୍ ଜଣକ ମଧ୍ୟ ଲଜ୍‌କୁ ଯିବା ଆସିବା କରୁଥିଲେ । ଏହି ସମୟରେ ଚିତ୍ତରଞ୍ଜନ ନିଜ ପାଖରେ ରଖିଥିବା ଲକ୍ଷାଧିକ ଟଙ୍କା ଉପରେ ନଜର ପକାଇଥିଲା ସେହି ଅଜଣା ବ୍ୟକ୍ତି । ୨୦୦୦ ମସିହା ଡିସେମ୍ବର ୩୧ତାରିଖ ସକାଳେ କାମ କରୁଥିବା ସମୟରେ ହଠାତ୍ ନିଜ ଦେହ ଅସୁସ୍ଥ ଥିବା କହି ଆଶ୍ରୟସ୍ଥଳୀକୁ ଫେରି ଆସିଥିଲା ସେହି ଅଜଣା ବ୍ୟକ୍ତିଜଣଙ୍କ ।



ପ୍ରତିଦିନ ଭଳି ରାତ୍ରରେ ଲଜ୍‌କୁ ଫେରିଥିଲେ ଚିତ୍ତରଞ୍ଜନ । ତେବେ ରୁମ୍‌ରେ ଥିବା ଟଙ୍କା ନ ପାଇ ସେ ବ୍ୟତିବ୍ୟସ୍ତ ହୋଇଯାଇଥିଲେ । ରୁମ୍‌ରେ ତାଲା ପଡ଼ିଥିଲା ଆଉ ସେ ନିଜ ପାଖେ ଥିବା ଚାବିରେ ତାଲା ଖୋଲି ଭିତରକୁ ଆସିଥିବା ବେଳେ କିଏ ଓ କେଉଁ ପ୍ରକାରେ ରୁମକୁ ଭିତରକୁ ଆସି ଟଙ୍କା ନେଇ ଫେରାର୍ ହୋଇଗଲା, ତାକୁ ନେଇ ଚିତ୍ତରଞ୍ଜନ ଚିନ୍ତାରେ ପଡ଼ିଥିଲେ । ତୁରନ୍ତ ଲଜ୍ କର୍ମଚାରୀଙ୍କୁ ପଚାରି ବୁଝିଥିଲେ ମଧ୍ୟ କେହି ବି ତାଲା ଖୋଲି ନ ଥିବା କହିଥିଲେ । ଏତେଦିନ ରହିବା ମଧ୍ୟରେ ଏପରି କେବେ ଘଟଣା ନ ହୋଇଥିବା ବେଳେ କିଭଳି ଏତେ ଟଙ୍କା ଚୋରି ହେଲା ସେ ନେଇ ଚିତ୍ତରଞ୍ଜନ ଘାବରେଇ ଯାଇଥିଲେ । କାର୍ଯ୍ୟସ୍ଥଳରେ ଥିବା କର୍ମଚାରୀମାନଙ୍କୁ ପଚାରି ବୁଝିବା ବେଳେ ଦେହ ଅସୁସ୍ଥ ଥିବା କହି କାମରୁ ଫେରି ଆସିଥିବା ଅଜଣା ବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ । ବିଡ଼ମ୍ବନାର ବିଷୟ କିଛି ଦିନ ହେଲା କାର୍ଯ୍ୟସ୍ଥଳରେ ଗ୍ୟାସ କଟର୍ ଭାବେ କାର୍ଯ୍ୟ କରିଥିବା ଶ୍ରମିକଙ୍କ ତାଙ୍କ ପାଖରେ କୌଣସି ପରିଚୟ ନ ଥିଲା । ତଥାପି ତାକୁ ଖୋଜି ବାହାର କରିବା ପାଇଁ ଚିତ୍ତରଞ୍ଜନ ମୁନିଗୁଡ଼ା ସହରର ବିଭିନ୍ନ ସ୍ଥାନରେ ତଲାସୀ କରିଥିଲେ । ତାକୁ ନ ପାଇ ଚୋରି ଘଟଣା ବିଷୟରେ ଠିକାଦାରଙ୍କୁ ଜଣାଇବା ପରେ ସେ ମୁନିଗୁଡ଼ା ଥାନାରେ ଉକ୍ତ ଦିନ ରାତି ସାଢ଼େ ୧୨ଟାରେ ଏକ ଲିଖିତ ଅଭିଯୋଗ କରିଥିଲେ । ବର୍ତ୍ତମାନ ରାୟଗଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଥିବା ସେତେବେଳର ମୁନିଗୁଡ଼ା ଥାନା ଅଧିକାରୀ ବିଷ୍ଣୁପ୍ରସାଦ ପାତ୍ର ନିଜ ଥାନାରେ ୨୦୦୧ ମସିହାର ପ୍ରଥମ କେସ ନମ୍ବର ୧/୧/୨୦୦୧ରେ ଏକ ଚୋରି ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଚିତ୍ତରଞ୍ଜନ

> "ପୂରା ରାତି ଅନିଦ୍ରା ରହି ଟ୍ରାକ୍ଟର ଯାଞ୍ଚ କରୁଥିବା ବେଳେ ଟ୍ରାକ୍ଟର ଯୋଗେ ଫେରୁଥିବା ରାମଦେବକୁ ଧରିବାରେ ପୁଲିସ ସଫଳ ହୋଇଥିଲା । ସେ ଚୋରି କରି ନେଇ ଆସିଥିବା ଟଙ୍କା ମଧ୍ୟରୁ ଏକ ପୁରୁଣା ଟ୍ରାକ୍ଟର କିଣିଥିବା ବେଳେ ଉକ୍ତ ଟ୍ରାକ୍ଟର ମାଲିକ ନିକଟରୁ ଉକ୍ତ ଟଙ୍କା ଜବତ କରାଯାଇଥିଲା ।"




ରହୁଥିବା ଲଜ୍‌ର ରୁମ୍ ନମ୍ବର ୫୬ ଓ ତାହାର ଆଖପାଖ ଅଞ୍ଚଳ ଘଟଣାସ୍ଥଳର ପରିଦର୍ଶନ କରିଥିଲେ ଥାନା ଅଧିକାରୀ ଶ୍ରୀ ପାତ୍ର । ଉକ୍ତ ସମୟରେ ଚିତ୍ତରଞ୍ଜନ ସନ୍ଦେହ କରିଥିବା ଗ୍ୟାସ୍ କଟର୍ ଶ୍ରମିକଙ୍କ ଏକ ଛିଣ୍ଡା ଏୟାରବ୍ୟାଗ୍ ପାଇ ତାକୁ ତଲାସି କରିଥିଲେ । ସେଥିରୁ ଏକ ମନିଅର୍ଡର ସ୍ଲିପ୍ ପାଇଥିଲେ । ଯେଉଁଥିରେ ସେହି ଅଜଣା ବ୍ୟକ୍ତିର ନିଜ ଗାଁର ଠିକଣା ଜଣାପଡ଼ିଥିଲା । ତା'ପରେ ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଯଶବନ୍ତ ଜାଠୁଆଙ୍କ ଆଦେଶ କ୍ରମେ ଥାନା ଅଧିକାରୀ ବିଷ୍ଣୁପ୍ରସାଦ ପାତ୍ର ସଦଳବଳେ ଉତ୍ତର ପ୍ରଦେଶର ଆମ୍ବେଦକାର ଜିଲ୍ଲାର ବାସଖେରୀ ପୁଲିସ ଥାନା ଅନ୍ତର୍ଗତ ମକରିଆ ଗ୍ରାମକୁ ଯାଇ ଏକ ଇନ୍ଦିରା ଆବାସ ଯୋଜନାରେ ତିଆରି ହୋଇଥିବା ଏକ ଚାଳ ଝୋପଡି ଘରେ ଚଢ଼ଉ କରିଥିଲେ । ଯେଉଁଠାରେ ଏକ ବିପିଏଲ୍ କାର୍ଡ ସହ ଅଳ୍ପ କିଛି ଚାଉଳ ରଖାଯାଇଥିବା ପୁଲିସ ଦେଖିବାକୁ ପାଇଥିଲା ।

ବିଶେଷ ସୂତ୍ରରୁ ମିଳିଥିବା ଖବର ଏବଂ ବିପିଏଲ କାର୍ଡରେ ଥିବା ନାମ ପ୍ରକାରେ ଗ୍ୟାସ୍ କଟର କାମ କରୁଥିବା ଅଜଣା ବ୍ୟକ୍ତି ଜଣଙ୍କ ଉକ୍ତ ଗ୍ରାମର କରମରାଜ ଯାଦବଙ୍କ ପୁଅ ରାମଦେବ ଯାଦବ ବୋଲି ପୁଲିସ ଜାଣିବାକୁ ପାଇଥିଲା । ତା'ପରେ ରାମଦେବଙ୍କ ସଂପର୍କରେ ପୁଲିସ ଅଧିକ ପଚରାଉଚୁରା କରିବା ସମୟରେ ଜାଣିବାକୁ ପାଇଥିଲା ଯେ ରାମଦେବ ଗତ କିଛିଦିନ ହେଲା ନିଜ ଗାଁକୁ ଫେରିଛି । ମଗଲସରେଇ ଅଞ୍ଚଳକୁ ଏକ ଟ୍ରାକ୍ଟର କିଣିବା ପାଇଁ ଯାଇଛି । ତେଣୁ ରାମଦେବକୁ ଧରିବା ପାଇଁ ଥାନା ଅଧିକାରୀ ଶ୍ରୀ ପାତ୍ର ସଦଳବଳେ ସୁଲତାନପୁର ରାଜରାସ୍ତା ଉପରେ ଗୋଟି ଗୋଟି କରି ଟ୍ରାକ୍ଟର ଯାଞ୍ଚ କରିଥିଲେ । ପୂରା ରାତି ଅନିଦ୍ରା ରହି ଟ୍ରାକ୍ଟର ଯାଞ୍ଚ କରୁଥିବା ବେଳେ ଟ୍ରାକ୍ଟର ଯୋଗେ ଫେରୁଥିବା ରାମଦେବକୁ ଧରିବାରେ ପୁଲିସ ସଫଳ ହୋଇଥିଲା । ସେ ଚୋରି କରି ନେଇ ଆସିଥିବା ଟଙ୍କା ମଧ୍ୟରୁ ଏକ ପୁରୁଣା ଟ୍ରାକ୍ଟର କିଣିଥିବା ବେଳେ ଉକ୍ତ ଟ୍ରାକ୍ଟର ମାଲିକ ନିକଟରୁ ଉକ୍ତ ଟଙ୍କା ଜବତ କରାଯାଇଥିଲା । ଜବତ ଟଙ୍କା ବିଡ଼ାରେ ରାୟପୁର ଏସ୍‌ବିଆଇ'ର ସିଲ୍ ରହିଥିଲା । ଉତ୍ତର ପ୍ରଦେଶରୁ ଅଭିଯୁକ୍ତ ରାମଦେବକୁ ଓଡ଼ିଶା ପୁଲିସ ଗିରଫ କରି ଆଣିବା ପରେ ତଦନ୍ତ ଶେଷ କରି ଚାର୍ଜସିଟ୍ ନମ୍ବର ୧୫/୨୦୦୧ପ୍ରକାରେ ଦଫା ୪୫୪/୩୮୦ ଆଇପିସିରେ ଦାଖଲ କରାଯିବା ପରେ ବିଷମକଟକ ଜେଏମ୍‌ଏଫ୍‌ସି କୋର୍ଟ ଉକ୍ତ ମକଦ୍ଦମାର ବିଚାର କରି ଅଭିଯୁକ୍ତ ରାମଦେବକୁ ଉଭୟ ଦଫାରେ ୭ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଣି କରିଥିଲେ । ଦୀର୍ଘ ୨୩ବର୍ଷ ତଳେ ଘଟିଥିବା ଏଭଳି ଏକ ଚୋରି ଘଟଣାରେ ଉତ୍ତର ପ୍ରଦେଶକୁ ଯାଇ ଅଭିଯୁକ୍ତକୁ ଗିରଫ କରି ସଫଳତା ପାଇଥିଲା ପୁଲିସ ।



## ଗାଜା ଆକ୍ରମଣ ପ୍ରସଙ୍ଗରେ ଭାରତର ‘ୟୁ ଟର୍ଣ୍ଣ’

# ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ସହ ଇସ୍ରାଏଲକୁ ନିନ୍ଦା

ଇସ୍ରାଏଲ-ହମାସ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି। ମୋଦୀ ସରକାରଙ୍କ ସମୟରେ ଇସ୍ରାଏଲ ସହ ଭାରତର ସମ୍ପର୍କ ଅଧିକ ମଜବୁତ ହୋଇଥିଲା ବେଳେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଥିଲା। ବିଶେଷକରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିତରେ ରହିଥିବା ଘନିଷ୍ଠ ସମ୍ପର୍କ ଉଭୟ ଦେଶ ମଧ୍ୟରେ ସକାରାତ୍ମକ ପରିବେଶ ସୃଷ୍ଟି କରିବା ସହିତ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଦିଗରେ ସହାୟକ ହୋଇଥିଲା। ଏହିକ୍ରମରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିବା ପରିପ୍ରେକ୍ଷୀରେ ଯେଉଁସବୁ ଦେଶ ପ୍ରଥମେ ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନକୁ ନିନ୍ଦା କରିଥିଲେ ଏବଂ ଇସ୍ରାଏଲକୁ ସମର୍ଥନ କରିଥିଲେ ସେମାନଙ୍କ ମଧ୍ୟରେ ଭାରତ ମଧ୍ୟ ସାମିଲ ଥିଲା। କିନ୍ତୁ ଆଜି ଭାରତ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି। ଇସ୍ରାଏଲ ଉପରେ ହମାସ ୨୦୨୩ ଅକ୍ଟୋବର ୭ରେ ଆକ୍ରମଣ କରିଥିଲା ବେଳେ ଏହା ପରଠାରୁ ଇସ୍ରାଏଲ ହମାସ ବିରୋଧରେ ଯୁଦ୍ଧ ଜାରି ରଖିଛି। ତେବେ ପାଲେଷ୍ଟାଇନର ହମାସ ବହୁଳ ଅଞ୍ଚଳ ଗାଜା, ୱେଷ୍ଟ ବ୍ୟାଙ୍କ ଏବଂ ରାଫହା ଆଦି ଅଞ୍ଚଳରେ ଇସ୍ରାଏଲ ସେନା ଯେଉଁଭଳି ନରସଂହାର ଚଳାଇଛି ସେଥିରେ ଇସ୍ରାଏଲର ସବୁଠୁ ଘନିଷ୍ଠ ରାଷ୍ଟ୍ର ଆମେରିକା ମଧ୍ୟ ବିଚଳିତ ହୋଇପଡ଼ିଛି। ଗାଜା ଅଞ୍ଚଳ ଧ୍ୱଂସ ହେବା ପରେ ଏବେ ରାଫହା ସହର ଉପରେ ଇସ୍ରାଏଲ ଘନ ଘନ ଆକ୍ରମଣ ଚଳାଇଛି। ଏହାଦ୍ୱାରା ଏଠାକାର ଲକ୍ଷ ଲକ୍ଷ ନାଗରିକ ବର୍ତ୍ତମାନ ଇଜିପ୍ଟ ସୀମା ନିକଟରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଇସ୍ରାଏଲର ଏଭଳି ଆଭିମୁଖ୍ୟକୁ ଜାତିସଂଘ ଠାରୁ ଆରମ୍ଭ କରି ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ଆରବ ରାଷ୍ଟ୍ର ବିରୋଧ କରିଛନ୍ତି। କେବଳ ସେତିକି ନୁହେଁ, ଏବେ ‘ବ୍ରିକ୍ସ’ ରାଷ୍ଟ୍ର ସଦସ୍ୟମାନେ ମଧ୍ୟ ଇସ୍ରାଏଲକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ବ୍ରିକ୍ସ ସଂଗଠନରେ ସାମିଲ ରହିଥିବା ରୁଷିଆ, ଚୀନ, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ଭଳି ବହୁ ରାଷ୍ଟ୍ର ଇସ୍ରାଏଲ ଯୁଦ୍ଧ ପ୍ରସଙ୍ଗରେ ପୂର୍ବରୁ ମୁହଁ ଖୋଲି ନ ଥିଲେ ମଧ୍ୟ ଏବେ ଇସ୍ରାଏଲକୁ ବିରୋଧ କରିଛନ୍ତି। ଏହିକ୍ରମରେ ଭାରତ ମଧ୍ୟ ଇସ୍ରାଏଲକୁ ବିରୋଧ କରିବା ଆରମ୍ଭ କରିଛି। ପୂର୍ବରୁ ଇସ୍ରାଏଲ ପ୍ରସଙ୍ଗରେ ଭାରତ ମାପିଚୁପି ମନ୍ତବ୍ୟ ଦେବା ଦେଖାଯାଇଥିଲା। କିନ୍ତୁ ଏବେ ବ୍ରିକ୍ସ ରାଷ୍ଟ୍ର ବୈଦେଶିକ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଇସ୍ରାଏଲ ବିରୋଧରେ ଦୃଢ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା ବେଳେ ଭାରତ ମଧ୍ୟ ଏଥିରେ ସ୍ୱାକ୍ଷର କରିଥିବା ଜଣାପଡ଼ିଛି। ଗାଜାରେ ତୁରନ୍ତ ଜାତିସଂଘ ସୁରକ୍ଷା ପରିଷଦର ‘୨୭୨୮’ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ସହିତ ଆନ୍ତର୍ଜାତିକ ଆଇନ ଉଲ୍ଲଙ୍ଘନ କରିଥିବା ଇସ୍ରାଏଲ ପ୍ରତି ପଦକ୍ଷେପ ନେବାକୁ ଏହି ରାଷ୍ଟ୍ରମାନେ ସହମତି ଜଣାଇଛନ୍ତି। ଏହାବ୍ୟତୀତ ଗାଜା ଏବଂ ରାଫାହ ଅଞ୍ଚଳରେ ଦୁର୍ଗତି ପ୍ରପୀଡ଼ିତ ଲୋକମାନଙ୍କୁ ତୁରନ୍ତ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ମଧ୍ୟ କୁହାଯାଇଛି। ତେବେ ଭାରତର ଏହି ଆଭିମୁଖ୍ୟ ପରବର୍ତ୍ତୀ ସମୟରେ ଦ୍ୱିପାକ୍ଷିକ ସମ୍ପର୍କକୁ କିଭଳି ପ୍ରଭାବିତ କରିବ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

## ୩୦୦ କୋଟିର ସମ୍ପତ୍ତି ପାଇଁ ଶଶୁରଙ୍କୁ ହତ୍ୟା କଲା ବୋହୂ




### କୋଟିଏ ଟଙ୍କାରେ ଦେଇଥିଲା ସୁପାରି

୩୦୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ହାତେଇବା ପାଇଁ ବୋହୂ ରଚିଲା ‘ଶ୍ୱଶୁର ହତ୍ୟା’ ଷଡ଼ଯନ୍ତ୍ର। ଶ୍ୱଶୁର ପୁରୁଷୋତ୍ତମ ପୁଟ୍ଟେଶ୍ୱର ହେଉଛନ୍ତି ୮୨ ବର୍ଷୀୟ ବୃଦ୍ଧ। ୫୩ ବର୍ଷୀୟା ବୋହୂ ଅର୍ଚ୍ଚନା ମନୀଶ ପୁଟ୍ଟେଶ୍ୱର ହେଉଛନ୍ତି ନାଗପୁର ଟାଉନ୍ ପ୍ଲାନିଂ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର୍। ତାଙ୍କ ଯୋଜନା, ଗାଡ଼ି ଧକ୍କା କରାଇ ଶଶୁରକୁ ମାରିଦିଆଗଲେ ସମସ୍ତେ ଭାବିବେ, ଦୁର୍ଘଟଣାରେ ଯାଇଛି ଜୀବନ। ହିଟ୍ ଆଣ୍ଡ ରନ୍ କେସ୍। ଅର୍ଚ୍ଚନା ତାଙ୍କ ସ୍ୱାମୀଙ୍କ ଡ୍ରାଇଭର୍ ବାଗଡେଙ୍କୁ, ନୀରଜ ନିମଜେ ଓ ସଚ୍ଚିନ୍ ଧାର୍ମିକ ନାମକ ଅନ୍ୟ ଦୁଇ ଜଣ ବ୍ୟକ୍ତିଙ୍କୁ ଏନେଇ ଯୋଗାଯୋଗ କରି ଷଡ଼ଯନ୍ତ୍ରର ରୂପରେଖ ପ୍ରସ୍ତୁତ କଲେ। ଭଡ଼ାଟିଆ ହତ୍ୟାକାରୀଙ୍କୁ ଅର୍ଚ୍ଚନା ପ୍ରାୟ ୧ କୋଟି ଟଙ୍କା ଦେଲେ। ଗୋଟିଏ ପୁରୁଣା କାର୍ କିଣାଗଲା ଓ ସୁଯୋଗକୁ ଅପେକ୍ଷା କରାଗଲା। ପୁରୁଷୋତ୍ତମ ଦିନେ ହସପିଟାଲ ଯାଇଥିଲେ ତାଙ୍କ ପତ୍ନୀ ଶକୁନ୍ତଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବାକୁ। ଶକୁନ୍ତଳା ଏକ ଅସ୍ତ୍ରୋପଚାର ପରେ ହସପିଟାଲରେ ରହି ଧୀରେ ଧୀରେ ଆରୋଗ୍ୟ ଲାଭ କରୁଥିଲେ। ପୁରୁଷୋତ୍ତମ ହସପିଟାଲରୁ ଫେରିବା ବାଟରେ ତାଙ୍କୁ ଏକ କାର୍ ଧକ୍କା ଦେଇ ଘଟଣାସ୍ଥଳରୁ ଦ୍ରୁତ ଗତିରେ ପଳାୟନ କରିଥିଲା। ବୃଦ୍ଧଙ୍କ ଜୀବନ ଚାଲିଗଲା। ପୁଲିସ୍ ହିଟ୍ ଆଣ୍ଡ ରନ୍ କେସ୍ ରୁଜୁ କରି ତଦନ୍ତ ଚଳାଇ ଶେଷରେ ବାଗଡେ, ନୀରଜ ଓ ସଚ୍ଚିନଙ୍କୁ ଧରିଛି। ପୁଲିସ୍ ତିନି ଜଣଙ୍କ ନାମରେ ହତ୍ୟା ଓ ଅନ୍ୟ ଆଇପିସି ଦଫା ଲଗାଇଛି ଓ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ବୋହୂ ଅର୍ଚ୍ଚନାଙ୍କୁ ଗିରଫ କରିଛି। ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଛି ଯେ ଅର୍ଚ୍ଚନାଙ୍କ ଦପ୍ତରରେ ନାନା ଅନିୟମିତତା ତଥା ବେଆଇନ କାରବାର ଚାଲେ, ଲାଞ୍ଚ ନେଇ ସେ ବେଆଇନ ଲେ-ଆଉଟ୍‌କୁ କ୍ଲିୟର୍ କରନ୍ତି। ଅର୍ଚ୍ଚନାଙ୍କ ବିରୋଧରେ ଅନେକ ଅଭିଯୋଗ ଥିବା ସତ୍ତ୍ୱେ ନେତାମାନଙ୍କ ସହ ତାଙ୍କ ସମ୍ପର୍କ ଓ ପହଞ୍ଚ ଦୃଷ୍ଟିରୁ ତାଙ୍କର କିଛି ହୁଏନାହିଁ। ଏବେ ହତ୍ୟା ଷଡ଼ଯନ୍ତ୍ରରେ ତାଙ୍କ ଭୂମିକା ସାମ୍ନାକୁ ଆସିବାରୁ ତାଙ୍କ ଦାପ୍ତରିକ ବେଆଇନ କାର୍ଯ୍ୟକଳାପଗୁଡ଼ିକ ନେଇ ତଦନ୍ତ ପରିସରକୁ ବ୍ୟାପକ କରାଯିବା ସମ୍ଭାବନା ରହିଛି।



### ଦବଙ୍ଗ ସବ୍-ଇନ୍ସପେକ୍ଟର୍

## ୭ ଡକାୟତଙ୍କ ସହ ଏକା ଲଢ଼ି ଫେରାଇ ଆଣିଲେ ୪ କୋଟିର ଅଳଙ୍କାର



ପଶ୍ଚିମବଙ୍ଗର ରାଣୀଗଞ୍ଜରେ ଥିବା ଏକ ସୁନା ଅଳଙ୍କାର ଦୋକାନରେ ଦିନ ୧୨ଟା ୩୦ମିନିଟ ବେଳେ ଧସେଇ ପଶିଲେ ୭ ଜଣିଆ ଡକାୟତ ଗ୍ୟାଙ୍ଗ୍। ହେଲମେଟ୍ ଓ ମୁଖା ପିନ୍ଧିଥିବା ଡକାୟତଙ୍କ ହାତରେ ଥିଲା ପିସ୍ତଲ, ମେସିନ୍ ଗନ୍ ଓ ରାଇଫଲ୍। ମାତ୍ର କେଇ ମିନିଟ୍ ଭିତରେ ଡକାୟତ ଗ୍ୟାଙ୍ଗ୍ ଲୁଟିନେଲେ ୪କୋଟି ଟଙ୍କାର ଅଳଙ୍କାର। ମେଘନାଦ ମଣ୍ଡଳ ନାମକ ପୁଲିସ୍ ସବ୍-ଇନ୍ସପେକ୍ଟର ଏକ ବ୍ୟକ୍ତିଗତ କାର୍ଯ୍ୟରେ ସେ ଅଞ୍ଚଳକୁ ଯାଇଥିଲେ। ପୁଲିସ୍ ପୋଷାକରେ ନଥିଲେ ବି ତାଙ୍କ ପାଖରେ ଥିଲା ତାଙ୍କ ସର୍ଭିସ୍ ରିଭଲଭର୍। ଆତଙ୍କିତ ଲୋକଙ୍କ ଦୌଡ଼ାଦୌଡ଼ି ଦେଖି ଅଳଙ୍କାର ଦୋକାନରେ କିଛି ଅଘଟଣ ଘଟିଥିବା ଅନୁମାନ କରି ଛଅ ଇଞ୍ଚ ଚଉଡ଼ାର ଏକ ବିଦ୍ୟୁତ ଖୁଣ୍ଟକୁ କଭର୍ ଭାବେ ରଖି ରିଭଲଭର୍ ବାହାର କରି ପ୍ରସ୍ତୁତ ରହିଲେ ମଣ୍ଡଳ। ଅଳଙ୍କାର ଦୋକାନ ବାହାରେ ପହରା ଦେଉଥିବା ଡକାୟତ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ମଣ୍ଡଳଙ୍କୁ ରିଭଲଭର୍ ଧରିଥିବା ଦେଖି ଦୋକାନ ଭିତରେ ଥିବା ଡକାୟତଙ୍କୁ ସତର୍କ କରାଇଦେଇଥିଲା। ତା’ପରେ ଚାଲିଥିଲା ଗୁଳି ବିନିମୟ। ମଣ୍ଡଳଙ୍କ ଗୁଳିରେ ଜଣେ ଡକାୟତ ଆହତ ହୋଇ ତଳେ ପଡ଼ିଗଲା। ଅନ୍ୟ ଡକାୟତମାନେ ମଣ୍ଡଳଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ହେଲେ ମଣ୍ଡଳ ଆଦୌ ନଡ଼ରି ଏକାଦିକ୍ରମେ ୨୦ ରାଉଣ୍ଡ ଗୁଳି ଚଳାଇବାରୁ ଡକାୟତ ଗ୍ୟାଙ୍ଗ୍ ଛତ୍ରଭଙ୍ଗ ଦେଇ ଲୁଟ୍ ମାଲଥିବା ଗୋଟିଏ ବ୍ୟାଗ୍ ଛାଡ଼ି ଦୁଇଟି ମୋଟର ବାଇକ୍‌ରେ ତାଙ୍କ ଆହତ ସାଥୀକୁ ଓ ଲୁଟ୍ ମାଲରୁ କିଛି ଧରି ପଳାୟନ କରିଥିଲେ। ରାସ୍ତାରେ ଡକାୟତମାନେ ଜଣେ କାର୍ ଚାଳକଙ୍କୁ ଗୁଳିକରି କାର୍ ଲୁଟିନେଇ ଚମ୍ପଟ ମାରିଥିଲେ। ହେଲେ ପୁଲିସ୍ ନିକଟବର୍ତ୍ତୀ ଅଞ୍ଚଳର ସବୁ ଚେକ୍ ଗେଟ୍‌କୁ ଖବର ଦେଇ ଡକାୟତଙ୍କ ସନ୍ଧାନ କରି ଆହତ ଡକାୟତକୁ ଧରିବାରେ ସକ୍ଷମ ହୋଇଛି। ତା’ର ଚିକିତ୍ସା ଚାଲିଛି ଓ ତା’ଠାରୁ ତଥ୍ୟ ସଂଗ୍ରହ କରାଯାଇ ଅନ୍ୟ ଡକାୟତମାନଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଜଣେ ପୁଲିସ୍ ଅଧିକାରୀ କହିଛନ୍ତି। ପଶ୍ଚିମବଙ୍ଗ ପୁଲିସ୍ ଉଚ୍ଚ କର୍ତ୍ତୃପକ୍ଷ ମେଘନାଦ ମଣ୍ଡଳଙ୍କ ସାହସିକ କାର୍ଯ୍ୟ ଓ କର୍ତ୍ତବ୍ୟ ପରାୟଣତାର ଖୁବ୍ ପ୍ରଶଂସା କରିଛନ୍ତି।

## ହାତୀଙ୍କର ମଧ୍ୟ ରହିଛି ମନୁଷ୍ୟ ଭଳି ନାମ



### ପରସ୍ପରକୁ ନାମ ଧରି ଡାକନ୍ତି

ମନୁଷ୍ୟ ଭଳି ହାତୀଙ୍କର ମଧ୍ୟ ନାମ ରହିଥାଏ। ଶିଶୁ ଜନ୍ମ ହେବା ପରେ ଯେପରି ନାମକରଣ ହୋଇଥାଏ ଆଫ୍ରିକାର ମାଈ ହାତୀ ଛୁଆ ଜନ୍ମ କରିବା ପରେ ମଧ୍ୟ ତାହାର ନାମ ଦେଇଥାଏ। ଏମାନେ ପରସ୍ପରକୁ ନାମ ଧରି ଡାକିଥାନ୍ତି। ଏହି ନାମ ମନୁଷ୍ୟ ରଖୁଥିବା ନାମ ସହ ପ୍ରାୟ ସମାନ ହୋଇଥାଏ। ଏକ ନୂଆ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଆଫ୍ରିକୀୟ ଜଙ୍ଗଲୀ ହାତୀଙ୍କ ଉପରେ ହୋଇଥିବା ଏହି ଗବେଷଣା ‘ନେଚର ଇକୋଲୋଜି ଆଣ୍ଡ ଇଭୋଲ୍ୟୁସନ’ ପତ୍ରିକାରେ ପ୍ରକାଶ ପାଇଛି। ଗବେଷଣାରେ କୁହାଯାଇଛି ଯେ ହାତୀ କାହାର ନକଲ ନ କରି ଅନ୍ୟ ହାତୀକୁ ସମ୍ବୋଧନ କରିଥାଏ। ସେମାନେ ପ୍ରଥମେ ଏପରି ଡାକିବା ଶିଖିଥାନ୍ତି। ସେହିପରି ପରସ୍ପରକୁ ଡାକିବା ପାଇଁ ଡଲ୍‌ଫିନ ‘ସିଗ୍ନେଚର ସିଟି’ ବ୍ୟବହାର କରିଥାଏ। ଶୁଆ ମଧ୍ୟ ସ୍ୱତନ୍ତ୍ର ଶବ୍ଦ ସୃଷ୍ଟି କରି ପରସ୍ପରକୁ ଡାକିଥାନ୍ତି। କେନିଆରେ ଆଫ୍ରିକୀୟ ହାତୀଙ୍କ ଉପରେ କରାଯାଇଥିବା ଏହି ଗବେଷଣାରୁ ଜଣାପଡ଼ିଛି ଯେ ହାତୀ ନାମ ସମ୍ବୋଧନରେ ଅନ୍ୟ ଜୀବଠାରୁ ଆଗରେ ଅଛନ୍ତି। ହାତୀ ଏକପ୍ରକାର ଗର୍ଜନ କରିଥାନ୍ତି। ଏହି ଗର୍ଜନ ତିନି ଭାଗରେ ବିଭକ୍ତ। ବହୁ ଦୂରରେ ଥିବା ନିଜ ସାଥିକୁ ଡାକିବା ପାଇଁ ହାତୀ କନେକ୍ଟ ରମ୍ବଲ (ଏକପ୍ରକାର ଗର୍ଜନ) କରିଥାନ୍ତି। ସେହିପରି ପାଖରେ ଥିବା ହାତୀକୁ ଡାକିବା ପାଇଁ ଅଭିବାଦନ ଶୈଳୀରେ ଗର୍ଜନ କରିଥାନ୍ତି। ଏହା ବ୍ୟତୀତ ଯତ୍ନ ନେବା ପାଇଁ ଗର୍ଜନ କରିଥାନ୍ତି। ମାଆ ହାତୀ ନିଜ ଛୁଆକୁ ଡାକିବା ପାଇଁ ଏହାର ସହାୟତା ନେଇଥାଏ। ୧୯୮୬ରୁ ୨୦୨୨ ମଧ୍ୟରେ ଅମ୍ବୋସେଲି ନ୍ୟାସନାଲ ପାର୍କ, ସାମ୍ବୁର, ବଫେଲୋ ସ୍ପ୍ରିଙ୍ଗ୍ସ ନ୍ୟାସନାଲ ରିଜର୍ଭରେ ମାଈ ହାତୀ ଏବଂ ଛୁଆ ହାତୀଙ୍କ ଏକ ଗୋଷ୍ଠୀ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ଏହି ସମୟରେ ହାତୀ କରିଥିବା ୪୭୯ଟି ଡାକର ରେକର୍ଡିଂ କରାଯାଇଥିଲା। ପରେ ଏହାର ବିଶ୍ଳେଷଣ କରାଯାଇଥିଲା। ଯଦି ନୂଆ ହାତୀ ଜନ୍ମ ହୁଏ ତେବେ ମାଆ ତାକୁ ନୂଆ ଗର୍ଜନ କରି ଡାକିଥାଏ ବୋଲି ଜଣାପଡ଼ିଥିଲା।

## ଗବେଷକଙ୍କ ଦାବି

### ପୃଥିବୀରେ ଅଛନ୍ତି ଏଲିୟନ

ଏଲିୟନଙ୍କ ଅସ୍ତିତ୍ୱକୁ ନେଇ ଦୀର୍ଘ ବର୍ଷ ହେଲା ଚର୍ଚ୍ଚା ଜାରି ରହିଛି। ଅନେକ ଲୋକ ଏଲିୟନ ଦେଖିଥିବା ଦାବି କରିଆସୁଛନ୍ତି। ଅନ୍ୟ ଗ୍ରହରୁ ଏଲିୟନ ପୃଥିବୀକୁ ଆସୁଛନ୍ତି ବୋଲି କୁହାଯାଉଛି। ଏହି ଦାବିର ସ୍ପଷ୍ଟ ପ୍ରମାଣ ମିଳି ନ ଥିଲେ ମଧ୍ୟ ଏଲିୟନଙ୍କୁ ନେଇ ଅନେକ ଦେଶରେ ଗବେଷଣା ଜାରି ରହିଛି। ଏଭଳି ସ୍ଥିତିରେ ପୃଥିବୀକୁ ଏଲିୟନ ବାରମ୍ବାର କାହିଁକି ଆସୁଛନ୍ତି ବୋଲି ପ୍ରଶ୍ନ ଉଠୁଛି। ପୃଥିବୀ ବାହାରେ ଆଉ କୌଣସି ସଭ୍ୟତା ଅଛି କି? ପୃଥିବୀରେ ଏଲିୟନଙ୍କ ଠିକଣା ରହିଛି କି? ଏଲିୟନ ଆଉ ମଣିଷ ସହ ଲୁଚି ରହୁନାହାନ୍ତି କି ବୋଲି ପ୍ରଶ୍ନ ଆସୁଛି। ଏବେ ହାର୍ଭାର୍ଡର ୨ ବୈଜ୍ଞାନିକ ବଡ଼ ଦାବି କରିଛନ୍ତି। ଏଲିୟନ ସବୁବେଳେ ପୃଥିବୀରେ ରହିଥିବେ ଏବଂ ଲୁଚିଛପି ମଣିଷ ସହ ନିଜର ବିକାଶ କରୁଛନ୍ତି ବୋଲି ଉଭୟ ବୈଜ୍ଞାନିକ କହିଛନ୍ତି। ଉଭୟେ ନିଜର ଏକ ଗବେଷଣାରେ ଏହି ସୂଚନା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ନିଜ ଅଧ୍ୟୟନରେ ଏହି ଟିମ୍ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ମନୁଷ୍ୟ ପୃଥିବୀର ସବୁ ସ୍ଥାନକୁ ପହଞ୍ଚି ପାରିନାହିଁ। ସବୁ ବିଷୟରେ ଜାଣିପାରି ନାହିଁ। ମନୁଷ୍ୟ ପାଖରେ ୮୦ ପ୍ରତିଶତ ମହାସାଗରର ତଥ୍ୟ ନାହିଁ। ଏବେ ପୃଥିବୀରେ ଏଭଳି ଅନେକ ସ୍ଥାନ ରହିଛି ଯେଉଁଠି ଏଲିୟନ ରହିପାରିବେ।

ଗବେଷକ ଦଳ ପ୍ରାଚୀନ ସଭ୍ୟତାର ଅସ୍ତିତ୍ୱ ବିଷୟରେ ଉଦାହରଣ ଦେଇ କହିଛନ୍ତି ଯେ ଏଲିୟନ କୌଣସି ଅଜ୍ଞାତ ଉନ୍ନତ ସଭ୍ୟତାର ଅଂଶ ହୋଇପାରନ୍ତି। ଏମାନେ ଏବେ ବି ଲୁଚି ରହୁଛନ୍ତି। ବୈଜ୍ଞାନିକମାନେ ଜାପାନର ୟୋନାଗୁନି ଜିମା ଉପକୂଳରୁ ମିଳିଥିବା ବିଶାଳକାୟ ପଥରର ସରଞ୍ଜନା କଥା ଉଲ୍ଲେଖ କରିଛନ୍ତି। ଏହା ଜାପାନ ଆଟଲାଣ୍ଟିସର ୫୦୦୦ ବର୍ଷ ତଳର ପିରାମିଡର ଅବଶେଷ ହୋଇପାରେ ବୋଲି ବୈଜ୍ଞାନିକମାନେ କହୁଛନ୍ତି। ପୃଥିବୀ ତଳେ ଏପରି ଅନେକ ରହସ୍ୟମୟ ସ୍ଥାନ ରହିଛି। ଶହ ଶହ କିମି ତଳେ ଏକ ପ୍ରଜାତି ରହିଥାଇପାରନ୍ତି। ଏମାନେ ମନୁଷ୍ୟ ପରି ହୋଇଥାଇପାରନ୍ତି। ଗବେଷଣାରେ କୁହାଯାଇଛି ଯେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସମୃଦ୍ଧ ଏହି ସଭ୍ୟତା ମନୁଷ୍ୟ କଳ୍ପନାରୁ ବାହାରେ ଥିବା ସ୍ଥାନଗୁଡ଼ିକରେ ନିଜର ଘାଟୀ ପ୍ରସ୍ତୁତ କରିଥାଇପାରନ୍ତି। ଏମାନେ ଆଗ୍ନେୟଗିରି ତଳେ, ଗଭୀର ସମୁଦ୍ର ତଳେ ଥିବା ଖାଇରେ କିମ୍ବା ଚନ୍ଦ୍ରର ଅନ୍ଧକାରାଚ୍ଛନ୍ନ ଅଞ୍ଚଳରେ ଦୀର୍ଘ ସମୟ ହେଲା ରହିଥାଇପାରନ୍ତି। ଏ ପର୍ଯ୍ୟନ୍ତ ଚନ୍ଦ୍ରର ଅଧିକାଂଶ ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ବିଷୟରେ ଅଧ୍ୟୟନ କରାଯାଇ ନାହିଁ।



## ୧୦ ବର୍ଷରେ କଲେଜ, ୧୭ରେ ଡକ୍ଟରେଟ୍

ଚିକାଗୋ ତରୁଣୀ ଡରୋଥି ଜେନ୍ ଟିଲମ୍ୟାନ ୧୦ବର୍ଷରେ କଲେଜରେ ନାମ ଲେଖାଇ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଇଣ୍ଟିଗ୍ରେଟେଡ୍ ବିହେଭିଓରାଲ୍ ହେଲଥ୍ ବିଷୟରେ ଗବେଷଣା କରି ୧୭ ବର୍ଷ ବୟସରେ ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟିର ସମାବର୍ତ୍ତନ ଉତ୍ସବରେ ଗତ ମେ’ ୬ ତାରିଖରେ ଡକ୍ଟୋରେଟ୍ ଉପାଧି ହାସଲ କରିଛନ୍ତି। ଆରିଜୋନାରେ ଡକ୍ଟୋରେଟ୍ ଉପାଧି ହାସଲ କରିବାରେ ଡରୋଥି ହେଉଛନ୍ତି ସର୍ବ କନିଷ୍ଠ ବୋଲି ଆସୋସିଏଟ୍ ପ୍ରଫେସର ଲେସ୍‌ଲୀ ମାନ୍‌ସନ୍ ଏବିସି’ର କାର୍ଯ୍ୟକ୍ରମ ‘ଗୁଡ୍ ମର୍ଣ୍ଣିଂ ଆମେରିକା’କୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି। ଡରୋଥିଙ୍କୁ ତାଙ୍କ ପରିବାରର ସଦସ୍ୟ ଓ ବନ୍ଧୁମାନେ ଶ୍ରଦ୍ଧାରେ ଡରୋଥି ଜିନିୟସ୍ ବୋଲି ଡାକିଥାନ୍ତି।





## ସ୍ୱାଦକୁ ଲୁଣିଆ କରୁଛି ଚାମଚ

ଜାପାନରେ ଏବେ ବଜାରରେ ଏମିତି ବୈଦ୍ୟୁତିକ ଲୁଣ ଚାମଚ(ଇଲେକ୍ଟ୍ରିକ୍ ସଲ୍ଟ ସ୍ପୁନ୍) ଉପଲବ୍ଧ ହେଉଛି ଯାହା ଖାଦ୍ୟର ସ୍ୱାଦକୁ ଲୁଣିଆ କରିପାରୁଛି। ଏହି ଚାମଚରୁ ଏକ ଦୁର୍ବଳ ଇଲେକ୍ଟ୍ରିକ୍ କରେଣ୍ଟ ପାସ୍ କରେ ଯାହା ଜିଭରେ ସୋଡିୟମ୍ ମଲିକ୍ୟୁଲଗୁଡ଼ିକୁ ସଘନ କରିଥାଏ। ପ୍ଲାଷ୍ଟିକ୍ ଓ ଧାତୁ ନିର୍ମିତ ବ୍ୟାଟେରୀଚାଳିତ ଏହି ଚାମଚ ବ୍ୟବହାରର ଉଦ୍ଦେଶ୍ୟ ହେଉଛି ଖାଦ୍ୟରେ ଲୁଣ ପରିମାଣ କମାଇବା। ଇଲେକ୍ଟ୍ରିକ୍ ସଲ୍ଟ ସ୍ପୁନ୍ ଲୁଣିଆ ସ୍ତରକୁ ଧରି ସାମାନ୍ୟ ଲୁଣିଆ, ମଧ୍ୟମ ଲୁଣିଆ, ଲୁଣିଆ ଓ ଅତି ଲୁଣିଆ –ଏହିପରି ୪ଟି ଧରଣର ଅଛି। ଖାଦ୍ୟରେ ଅଧିକ ଲୁଣ ରହିଲେ ଉଚ୍ଚ ରକ୍ତଚାପ, ହୃଦଘାତ ଆଦିର ସମ୍ଭାବନା ବଢ଼ିଥାଏ। ଜାପାନରେ ଜଣେ ବୟସ୍କ ବ୍ୟକ୍ତି ଦିନକୁ ତାଙ୍କ ଖାଦ୍ୟରେ ହାରାହାରି ୧୦ଗ୍ରାମ୍ ଲୁଣ ଖାଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ହେଉଛି, ଦିନକୁ ଜଣେ ବୟସ୍କ ବ୍ୟକ୍ତି ୫ଗ୍ରାମରୁ ଅଧିକ ଲୁଣ ଖାଇବା ଭଲ ନୁହେଁ। ତେଣୁ ସ୍ୱାସ୍ଥ୍ୟ ଯତ୍ନ ଉତ୍ପାଦ ନିର୍ମାତା ଏକ ଜାପାନୀ କମ୍ପାନୀ ଇଲେକ୍ଟ୍ରିକ୍ ସଲ୍ଟ ସ୍ପୁନ୍ ବଜାରରେ ଉପଲବ୍ଧ କରାଇଛି।

# ମା' ପାର୍ବତୀଙ୍କୁ ନେଇ ଦେଉଳ ଫେରିଲେ ମହାଦେବ

## ସରିଲା ଦେବ ବିବାହ





ସୋନପୁର, ୧୨।୬ (ସମିସ)

ଦେବ ଦେବ ମହାଦେବ ଓ ମା' ପାର୍ବତୀଙ୍କ ଶୁଭ ବିବାହ ତଥା ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ଧୁମ୍‌ଧୁମ୍‌ରେ ସରିଛି। ମା' ପାର୍ବତୀଙ୍କୁ ସାଙ୍ଗରେ ଧରି ଭୋଳା ଶଙ୍କର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ବୁଧବାର ପ୍ରାତଃ ସମୟରେ କନ୍ୟାପିତା ଗୋପାଳ ପ୍ରସାଦ ଭୂତଙ୍କ ରାମକୃଷ୍ଣ ନଗରସ୍ଥିତ ଘରୁ ଆରମ୍ଭ ହୋଇଥିଲା ଲେଉଟାଣି ଶୋଭାଯାତ୍ରା। କନ୍ୟା ବିଦାୟ ସମୟରେ କନ୍ୟାପିତା ଗୋପାଳଙ୍କ ଘରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ସମସ୍ତଙ୍କ ଆଖିରେ ଲୁହ ଜକେଇ ଯାଇଥିଲା। ମାତା ପାର୍ବତୀଙ୍କୁ ପାଇ ତିନି ଦିନ ଧରି ରାମକୃଷ୍ଣ ନଗର ସତରେ ହିମାଦ୍ରିନଗର ପାଲଟି ଯାଇଥିଲା। ଏହା ଏକ ତୀର୍ଥ କ୍ଷେତ୍ର ଭଳି ଲାଗୁଥିଲା। ମାତା ପାର୍ବତୀଙ୍କ ସହ ବାବା ଭୋଳାନାଥ ଲେଉଟି ଗଲା ପରେ ରାମକୃଷ୍ଣ ନଗର ମହା ଶୂନ୍ୟ ଭଳି ଲାଗୁଛି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ମାତା ପାର୍ବତୀଙ୍କ ସହ ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ବାବା ଚନ୍ଦ୍ରଶେଖରଙ୍କୁ ଯୁଗଳ ମୂର୍ତ୍ତି ଲେଉଟାଣି ଶୋଭାଯାତ୍ରା ବେଳେ ଶ୍ରଦ୍ଧାଳୁ ଦର୍ଶନ କରି ବିଭୋର ହୋଇଛନ୍ତି। ଦେବଦମ୍ପତିଙ୍କ ଏହି ଯୁଗଳ ମୂର୍ତ୍ତି ଦର୍ଶନ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ପାଖରେ ମାତା ପାର୍ବତୀଙ୍କୁ ରଖି ୧୦୮ ଭରି ସୁନା ନାଗ ସହ ଝଟକୁଥିଲେ ବାବା ଚନ୍ଦ୍ରଶେଖର। ବୁଧବାର ଭୋର ସମୟରୁ ଶୋଭାଯାତ୍ରା ଆରମ୍ଭ ହୋଇ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ପାରମ୍ପରିକ ନୃତ୍ୟ ଗୀତରେ ଦୁଲୁକି ଉଠୁଥିଲା ସୋନପୁର ସହର। ରଙ୍ଗ ମେଲୋଡି, ଦୁଲଦୁଲି, ଶବର ଶବରୁଣୀ, ରେକର୍ଡ ଡ୍ୟାନ୍ସ ଦଳ ଶୋଭାଯାତ୍ରାରେ ସାମିଲ ହୋଇ କଳା ପ୍ରଦର୍ଶନ କରିଥିଲେ। ସୋନପୁର ଶୀତଳଷଷ୍ଠୀର ମୁଖ୍ୟ ଆକର୍ଷଣ ୧୦୮ ଭରି ସୁନା ନାଗ ଦର୍ଶନ ପାଇଁ ଦୂର ଦୂରାନ୍ତରରୁ

> ଯୁଗଳ ମୂର୍ତ୍ତିଙ୍କ ଲେଉଟାଣି ଶୋଭାଯାତ୍ରା ଦେଖିବାକୁ ଭିଡ଼
>
> ପାରମ୍ପରିକ ନାଚ ଗୀତରେ ଦୁଲୁକିଲା ସହର
>
> ଆଜି ଜିଲ୍ଲା ଟ୍ରେଜେରିକୁ ଫେରିବେ ସୁନା ନାଗ

ଭକ୍ତଙ୍କ ସୁଅ ଛୁଟିଥିଲା। ଦେବ ଦମ୍ପତିଙ୍କ ଦିବ୍ୟରୂପ ଦର୍ଶନ କରି ଭକ୍ତ ନିଜକୁ ଧନ୍ୟ ମନେ କରିଥିଲେ। ଯୁଗଳ ମୂର୍ତ୍ତି ପ୍ରତ୍ୟାବର୍ତ୍ତନ ବେଳେ ବିଭିନ୍ନ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରି ଯୁଗଳମୂର୍ତ୍ତିଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ବନ୍ଦାପନା କରି ଦେବ ଦମ୍ପତିଙ୍କୁ ଚନ୍ଦଶେଖର ମନ୍ଦିରକୁ ପାଛୋଟି ନେଇଥିଲେ। ମନ୍ଦିର ପ୍ରବେଶ ପରେ ସ୍ୱତନ୍ତ୍ର ପୂଜାରୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଚନ୍ଦ୍ରଶେଖର ମନ୍ଦିର ପରିସରରେ ପ୍ରୀତିଭୋଜନ ଆୟୋଜିତ ହୋଇଥିଲା। ଗୁରୁବାର ସମସ୍ତ ଅଳଙ୍କାର ସହ ସୁନା ନାଗ ପୁଣି ଜିଲ୍ଲା ଟ୍ରେଜେରୀକୁ ଫେରସ୍ତ କରାଯିବ। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବରିଷ୍ଠ ସେବାୟତମାନେ ଚନ୍ଦ୍ରଶେଖର ମନ୍ଦିରରୁ ସୁନା ନାଗ ନେଇ କୋଷାଗାରରେ ଫେରାଇବେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସହରରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସରିଛି। ହାତଗଣ୍ଠି ପଡ଼ି ସାରିବା ପରେ ଭକ୍ତଙ୍କୁ ଦର୍ଶନ ଦେବାକୁ ନବ ବିବାହିତ ଦେବ ଦମ୍ପତି ବାହାରିଥିଲେ। ନଗର ପରିକ୍ରମାରେ କଳାକାର ସାମିଲ ହୋଇଥିଲେ।

ସୋମବାର କପାସିରାରୁ ଉମା ମହେଶ୍ୱରଙ୍କ ବରାତି ଆସିଥିଲା। ଡୁଙ୍ଗୁରିପାଲି ସହରରେ ଶିବାନନ୍ଦ କ୍ଲବ୍ ପାର୍ବତୀଙ୍କ ପିତା ସୌମ୍ୟରଞ୍ଜନ ଡାଙ୍ଗ ଓ ମାତା ଶିବାନୀ ଡାଙ୍ଗଙ୍କ ବାସ ଭବନରେ ସମସ୍ତେ ପହଞ୍ଚିଥିଲେ। ପରେ ବିବାହ ଅନୁଷ୍ଠିତ ହୋଇଥିଲା। ବାହାଘର ପରେ ଡୁଙ୍ଗୁରିପାଲି ଶିବାନନ୍ଦପଡ଼ା ନିବାସୀ ପାର୍ବତୀଙ୍କ ଅଜା ଶିବାଜୀ ଡାଙ୍ଗ, ଅଇ ସର ଡାଙ୍ଗଙ୍କ ପରିବାର, ସମ୍ପର୍କୀୟ ଏବଂ ସ୍ଥାନୀୟ ବାସିନ୍ଦା କନ୍ୟା ବିଦାୟ କରିଥିଲେ। ଶହ ଶହ ଭକ୍ତ ଡୁଙ୍ଗୁରିପାଲି ସହର ଦେଇ କପାସିରାକୁ ଦେବଦମ୍ପତିଙ୍କୁ ନେଇ ଛାଡ଼ିଥିଲେ।

## ବଜରଙ୍ଗ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ବୌଦ୍ଧ, ୧୧।୬(ସମିସ):** ଜାମ୍ମୁ କାଶ୍ମୀରର କଟ୍ରାରୁ ଶିବଖଡ଼ି ଅଭିମୁଖେ ଯାଉଥିବା ଏକ ତୀର୍ଥଯାତ୍ରୀ ବସ୍ ଉପରକୁ ଜୁନ୍ ୯ ତାରିଖ ଆତଙ୍କବାଦୀଙ୍କ ଅଚାନକ ହମଲାରେ ୧୦ ଜଣ ନିର୍ଦ୍ଦୋଷ ହିନ୍ଦୁଙ୍କ ଜୀବନ ଚାଲିଯାଇଛି। ଏହି ଘଟଣାକୁ ସମଗ୍ର ଦେଶବାସୀ ନିନ୍ଦା କରିବା ସହ କେନ୍ଦ୍ର ସରକାର ଆତଙ୍କବାଦୀ ଦମନ କାର୍ଯ୍ୟକ୍ରମକୁ ଅଧିକ ଦୃଢ କରୁ ବୋଲି ବଜରଙ୍ଗ ଦଳ ବୌଦ୍ଧ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛି। ବଜରଙ୍ଗ ଦଳ ଏହି ଅଘଟଣରେ ମୃତ ହିନ୍ଦୁ ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ସେମାନଙ୍କ ପରିବାର ପ୍ରତି ସହାୟ ହେବା ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛି। ଜାମ୍ମୁ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରାଯାଇ ଏକ ଶାନ୍ତିର ବାତାବରଣ ସୃଷ୍ଟି କରିବା ପାଇଁ ସରକାର ଚେଷ୍ଟା କରୁଥିବାବେଳେ ପାକିସ୍ତାନ ଆତଙ୍କବାଦୀଙ୍କ ଏଭଳି ହମଲା ସେ ଅଞ୍ଚଳକୁ ପୁଣି ଅଶାନ୍ତ ବାତାବରଣ ଆଡକୁ ଟାଣି ନେଉଛି। ଏହା ଦେଶର ଅଖଣ୍ଡତାରେ ବାଧା ସୃଷ୍ଟି କରିବା ପାଇଁ ପାକିସ୍ତାନର ଏକ ଚାଲ୍। ଏହାକୁ ଦୃଢ ହସ୍ତରେ ଦମନ କରାଯାଉ ବୋଲି ବଜରଙ୍ଗ ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ଦଳର ସମ୍ପାଦକ ଚକିତ ଭଞ୍ଜଙ୍କ ନେତୃତ୍ୱରେ ହେମନ୍ତ ଚମ୍ପତି, ମିଥୁନ ନାଏକ, ଶୁଭେନ୍ଦୁ ସିଂ, ସିପୁନ ସାହୁ, ବିଜୟ ଅଗ୍ରୱାଲ ପ୍ରମୁଖଙ୍କ ସମେତ ଅନେକ ବଜରଙ୍ଗ କର୍ମୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ



**ବୌଦ୍ଧ, ୧୨।୬(ସମିସ):** ଟିକରପଡ଼ା ପଞ୍ଚାୟତ ଗୁଡ଼ିଆଲିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ତରଫରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଇଛି। ଏଥିରେ ଗୁଡ଼ିଆଲି ସମେତ ଜାମୁଖୋଲ, ବୁରଗୋରା ଓ ବିରିଗଡ଼ର ଗ୍ରାମ ଉନ୍ନୟନ ପରିଷଦର ସଦସ୍ୟ, ଗ୍ରାମବାସୀ ଓ ସ୍କୁଲ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଅତିଥି ଭାବେ ବୁରଗୋରାର କଷ୍ଟେଶ୍ୱର ଖଟୁଆ, କାମିନୀ ବାଘ, ବିଶି କେଶନ ବେହେରା ଗୁଡ଼ିଆଲିର ରମେଶ ମଲିକ ଏବଂ ରାମ କିଶୋର ମଲ୍ଲିକ, ମଞ୍ଜୁ ଖୁରା, ଜାମୁଖୋଲର କେଶବ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଅତିଥିମାନେ ଏହି ଅଞ୍ଚଳରେ ଥିବା ଶିଶୁ ଶ୍ରମିକ ସମସ୍ୟା ଏବଂ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ୱାଇସିଡିଏ କର୍ମକର୍ତ୍ତା ତୀର୍ଥାନନ୍ଦ ମହାପାତ୍ର ଶିଶୁ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଅଙ୍ଗୁରବାଳା ମେହେର ପରିଚାଳନା କରିବା ସହ ଶିଶୁ ଶ୍ରମିକ ଅଧିନୀୟମ ଆଇନ ବିଷୟରେ ଅଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ବରୁଣ ଦାସ, ତରଣି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଟେଲିକମ୍, ସାଇବର ଅପରାଧ ସଚେତନତା କର୍ମଶାଳା

**ବିନିକା, ୧୨।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସଭାଗୃହରେ ଟେଲିକମ ଓ ସାଇବର ଅପରାଧ ନିରାକରଣ ଜନିତ ଗ୍ରାହକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡିଜିଟାଲ ସାକ୍ଷରତା ଓ ଇ-ସେବାର ଗୁରୁତ୍ୱାରୋପ କରିଥିଲେ। ଟେଲିକମ୍ କମ୍ପାନୀ ଏବଂ ସାଇବର ଠକ କିଭଳି ବିଭିନ୍ନ ପ୍ରଲୋଭନ ଦେଖାଇ ଲୋକଙ୍କୁ ଲୁଟିଥାନ୍ତି ସେ ଉପରେ ଅତିଥିମାନେ ବୁଝାଇ ଥିଲେ। ବିଜ୍ଞାନ ଶିକ୍ଷକ ସୁଦାମ ଡାକୁଆ ଯୋଗଦେଇ କିପରି ସାଇବର ଠକାମିରୁ ବର୍ତ୍ତି ହେବ ସେ ଉପରେ ଆଲୋଚନା କରି ସଚେତନ କରିଥିଲେ। ନୀଳାଚଳ ସାମନ୍ତରାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଅଙ୍ଗନବାଡିକର୍ମୀ, ଆଶା, ମହିଳା ସଂଘ ଏବଂ ବହୁ ଗ୍ରାହକ ଯୋଗ ଦେଇଥିଲେ। ଶେଷରେ ସାମ୍ବାଦିକ ଅଶୋକ ପଣ୍ଡା ଧନ୍ୟବାଦ ଦେଇଥିଲେ।



## ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ

**ବୌଦ୍ଧ, ୧୨।୬(ସମିସ):** ବୌଦ୍ଧର ଅଗ୍ରଣୀ ନୃତ୍ୟାନୁଷ୍ଠାନ ପ୍ରଣାମ ଆନୁକୂଲ୍ୟରେ ଅନୁଷ୍ଠିତ ଚତୁର୍ଥ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଓଡିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆର ସିଂହ, ସମ୍ମାନିତ ଅତିଥି ବୌଦ୍ଧ ଜିଲ୍ଲା ଉନ୍ନୟନ ପରିଷଦ ସଭାପତି ଚିତ୍ତରଞ୍ଜନ ଦାସ, ପ୍ରଣାମ ଅନୁଷ୍ଠାନର ସଭାପତି



ବସନ୍ତ ସାହୁ, ଉପସଭାପତି ଗୀତାଞ୍ଜଳି ସାହୁ, ପ୍ରତିଷ୍ଠାତା ସୁକାନ୍ତି ସିଂ, ଉପଦେଷ୍ଟା ଡ. ପ୍ରିୟବ୍ରତ ବେହେରା, ମାର୍ଗଦର୍ଶକ ନୃତ୍ୟଗୁରୁ ଡ. ମନୋଜ ବେହେରା, ଅନୁଷ୍ଠାନର ସମ୍ପାଦକ ଗୁରୁ ପ୍ରଶାନ୍ତ ଭାଇନା ଯୋଗ ଦେଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କଳକାର ଭାଗ ନେଇଥିଲେ। କଳାକାରମାନଙ୍କ ମା' ମାନଙ୍କୁ ମଧ ରୂପସଜ୍ଜା ଉପରେ ଶିକ୍ଷା ଦିଆଯାଇଥିଲା। ଅଧ୍ୟାପକ କୁଳମଣି ମେହେର ମଞ୍ଚ ପରିଚାଳନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଶଗଡ଼ା, ୧୨।୬( ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତତ ମଲିକୁଦ ନିକଟସ୍ଥ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ମଲିକୁଦ ଗ୍ରାମର ଶ୍ରୀହର ରଣା। ମଙ୍ଗଳବାର ସନ୍ଧ୍ୟାରୁ ସେ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁତ୍ ଖୋଜାଖୋଜି କରିବା ପରେ ମଧ ପାଇ ନ ଥିଲେ। ବୁଧବାର ସକାଳୁ ଲୋକେ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ଗାଁ ନିକଟରେ ଥିବା ଏକ ମହୁଲ ଗଛରେ ଏକ ଗାମୁଛାରେ ସେ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତୁରନ୍ତ ପରିବାର ଲୋକେ କଣ୍ଟାମାଳ ପୁଲିସକୁ ଖବର ଦେଇଥିଲେ। ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ବୋଲି କଣ୍ଟାମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## ଡୁଙ୍ଗୁରିପାଲିରେ ଘର ଝରକା ଭାଙ୍ଗି ଚୋରି

**ଡୁଙ୍ଗୁରିପାଲି, ୧୨।୬ (ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳରେ ଚୋରି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। କିଛି ଦିନ ହେବ ଦିନ ଦ୍ୱିପହରରେ ବନ୍ଧୁକ ଦେଖାଇ ୫ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୁଲିସ ହାତ ଏ ପର୍ଯ୍ୟନ୍ତ ଖାଲି। ପୁଣି ଡୁଙ୍ଗୁରିପାଲିର କପିଳେଶ୍ୱରପଡ଼ାର ବିଶ୍ୱନାଥ ମହାପାତ୍ରଙ୍କ ଘରୁ ଚୋରି ହୋଇଛି। ରାତିରେ ଲୁହା ଝରକା ଭାଙ୍ଗି ଚୋରି ହୋଇଥିବା ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ୪ ଜଣ ଦୁର୍ବୃତ୍ତ ଘରର ଝରକା ଭାଙ୍ଗି ଭିତରକୁ ପଶିଥିଲେ। ଆଲମାରିରେ ଥିବା ୩୦ ହଜାର ଟଙ୍କା ଓ ରୁପା ସାମଗ୍ରୀ ନେଇ ଯାଇଛନ୍ତି। ପାଖ ପଡୋଶୀଙ୍କ ସିସିଟିଭିରେ ଫୁଟେଜରେ ଏହାର ପ୍ରମାଣ ରହିଛି। ଡୁଙ୍ଗୁରିପାଲି ପୁଲିସ ବଲାଙ୍ଗିର ସାଇଣ୍ଟିଫିକ ଦଳ ସହାୟତାରେ ତଦନ୍ତ କରୁଛି।

## ନୂଆ ଲାଗିବ ବୋଲି ପୁରୁଣା କାଟିଦେଲେ



**ଜହ୍ନାପଙ୍କ, ୧୨।୬(ସମିସ):** ରାଜ୍ୟ ସରକାର ପରିବେଶ ସନ୍ତୁଳନ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନୂତନ ଜଙ୍ଗଲ ସୃଷ୍ଟି କରୁଛନ୍ତି। ଗ୍ରାମବାସୀଙ୍କ ଦ୍ୱାର ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରାଯାଉଛି। ବୌଦ୍ଧ ବ୍ଲକ ପଦ୍ମନପୁର ଗ୍ରାମରେ କିନ୍ତୁ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି। ନୂଆ ବନୀକରଣ ଲାଗି ଗ୍ରାମ୍ୟ ଜଙ୍ଗଲରୁ ପୁରୁଣା ଗଛ କାଟି ପଦା କରି ଦିଆଯାଇଛି। ଖୋଦ୍ ବନ ବିଭାଗ ଏଭଳି କାର୍ଯ୍ୟ କରିଛି। ଶହ ଶହ ୟୁକାଲିପଟାସ ଓ ଆକାଶୀ ଗଛକୁ କାଟି ଦିଆଯାଇଛି। ଏହାକୁ ନେଇ ଗାଁରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବନପାଳ ସୁଶୀଲ ହୋତାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗାଁରେ ଏକ ବୈଠକ ବସିଥିଲା। ଗ୍ରାମ୍ୟ ଜଙ୍ଗଲରେ ଥିବା ଗଛ କାଟିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହି ଅନୁମସାରେ ବୌଦ୍ଧ ଡିଏଫ୍‌ଓଙ୍କ ଅନୁମତିରେ ଗଛ କଟାଯାଇଛି। ତେବେ କଟାଯାଇଥିବା ଗଛକୁ ଟେଣ୍ଡର ମାଧମରେ ବିକ୍ରି ହେବା କଥା; କିନ୍ତୁ ଫୁଲବାଣୀର ଜରେ ଠିକାଦାରଙ୍କୁ ବିକ୍ରି କରି ଦେବାର ଯୋଜନା ହୋଇଛି। ସୂଚନାଯୋଗ୍ୟ, ୩୦ ବର୍ଷ ତଳେ ପଦ୍ମନପୁର ଗାଁର ଅନାବାଦୀ, ଗୋଚର ଓ ସରକାରୀ ଜମିରେ ଚାରା ରୋପଣ କରାଯାଇଥିଲା। ଏହି ଗାଁକୁ ପ୍ରକୃତି ମିତ୍ର ପୁରସ୍କାର ମଧ ମିଳିଛି।

## ୧୦ ଦିନ ହେଲା ନଳକୂପ ଅଚଳ



**ଶଗଡ଼ା, ୧୨।୬(ସମିସ):** କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ତୁଳସୀକଟାରେ ୧୦ଦିନ ହେବ ନଳକୂଅ ଅଚଳ ହୋଇ ପଡ଼ିରହିଛି। ଏହାର ମରାମତି କରିବାକୁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି; ହେଲେ ସମାଧାନ ହୋଇନି। ପ୍ରବଳ ଖରା ହେଉଥିବାରୁ ନଳକୂପ ଖରାପ ହେବାର ୨୪ଘଣ୍ଟା ମଧରେ ମରାମତି କରିବାର ନିୟମ ରହିଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ କିନ୍ତୁ ୧୦ଦିନ ହେବ ନଳକୂପ ମରାମତି କରାଯାଉନି। ଏହା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଘଟଣା ସମ୍ପର୍କରେ କଣ୍ଟାମାଳସ୍ଥିତ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଅଜିତ ସେଠୀଙ୍କୁ ପଚାରିବାରୁ ଗୁରୁବାର ଏହାର ମରାମତି କରାଯିବା ବୋଲି କହିଛନ୍ତି।

## ରାସ୍ତାକଡ଼ରେ ମୁକୁଳା ଟ୍ରାନ୍ସଫର୍ମର



**ସୁବଳୟା, ୧୨।୬(ସମିସ):** ସୁବର୍ଣ୍ଣପୁର ବୀରମହାରାଜପୁର ବ୍ଲକ କେନଝରିଆପାଲି କଦଳୀପାଲି ଗାଁର କେନ୍ଦୁପତ୍ର ଅଫିସ ପାଖରେ ଥିବା ସୌଭାଗ୍ୟ ବତୀ ଯୋଜନାର ଟ୍ରାନ୍ସଫର୍ମରଟି ମୁଖ୍ୟ ରାସ୍ତା କଡ଼ରେ ମୁକୁଳା ପଡ଼ିଛି। ଏହାର ଚାରିପାଖେ ଗଛ ଲତା ଉଠି ଗଲାଣି। ବାଡ ନ ଥିବା ବେଳେ ବିପଦ ପୂର୍ଣ୍ଣ ଭାବେ ତାର ଝୁଲି ରହିଛି। ଏଠାକୁ ବିଭିନ୍ନ ସମୟରେ ଗାଇଗୋରୁ ଖାଦ୍ୟ ଅନ୍ୱେଷଣରେ ଆସି ବିଦ୍ୟୁତ ସଂସ୍ପର୍ଶରେ ଆସିଥାନ୍ତି। ଆଖ ପାଖରେ ଲୋକେ ରହୁଛନ୍ତି। ପ୍ରତ୍ୟହ ଜନଗହଳି ହୋଇଥାଏ। ଏହା ପାଖଦେଇ ପ୍ରତ୍ୟେକ ଦିନ ବିଭିନ୍ନ ଯାନବାହାନ ଚଳାଚଳ କରିଥାଏ। ଏଣୁ କୌଣସି ସମୟରେ ଅଘଟଣ ଘଟିପାରେ। ବିଦ୍ୟୁତ୍ ବିଭାଗ ଦେଖି ମଧ ଆଖି ବନ୍ଦ କରିଦେବା ପରିତାପର ବିଷୟ। ଏଣୁ ସ୍ଥାନୀୟ ଲୋକଙ୍କ ମଧରେ ବିଦ୍ୟୁତ୍ ବିଭାଗ ପ୍ରତି ଅସନ୍ତୋଷ ସୃଷ୍ଟି ହୋଇଛି।

## ଗରିବଙ୍କ ଆଶାବାଡ଼ି ବିଏସ୍‌କେୱାଇ

# ସ୍ୱଷ୍ଟୀକରଣ ସତ୍ତ୍ୱେ ଭୟ ଆଉ ଦ୍ୱନ୍ଦ୍ୱ

ସୋନପୁର, ୧୧।୬(ସମିସ)

ଗରିବଙ୍କ ପାଇଁ ଭରସା ସାଜିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)। ଏହାକୁ ନେଇ କିନ୍ତୁ ଲୋକଙ୍କ ମନରେ ଭୟ ତଥା ଦ୍ୱନ୍ଦ୍ୱ ଦେଖା ଦେଇଛି। ରାଜ୍ୟରେ ବିଜେପି ସରକାର ଗଢିବା ପରେ ଏହା ବନ୍ଦ ହୋଇଯାପାରେ। ବିଏସ୍‌କେୱାଇ ବଦଳରେ ନୂଆ ରାଜ୍ୟ ସରକାର କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିପାରନ୍ତି; ହେଲେ ବିଏସ୍‌କେୱାଇ ଭଳି ଆୟୁଷ୍ମାନ ଭାରତ ଯୋଜନାରେ କୌଣସି ସୁବିଧା ସୁଯୋଗ ନାହିଁ। ବିଏସ୍‌କେୱାଇ ଭଳି ଏହା ସରଳ ନୁହେଁ। ତେବେ ବିଏସ୍‌କେୱାଇ ବନ୍ଦ ହେବ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ସ୍ୱଷ୍ଟ କରିଛନ୍ତି। ଏହା ସତ୍ତ୍ୱେ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି।

ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଏହି ଯୋଜନା ବନ୍ଦ କରନ୍ତୁ ନାହିଁ। ବିଏସ୍‌କେୱାଇ ଦ୍ୱାରା ଲାଭ ପାଇଥିବା ଜଣେ ହିତାଧିକାରୀ ଏଭଳି ଆକୁଳ ନିବେଦନ କରିଛନ୍ତି। ସୋନପୁର ବଡବଜାର ନିବାସୀ ଜଣେ ଗରିବ ଭିନ୍ନକ୍ଷମ ଯୁବକ ଗୋକୁଳ ସାହୁଙ୍କୁ ବିଏସ୍‌କେୱାଇ କିଭଳି ଆଶା ବାଡି ସାଜିଥିଲା ତାହା ସେ ବର୍ଣ୍ଣନା କରିଛନ୍ତି। ବିଏସକେୱାଇ ନ ଥିଲେ ଏକ ଦୁର୍ଘଟଣାରୁ ସେ ଭଲ ହୋଇ ନ ଥାନ୍ତେ ବୋଲି କହିଛନ୍ତି। ଗୋକୁଳଙ୍କ କହିବା ଅନୁସାରେ ବି ଏ ସ୍ କେ ୱା ଇ ଲୋକଙ୍କ ଆଶା ବାଡି ସାଜିଛି। ଗୋଗୁଳଙ୍କ ଗୋଟିଏ ଗୋଡ ପୋଲିଓ ରୋଗ ଯୋଗୁଁ ଠିକ୍ ଭାବେ କାମ କରେ ନାହିଁ। ତେବେ ନିଜ ଭଉଣୀ ଏବଂ ବିଧବା ମା'ଙ୍କ ମୁହଁରେ ଅନ୍ନ ଦେବା ପାଇଁ ସୋନପୁର ଗାର୍ଲସ୍ ହାଇସ୍କୁଲ ଛକରେ ଏକ ଚା ଦୋକାନଟିଏ କରିଛନ୍ତି। ପ୍ରତ୍ୟେକ ଦିନ ଭୋରରୁ ଗୋକୁଳ ଦୋକାନ ଖୋଲନ୍ତି। ସବୁଦିନ ଭଳି ସେପ୍ଟେମ୍ବର ୧୦ ତାରିଖ ଭୋରରେ ରାମେଶ୍ୱର ଘାଟକୁ ସ୍ନାନ ପାଇଁ ଗୋକୁଳ ଯାଇଥିଲେ। ତେବେ ଷଣ୍ଢ ଲଢେଇ ହୋଇ ଗୋକୁଳଙ୍କ ନିକଟକୁ ଏକ ଗୋରୁ ପଲ ଦୌଡି ଆସିଥିଲେ। ତାଙ୍କର ଠିକ୍ ପୋଲିଓ ଗୋଡରେ ଏକ ଶଣ୍ଢ ଶିଙ୍ଗ ମାରିଦେଇଥିଲା। ଅଚେତ ହୋଇ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଜଣେ ପରିଚିତ ବ୍ୟକ୍ତି ଦେଖ ଡାକ୍ତରଖାନା ନେବା ପାଇଁ ବ୍ୟବସ୍ଥା କରିଥିଲେ। ବିଏସ୍‌କେୱାଇ ଅନୁବନ୍ଧିତ ନର୍ସିଂହୋମ୍ ଶୋଭା କେୟାରରେ ଗୋକୁଳଙ୍କୁ ଭର୍ତ୍ତି କରାଯାଇଥିଲା। ତୁରନ୍ତ ବିଏସକେୱାଇ ଯୋଜନାରେ ଉକ୍ତ ନର୍ସିଂହୋମ୍‌ରେ ଗୋକୁଳଙ୍କ ଗୋଡର ଅସ୍ତ୍ରୋପଚାର କରାଯାଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯିବାରୁ ସେ ନୂଆ ଜୀବନ ପାଇଲେ ବୋଲି ଗୋକୁଳ କହିଛନ୍ତି। ସେପ୍ଟେମ୍ବର ୧୦ ତାରିଖ ଭର୍ତ୍ତି ହୋଇ ୧୪ ତାରିଖରେ ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ନର୍ସିଂହୋମରୁ ବାହାରିଥିଲେ। କିଛି ଦିନ ପରେ ଗୋକୁଳ ଚା ଦୋକାନ ଖୋଲିଥିଲେ।। ତାଙ୍କ ଭଳି ଗରିବ ଲୋକଙ୍କ ମୁହଁରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହସ ଫୁଟାଇ ପାରୁଛି। ଏହି ଯୋଜନାକୁ ନୂତନ ସରକାର ବନ୍ଦ କରନ୍ତୁ ନାହିଁ ବୋଲି ଗୋକୁଳ ନିବେଦନ କରିଛନ୍ତି।



# ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

## ଜଣେ ଗୁରୁତର, ଚାଳକ ଫେରାର

**ଶଗଡ଼ା, ୧୨।୬(ସମିସ):** କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ମାତାକୂପା ରାସ୍ତାର ବୁଢ଼ୀମାଲ ଶଗଡ଼ିଆ ନାଳ ନିକଟରେ ଦୁର୍ଘଟଣା ଘଟିଛି। ଏକ ଟ୍ରାକ୍ଟର (ଓଡି ୩୧ଜେ ୧୫୯୫) ଧକ୍କାରେ ଜଣେ ବାଇକ୍ (ଓଡି ୩୧ଏଚ ୦୦୩୨) ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଣ୍ଟାମାଳ ଥାନା ରୁଣ୍ଡିମହୁଲ ପଞ୍ଚାୟତ ଟାଙ୍ଗିଆ ପାଲି ଗ୍ରାମର ସ୍ୱାଧୀନ ଦନ୍ତା। ବରଗାଁ ପଞ୍ଚାୟତ କୁମେଲ ବନ୍ଧ ଗ୍ରାମର ରାଜେଶ କବାଟ ନାମକ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

ମାତାକୁପା ପଟରୁ ଯାଉଥିବା ଟ୍ରାକ୍ଟର ସାମନା ପଟୁ ଆସୁଥିବା ବାଇକକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡ଼ି ଭାରସାମ୍ୟ ହରାଇଥିଲା। ବାଇକ୍ ଆରୋହୀ ସ୍ୱାଧୀନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରାଜେଶଙ୍କ ଗୋଡ଼, ହାତ ଭାଙ୍ଗି ସେ ଗୁରୁତର ହୋଇଛନ୍ତି। ତେବେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଖବର ପାଇ କଣ୍ଟାମାଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ମାରିଥିଲା। ଗୁରୁତର ରାଜେଶକୁ କଣ୍ଟାମାଳରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ପଠାଇ ଦିଆଯାଇଛି। କଣ୍ଟାମାଳ ପୁଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।



# ଦେଶୀ ଓ ବିଦେଶୀ ମଦକୋଠି ବନ୍ଦ କରିବାକୁ ଦାବି

**ଥୁଆମୂଳ ରାମପୁର, ୧୨।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବରେ ଚାଲିଥିବା ଦେଶୀ ବିଦେଶୀ ମଦ ଦୋକାନ ଏବଂ କୋଠି ଗୁଡିକୁ ବନ୍ଦ କରିବା ନେଇ ବହୁଜନ ସମାଜ ପାର୍ଟି ପକ୍ଷରୁ ବୁଧବାର ଥୁଆମୂଳ ରାମପୁର ଥାନା ଏବଂ ଅବକାରୀ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦଳର ସଭାପତି ସୋମନାଥ ନାଏକଙ୍କ ନେତୃତ୍ୱରେ ପ୍ରମୁଖ କର୍ମୀ ମିଳିତ ଭାବରେ ଥାନା ଅଧିକାରୀ କୈବଲ୍ୟ ସେଠଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସ୍ଥାନୀୟ ଅବକାରୀ ଥାନାରେ ମଧ୍ୟ ଏଭଳି ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଏକ ଆଦିବାସୀ ଅଧ୍ୟୁଷିତ ଗରିବ ଅଞ୍ଚଳ ଭାବରେ ପରିଚିତ ବ୍ଲକର ପ୍ରତ୍ୟେକ ଗ୍ରାମରେ ଦୁଇରୁ ତିନିଟି ଲେଖାଏ ଦେଶୀ ଓ ବିଦେଶୀ ମଦ ଦୋକାନ ଚାଲିଛି। ପ୍ରତିଦିନ ଦେଶୀ ଭାଟି ଓ ବିଦେଶୀ ମଦ ଦୋକାନ କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଚୋରାରେ ମଦ ଚାଲାଣ କରୁଛନ୍ତି। ଏମିତି କି ବିଭିନ୍ନ ଜାନିଯାତ୍ରା ତଥା ପର୍ବପର୍ବାଣୀରେ ଭାଟିର କର୍ମଚାରୀମାନେ ଖୁଲ୍ଲମଖୁଲା ମଦ ବିକ୍ରୟ କରୁଥିବା ପ୍ରାୟ ଦେଖିବାକୁ ମିଳିଥାଏ। ଯାହାଫଳରେ ଗରିବ ଶ୍ରେଣୀ ଲୋକମାନେ ଘରରୁ ଧାନ, ଚାଉଳ ବିକ୍ରି କରି ମଦ ପିଉଛନ୍ତି। ଏହାଯୋଗୁଁ ପରିବାର ଭିତରେ ଅଶାନ୍ତି ବଢ଼ିବା ଦ୍ୱାରା ପରିବାର ଉଜୁଡି ଯାଉଛି। ଏହା ସହିତ ଅଞ୍ଚଳରେ ଅପ୍ରୀତିକର ବାତାବରଣ ସୃଷ୍ଟି ହେବା ସହ ଲୋକମାନେ ଗରିବରୁ ଅତି ଗରିବ ଆଡକୁ ଗତି କରୁଛନ୍ତି। ଏଣୁ ଏହାର ତୁରନ୍ତ ସମାଧାନ ନିମନ୍ତେ ସମସ୍ତ କୋଠୀମାନଙ୍କୁ ୭ ଦିନ ମଧ୍ୟରେ ବନ୍ଦ କରାଯିବାକୁ ଦାବି କରିଛନ୍ତି। ନଚେତ୍ ଦଳ ପକ୍ଷରୁ ଆଗାମୀ ଦିନରେ ଥାନା ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



# ବଜ୍ରାଘାତରେ ନାବାଳିକା ମୃତ, ବର୍ଷକରେ ନେଲାଣି ୧୮ ଜୀବନ

**ଭବାନୀପାଟଣା, ୧୨।୬(ସମିସ)**

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କାଲୋପଲା ଗ୍ରାମରେ ଗତ ରାତିରେ ଦୁଇ ନାବାଳିକା ସାଙ୍ଗ ଶୌଚ ସାରି ଫେରୁଥିବାବେଳେ ବଜ୍ରାଘାତ ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଣଙ୍କ ମମିତା ଶବର (୧୫) ହୋଇଥିବା ବେଳେ ଗୁରୁତର ଜଣଙ୍କ ପ୍ରୋମଦିନୀ ଶବର। ଏଠାରେ ସୂଚନା ଯୋଗ୍ୟ ଯେ କଳାହାଣ୍ଡି ଜିଲ୍ଲାରେ ମୁଖ୍ୟତ ଏପ୍ରିଲ, ମେ ଓ ଜୁନ୍ ମାସରେ କାଳବୈଶାଖୀ ହୋଇଥାଏ। ଏହାର ପ୍ରଭାବରେ ପବନ ବୋହିବା ସହ ବର୍ଷା ଓ ବଜ୍ରପାତ ହୋଇଥାଏ। ଜିଲ୍ଲାରେ ବଜ୍ରାପାତ ଯୋଗୁଁ ଗତ ବର୍ଷକ ମଧ୍ୟରେ ଆଜକୁ ମିଶାଇ ୧୮ ଜଣକଙ୍କର ମୃତ୍ୟୁ ହେଲାଣି। ଗତ ବର୍ଷ ଜିଲ୍ଲାରେ ବଜ୍ରପାତ ଯୋଗୁ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜଣାପଡ଼ିଛି।



ଗତ ବର୍ଷ ଏପ୍ରିଲ ମାସରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଲୋହରାକୁନି ଗ୍ରାମର ଦୁର୍ଗା ଗୌଡ, ଧର୍ମଗଡ଼ ବ୍ଲକ ଧନପୁର ଗ୍ରାମର ପ୍ରଦୀପ ଧରୁଆ, କୋକସରା ବ୍ଲକ ପୋଡାଗୁଡା ଗ୍ରାମର ମଧୁସ୍ମିତା ବାଗ, କଲମପୁର ବ୍ଲକ ମାଟିଖାଲ ଗ୍ରାମର କାଳିଆ ଦଳପତି ଓ ଭଜମନ ଦଳପତି, ମେ ମାସରେ ଲାଞ୍ଜିଗଡ଼ ତହସିଲ ଡୋରାଘାଟି ଗ୍ରାମର ସୀମାଞ୍ଚଳ ସାହୁ, ଧର୍ମଗଡ଼ ବ୍ଲକ ବିକ୍ରମଗୁଡା ଗ୍ରାମର ବିଘ୍ନରାଜ ମିଶ୍ର, ଜୟପାଟଣା ତହସିଲ ମୁଣ୍ଡରାଗୁଡା ଗ୍ରାମର କମଳା ନାଏକ ପ୍ରାଣ ହରାଇଛନ୍ତି। ଜୁନ୍ ମାସରେ କର୍ଲାମୁଣ୍ଡା ତହସିଲ କୁର୍ଶଲା ଗ୍ରାମର ମହାଚନ୍ଦ୍ର ନାଗ, ଲାଞ୍ଜିଗଡ଼ ତହସିଲ ଖଜୁରୀଗୁଡା ଗ୍ରାମର ସସ୍ମିତା ହରିଜନ ଓ ଜୟପାଟଣା ତହସିଲ ପ୍ରତାପପୁର ଗ୍ରାମର ଶ୍ରୀପତି ନାଗ ପ୍ରମୁଖ ବଜ୍ରପାତରେ ମୃତ୍ୟୁ କରିଛନ୍ତି। ସେମାନଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠି ପକ୍ଷରୁ ଅତିରିକ୍ତ ଆହୁରି ୨ ଲକ୍ଷ ସହାୟତା ରାଶି ଯୋଗାଇ ଦିଆଯାଉଛି। ସେହିପରି ଚଳିତ ବର୍ଷ ମଧ ବଜ୍ରପାତରେ ପ୍ରାୟ ୬ ଲୋକଙ୍କ ଜୀବନ ଗଲାଣି। ଗତ ମେ ମାସରେ ଜିଲାର ଥୁଆମୁଳ ରାମପୁର ବ୍ଲକ ପାଡେଲଗୁଡା ଗ୍ରାମର ସନ୍ତୋଷ ମାଝୀ, କୋକସରା ଥାନା ତେନ୍ତୁଲିପଡ଼ାରେ ବଜ୍ରାଘାତରେ ୨ଜଣ ରାଜମିସ୍ତ୍ରୀ ଠଣ ସୁନ୍ଦର ଗୋପାଲ ଓ କାମାଞ୍ଚଳ ଚନ୍ଦନ ପ୍ରାଣ ହରାଇଛନ୍ତି। ଗତ ୧ ତାରିଖରେ ଭବାନୀପାଟଣା ବ୍ଲକ ଚହଗାଁ ପଞ୍ଚାୟତ ଘଟବାହାଲି ଗ୍ରାମରେ ସଚିନ ମାଝୀ ଓ ୪ ତାରିଖରେ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରର ହରି ଗଉଡଙ୍କ ଝିଅ ହିମାଦ୍ରୀ ଗଉଡଙ୍କ ମୃତ୍ୟୁ ହୋଇଛି। ଗତ ବର୍ଷକ ମଧ୍ୟରେ ଜିଲ୍ଲାରେ ବଜ୍ରପାତ ଯୋଗୁଁ ପ୍ରାୟ ୧୮ ଜଣକ ମୃତ୍ୟୁ ହୋଇଛି।

■ ବିଜୟୱାଡ଼ାରେ ଦୁଇ ପ୍ରବାସୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ ଘଟଣା

# କାନ୍ଦୁଛି ପରିବାର; ଝୁରୁଛି ଗାଁ

**ସିନାପାଲି, ୧୨।୬ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଖାରବନ୍ଧ ପଞ୍ଚାୟତ ତିଲେଇମାଳର ଜଗଦିଶ ସିଂ ବାବୁ (୨୨) ଓ କେନ୍ଦୁମୁଣ୍ଡା ପଞ୍ଚାୟତ ଦର୍ଲିପଡ଼ା ଗ୍ରାମର ଈଶ୍ୱର ବେମାଲ (୨୦)ଙ୍କୁ ପରିବାର ଆଉ ଗାଁ ଝୁରୁଛି। କାମ ଅନ୍ୱେଷଣରେ ଦୁହେଁ ସାଙ୍ଗ ହୋଇ ବିଜୟୱାଡ଼ା ଯାଇଥିଲେ। ସେଠାରେ ରେଳ ଧକ୍କାରେ ଦୁହିଁଙ୍କ ଜୀବନ ଯାଇଛି। ଶେଷରେ ଦୁହିଁଙ୍କ ଶବ ଏକାଠି ଗାଁକୁ ଫେରିଛି। ଶୋକାକୁଳ ପରିବେଶରେ ନିଜ ନିଜ ଗାଁରେ ଅନ୍ତିମ ସଂସ୍କାର ହୋଇଛି।

ବୁଧବାର ସକାଳ ୫ରେ ତିଲେଇମାଳ ଓ ଦର୍ଲିପଡ଼ାରେ ଉଭୟଙ୍କ ଶବ ପହଞ୍ଚି ଥିଲା। ଦୁଇ ବଢ଼ିଲା ପୁଅର ଶବ ଦେଖି ସେମାନଙ୍କ ବାପା, ମା', ଭାଇ, ଭଉଣୀ, ଆତ୍ମୀୟସ୍ୱଜନ କାନ୍ଦି କାନ୍ଦି ତଳେ ଗଡ଼ିଥିଲେ। ଗାଁ ଲୋକେ ବି କାନ୍ଦିଥିଲେ।

ଦୁହେଁ ଖୁବ୍ ଅନ୍ତରଙ୍ଗ ସାଙ୍ଗ ଥିଲେ। ଗାଁ ଅଲଗା ହେଲେ ମଧ୍ୟ ପଡୋଶୀ ଗାଁ ହୋଇଥିବାରୁ ଦୁହେଁ ମିଳିମିଶି ରହୁଥିଲେ। ଦୁହେଁ ଅଲଗା ଅଲଗା କଲେଜରେ ପାଠ ପଢୁଥିଲେ; ହେଲେ ଦୁଇ ସାଙ୍ଗ କଥା ହୋଇ କଲେଜ ଛୁଟି ଥିବାରୁ ଦୁଇ ପଇସା ରୋଜଗାର କରି ପଢ଼ା ଖର୍ଚ୍ଚ ବାହାର କରିବା ପାଇଁ ବିଜୟୱାଡା ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀ କାମରେ ନିୟୋଜିତ ହେଇଥିଲେ। ୮ ତାରିଖ କାମ ସାରି ରାତି ପ୍ରାୟ ୯ରୁ ୧୦ଟାରେ ରହୁଥିବା ସ୍ଥାନଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ବିଜୟୱାଡା ରେଳ ଷ୍ଟେସନ ନିକଟକୁ ବୁଲିବାକୁ ଯାଇଥିଲେ। ସେଠାରେ ଦୁହେଁ କାନରେ ମୋବାଇଲ ଇୟର ଫୋନ୍ ଲଗାଇ ରେଳ ଧାରଣା ନିକଟରେ ବସି ଗପ ସପ କରୁଥିଲେ। ଏତିକିବେଳେ ହଠାତ ଟ୍ରେନ ପହଞ୍ଚିବାରୁ ଦୌଡ଼ିବାକୁ ଚେଷ୍ଟା କରିଥିଲେ; ହେଲେ ଟ୍ରେନରେ ଲାଗି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ରେଳବାଇ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଥିଲା।



ସେଠାରେ ପଡ଼ିଥିବା ମୋବାଇଲର ସିମ୍‌କାର୍ଡରୁ ପୁଲିସ ଉଭୟଙ୍କ ପରିଚୟ ଜାଣିବା ସହଜ ହୋଇଥିଲା। ଘଟଣା ସମ୍ପର୍କରେ କମ୍ପାନୀ ମାଲିକ ପୁଲିସଠାରୁ ଜାଣିବା ପରେ ଉଭୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହି ଦାରୁଣ ଖବର ପାଇ ଉଭୟଙ୍କ ପରିବାର ଲୋକଙ୍କ ପାଦରୁ ସତେ ଯେଭଳି ମାଟି ଖସି ଯାଇଥିଲା। ସେମାନେ ସହଜେ ଏ ଖବର ବିଶ୍ୱାସକୁ ନେଇ ନ ଥିଲେ। ଶେଷରେ ଛାତିକୁ ପଥର କରି ଶବ ଆଣିବାକୁ ବିଜୟୱାଡା ଯାଇଥିଲେ। ବ୍ୟବଚ୍ଛେଦ ପରେ ପୁଲିସ ଉଭୟଙ୍କ ଘର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲା। କମ୍ପାନୀ ମାଲିକ ଓ ସେଠାକାର ପ୍ରଶାସନର ସହଯୋଗରେ ବୁଧବାର ଗାଁରେ ଶବ ପହଞ୍ଚିବା ପରେ କାନ୍ଦବୋବାଳି ପଡ଼ିଥିଲା। ସ୍ତବ୍ଧ ହୋଇଯାଇଛି ଦୁଇ ଗାଁ। ପୁଅକୁ ହରାଇ ଦୁଇ ପରିବାର ଭାଙ୍ଗି ପଡ଼ିଛନ୍ତି। ପୁଅକୁ ପାଠ ପଢ଼ାଇ ମଣିଷ କରିବା ଆଶା ଆଶାରେ ହିଁ ରହିଗଲା। ବଢ଼ିଲା ପୁଅକୁ ଝୁରି ଝୁରି ବାପା, ମା'ଙ୍କ ଆଖିରୁ ଲୁହ ବନ୍ଦ ହେଉନି କି ଖାଦ୍ୟ ରୁଚୁନି। ଯିଏ ଯେତେ ବୁଝାଇଲେ ମଧ ବାପା, ମା'ଙ୍କ ମନ ବୁଝୁନି। ଦଇବ ସେମାନଙ୍କ ସହ କାହିଁକି ଏମିତି କଲା ବୋଲି ଅଭିମାନ କରି ପୁଅକୁ ଭାଳି ହେଉଛନ୍ତି।

- ସ୍ତବ୍ଧ ତିଲେଇମାଳ, ଦର୍ଲିପଡ଼ା
- ଗାଁରେ ପହଞ୍ଚିଲା ଶବ
- ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର
- କଲେଜ ଛୁଟି ଥିବାରୁ ସାଙ୍ଗହୋଇ ରୋଜଗାର ଲାଗି ଯାଇଥିଲେ
- ଜୀବନ ନେଲା ଇୟର ଫୋନ୍

ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

# ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ସୋନପୁର, ୧୨।୬ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ।

ଜିଲ୍ଲା ଜରୁରିକାଳୀନ ଶାଖା ଦ୍ୱାରା ଆହୁତ ଏହି ବୈଠକରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ବିଭିନ୍ନ ବିଭାଗ ପକ୍ଷରୁ ବିସ୍ତୃତ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଜିଲ୍ଲାପାଳ ଉକ୍ତ ବିଭାଗଗୁଡ଼ିକ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମର ତଥ୍ୟଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ସମ୍ଭାବ୍ୟ ବନ୍ୟାର ଠିକ୍ ଓ ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଆଶ୍ରୟ ସ୍ଥଳଗୁଡ଼ିକରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ପୂର୍ବ ସୂଚନାର ବ୍ୟାପକ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ମଧ୍ୟରେ ସୁ ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ କରି ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ପରିସ୍ଥିତିକୁ ଦେଖି ତ୍ୱରିତ ପଦକ୍ଷେପ ପାଇଁ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲାସ୍ତର, ଉପଖଣ୍ଡସ୍ତର ବ୍ଲକସ୍ତର ତଥା ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବ୍ଲକସ୍ତର ସହ ସୋନପୁର ପୌରପରିଷଦ, ବିନିକା ଓ ତରଭା ଏନଏସି ସହ ସମ୍ପୃକ୍ତ ବିଭିନ୍ନ ବିଭାଗ ନିଜ ନିଜର ସ୍ତରରେ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ଯୋଜନା କରି ବିଭାଗୀୟ କାର୍ଯ୍ୟର ଦାୟିତ୍ୱ ବଣ୍ଟନକୁ ନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିପର୍ଯ୍ୟୟର ସଫଳ ମୁକାବିଲାକୁ ସୁନିଶ୍ଚିତ ତଥା ବ୍ୟବସ୍ଥିତ କରିବା ନିମନ୍ତେ ୧୮ ତାରିଖରେ ୨ଟି ପର୍ଯ୍ୟାୟରେ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହେବ। ୧୯ ତାରିଖ ପୂର୍ବାହ୍ନ ୯ଟାରେ ଜିଲ୍ଲାରେ ଥିବା ୬ଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳରେ ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ।



**ଜିରୋ କାଜୁଆଲିଟି ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ**

**ସମନ୍ୱୟ, ସୁସମ୍ପର୍କ ରଖି କାମ କରିବାକୁ ପରାମର୍ଶ**

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ସିଡିଓ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ବୀରମହାରାଜପୁର ଉପ ଜିଲ୍ଲାପାଳ ଲଲାଟେନ୍ଦୁ ସି ପ୍ରମୁଖ ଯୋଗଦେଇ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ସୋନପୁର ପୌରପରିଷଦ, ବିନିକା, ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର କେ.ରିଚି କୁମାର ବୈଠକରେ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ କାର୍ଯ୍ୟକ୍ରମର ରୂପରେଖ, କାର୍ଯ୍ୟ ଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ।

**ସଶକ୍ତ ଓ ଉନ୍ନତ ଶିକାଛିଡ଼ା ପଞ୍ଚାୟତ**

# ପ୍ରତି ଗାଁକୁ ସମାନ ଗୁରୁତ୍ୱ ସହ ପାଣ୍ଠିର ସୁବିନିଯୋଗ

**ବଲାଙ୍ଗିର, ୧୨।୬(ସମିସ)**

*ଗାଁ କହୁଛି ବିକାଶର କଥା। ଗାଁରୁ ପଞ୍ଚାୟତ ସବୁଠି ସୁଦୃଢ଼ ଓ ଉନ୍ନତ ଭିତ୍ତିଭୂମି ପୂରଣ କରିଛି ଲୋକଙ୍କ ଆଶା। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟଜଳ ଯୋଗାଣ ଠାରୁ ଆରମ୍ଭକରି ନାରୀ ଜାଗରଣ। ସମସ୍ତ କ୍ଷେତ୍ରରେ ସୁଧୁରିଛି ବ୍ୟବସ୍ଥା। ମା'ମାଟି ପାଇଁ କିଛିକରି ଦେଖାଇବାର ଲକ୍ଷ୍ୟନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସରପଞ୍ଚ। ଏଭଳି କିଛି କାହାଣୀକୁ ନେଇ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା 'ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ'।*

ବଲାଙ୍ଗିର ସଦର ବ୍ଲକ ଶିକାଛିଡ଼ା ପଞ୍ଚାୟତର ସରପଞ୍ଚଭାବେ କ୍ଷୀରେନ୍ଦ୍ରୀ ଶତପଥୀ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିଲେ। ଏହି ପଞ୍ଚାୟତ ଅଧୀନରେ ଶିକାଛିଡ଼ା, ସାନମୁଣ୍ଡା, ପ୍ରତାପପୁର, ଖଇରବାହାଲି, କନକପୁର, ସିନଖମନ, ଭାନପୁର, ଅସୁରଡୁଙ୍ଗୁରୀ, ବିଜିଲିମୁଣ୍ଡାଓ ଖର୍ଲକାନୀ ଗାଁ ରହିଛି। ୧୧ ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ଏହି ପଞ୍ଚାୟତରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ପଞ୍ଚାୟତରେ ବସବାସ କରୁଥିବା ଲୋକେ ପ୍ରାୟତଃ ଦିନମଜୁରିଆ, କୁମ୍ଭାର ଓ ଚାଷକାମ ଉପରେ ନିର୍ଭର କରିଥାନ୍ତି। ଗତ ଅଢେଇ ବର୍ଷ ଭିତରେ ସଦର ବ୍ଲକରେ ଥିବା ଏହି ପଞ୍ଚାୟତରେ ଅନେକ ଉନ୍ନତିମୂଳକ କାମ ହୋଇପାରିଥିବା ସରପଞ୍ଚ କ୍ଷୀରେନ୍ଦ୍ରୀ ଶତପଥୀ କହିଛନ୍ତି। ସେ ନିର୍ବାଚିତ ହେବାପରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରବା ସହ ସମୟସୀମା ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱ ଦେଇଥିବା ସରପଞ୍ଚ କହିଛନ୍ତି। ଶିକାଛିଡ଼ା ପଞ୍ଚାୟତକୁ ଏକ ବିକଶିତ ପଞ୍ଚାୟତ ଭାବେ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହିକ୍ରମରେ ସେ ନିର୍ବାଚନ ଜିତିବା ପରେ ପଞ୍ଚାୟତର ପ୍ରତ୍ୟେକ ଗାଁକୁ ପାଣି ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଥିଲେ। ଶିକାଛିଡା ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ, ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଏକ ପାଠାଗାର ନିର୍ମାଣ କରିଥିଲେ। ସେହିପରି ହିତାଧିକାରୀ ମାନଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ସାଇକେଲ ଷ୍ଟାଣ୍ଡର ବ୍ୟବସ୍ଥା କରିଥିଲେ। ସିନଖମନ ଗାଁ କୁ ଆଲୋକୀକରଣ କରିବା ଉଦ୍ଦେଶ୍ୟରେ ଷ୍ଟ୍ରିଟ୍‌ଲାଇଟ ଓ ହାଇମ୍ୟାକ୍ସ ଲାଇଟ ବ୍ୟବସ୍ଥା କରିଥିଲେ। ସେହିପରି ଉକ୍ତ ଗାଁର ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପାଚେରି ନିର୍ମାଣ କାମ ସମ୍ପୂର୍ଣ୍ଣ କରିଛନ୍ତି। ଗାଁରେ ଡ୍ରେନ୍ କାମ ସମ୍ପୂର୍ଣ୍ଣ କରିଥିବା ସରପଞ୍ଚ କହିଛନ୍ତି। ସାନମୁଣ୍ଡା ଗାଁକୁ ଆଲୋକୀକରଣ କରିବା ସହ ଗାଁ ବିଦ୍ୟାଳୟର ପାଚେରି ଓ ପ୍ରବେଶ ଦ୍ୱାର କାମକୁ ସମ୍ପୂର୍ଣ୍ଣ କରିଛନ୍ତି। ଉକ୍ତ ଗାଁ ପୋଖରୀରେ ମାଟି ଉନ୍ନତିକରଣ କାମ କରିଛନ୍ତି। ସେହିପରି ଆଉ ଏକ ଗାଁ ପ୍ରତାପପୁର ଗାଁ ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ କାମ ସମ୍ପୂର୍ଣ୍ଣ କରିଥିବାବେଳେ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରର ମଧ୍ୟ ଉନ୍ନତିକରଣ କରାଯାଇଛି। ଅସୁରଡୁଙ୍ଗୁରୀ ଗାଁର ଆଲୋକୀକରଣ କରାଯାଇଥିବାବେଳେ ଅଧପନ୍ତରିଆ ହୋଇପଡ଼ିଥିବା ଅଙ୍ଗନବାଡ଼ି କେନ୍ଦ୍ର କାମ ମଧ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ବିଜିଲିମୁଣ୍ଡା ଗାଁ ପ୍ରାଥମିକ ବିଦ୍ୟାଳୟର ରୋଷେଇ ଘର ନିର୍ମାଣ, ଅଙ୍ଗନବାଡ଼ି କେନ୍ଦ୍ରରେ ପାଚେରି ନିର୍ମାନ କାମ ସମ୍ପୂର୍ଣ୍ଣ କରିଛନ୍ତି। ସେହିପରି ଖର୍ଲକାନୀ ଗାଁ ପୋଖରୀରେ ପାହାଚ ନିର୍ମାଣ, ପୋଖରୀ ଚାରିପଟେ ଷ୍ଟ୍ରିଟଲାଇଟର ମଧ ବ୍ୟବସ୍ଥା କରାଯାଇଥିବା ବେଳେ ସରପଞ୍ଚ ନିଜ ପ୍ରଚେଷ୍ଟାରେ ଏକ ଭାଗବତ ମଣ୍ଡପ ନିର୍ମାଣ କରାଯାଇଥିବା ସରପଞ୍ଚ କହିଛନ୍ତି। ଭାନପୁର ଗାଁରେ ଥିବା ପଡ଼ିଆର ଉନ୍ନତିକରଣ ସହ ଆଲୋକୀକରଣ କରାଯାଇଥିବା ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷରେ ଶିକାଛିଡା ଗାଁରେ ଥିବା ରାମମନ୍ଦିର କାମ ସମ୍ପୂର୍ଣ୍ଣ କରାଯାଇଥିବା ବେଳେ ଏହାର ପ୍ରତିଷ୍ଠା ମହୋତ୍ସବରେ ବଡ଼ ଭୂମିକା ଗ୍ରହଣ କରିଥିଲେ ସରପଞ୍ଚ କ୍ଷୀରେନ୍ଦ୍ରୀ ଶତପଥୀ। ମନରେଗା ଯୋଜନାର ସଫଳ ରୂପାୟନକୁ ସରପଞ୍ଚ ବିଶେଷ ଧ୍ୟାନ ଦେଇଥିବା କହିଛନ୍ତି। ଏହି ଯୋଜନାରେ ପଞ୍ଚାୟତର ସମସ୍ତ ଗାଁର ପୋଖରୀରେ ମାଟିକାମ କରାଯାଇଛି। କନକପୁର ବନ୍ଧର ଉନ୍ନତିକରଣ କରାଯାଇଥିବାବେଳେ ସାନମୁଣ୍ଡା ଓ ଭାନପୁର ଗାଁରେ ଜଳ ସଂରକ୍ଷଣ ପ୍ରକଳ୍ପ କରାଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି। ସାମଗ୍ରିକ ଭାବେ ପଞ୍ଚାୟତର ଉନ୍ନତିକୁ ଦୃଷ୍ଟିରେ ରଖି ସରପଞ୍ଚ ଗତ ଦୁଇବର୍ଷ ହେଲା କାମ କରିଆସୁଥିବାବେଳେ ଆଗାମୀ ଦିନରେ ପଞ୍ଚାୟତ ପାଇଁ ଏହିଭଳି କିଛି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା କହିଛନ୍ତି। ଆଗକୁ ପ୍ରତାପପୁର ଗାଁ ରାସ୍ତାର କଂକ୍ରିଟକରଣ, ଖଇରବାହାଲି ଗାଁ ରାସ୍ତାର କଂକ୍ରିଟକରଣ କରିବାକୁ ସରପଞ୍ଚ ଲକ୍ଷ୍ୟ ରଖିଛନ୍ତି। ସେହିପରି ପଞ୍ଚାୟତର ସମସ୍ତ ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ କରିବାସହ ପ୍ରତି ଗାଁରେ ପାନୀୟଜଳର ସୁବିଧା କରିବା ପାଇଁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। ପଞ୍ଚାୟତରେ ଥିବା ସମସ୍ତ ଗାଁକୁ ସମାନଭାବେ ଧ୍ୟାନଦେବାସହ ପାଣ୍ଠିର ସୁବିନିଯୋଗ କରିବାକୁ ସରପଞ୍ଚ କ୍ଷୀରେନ୍ଦ୍ରୀ ଶତପଥୀ ଗୁରୁତ୍ୱ ଦେଇଆସୁଥିବା କହିଛନ୍ତି।










# ସଇଁତଳାରେ ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



**ସଇଁତଳା, ୧୨।୬(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ନବୀନ ଛକ ଠାରେ ନୂତନ ଏସବିଆଇ ଶାଖା ଉଦ୍‌ଘାଟିତ ହୋଇଛି। ଏସ୍‌ବିଆଇ ବିଏମ୍ ପ୍ରଫୁଲ ଭଇଷାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଏସବିଆଇର ରିଜିଓନାଲ ମ୍ୟାନେଜର କୋଲା ବାଲାଜୀ ଯୋଗଦେଇ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗିର ଜିଲ୍ଲା ଏସ୍‌ବିଆଇ ଶାଖା ର ମୁଖ୍ୟ ମ୍ୟାନେଜର ଅଶୋକ ମିଶ୍ରଙ୍କ ସମେତ ବ୍ୟାଙ୍କ କର୍ମଚାରୀ, ବ୍ଲକର ସମସ୍ତ ସରପଞ୍ଚ, ସମିତି, ପାକ୍ସ ସମ୍ପାଦକମାନେ ଉପସ୍ଥିତ ଥିଲେ।

# ରାସ୍ତା ଅବରୋଧକାରି ଗଛକୁ ଅଗ୍ନିଶମ କର୍ମଚାରୀ ସଫା କଲେ

**ଥୁଆମୂଳ ରାମପୁର, ୧୨।୬(ସମିସ):** ଭବାନୀପାଟଣା-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ପେରମଞ୍ଜି ଗୋଏଲଖୋଜ୍ ଘାଟିରେ ଏକ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ବୁଧବାର ଦିନ ୨ଟାରେ ମୁଖ୍ୟ ରାସ୍ତା କଡର ଥିବା ଏକ ବିରାଟ ଗଛ ମୂଳରୁ ଉପୁଡି ଯାଇ ରାସ୍ତାରେ ପଡ଼ିଥିଲା। ଫଳରେ ଭବାନୀପାଟଣା ଏବଂ ଥୁଆମୂଳ ରାମପୁର ଉଭୟ ପଟରୁ ଆସୁଥିବା ବିଭିନ୍ନ ବସ୍ ସମେତ ଯାନବାହନ ଚଳାଚଳ କିଛି ଘଣ୍ଟା ପାଇଁ ବନ୍ଦ ରହିଥିଲା। ସୂଚନା ପାଇ ଦମକଳ ବିଭାଗର ହାବିଲଦାର ବନମାଳୀ ପୂଜାରୀଙ୍କ ନେତୃତ୍ୱରେ ଡ୍ରାଇଭର ଶିବ କିଶାନ, ଆଗ୍ନିକ ମଦନମୋହନ ଶବର, ପ୍ରସିଦ ପ୍ରଧାନ, ଲକ୍ଷ୍ମଣ ଧରୁଆ ଏବଂ ଗୁପ୍ତେଶ୍ୱର କହଁର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ପଥ ପରିଷ୍କାର କରିଥିଲେ। ଫଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଖେଳ ଦୁନିଆ
ସକାଳ THE SAKALA
www.sakalaepaper.com

### ଓଡ଼ିଶା ଜାତୀୟ ର୍ୟାଙ୍କିଙ୍ଗ୍ ସନ୍ତରଣ ଚାମ୍ପିଅନସିପ୍ ଉଦ୍‌ଯାପିତ

# ସୃଷ୍ଟିଙ୍କୁ ୩ ସ୍ୱର୍ଣ୍ଣ; ଓଡ଼ିଶାକୁ ୧୬ ପଦକ







**ଭୁବନେଶ୍ୱର, ୧୨।୬ (ସମିସ):** ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଜଳକ୍ରୀଡ଼ା କେନ୍ଦ୍ରରେ ଗତ ୩ ଦିନ ଧରି ଚାଲିଥିବା ଦ୍ୱିତୀୟ ଓଡ଼ିଶା ଜାତୀୟ ର୍ୟାଙ୍କିଙ୍ଗ୍ ସନ୍ତରଣ ଚାମ୍ପିଅନସିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାର ଅନ୍ତିମ ତଥା ୩ୟ ଦିବସରେ ଓଡ଼ିଶା ସନ୍ତରଣକାରୀ ମୋଟ୍ ୫ଟି ପଦକ ଜିତିଛନ୍ତି। ଏଥିସହ ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୧୬ଟି ପଦକ ବିଜୟୀ ହୋଇଛି। ଏଥିରେ ୫ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ରହିଥିବାବେଳେ ୬ଟି ରୌପ୍ୟ ପଦକ ସାମିଲ ରହିଛି। ଓଡ଼ିଶାରୁ ସୃଷ୍ଟି ଉପାଧ୍ୟାୟ ଶ୍ରେଷ୍ଠ ପ୍ରଦର୍ଶନ କରି ୩ଟି ପଦକ ଜିତିଛନ୍ତି। ସେ ମହିଳା ୫୦, ୧୦୦ ଓ ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ଏହି ୩ଟି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ତାଙ୍କ ପଛକୁ ମନ୍ନତା ମିଶ୍ର ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଜଣାଶୁଣା ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କୁ ମାତ୍ର ୨ଟି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଦିବ୍ୟାଙ୍କା ପ୍ରଧାନ ୩ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି।

ପ୍ରତିଯୋଗିତାର ଅନ୍ତିମ ଦିବସରେ ବୁଧବାର ଓଡ଼ିଶା ୫ଟି ପଦକ ବିଜୟୀ ହୋଇଥିଲା। ଏଥିରେ ମହିଳା ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସୃଷ୍ଟି ଓ ୨୦୦ ମିଟର ବ୍ରେଷ୍ଟ ଷ୍ଟୋକ ଇଭେଣ୍ଟରେ ମନ୍ନତା ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ କରାୟତ କରିଥିଲେ। ସେହିଭଳି ୨୦୦ ମିଟର ବ୍ରେଷ୍ଟ ଷ୍ଟୋକରେ ଦିବ୍ୟାଙ୍କା ଓ ୧୦୦ ମିଟର ବ୍ୟାକ୍‌ଷ୍ଟୋକରେ ପ୍ରତ୍ୟାଶା ରାୟ ରୌପ୍ୟ ପଦକ ଜିତିଛନ୍ତି। ଦିବସର ଏକମାତ୍ର କାଂସ୍ୟ ପଦକ ଅଭିନବ ସିଂଙ୍କୁ ୪୦୦ ମିଟର ଫ୍ରିଷ୍ଟାଇଲରେ ମିଳିଛି।

# ୩ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୯ ପଦକ




ଜାତୀୟ ଉପକନିଷ୍ଠ, କନିଷ୍ଠ ଶକ୍ତି ଉତ୍ତୋଳନ

**ଭୁବନେଶ୍ୱର, ୧୨।୬ (ସମିସ):** ରାଜସ୍ଥାନର ଗଙ୍ଗନଗରଠାରେ ଉଦ୍‌ଯାପିତ ହୋଇଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଦଳ ୯ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ଉପକନିଷ୍ଠ ମହିଳା ବିଭାଗର ୮୪ କିଗ୍ରାରୁ ଉର୍ଦ୍ଧ୍ୱର୍ ଓଜନବର୍ଗରେ ଆକ୍ଷ୍ୟାଙ୍କା ପରିଡ଼ା ୩୭୮ କିଗ୍ରା ଭାର ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ପୁରୁଷ ୧୨୦ କିଗ୍ରାରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ରୋହିତ୍ ପାତ୍ର ୬୪୦ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଓଡ଼ିଶାକୁ ୩ୟ ସ୍ୱର୍ଣ୍ଣ ପଦକ ସୋମେନ ସେନାପତି ଭେଟି ଦେଇଥିଲେ। ସେ କନିଷ୍ଠ ପୁରୁଷ ବେଞ୍ଚପ୍ରେସ ୬୬ କିଗ୍ରା ଓଜନ ବର୍ଗରେ ୧୪୦ କିଗ୍ରା ଭାର ଉଠାଇ ଏହି ସଫଳତା ପାଇଥିଲେ। ସେହିଭଳି ରୌପ୍ୟ ପଦକ ଜିତିଥିବା ଖେଳାଳି ହେଲେ ଶ୍ରାବଣୀ ଜେନା, ଅନନ୍ୟା ଅନିନ୍ଦିତା ଗିରି, ନିଶିକାନ୍ତ ମଣ୍ଡଳ ଓ ପ୍ରିୟବ୍ରତ ବିଶୋଇ। ଏଥିସହ ଆଶିଷ ସାହୁ ଓ ଅମ୍ଲାନ ମହାନ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଷଲ। ପଦକ ବିଜେତାମାନଙ୍କୁ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ଡ. ହରିପ୍ରାସଦ ପଟ୍ଟନାୟକ, ଉପସଭାପତି ଇ. ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ପାତ୍ର, ସମରେନ୍ଦ୍ର ରାଉତ, ଦେବାଶିଷ ମହାନ୍ତି ଓ ସଂଘର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଆଇପିଏଲ୍ ମୂଲ୍ୟାୟନ ୧,୩୪,୮୫୮ କୋଟି ଟଙ୍କାରେ ପହଞ୍ଚିଲା

**ନୂଆଦିଲ୍ଲୀ,୧୨।୬(ଏଜେନ୍ସି):** ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ଲିଗ୍ ଆଇପିଏଲର ମୂଲ୍ୟାୟନ ଆଶାତୀତ ବୃଦ୍ଧି ପାଇଛି। ୨୦୨୪ ଆଇପିଏଲ ମୁଲ୍ୟାଙ୍କନରେ ୬.୫ ପ୍ରତିଶତ ବୃଦ୍ଧି ହୋଇଛି। ଫଳରେ ଏହା ୧୬.୪ ବିଲିଅନ ଆମେରିକୀୟ ଡଲାର ଅର୍ଥାତ ଏକ ଲକ୍ଷ ୩୪ ହଜାର ୮୫୮ କୋଟି ଟଙ୍କାରେ ପହଞ୍ଚିଛି। ଆମେରିକାନ ଇନେଭେଷ୍ଟମେଣ୍ଟ ବ୍ୟାଙ୍କ ହୋଉଲିହାନ ଲୋକେ ବୁଧବାର ଏ ନେଇ ରିପୋର୍ଟ ପ୍ରକାଶ କରିଛି। ଏହି ହାଇପ୍ରୋଫାଇଲ ଲିଗ୍‌ର ବ୍ରାଣ୍ଡ ଭେଲ୍ୟୁରେ ମଧ୍ୟ ୬.୩ ପ୍ରତିଶତ ବୃଦ୍ଧି ହୋଇଛି। ଏହା ୩୪ ବିଲିଅନ ଆମେରିକୀୟ ଡଲାର ଅର୍ଥାତ୍ ୨୮ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଟାଟା ଗ୍ରୁପ୍ ଆଗାମୀ ୫ ବର୍ଷ (୨୦୨୪ରୁ ୨୦୨୮) ପାଇଁ ଆଇପିଏଲ୍‌ର ପ୍ରାୟୋଜକ ହେବା ପରେ ମୁଲ୍ୟାଙ୍କରେ ଜବରଦସ୍ତ ବୃଦ୍ଧି ପରିଲକ୍ଷିତ ହୋଇଛି। ୨,୫୦୦ କୋଟି ଟଙ୍କା ବିନିମୟରେ ଟାଟା ପ୍ରାୟୋଜନ ଅଧିକାର ପାଇଥିଲା। ପୂର୍ବରୁ ପ୍ରତିସଂସ୍କରଣ ପାଇଁ ଟାଇଟଲ ପ୍ରାୟୋଜନ ହିସାବରେ ୩୩୫ କୋଟି ଟଙ୍କା ମିଳୁଥିଲା। କିନ୍ତୁ ଏଥର ଏଥିରେ ୫୦ ପ୍ରତିଶତ ବୃଦ୍ଧି ପାଇଛି। ମିଡିଆ ରାଇଟ୍ସ ନୀଲାମିରେ ଜବରଦସ୍ତ ଆମଦାନୀ ହୋଇଥିଲା ଓ ଏହା ଆଇପିଏଲ୍‌କୁ ଆହୁରି ଧନୀ କରିବାରେ ସହାୟ ହୋଇଛି। ଅଲିମ୍ପିକ୍ସ, ଫିଫା ବିଶ୍ୱକପ୍, କ୍ରିକେଟ ବିଶ୍ୱକପ୍ ଭଳି ଆଇପିଏଲ ମଧ୍ୟ ବିଶ୍ୱରେ କୋଟି କୋଟି ପ୍ରଶଂସକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି।

### ଚେନ୍ନାଇ ସୁପର କିଙ୍ଗ୍‌ସ ସବୁଠୁ ଦାମୀ

ଚେନ୍ନାଇ ଆଇପିଏଲରେ ସବୁଠାରୁ ଧନୀ ଫ୍ରାଞ୍ଚାଇଜ୍ ବିବେଚିତ ହୋଇଛି। ତେବେ କୋଲକାତା ବାର୍ଷିକ ଭାବେ ସର୍ବାଧିକ ଆର୍ଥିକ ପ୍ରଗତି ହାସଲ କରିଛି। ବ୍ରାଣ୍ଡ ଓ ବ୍ୟବସାୟିକ ମୂଲ୍ୟାଙ୍କନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆର୍‌ସିବି, ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ୫ମ ସ୍ଥାନରେ ରହିଛନ୍ତି।

# ବ୍ରିକ୍ସ ସ୍ପୋର୍ଟ୍ସ କ୍ରୀଡ଼ାରେ ଭାଗନେବେ ଶ୍ରାବଣୀ ନନ୍ଦ

**ଭୁବନେଶ୍ୱର, ୧୨।୬ (ସମିସ):** ରୁଷିଆର କାଜାନଠାରେ ଆରମ୍ଭ ହୋଇଥିବା ବ୍ରିକ୍ସ ସ୍ପୋର୍ଟ୍ସ କ୍ରୀଡ଼ାରେ ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ଅଂଶଗ୍ରହଣ କରିବେ। ଶ୍ରାବଣୀ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଏବଂ ସେ ୨୦୦ ମିଟର ରେସରେ ଭାଗନେବେ ବୋଲି ଜଣାପଡ଼ିଛି। ୩୩ ବର୍ଷୀୟା ଶ୍ରାବଣୀ ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏରେ ଅଧ୍ୟୟନ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ତାଙ୍କୁ ଆଗାମୀ ପ୍ରତିଯୋଗିତା ଲାଗି ଶୁଭେଚ୍ଛା ଜଣାଇଛନ୍ତି।

### ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍

# ମେକ୍ସିକୋକୁ ହରାଇ ଭାରତ ୯ମ



**ଭୁବନେଶ୍ୱର, ୧୨।୬ (ସମିସ):** ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫ୍‌ଆଇଏସ୍‌ୟୁ) ଆନୁକୂଲ୍ୟରେ ଫ୍ରାନ୍ସରେ ଉଦ୍‌ଯାପିତ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାରତୀୟ ମହିଳା ଦଳ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ବୁଧବାର ୯ମ ଓ ୧୦ମ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତୀୟ ମହିଳା ବିଶ୍ୱବିଦ୍ୟାଳୟ ଦଳ ୨୨-୧୭ରେ ମେକ୍ସିକୋକୁ ପରାସ୍ତ କରିଥିଲା।

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପୂର୍ବରୁ ଭାରତୀୟ ବିଶ୍ୱବିଦ୍ୟାଳୟର ଉଭୟ ପୁରୁଷ ଓ ମହିଳା ରଗ୍‌ବୀ ଦଳର ଚୟନ ଓ ପ୍ରଶିକ୍ଷଣ ଶିବିର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମନୋନୀତ ହୋଇଥିବା ଭାରତୀୟ ପୁରୁଷ ଓ ମହିଳା ଦଳରେ କିଟ୍ ଓ କିସ୍‌ର ମୋଟ୍ ୭ଜଣ ଖେଳାଳି ସ୍ଥାନ ପାଇଥିଲେ। ସେହିଭଳି ୪ଜଣ ଅଫିସିଆଲ ମଧ୍ୟ ଦଳ ସହ ଫ୍ରାନ୍ସ ଯାତ୍ରା କରିଥିଲେ। ମେକ୍ସିକୋ ବିପକ୍ଷରେ ବିଜୟୀ ହୋଇଥିବା ଭାରତୀୟ ମହିଳା ଦଳରେ କିଟ୍ ଓ କିସ୍‌ର ନିର୍ମାଲ୍ୟ ରାଉତ, ତରୁଲତା ନାଏକ ଓ ଦୁମୁଣୀ ମାର୍ଣ୍ଡି ସ୍ଥାନ ପାଇଥିଲେ। ଏହି ଅବସରରେ ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଷ୍ଟର୍ଟଗାର୍ଟ ଓପନ୍ ଟେନିସ୍

# ଯୁଗଳ ସେମିରେ ଭାମ୍ବ୍ରି



**ଷ୍ଟର୍ଟଗାର୍ଟ,୧୨।୬(ଏଜେନ୍ସି):** ଦକ୍ଷିଣ ପଶ୍ଚିମ ଜର୍ମାନୀର ଷ୍ଟର୍ଟଗାର୍ଟ ସହରରେ ଚାଲିଥିବା ଏଟିପି ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତର ପୁରୁଷ ଯୁଗଳ ଖେଳାଳି ୟୁକି ଭାମ୍ବ୍ରୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାମ୍ବ୍ରୀ ଓ ତାଙ୍କ ଫ୍ରେଞ୍ଚ୍ ସାଥି ଖେଳାଳି ଅଲବାନୋ ଓଲିଭେଟି ୬-୩, ୬-୨ ସିଧାସଳଖ ସେଟ୍‌ରେ ଅନ୍ୟତମ ଫ୍ରାନ୍ସ ଯୋଡି ଥେଓ ଅରିବେଗ ଓ ସାଡିଓ ଡୋମ୍ବିୟାଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ଏହାପୂର୍ବରୁ ଭାମ୍ବ୍ରୀ ଓ ଓଲିଭେଟି ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲ ମୁକାବିଲାରେ ୬-୪, ୬-୨ ସେଟ୍‌ରେ ଦ୍ୱିତୀୟ ସିଡ୍ ଯୋଡି ଆମେରିକାର ମାଇକେଲ ଭେନସ ଓ ନିଲ ସ୍କୁପସ୍କିଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

### ଏକକରେ ହାରିଲେ ମୁରେ

ଷ୍ଟର୍ଟଗାର୍ଟ ପୁରୁଷ ଏକକ ପ୍ରତିଯୋଗିତାରେ ବ୍ରିଟେନର ଅଭିଜ୍ଞ ଖେଳାଳି ଆଣ୍ଡି ମୁରେ ରାଉଣ୍ଡ ଅଫ୍ ୩୨ ଅର୍ଥାତ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମୁରେ ୩-୬, ୪-୬ ସିଧାସଳଖ ସେଟ୍‌ରେ ଆମେରିକାର ମାର୍କୋସ ଗିରୋନଙ୍କଠାରୁ ପରାସ୍ତ ହୋଇଛନ୍ତି। ପୂର୍ବରୁ ଦୁଇବର୍ଷ ତଳେ ମୁରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୩ ଓ ୨୦୧୬ରେ ୱିମ୍ବଲଡନ ଟାଇଟଲ ହାସଲ କରିଥିବା ମୁରେ ମାତ୍ର ୭୫ ମିନିଟ୍‌ରେ ପରାସ୍ତ ହୋଇଥିଲେ। ଫଳରେ ଏଥର ତାଙ୍କର ୱିମ୍ବଲଡନ ଓ ଅଲିମ୍ପିକ୍ସ ପ୍ରସ୍ତୁତିକୁ ଝଟ୍‌କା ଲାଗିଛି।

### ଆଇସିସି ଟି-୨୦ ମାନ୍ୟତା

# ସୂର୍ଯ୍ୟକୁମାର ଯାଦବ ଶୀର୍ଷରେ ସ୍ଥିର

**ଦୁବାଇ,୧୨।୬(ଏଜେନ୍ସି)**



ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟି-୨୦ ମାନ୍ୟତାରେ ଭାରତର ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ ତାଲିକାରେ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ବ୍ୟାଟିଂ ତାଲିକାରେ ସୂର୍ଯ୍ୟ ନଂ ୧ ସ୍ଥାନରେ ପୂର୍ବପରି ରହିଥିବା ବେଳେ ପାକିସ୍ତାନ ଅଧିନାୟକ ବାବର ଆଜମ ଗୋଟିଏ ସ୍ଥାନ ଉପରକୁ ଉଠି ତୃତୀୟ ଓ ମହମ୍ମଦ ରିଜୱାନ ଗୋଟିଏ ସ୍ଥାନ ତଳକୁ ଖସି ଚତୁର୍ଥ ରହିଛନ୍ତି। ସେହିପରି ଇଂଲଣ୍ଡ ଫିଲ ସଲ୍ଟ ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଛନ୍ତି। ଇଂଲଣ୍ଡର ଜୋଶ ବଟଲର ୨ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି। ଭାରତର ଯଶସ୍ୱୀ ଜୟସ୍ୱାଲ ଷଷ୍ଠ ସ୍ଥାନରେ ସ୍ଥିର ରହିଛନ୍ତି। ଆଫଗାନିସ୍ତାନର ରହମାନୁଲ୍ଲା ଗୁରବାଜ ୮ଟି ସ୍ଥାନ ଉପରକୁ ଉଠି ଦ୍ୱାଦଶ ସ୍ଥାନରେ ରହିଛନ୍ତି।

### ବୋଲିଂରେ ରସିଦ ନଂ୧

ଦଳୀୟ ମାନ୍ୟତାରେ ଭାରତ ପୂର୍ବପରି ଶୀର୍ଷରେ ସ୍ଥିର ରହିଛି। ପ୍ରଥମ ୫ଟି ସ୍ଥାନରେ କୌଣସି ପରିବର୍ତ୍ତନ ହୋଇନାହିଁ। ଦକ୍ଷିଣ ଆଫ୍ରିକା ଗୋଟିଏ ସ୍ଥାନ ଉପରକୁ ଉଠି ଷଷ୍ଠ, ପାକିସ୍ତାନ ଗୋଟିଏ ସ୍ଥାନ ତଳକୁ ଖସି ସପ୍ତମ ସ୍ଥାନରେ ରହିଛି। ବୋଲିଂ ତାଲିକାରେ ଇଂଲଣ୍ଡ ଆଦିଲ ରସିଦ ଶୀର୍ଷ ସ୍ଥାନରେ ସ୍ଥିର ରହିଛନ୍ତି। ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଥିବା ବେଳେ ଆଫଗାନିସ୍ତାନର ରସିଦ ଖାନ୍ ୪ଟି ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ଭାରତୀୟ ସ୍ପିନର ରବି ବିଷ୍ଣୋଇ ୬ଟି ସ୍ଥାନ ତଳକୁ ଖସି ୧୦ମ ସ୍ଥାନରେ ରହିଛନ୍ତି। ଅକ୍ଷର ପଟେଲ ୪ଟି ସ୍ଥାନ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି।

### ନବୀ ଶ୍ରେଷ୍ଠ ଅଲରାଉଣ୍ଡର

ଅଲରାଉଣ୍ଡର ମାନ୍ୟତାରେ ବାଂଲାଦେଶର ସାକିବ ଅଲ ହାସନ ଶୀର୍ଷ ସ୍ଥାନ ହରାଇବା ସହ ୫ମ ସ୍ଥାନକୁ ଖସିଛନ୍ତି। ଆଫଗାନିସ୍ତାନର ମହମ୍ମଦ ନବୀ ଦୁଇଟି ସ୍ଥାନ ଉପରକୁ ଉଠି ନଂ ୧ ସ୍ଥାନ ଅଧିକାର କରିଛନ୍ତି। ଏହି କ୍ରମରେ ନବୀ ସାକିବଙ୍କୁ ଶୀର୍ଷ ସ୍ଥାନରୁ ହଟାଇଛନ୍ତି। ଅଲରାଉଣ୍ଡର ତାଲିକାର ଶ୍ରେଷ୍ଠ-୧୦ରେ ଏକମାତ୍ର ଭାରତୀୟ ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ସ୍ଥାନ ପାଇଛନ୍ତି। ସେ ଗୋଟିଏ ସ୍ଥାନ ଉପରକୁ ଉଠି ୮ମ ସ୍ଥାନରେ ରହିଛନ୍ତି। ଅକ୍ଷର ପଟେଲ ୩ଟି ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ରହିଛନ୍ତି।

### ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ

# ୨ୟ ରାଉଣ୍ଡରେ ପ୍ରଣୟ

**ସିଡ୍‌ନୀ, ୧୨।୬ (ଏଜେନ୍ସି):** ଭାରତର ତାରକା ସଟଲର୍ ଏଚ୍‌ଏସ୍ ପ୍ରଣୟ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ରହିଥିବା ପ୍ରଣୟ ପୁରୁଷ ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ୨୧-୧୦, ୨୩-୨୧ ସିଧାସଳଖ ଗେମ୍‌ରେ ବ୍ରାଜିଲର ୟଗର୍ କୋଏହୋଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିଭଳି ପୁରୁଷ ଏକକ ପ୍ରଥମ ରାଉଣ୍ଡ ମ୍ୟାଚରେ ଅନ୍ୟ ଭାରତୀୟଙ୍କ ମଧ୍ୟରେ ସମୀର ବର୍ମା, କିରନ ଜର୍ଜ ପ୍ରମୁଖ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ଅପରପକ୍ଷରେ ମହିଳା ଏକକରେ ୮ମ ସିଡ୍ ଆକର୍ଷୀ କାଶ୍ୟପ ୨୧-୧୪, ୨୧-୧୧ ଗେମରେ ୟୁକ୍ରେନର ପୋଲିନା ବୁହରୋଭାଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ସେହିଭଳି ମାଳବିକା ବଂଶୋଦ ୨୧-୧୦, ୨୧-୮ରେ ସାଥୀ ଭାରତୀୟ ଖେଳାଳି ୟେରା ମୋପାତିଙ୍କୁ, ଅନୁପମା ଉପାଧ୍ୟାୟ୨୧-୧୪, ୨୩-୨୧ରେ ମାଲେସିଆର ୱଙ୍ଗ ଲିଙ୍ଗ୍ ଚିଙ୍ଗ୍‌ଙ୍କୁ ପରାସ୍ତ କରି ରାଉଣ୍ଡ-୧୬ରେ ସ୍ଥାନ ପକ୍କା କରିଛନ୍ତି।

### ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

# ଯାଜପୁର, ମାଲକାନଗିରି, ବଲାଙ୍ଗିର ବିଜୟୀ


ଶୀର୍ଷେନ୍ଦୁ ସରକାର


ଅନୁରାଗ ପ୍ରଧାନ


ବିଭୂତି ଭୂଷଣ

**କଟକ,୧୨।୬(ସମିସ):** ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ୩ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଯାଜପୁର, ମାଲକାନଗିରି ଏବଂ ବଲାଙ୍ଗିର ବିଜୟୀ ହୋଇଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ ଯାଜପୁର ୧୦ ୱିକେଟରେ ଗଜପତିକୁ ହରାଇଥିଲା। ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ଗଜପତି ମାତ୍ର ୬୮ ରନରେ ଅଲଆଉଟ ହୋଇଥିଲା। ବ୍ରାଏନ ସିଂହ ସର୍ବାଧିକ ୨୦ରନ କରିଥିଲେ। ଯାଜପୁରର ବିଭୂତି ଭୂଷଣ ନାୟକ ୪ଟି ୱିକେଟ ଦଖଲ କରିଥିଲେ। କୌଣସି ୱିକେଟ ନହରାଇ ଯାଜପୁର ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଶାନ୍ତ ନାୟକ ୧୭ବଲରୁ ଦ୍ରୁତ ୪୪ରନର ଅପରାଜିତ ପାଳି ଖେଳିଥିଲେ। ବିଭୂତିଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚନା କରାଯାଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ମାଲକାନଗିରି ୪୭ରନ୍‌ରେ କଳାହାଣ୍ଡିକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମାଲକାନଗିରି ୨୯.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୮ରନ କରିଥିଲା। ଜବାବରେ କଳାହାଣ୍ଡି ୧୦୧ରନରେ ଅଲଆଉଟ ହୋଇଥିଲା। ୨୦ରନ ସଂଗ୍ରହ କରିବା ସହ ୩ ୱିକେଟ ଦଖଲ କରିଥିବା ମାଲକାନଗିରିର ଶୀର୍ଷେନ୍ଦୁ ସରକାର ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସେହିପରି ନିମପୁର ଗ୍ରାଉଣ୍ଡରେ ବଲାଙ୍ଗିର ୧୫ରନରେ ଗଞ୍ଜାମକୁ ହରାଇଛି। ଦିବ୍ୟମ କାପାଡିଆଙ୍କ ୩୭ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ୧୬୫ରନ କରିଥିଲା। ନରସିଂହ ତ୍ରିପାଠୀଙ୍କ ୨୯ରନ ଏବଂ ଅଭିନୀତ ପଟ୍ଟନାୟକଙ୍କ ୨୭ରନର ସତ୍ତ୍ୱେଗଞ୍ଜାମ ବିଜୟ ଲକ୍ଷ୍ୟ ଠାରୁ ୧୫ରନ ପଛରେ ରହିଥିଲା। ୩୩ରନ ବ୍ୟୟରେ ୩ ୱିକେଟ ଦଖଲ କରିଥିବା ବଲାଙ୍ଗିରର ଅନୁରାଗ ପ୍ରଧାନ ଏହି ମ୍ୟାଚରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ।

### କଳାହାଣ୍ଡି କପ୍ ସୁପର ଲିଗ୍

# ଅବଶିଷ୍ଟ ଓଡ଼ିଶା-ସି'ର ଦ୍ୱିତୀୟ ବିଜୟ


ଅନିଲ ପରିଡ଼ା


ଗିରିଜା ଶଙ୍କର ବାରିକ

**କଟକ୧୨।୬(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ସୁପର ଲିଗ୍ ପର୍ଯ୍ୟାୟରେ ଅବଶିଷ୍ଟ ଓଡ଼ିଶା-ସି ଦଳ ବିଜୟ ଧାରା ଜାରି ରଖିଛି। ରାକେଶ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଓଡ଼ିଶା-ସି ଦଳ ଲଗାତାର ଦ୍ୱିତୀୟ ବିଜୟ ହାସଲ କରି ଗ୍ରୁପ-ଏ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ଡ୍ରିମସ ଗ୍ରାଉଣ୍ଡରେ ଦଳ ୧୫ ରନ୍‌ରେ ପୂର୍ବତଟ ରେଳବାଇକୁ ହରାଇଛି। ରେଳବାଇର ପାଳି ୨୧୦ ରନରେ ଅଲଆଉଟ ହୋଇଥିଲା। ଜବାବରେ ଅବଶିଷ୍ଟ ଓଡ଼ିଶା-ସି ସମସ୍ତ ୱିକେଟ ହରାଇ ୨୨୫ରନ ସଂଗ୍ରହ କରିବା ସହ ବିଜୟୀ ଘୋଷିତ ହୋଇଛି। ବିଜୟୀ ଦଳ ପକ୍ଷରୁ ଗୌରବ ଚୌଧୁରୀ ଏବଂ ଦେବବ୍ରତ ପ୍ରଧାନ ଉଭୟ ୫୦ ରନ ଲେଖାଏ ସଂଗ୍ରହ କରିଥିଲେ। ରେଳବାଇ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ଜୟନ୍ତ ବେହେରାଙ୍କୁ ୪ଟି ଲେଖାଏ ୱିକେଟ ମିଳିଥିଲା।

ବାରବାଟୀ ଷ୍ଟାଡିୟମରେ କଟକ-ଏ ଦଳକୁ ବିଜୟ ମିଳିଛି। ଅବଶିଷ୍ଟ ଓଡ଼ିଶା-ଏ ଦଳର ୨୩୫ ରନ ଜବାବରେ କଟକ-ଏ ୯ ୱିକେଟ ବିନିମୟରେ ୨୬୫ରନ ସଂଗ୍ରହ କରିଛି। କଟକ-ଏ ପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୭୫ ରନ କରିଥିଲେ। ସେହିଭଳି ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟ ୬୩ ରନର ଉପଯୋଗୀ ପାଳି ଖେଳିଥିଲେ। ଅବଶିଷ୍ଟ ଓଡ଼ିଶା-ଏ ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ଏବଂ ବିମଳ କୁମାର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ସନସାଇନ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ଡିକୁ ୧୦୬ ରନରେ ହରାଇଛି ଭୁବନେଶ୍ୱର-ଏ। କାର୍ତ୍ତିକ ବିଶ୍ୱାଳ ଏବଂ ସନ୍ଦୀପ ପଟ୍ଟନାୟକଙ୍କ ଶତକୀୟ ପାଳି ସହାୟତାରେ ଭୁବନେଶ୍ୱର-ଏ ୪ ୱିକେଟ ବିନିମୟରେ ୪୧୩ ରନ ସଂଗ୍ରହ କରିଥିଲା। ମଧ୍ୟକ୍ରମ ବ୍ୟାଟର ଅନିଲ ପରିଡ଼ାଙ୍କ ଶତକ ସହାୟତାରେ ଅବଶିଷ୍ଟ ଓଡ଼ିଶା-ଡି ସମସ୍ତ ୱିକେଟ ହରାଇ ୩୦୭ ରନ କରିଥିଲା। ଅନିଲ ୮୧ ବଲରୁ ୧୧୫ ରନ କରିଥିଲେ। ଭୁବନେଶ୍ୱର-ଏ ପକ୍ଷରୁ ସମ୍ବିତ ବରାଳଙ୍କୁ ୩ଟି ଏବଂ ରିତେଶ ପ୍ରିୟରଞ୍ଜନଙ୍କୁ ୨ଟି ୱିକେଟ ମିଳିଥିଲା।

ରେଭେନ୍ସା ଗ୍ରାଉଣ୍ଡ-୧ରେ ଅବଶିଷ୍ଟ ଓଡ଼ିଶା-ବି ୧୩୦ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ବାଲେଶ୍ୱରର ପାଳି ୨୧୨ ରନରେ ସୀମିତ ରହିବା ପରେ ମଙ୍ଗଳବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ବି ଗୋଟିଏ ୱିକେଟ ହରାଇ ୧୫୨ ରନ କରିଥିଲା। ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ଥିବା ଦୁଇ ବ୍ୟାଟର ଗିରିଜା ଶଙ୍କର ବାରିକ ଏବଂ ଓମ ଟି ମୁଣ୍ଡେ ବୁଧବାର ଶତକ ହାସଲ କରିଥିଲେ। ଗିରିଜାଙ୍କ ୧୨୧ ଏବଂ ମୁଣ୍ଡେଙ୍କ ୧୧୧ ରନ ସହାୟତାରେ ଅବଶିଷ୍ଟ ଓଡ଼ିଶା-ବି ସମସ୍ତ ୱିକେଟ ବିନିମୟରେ ୩୪୨ରନ କରିଥିଲା। ବାଲେଶ୍ୱରର ଲୋସୋନାଥ ମୁର୍ମୁଙ୍କୁ ୪ଟି ୱିକେଟ ମିଳିଥିଲା।

# ରଜସଜ

## ଓଡ଼ିଶାର ପର୍ବ ଓଡ଼ିଆଙ୍କ ଗର୍ବ

'ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଆସିଛି ରଜ ଲୋ ଘେନି ନୂଆ ସଜବାଜ ।' 'ରଜ ଦୋଳି କଟମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ ଲୋ ଦିଶୁଥାଇ ଝଟଝଟ' 'ରଜ ଦୋଳି ଝୁଲିଲାଣି ଖେଳିବାକୁ ଯିବା ସାଙ୍ଗ ଭଉଣୀ ବଉଳ ଲୋ..... ଏଣେ ବେଳ ଉଛୁର ହେଲାଣି ବଉଳ ଲୋ' ଆଦି ନାନା ଗୀତ ଭାସିଆସେ ଗାଁ ଆମ୍ବତୋଟାରୁ । ଯାହା ଶୁଣି ମନରେ ଆନନ୍ଦ ଉଲ୍ଲାସ ଖେଳିଯାଏ । ଛୋଟରୁ ନେଇ ବଡ଼ ସଭିଏଁ ମଜିଯାଆନ୍ତି ରଜମଉଜରେ । ଗୀତର ତାଳେ ତାଳେ ପାନ,ମିଠା ଓ ପିଠା ଖାଇ ପାଳନ୍ତି ପର୍ବ ।ପାଦରେ ଅଳତା, ହାତରେ ମେହେନ୍ଦି ଓ ମୁଣ୍ଡରେ ଗଜରା ଲଗାଇ ଖେଳନ୍ତି ରଜଦୋଳି । ତେବେ ରଜପର୍ବକୁ ଝିମାନଙ୍କର ପର୍ବ କୁହାଯାଉଥିଲେ ହେଁ, ଏହାକୁ ସବୁ ବୟସର ଲୋକେ ପାଳନ କରିଥାନ୍ତି । ତେଣୁ ଏହାକୁ ଗଣପର୍ବ ବୋଲି ମଧ୍ୟ କୁହାଯାଏ । ରଜପର୍ବରେ ସଜବାଜ ଦିନର ଏକ ବିଶେଷ ରହିଛି ମହତ୍ତ୍ୱ ରହିଛି । ତେବେ ଝିଅ ବୋହୂଙ୍କ ରଜ ସଜବାଜ ବା ରଜ ପୂର୍ବ ପ୍ରସ୍ତୁତିକୁ ନେଇ ଆମର ଏହି ଉପସ୍ଥାପନା ।



### ପାଞ୍ଚଦିନ ପାଇଁ ଦାନ୍ତକାଠି

ରଜ ପାଞ୍ଚଦିନ ଧରି ଯୁବତୀ ତଥା ବୋହୂମାନେ ଦାନ୍ତକାଠିରେ ଦାନ୍ତ ଘଷିବାର ପ୍ରଥା ପର୍ବରୁ ପ୍ରଚଳିତ ହୋଇ ଆସୁଛି । ଏହା ବିଶେଷ କରି ଗାଁ ଗହଳିରେ ଦେଖିବାକୁ ମିଳିଥାଏ । ଏଥିପାଇଁ ସଜବାଜ ଦିନଠୁ ଦାନ୍ତକାଠି ଭାଙ୍ଗି ରଖିଥାନ୍ତି । ରଜରେ ଝିଅ ବୋହୂମାନେ କୌଣସି କାର୍ଯ୍ୟ କରନ୍ତି ନାହିଁ ବୋଲି ସଜବାଜ ଦିନଠୁ ଏସବୁ ପ୍ରସ୍ତୁତି କରାଯାଏ ।

### ବଟା, କୁଟା

ରଜରେ ଘରେ ଘରେ ପିଠାପଣାର ବାସ୍ନା ମହକୁଥାଏ । ପୋଡ଼ପିଠାର ବିଶେଷ ମହତ୍ତ୍ୱ ରହିଥିଲେ ମଧ୍ୟ ଅନ୍ୟାନ୍ୟ ପିଠା ଯଥା - ମଣ୍ଡା, କାକରା, ଚକୁଳି, ଇଡ୍‌ଲି ଆଦି ପ୍ରସ୍ତୁତ କରାଯାଏ । ଏଥି ପାଇଁ ପହିଲି ରଜ ପୂର୍ବଦିନ ଅର୍ଥାତ୍ ସଜବାଜ ଦିନଠୁ ପିଠା ପାଇଁ ଆବଶ୍ୟକ ସରଞ୍ଜାମ ତଥା ବିରି ଚାଉଳ ବାଟି ରଖାଯାଇଥାଏ । ଏଥି ସହିତ ଢିଙ୍କିରେ ଚାଉଳ କୁଟି ଚୂନା ପ୍ରସ୍ତୁତ କରି ରଖାଯାଏ । ମା' ଲକ୍ଷ୍ମୀ ରଜବତୀ ହୋଇଥିବାରୁ ରଜରେ ବଟାକୁଟା ଆଦି କାର୍ଯ୍ୟ କରାଯାଏ ନାହିଁ । ତେଣୁ ଘରର ମହିଳାମାନେ ରଜ ତିନି ଦିନ ଧରି କରାଯାଉଥିବା ପିଠା ପାଇଁ ପୂର୍ବରୁ ଏସବୁ କାର୍ଯ୍ୟ ସାରିଦେଇଥାନ୍ତି ।

### ଦିନକ ପୂର୍ବରୁ କେଶ ଧୁଆ

ବିଶେଷ କରି ଝିଅମାନେ ରଜ ତିନି ଦିନ ଧରି ଗାଧାନ୍ତି ନାହିଁ । ତେଣୁ ସଜବାଜ ଦିନ କେଶ ପ୍ରକ୍ଷାଳନ କରି ଗାଧୋଇଥାନ୍ତି । ପରେ ବାସନା ତେଲ ଲଗାଇ ମୁଣ୍ଡକୁଣ୍ଡାଇ କେଶ ବିନ୍ୟାସ କରିଥାନ୍ତି ।

### ସନ୍ଧ୍ୟାରେ ଲଗାନ୍ତି ବଟା ହଳଦୀ, ଅଳତା ଓ କଜଳ

ସାଧାରଣତଃ ରଜ କହିଲେ ଝିଅ ବୋହୂମାନେ ସଜବାଜ ହୋଇ ଆନନ୍ଦ ଉଲ୍ଲାସରେ ପାନ ଖାଇ ଏହି ପର୍ବକୁ ମନାଇଥାନ୍ତି । ଝିଅମାନେ ରାତିରେ ଦେହରେ ବଟା ହଳଦୀ ଲଗାଇଥାନ୍ତି । ଏଥି ସହିତ ପାଦରେ ଅଳତା ଓ ଆଖିରେ କଳା ଲଗାଇ, ନୂଆ ଚୁଡ଼ି ପିନ୍ଧି ନିଜକୁ ସଜେଇଥାନ୍ତି ।

### ପୋଡ଼ପିଠା

ବିଶେଷ କରି ରଜକୁ ଝିଅମାନଙ୍କର ପର୍ବ କହୁଥିଲେ ମଧ୍ୟ ଏହାକୁ ସମସ୍ତେ ଧୁମଧାମ୍‌ରେ ପାଳନ କରିଥାନ୍ତି । ସଜବାଜ ଦିନ ପୋଡ଼ପିଠା ପ୍ରସ୍ତୁତ କରି ରଖାଯାଇଥାଏ । ପହିଲି ରଜ ସକାଳୁ ଝିଅ ବୋହୂମାନେ ନିତ୍ୟକର୍ମ ସାରି ନୂଆ ବସ୍ତ୍ର ଅଳଙ୍କାର ପରିଧାନ କରି କୁଙ୍କୁମ, ଚନ୍ଦନ ଲଗାଇ ଖାଣ୍ଟି ଓଡ଼ିଆଣୀ ଭାବରେ ନିଜକୁ ସଜାଇଥାନ୍ତି ।

### ରଜରେ ପୂଜାପାଏ କଣ୍ଢେଇ ମୂର୍ତ୍ତି

ଓଡ଼ିଶାର କେତେକ ଅଞ୍ଚଳରେ ରଜ ପର୍ବରେ କଣ୍ଢେଇ ପୂଜାର ପରମ୍ପରା ମଧ୍ୟ ରହିଛି । ସଜବାଜ ଦିନ ମାଟିରେ ବିଭିନ୍ନ ପ୍ରକାର କଣ୍ଢେଇ ମୂର୍ତ୍ତି ପ୍ରସ୍ତୁତ କରାଯାଇଥାଏ । ଯାହାକୁ ରଜ ତିନିଦିନ ଧରି ଭୋଗରାଗ କରି ପୂଜାର୍ଚ୍ଚନା କରାଯାଏ । ବସୁମତୀ ସ୍ନାନ ଦିନ ଏହି ମୂର୍ତ୍ତି ପୂଜା କରି ପୋଖରୀରେ ବିସର୍ଜନ କରାଯାଇଥାଏ ।



### ମାଇକ୍ରୋଓଭନରେ ପୋଡ଼ପିଠା

ବର୍ତ୍ତମାନ ସମୟରେ ସମସ୍ତେ କର୍ମକୁ ପ୍ରାଧାନ୍ୟ ଦେଉଛନ୍ତି । ଆଗ ଭଳି ଏତେ ନିତି କିଏ ପାଳନ କରୁଛି । ସମୟ ଅନୁସାରେ ଲୋକେ ସୁବିଧାବାଦୀ ହେଉଛନ୍ତି । ଏବେ ରଜ ଦିନ ବି ଗ୍ରାଇଣ୍ଡରେ ବଟାବଟି କାର୍ଯ୍ୟ କରାଯାଉଛି । ରଜ ପୋଡ଼ପିଠା ଚୁଲିରେ ତିଆରି ହୁଏ । କିନ୍ତୁ ଏବେ ଯିଏ ଯେମିତି ପାରିଲା ସେମିତି କଲା । କିଏ ଇଣ୍ଡକ୍ସନରେ ତ କିଏ ମାଇକ୍ରୋଓଭନରେ କରୁଛନ୍ତି ପୋଡ଼ମିଠା ।

- ଶକୁନ୍ତଳା ବେଓ୍ୱା, ଖୋର୍ଦ୍ଧା



### ରଜରେ ସଜବାଜ

ଏବେ ଆଉ ଆଗ ପରି ରଜପର୍ବର ଖୁସି ଜଣା ପଡୁନାହିଁ । ଗାଁ ଆମ୍ବତୋଟା ବାଉଁଶ ଦୋଳି ଆଉ ନାହିଁ । ସବୁଠି ଆଧୁନିକ ଶୈଳୀରେ ରଜ ମହୋତ୍ସବ ଅନୁଷ୍ଠିତ ହେଲାଣି ।ପିଠାପଣା ଲୋକେ ଏତେ ଖାଇବାକୁ ପସନ୍ଦ କରୁନାହାନ୍ତି । ଖାଲି ବିଧିକୁ କରିବା କଥା କହିଲେ ଚଳେ । ସଜବାଜ ଦିନ ଆଉ ରଜର ପୂର୍ବ ପ୍ରସ୍ତୁତି ହେଉନି, ଏବେ ରଜ ଦିନ ସଜ ।

- ସଂଘମିତ୍ରା ଜେନା, ଅନୁଗୁଳ



# ଫେସିଆଲ୍ କପିଙ୍ଗ୍

**ବୟସ ବଢ଼ିବା ସହ ତ୍ୱଚାରେ କୁଞ୍ଚନ ଓ ଦାଗଜନିତ ସମସ୍ୟା ପରିଲକ୍ଷିତ ହୋଇଥାଏ । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ମହିଳାମାନେ ବିଭିନ୍ନ ପ୍ରକାର ଫେସିଆଲ୍ କରାଇଥାନ୍ତି, ସେଥିମଧ୍ୟରୁ ଗୋଟିଏ ହେଉଛି, ଫେସିଆଲ କପିଙ୍ଗ୍ । ଏହା ଦ୍ୱାରା ତ୍ୱଚାର ଉପଚାର କରି ଉଜ୍ଜ୍ୱଳତା ବୃଦ୍ଧି କରିପାରିବେ । ଏବେ ଜାଣିବା ଫେସିଆଲ୍ କପିଙ୍ଗ୍ କ'ଣ ।**

ଫେସିଆଲ୍ କପିଙ୍ଗ୍, କପିଙ୍ଗ୍‌ର ଏକ ହାଲୁକା ପ୍ରକ୍ରିୟାଭାବେ ଜଣାଶୁଣା । ଏଥିରେ ଛୋଟ ରବର କପ୍ ସହାୟତାରେ ତ୍ୱଚାକୁ ଆସ୍ତେ କରି ଉପରକୁ ଉଠାଯାଏ । ଏହି କପ୍ ସହାୟତାରେ ତ୍ୱଚାରେ କମ୍ ତୀବ୍ରତାରେ ଚାପ ସୃଷ୍ଟି କରାଯାଏ । ଏହା ତ୍ୱଚାକୁ ପ୍ରସାରଣ କରି ସେହି ସ୍ଥାନରେ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ ।

### କିପରି ହୁଏ ଏହି ଫେସିଆଲ

ଏହି ଫେସିଆଲ ଅନୁଯାୟୀ ପ୍ରଥମେ ତ୍ୱଚାରେ ସକ୍ସନ କପ ଲଗାଯାଇଥାଏ । ଯାହା ଦ୍ୱାରା ତ୍ୱଚା ପ୍ରସାରିତ ହୋଇଥାଏ । ଏହା ତ୍ୱଚାରେ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ । ଭ୍ୟାକୁମ୍ ଭଳି ସକ୍ସନ କପ୍ ତ୍ୱଚାର ସ୍ତରକୁ ପୃଥକ୍ କରିଥାଏ । ଫେସିଆଲ କପିଙ୍ଗ ଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ହେବା ସହ କୋଲେଜନ ପ୍ରୋଟିନ ବୃଦ୍ଧି ପାଇଥାଏ । ଏହା ତ୍ୱଚାର ରୁକ୍ଷପଣକୁ ଦୂର କରି ଚମକ ଆଣିଥାଏ ।

### ଠିକ୍ ଉପାୟରେ କଲେ ପଡ଼େନି ଦାଗ

ମୁହଁରେ କପ୍ ଦାଗ ରହିଯିବା ନେଇ ଅଧିକାଂଶ ମହିଳା ଏହି ଫେସିଆଲ କରିବାକୁ ଭୟକରନ୍ତି । କିନ୍ତୁ ବିଶେଷଜ୍ଞଙ୍କ କହିବାନୁଯାୟୀ, ଠିକ୍ ଉପାୟରେ ଫେସିଆଲ୍ କଲେ ମୁହଁରେ କୌଣସି ଦାଗ ହୁଏ ନାହିଁ । ଏହାକୁ ତେଲ କିମ୍ବା ସିରମ୍ ଲଗାଇ କରିବା ଜରୁରି ।

# ଟ୍ରେଣ୍ଡି କର୍ସେଟ

**ସ୍ମାର୍ଟ ତଥା ସୁନ୍ଦର ଦିଶିବା ପାଇଁ ମହିଳାମାନଙ୍କ ପୋଷାକକୁ ନେଇ ସବୁବେଳେ, ପରୀକ୍ଷାନିରୀକ୍ଷା ଚାଲିଆସିଛି । ଫ୍ୟାସନରେ ଏବେ ପୁରୁଣା କର୍ସେଟର ଚାହିଦା ବଢ଼ିବାରେ ଲାଗିଛି । ତେବେ ପୂର୍ବରୁ ମହିଳାମାନେ ଏହି କର୍ସେଟକୁ ସ୍କର୍ଟ ସହିତ ପିନ୍ଧୁଥିବାବେଳେ, ଏବେ ଶାଢ଼ି, ଜିନ୍ସ ସହ ପିନ୍ଧୁଥିବା ଦେଖାଯାଇଛି । ସବୁବେଳେ ଗୋଟିଏ ଡିଜାଇନର ବ୍ଲାଉଜ୍ ଓ ଟପ୍ ପିନ୍ଧିବାକୁ ଇଚ୍ଛା କରୁନଥିଲେ, ଏହି କର୍ସେଟ୍ ପିନ୍ଧିପାରିବେ । ଏହା ଲୁକ୍‌ରେ ପରିବର୍ତ୍ତନ ଆଣିବା ସହ ଏକ ଭିନ୍ନ ଲୁକ୍ ଦେବ ।**



### ଶାଢ଼ିରେ

ଶାଢ଼ି ସହିତ ସର୍ବଦା ସିମ୍ପଲ୍ ଡିଜାଇନର ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରୁନଥିଲେ, ଲୁକ୍‌ରେ ଟିକେ ପରିବର୍ତ୍ତନ କରନ୍ତୁ । ଚାହିଁଲେ ଶାଢ଼ି ସହିତ ଏ ପ୍ରକାର ଅଫ୍ ସୋଲଡର କର୍ସେଟ ପିନ୍ଧିପାରିବେ । ଏଥିରୁ ଏକ ଗ୍ଲାମରସ୍ ଲୁକ୍ ମିଳିଥାଏ ।

### ଲେହେଙ୍ଗାରେ

କେବଳ ଶାଢ଼ି କାହିଁକି ଲେହେଙ୍ଗାରେ ମଧ୍ୟ କର୍ସେଟ୍ ଟପ ପିନ୍ଧିପାରିବେ । ଲେହେଙ୍ଗାରେ ଏହି କର୍ସେଟ୍ ପିନ୍ଧିଲେ ଅଧିକ ଭାରୀ ଅଳଙ୍କାର ପିନ୍ଧନ୍ତୁ ନାହିଁ । ହାଲୁକା ଗହଣା ପିନ୍ଧି ନିଜକୁ ଏକ ଗ୍ଲାମରସ ଲୁକ ଦେଇପାରିବେ ।



### ଜିନ୍ସରେ

ନିଜକୁ ଏକ କୁଲ୍ ଦେବାକୁ ଚାହୁଁଥିଲେ, ଜିନ୍ସ ସହ ଏହି କର୍ସେଟ୍ ପିନ୍ଧିପାରିବେ । କର୍ସେଟ୍ ଟପ୍ସ ସହିତ ସର୍ବଦା ଟାଇଟ୍ ଜିନ୍ସ ପିନ୍ଧନ୍ତୁ । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଏକ ସ୍ମାର୍ଟ ଲୁକ ଦେଇଥାଏ ।

### ବ୍ଲେଜରରେ କର୍ସେଟ ଟପ୍

କର୍ମଜୀବୀ ମହିଳାମାନେ ନିଜକୁ ଏକ ନୂଆ ଲୁକ ଦେବାକୁ ଚାହୁଁଥିଲେ, ବ୍ଲେଜର ସହ କର୍ସେଟ ଟପ୍ ପିନ୍ଧିପାରିବେ । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଏକ କ୍ଲାସି ଲୁକ୍ ଦେଇଥାଏ ।

## ମୋ ହାଣ୍ଡିଶାଳରୁ...



# ପୋଡ଼ପିଠା



ସମ୍ବିତାରାଣୀ ଜେନା

### ଆବଶ୍ୟକ ସାମଗ୍ରୀ

ଅରୁଆ ଚାଉଳ - ୩୦୦ ଗ୍ରାମ୍, କଟା ନଡ଼ିଆ - ଏକ କପ୍, ଗୁଡ଼ - ୩୦୦ ଗ୍ରାମ୍, ତେଜପତ୍ର-ଦୁଇଗୋଟି, ଛେଚା ଅଦା - ଏକ ଚାମଚ, ଗୁଜୁରାତି ଓ ଗୋଲମରିଚ ଗୁଣ୍ଡ - ଏକ ଚାମଚ, ଲୁଣ- ସ୍ୱାଦ ଅନୁସାରେ ଗୁଆ ଘିଅ – ଆବଶ୍ୟକତା ସସଅନୁସାରେ, ଲୁଣ – ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଅରୁଆ ଚାଉଳକୁ ପାଣିରେ ଭିଜାଇ ଛଅରୁ ସାତଘଣ୍ଟା ରଖନ୍ତୁ । ଚାଉଳ ଭଲ ଭାବେ ଫୁଲିଯିବା ପରେ ସେଥିରେ ଏକ କପ୍ ପାଣି ଦେଇ ଗ୍ରାଇଣ୍ଡିଂ ରଖନ୍ତୁ । ଏହା ପରେ ଚୁଲିରେ କଡ଼େଇ ବସାନ୍ତୁ । ସେଥିରେ ପାଣିଦେଇ ଗୁଡ଼ ପକାନ୍ତୁ । ପାଣିରେ ଗୁଡ଼ ଭଲ କରି ମିଶିଯିବା ପରେ ସେଥିରେ କଟା ନଡ଼ିଆ, ତେଜପତ୍ର, ଅଦା ଛେଚା, ଲୁଣ, ଗୁଜୁରାତି, ଗୋଲମରିଚ ଗୁଣ୍ଡ, ଲୁଣ ଓ ଏକ ଚାମଚ ଗୁଆ ଘିଅ ଦେଇ ଭଲ ଭାବେ ଘାଣ୍ଟି ଦିଅନ୍ତୁ । ମିଶ୍ରଣଟି ଫୁଟି ଆସିଲା ବେଳକୁ ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା ଚାଉଳ ବଟାକୁ ଅଳ୍ପ ଅଳ୍ପ ଦେଇ ଚଟୁ ସାହାଯ୍ୟରେ ଘାଣ୍ଟନ୍ତୁ । ଜନ୍ତଣି କଡ଼େଇରୁ ଛାଡ଼ିଆସିଲେ ଗ୍ୟାସ୍‌କୁ ବନ୍ଦ କରିଦିଅନ୍ତୁ । ପରେ ପ୍ରେସରକୁକର କିମ୍ବା ହାଣ୍ଡିରେ କଦଳୀ ପତ୍ର ଦେଇ ସେଥିରେ ଘିଅ ଲଗାଇ କଟା ନଡ଼ିଆ ପକାନ୍ତୁ । ଏହାପରେ ଜନ୍ତଣିକୁ ଦେଇ ହାତରେ ଭଲ ଭାବେ ଥାପି ଦିଅନ୍ତୁ । ଉପରେ ସଜାଇବା ପାଇଁ ଅଳ୍ପ କଟା ନଡ଼ିଆ ପକାଇ କଦଳୀ ପତ୍ର ଦିଅନ୍ତୁ । ଏହାପରେ ଢାଙ୍କୁଣି ଘୋଡ଼େଇ ୪୦-୫୦ ମିନିଟ୍ ଧିମା ଆଞ୍ଚରେ ବସାନ୍ତୁ । ପିଠା ପ୍ରସ୍ତୁତ ହୋଇଗଲା ପରେ ଗ୍ୟାସ୍ ବନ୍ଦ କରି ଏହାକୁ, ଥଣ୍ଡା ହେବାପାଇଁ ଛାଡ଼ି ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଛୁରିରେ ଖଣ୍ଡ ଖଣ୍ଡ କରି ପରଷନ୍ତୁ ପୋଡ଼ପିଠା ।

# ପରଫ୍ୟୁମ୍ ସୁଗନ୍ଧ ଅଧିକ ସମୟ ରଖିବାକୁ ଚାହୁଁଥିଲେ



**ଖରାଦିନେ ଝାଳ ଗନ୍ଧକୁ ଦୂର କରିବା ପାଇଁ ଅଧିକାଂଶ ପରଫ୍ୟୁମ୍ ଲଗାନ୍ତି। କିନ୍ତୁ ପରଫ୍ୟୁମ୍ ଲଗାଇବାର କିଛି ସମୟପରେ ଏହାର ବାସ୍ନା ଉଡ଼ିଯାଏ । ଅଧିକାଂଶ ଖରା ପାଇଁ ଏହି ବାସ୍ନା ଉଡ଼ିଯାଏ । ତେବେ ଖରାଦିନେ ଝାଳ ଗନ୍ଧରୁ ମୁକ୍ତି ପାଇବାକୁ ଚାହୁଁଥିଲେ ଆପଣନ୍ତୁ ଏହି ଟିପ୍ସ –**

- ବିଶେଷ କରି ହାତ, ବେକ ତଥା କାନ ପଛପାଖେ ପରଫ୍ୟୁମ୍ ଲଗାଇବା ଦ୍ୱାରା ଏହା ଦୀର୍ଘ ସମୟ ରହିଥାଏ । ଏଥି ସହିତ ପିନ୍ଧିଥିବା ପୋଷାକରେ ମଧ୍ୟ ପରଫ୍ୟୁମ୍ ଲଗାଇପାରିବେ । ପରଫ୍ୟୁମ୍ ବୋତଲକୁ ଭଲ ସ୍ଥାନରେ ଷ୍ଟୋର କରି ରଖନ୍ତୁ ।
- ଫରଫ୍ୟୁମ୍ କିଣିବା ସମୟରେ ସୁଗନ୍ଧ ଦେଖି ଚୟନ କରନ୍ତୁ । କିଛି ଲୋକଙ୍କୁ ଏହାର ସୁଗନ୍ଧରେ ମୁଣ୍ଡି ବିନ୍ଧା ହୋଇଥାଏ । ତେଣୁ ହାଲୁକା ସୁଗନ୍ଧଯୁକ୍ତ ପରଫ୍ୟୁମ୍ କିଣନ୍ତୁ ।
- ଖରାଦିନେ ଶରୀରରେ ଦୀର୍ଘ ସମୟ ଧରି ସୁଗନ୍ଧ ରଖିବାକୁ ଚାହୁଁଥିଲେ ଦୁଇ ତିନିଥର ଲେୟାର କରି ପରଫ୍ୟୁମ୍ ଲଗାନ୍ତୁ ।ଏଥି ସହିତ ଶରୀରରେ ପରଫ୍ୟୁମ୍ ଲଗାଉଥିଲେ ପ୍ରଥମେ ପେଟ୍ରୋଲିୟମ୍ ଜେଲି ଲଗାଇ ତାପରେ ଲଗାନ୍ତୁ ପରଫ୍ୟୁମ୍ । ଏହା ଦ୍ୱାରା ସୁଗନ୍ଧ ଦୀର୍ଘ ସମୟ ଧରି ରହିଥାଏ ।

# ପଚ୍ଛିକମ୍ ଜୁଏଲାରୀ



**ଡିଜାଇନର ପୋଷାକ, ମେକ୍‌ଅପ୍ ଓ ଜୋତା ଆଦି ଷ୍ଟାଇଲିଶ୍ ଦେଖାଯିବା ପାଇଁ ଯଥେଷ୍ଟ ନୁହେଁ । ଏଥିପାଇଁ ଡିଜାଇନର କାନଫୁଲର ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ତେବେ ସିମ୍ପଲ ଆଉଟ୍‌ଫିଟ୍‌ରେ ଭାରି ଅଳଙ୍କାର ପିନ୍ଧିଲେ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ସେହିପରି ଓଜନିଆ ଅଳଙ୍କାର ହେଉଛି ପଚ୍ଛିକମ୍ । ଏ ପ୍ରକାର ଜୁଏଲାରୀ ବିଶେଷ କରି ଗୁଜରାଟ ଓ କଚ୍ଛରେ ପାରମ୍ପରିକ ଅଳଙ୍କାର ଭାବେ ଜଣାଯାଏ ।ଏହି ଅଳଙ୍କାର ପ୍ରସ୍ତୁତ କରିବା ପାଇଁ ଚାନ୍ଦିକୁ ଏକ ବେସ୍ ଭାବରେ ବ୍ୟବହାର କରାଯାଏ । ପଚ୍ଛିକମ୍‌ର ବିଭିନ୍ନ ଅଳଙ୍କାର ବର୍ତ୍ତମାନ ଟ୍ରେଣ୍ଡରେ ରହିଛି । ଜାଣିବା ଏହାକୁ କିପରି ପିନ୍ଧିବେ ।**

- ପଚ୍ଛିକମ୍ କାନଫୁଲ ଅଧିକ ଭାରି ହୋଇଥାଏ । ନିଜର ଆଉଟ୍‌ଫିଟ୍ ସହ ମ୍ୟାଚ କରି ନ ପିନ୍ଧିଲେ ଏହା ଲୁକ୍‌କୁ ବିଗାଡ଼ି ଦେଇପାରେ । ଏଣୁ ଏ ପ୍ରକାର କାନଫୁଲ ପିନ୍ଧୁଥିଲେ, ପ୍ରଥମେ ନିଜର ଆଉଟ୍‌ଫିଟ୍ ଉପରେ ଧ୍ୟାନ ଦିଅନ୍ତୁ ।
- ତେବେ ସିମ୍ପଲ ଆଉଟ୍‌ଫିଟ୍ ସହ ଏହି କାନଫୁଲ ପିନ୍ଧୁଥିଲେ, ସାଥିରେ ପଚ୍ଛିକମ୍ ନାକଫୁଲ ମଧ୍ୟ ପିନ୍ଧିପାରିବେ । ଏହା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ଚାହିଁଲେ ସିମ୍ପଲ ଶାଢ଼ି କିମ୍ବା ଅନାରକଲି ସହ ଏହି ଅଳଙ୍କାର ପିନ୍ଧିପାରିବେ ।
- ବିଶେଷ କରି ନିଜ ମୁହଁର ଗଠନ ଅନୁଯାୟୀ ଏହି କାନଫୁଲ ଚୟନ କରିପାରିବେ । ମୁହଁ ଛୋଟ ଥିଲେ, ଲମ୍ବା କାନଫୁଲ ବାଛନ୍ତୁ । ମୁହଁ ବଡ଼ ଥିଲେ ।ଲମ୍ବା କିମ୍ବା ଚଉଡ଼ା କାନଫୁଲ ବାଛିପାରିବେ ।



### ଅର୍ଶଦୀପଙ୍କ ଘାତକ ବୋଲିଂ; ସୂର୍ଯ୍ୟକୁମାରଙ୍କ ଅପରାଜିତ ଅର୍ଦ୍ଧଶତକ

# ଆମେରିକାକୁ ହରାଇ ସୁପର-୮’ରେ ଭାରତ

**ନ୍ୟୁୟର୍କ, ୧୨।୬(ଏଜେନ୍ସି):** ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂ (୪/୯)ଙ୍କ ଘାତକ ବୋଲିଂ ଓ ସୂର୍ଯ୍ୟକୁମାର ଯାଦବ(୪୯ ବଲ୍‌ରେ ୫୦ରନ୍)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଗ୍ରୁପ୍-ସି’ର ମ୍ୟାଚ୍‌ରେ ଭାରତ ୭ ୱିକେଟରେ ଆମେରିକାକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ତୃତୀୟ ବିଜୟ ସହ ଭାରତ ଗ୍ରୁପ୍-ସି’ରୁ ପ୍ରଥମ ଦଳ ଭାବେ ସୁପର-୮’ରେ ପ୍ରବେଶ କରିଛି। ଏହି ଗ୍ରୁପ୍‌ରେ ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୮ ୱିକେଟ ଓ ପାକିସ୍ତାନକୁ ୬ ରନ୍‌ରେ ପରାସ୍ତ କରିଥିଲା। କାନାଡା ସହ ଭାରତ ତାହାର ଶେଷ ଗ୍ରୁପ୍ ମ୍ୟାଚ୍ ଆସନ୍ତା ୧୫ ତାରିଖ ଫ୍ଲୋରିଡାର ଲୌଡରହିଲରେ ଖେଳାଯିବ। ଏହି ମ୍ୟାଚ୍‌ରେ ୯ ରନ୍‌ରେ ୪ଟି ୱିକେଟ ନେଇଥିବା ଭାରତର ଅର୍ଶଦୀପ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆମେରିକା ୮ ୱିକେଟରେ ୧୧୦ ରନ୍ କରିଥିଲା। ଜବାବରେ ଭାରତ ୧୦ ରନ୍‌ରେ ବିରାଟ କୋହଲି (୦) ଓ ରୋହିତ ଶର୍ମା (୩)ଙ୍କ ୱିକେଟ ହରାଇ ବିପଦରେ ପଡ଼ିଥିଲା। ୩୯ ରନ୍‌ରେ ଋଷଭ ପନ୍ତ ୧୮ ରନ୍ କରି ଆଉଟ ହେବା ପରେ ଭାରତର ସ୍ଥିତି ଖରାପ ହୋଇଯାଇଥିଲା। ଏହି ସମୟରେ କିଛି ଭାଗ୍ୟର ସହାୟତା ଓ ଆଉ କିଛି ସାହସିକ ବ୍ୟାଟିଂ ବଳରେ ଭାରତ ଆଉ କୌଣସି ୱିକେଟ ନ ହରାଇ ୧୦ଟି ବଲ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ଓ ଶିବମ ଦୁବେ ଅବିଭକ୍ତ ଚତୁର୍ଥ ୱିକେଟ ଭାଗୀଦାରିରୁ ୬୫ ବଲ୍‌ରେ ୬୭ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ସୂର୍ଯ୍ୟକୁମାର ୪୯ ବଲ୍ ଖେଳି ୨ଲେଖାଏଁ ଚୌକା ଓ ଛକା ସହ ୫୦ ଏବଂ ଶିବମ ୩୫ ବଲ୍‌ରୁ ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୩୧ ରନ୍ କରି ଅପରାଜିତ ରହିଥିଲେ। ସେହିପରି ଭାରତୀୟ ପାଳିରେ ୩ଥର ବୋଲିଂ ପରିବର୍ତ୍ତନ କରିବା ଲାଗି ଏକ ମିନିଟ୍‌ରୁ ଉର୍ଦ୍ଧ୍ୱ ସମୟ ନେଇଥିବାରୁ ଆମେରିକା ଉପରେ ୫ ରନ୍‌ର ପେନାଲ୍ଟି ଦିଆଯାଇଥିଲା। ଏହି ପେନାଲ୍ଟି ରନ୍ ଓ ସୂର୍ଯ୍ୟକୁମାରଙ୍କ କ୍ୟାଚ୍ ସୌରଭ ନେତ୍ରାଭାଲକର ହାତଛଡ଼ା କରିବା ଫଳରେ ଏହି ମ୍ୟାଚ୍‌ଟି ଆମେରିକାର ହାତଛଡ଼ା ହୋଇଯାଇଥିଲା। ଭାରତ ପାଳିରେ ସୌରଭ ଦୁଇ ଓପନରଙ୍କୁ ଓ ଅଲି ଖାନ ପନ୍ତଙ୍କୁ ଆଉଟ କରିଥିଲେ।



**ଟି-୨୦ ବିଶ୍ୱକପ୍**

**ଆଜିର ମ୍ୟାଚ୍**

**ୱେଷ୍ଟଇଣ୍ଡିଜ୍-ନ୍ୟୁଜିଲାଣ୍ଡ**
ସ୍ଥାନ- ତ୍ରିନିଦାଦ୍, ସମୟ- ସକାଳ ୬ଟା

**ବାଂଲାଦେଶ-ନେଦରଲାଣ୍ଡ**
ସ୍ଥାନ- ସେଣ୍ଟ ଭିନ୍‌ସେଣ୍ଟ, ସମୟ- ରାତି ୮ଟା

**ଇଂଲଣ୍ଡ-ଓମାନ**
ସ୍ଥାନ- ଆଣ୍ଟିଗୁଆ, ସମୟ- ରାତି ୧୨ଟା ୩୦

**-ପ୍ରସାରଣ-**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍‌ଷ୍ଟାର୍

ପୂର୍ବରୁ ଭାରତ ଟସ୍ ଜିତି ବୋଲିଂ କରିବା ପରେ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ଆରମ୍ଭରୁ ପ୍ରଥମ ଓଭରରେ ୨ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଅର୍ଶଦୀପ ସିଂ ଏହି ୱିକେଟ ନେବା ଫଳରେ ଆମେରିକାର ବ୍ୟାଟିଂ କ୍ଲିକ୍ କରି ନ ଥିଲା। ଦଳ ନିୟମିତ ୱିକେଟ ହରାଇବା ଯୋଗୁଁ ବଡ଼ ସ୍କୋର କରିପାରି ନ ଥିଲା। ଦଳ ପକ୍ଷରୁ ନୀତୀଶ କୁମାର ସର୍ବାଧିକ ୨୭, ଷ୍ଟିଭାନ ଟେଲର ୨୪, କୋରୀ ଆଣ୍ଡରସନ ୧୫, ହରମିତ ସିଂ ୧୦ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ ଏହି ମ୍ୟାଚ୍‌ର ପ୍ରଥମ ଓଭରରେ ୨ ୱିକେଟ, ପ୍ରଥମ ୩ ଓଭରରେ ୫ ରନ୍‌ରେ ୩ ୱିକେଟ ଓ ୪ ଓଭର ବୋଲିଂ କୋଟାରେ ୯ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେବା ସହ ଆମେରିକା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ବିପଜ୍ଜନକ ବ୍ୟାଟର ଜୋନ୍ସଙ୍କୁ ଆଉଟ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ୧୪ ରନ୍‌ରେ ୨ଟି ୱିକେଟ ପାଇଥିଲେ।

## ପ୍ରଥମ ବଲ୍‌ରେ ୱିକେଟ; ବିଶ୍ୱକପ୍‌ରେ ଅର୍ଶଦୀପ ଚତୁର୍ଥ

ଏଠାରେ ଆମେରିକା ସହ ଅନୁଷ୍ଠିତ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତର ଫାଷ୍ଟ ବୋଲର ଅର୍ଶଦୀପ ପ୍ରଥମ ବଲ୍‌ରେ ପ୍ରତିପକ୍ଷ ଦଳର ସାୟାନ ଜାହାଙ୍ଗୀରଙ୍କୁ ଆଉଟ କରିଛନ୍ତି। ଏହା ଫଳରେ ସେ ବିଶ୍ୱର ଚତୁର୍ଥ ବୋଲର ଭାବେ ଏହି ସଫଳତା ପାଇଛନ୍ତି। ଅବଶ୍ୟ ବିଶ୍ୱକପ୍‌ର ପ୍ରଥମ ବଲ୍‌ରେ ୱିକେଟ ନେବା ଏହା ପଞ୍ଚମ ଅବସର ହୋଇଥିଲାବେଳେ ନାମିବ୍ୟାର ରୁବେନ ଟ୍ରମ୍ପଲମ୍ୟାନ ୨୦୨୧ ଓ ୨୦୨୪ରେ ଏହି ସଫଳତା ଦୁଇଥର ପାଇଛନ୍ତି। ୨୦୧୪ ଓ ୨୦୨୪ରେ ଏପରି ଘଟଣା ୨ଥର ଲେଖାଏଁ ଦେଖିବାକୁ ମିଳିଛି। ୨୦୧୪ରେ ପ୍ରଥମଥର ଆଫଗାନିସ୍ତାନ ବିପକ୍ଷରେ ମାଶ୍ରାଫି ମୋର୍ତ୍ତାଜା, ଏହିବର୍ଷ ହଂକଂ ବିପକ୍ଷରେ ଆଫଗାନିସ୍ତାନର ଶପୁର ଜଦ୍ରାନ୍, ୨୦୨୧ ଓ ୨୦୨୪ରେ ଯଥାକ୍ରମେ ହଂକଂ ଓ ସ୍କଟଲାଣ୍ଡ ବିପକ୍ଷରେ ନାମିବ୍ୟାର ରୁବେନ ଟ୍ରମ୍ପଲମ୍ୟାନ୍ ଓ ୨୦୨୪ରେ ଆମେରିକା ବିପକ୍ଷରେ ଭାରତର ଅର୍ଶଦୀପ ସିଂ ଏହି ସଫଳତା ପାଇଛନ୍ତି।

### ପ୍ରଥମ ଓଭରରେ ୨ ୱିକେଟ; ତୃତୀୟଥର

ଏହି ମ୍ୟାଚ୍‌ରେ ଭାରତର ଅର୍ଶଦୀପ ପ୍ରଥମ ଓଭରରେ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ତାଙ୍କ ପ୍ରଥମ ବଲ୍‌ରେ ଜାହାଙ୍ଗୀର ଓ ଶେଷ ବଲ୍‌ରେ ଏଣ୍ଡ୍ରିଏସ୍ ଗୋସ୍‌ଙ୍କୁ ଆଉଟ କରିଛନ୍ତି। ଏହା ଫଳରେ ବିଶ୍ୱକପ୍‌ରେ ତୃତୀୟ ବୋଲର ଭାବେ ଅର୍ଶଦୀପ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ନାମିବ୍ୟାର ଟ୍ରମ୍ପଲମ୍ୟାନ୍ ଓମାନ ବିପକ୍ଷରେ ଓ ଆଫଗାନିସ୍ତାନର ଫଜଲହକ ଫାରୁକି ଉଗାଣ୍ଡା ବିପକ୍ଷରେ ଏହି ସଫଳତା ପାଇଥିଲେ।

### ଭାରତକୁ ୫ ପେନାଲ୍ଟି ରନ୍ ମିଳିଲା

ମ୍ୟାଚ୍‌ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଆମେରିକା ଅଲରାଉଣ୍ଡର କୋରି ଆଣ୍ଡରସନଙ୍କ ଓଭର (ପାଳିର ୧୫ତମ) ଶେଷ ହେବା ପରେ ଯଶଦୀପ ସିଂ ପରବର୍ତ୍ତୀ ଅର୍ଥାତ ୧୬ତମ ଓଭର ଆରମ୍ଭ କରିବାରେ ବିଳମ୍ବ କରିଥିଲେ। ନିୟମ ଅନୁସାରେ ଗୋଟିଏ ଓଭର ଶେଷ ହେବା ପରେ ଆଉ ଜଣେ ବୋଲରଙ୍କୁ ପରବର୍ତ୍ତୀ ଓଭର ୬୦ ସେକେଣ୍ଡ ମଧ୍ୟରେ ଆରମ୍ଭ କରିବାକୁ ହୋଇଥାଏ। କିନ୍ତୁ ଯଶଦୀପ ଅଧିକ ସମୟ ନେଇଥିଲେ। ଫଳରେ ଭାରତକୁ ଆଉ ୫ ରନର ପେନାଲ୍ଟି ବାବଦରେ ମିଳିଥିଲା। ଆମେରିକା ଏହି ତ୍ରୁଟି ତୃତୀୟଥର ପାଇଁ ଦୋହରାଇବାରୁ ଭାରତକୁ ପେନାଲ୍ଟି ରନ ମିଳିଥିଲା।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆମେରିକା ପାୱାର ପ୍ଲେ’ ଅର୍ଥାତ୍ ପ୍ରଥମ ୬ ଓଭରରେ ୨ ୱିକେଟ୍ ହରାଇ ୧୮ ରନ୍ କରିଥିଲା। ବିଶ୍ୱକପ୍ ପାୱାର ପ୍ଲେ’ରେ ଏହା ଭାରତର ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ।

### ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ

## ୫.୪ ଓଭରରେ ଜିତିଲା ଅଷ୍ଟ୍ରେଲିଆ

**ଆଣ୍ଟିଗୁଆ,୧୨।୬(ଏଜେନ୍ସି):** ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ବୁଧବାର ସକାଳେ ଅନୁଷ୍ଠିତ ଗ୍ରୁପ୍-ବି’ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ମାତ୍ର ୬ ଓଭର ଖେଳରେ ନାମିବ୍ୟାକୁ ୯ ୱିକେଟରେ ପରାସ୍ତ କରିଛି। ଏହା ଫଳରେ ହ୍ୟାଟ୍ରିକ୍ ବିଜୟ ସହ ଅଷ୍ଟ୍ରେଲିଆ ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଦଳ ଭାବେ ସୁପର-୮’ରେ ପ୍ରବେଶ କରିଛନ୍ତି। ଏହି ଗ୍ରୁପ୍‌ରେ ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩୯ ରନ୍‌ରେ ନାମିବ୍ୟା, ୩୬ ରନ୍‌ରେ ଇଂଲଣ୍ଡ ଓ ଆଜି ୯ ୱିକେଟରେ ନାମିବ୍ୟାକୁ ହରାଇଥିଲା। ଏହି ମ୍ୟାଚ୍‌ରେ ଯାଦୁକରୀ ବୋଲିଂ କରି ୪ ଓଭରରେ ୧୨ ରନ୍ ଦେଇ ୪ଟି ୱିକେଟ ପାଇଥିବା ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଜାମ୍ପାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ନର୍ଥ ସାଉଣ୍ଡର ଭିଭିଆନ ରିଚାର୍ଡ୍‌ସ ଷ୍ଟାଡିୟମ୍‌ରେ ବୁଧବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବୋଲିଂକୁ ମୁକାବିଲା କରି ନ ପାରି ପ୍ରଥମଥର ବିଶ୍ୱକପ୍ ଖେଳୁଥିବା ନାମିବ୍ୟା ୧୭ ଓଭରରେ ମାତ୍ର ୭୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଅଧିନାୟକ ଗେରହାର୍ଡ ଏରାସମସ ସର୍ବାଧିକ ୩୬ ଓ ମାଇକେଲ ଭାନ ଲିଗେନ ୧୦ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ପ୍ରତିପକ୍ଷ ଦଳର ଜାମ୍ପାଙ୍କୁ ୪, ଜୋଶ ହାଜ୍‌ଲେଉଡ୍ ଓ ମାର୍କସ ଷ୍ଟୋଇନିସ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଅଷ୍ଟ୍ରେଲିଆ ମାତ୍ର ୫.୪ ଓଭରରେ ଡେଭିଡ ୱାର୍ଣ୍ଣରଙ୍କ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୱାର୍ଣ୍ଣର ୮ ବଲ୍‌ରେ ୩ ଚୌକା ଓ ୧ ଛକା ସହ ୨୦ ରନ୍‌ରେ ଆଉଟ ହୋଇଥିଲେ। ଟ୍ରାଭିସ୍ ହେଡ୍ ୧୭ ବଲ୍‌ରେ ୩୪ ଓ ମିଚେଲ ମାର୍ଶ ୯ ବଲ୍‌ରେ ୧୮ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପାୱାର ପ୍ଲେ’ରେ ସର୍ବାଧିକ ୧/୭୪ ରନ୍ ଓ ପାୱାର ପ୍ଲେ’ରେ ସର୍ବାଧିକ ବ୍ୟବଧାନ ରନ୍ କରିବାର ରେକର୍ଡ କରିଛି।



### ଇଂଲଣ୍ଡକୁ ଗ୍ରୁପ୍ ପର୍ଯ୍ୟାୟରୁ ବିଦା କରିବା ଆମର ଲକ୍ଷ୍ୟ

ଅଷ୍ଟ୍ରେଲିଆ ଚଳିତ ଟି-୨୦ ବିଶ୍ୱକପ୍ ସୁପର-୮ରେ ପ୍ରବେଶ କରିଥିଲାବେଳେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡ ଅଡୁଆ ସ୍ଥିତିରେ ରହିଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ସ୍କଟଲାଣ୍ଡ ବର୍ଷା ଯୋଗୁ ଇଂଲଣ୍ଡ ସହ ହୋଇଥିବା ବାତିଲ ମ୍ୟାଚ୍‌ରୁ ଫାଇଦା ଉଠାଇ ୫ ପଏଣ୍ଟ ପାଇଛି। ଏହି ଦଳ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଦଳ ତାହାର ଶେଷ ମ୍ୟାଚ୍‌ରେ ଯଦି ଅଳ୍ପ ରନ୍ ବ୍ୟବଧାନରେ ସ୍କଟଲାଣ୍ଡକୁ ହରାଏ, ତେବେ ଇଂଲଣ୍ଡ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହେବ। ଏହି ଚାମ୍ପିଅନ ଦଳ ତାହାର ଶେଷ ଦୁଇଟି ମ୍ୟାଚ୍‌ରେ ଓମାନ ଓ ନାମିବ୍ୟାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ହରାଇଲେ ପ୍ରତିଯୋଗିତାରେ ତିଷ୍ଠି ରହିବ। ଏ ସମ୍ପର୍କରେ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍‌ଙ୍କ ମତରେ ଆମେ ଇଂଲଣ୍ଡକୁ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ଦେବାକୁ ଚେଷ୍ଟା କରିବୁ। ଏହା ଏକ ଶକ୍ତିଶାଳୀ ଦଳ ଓ ବିଶ୍ୱକପ୍‌ର କେଉଁଠି ହେଲେ ମୁକାବିଲା ହେବାର ସମ୍ଭାବନା ରହିଛି। ଏହି ଦଳ ଗ୍ରୁପ୍‌ରୁ ବାଦ୍ ପଡ଼ିଲେ ଆମର ବିଜୟ ସହଜ ହେବ ବୋଲି ହାଜ୍‌ଲେଉଡ୍ କହିଛନ୍ତି। ଏହାର ଅର୍ଥ ନୁହେଁ ଯେ ଆମେ ସ୍କଟଲାଣ୍ଡ ବିପକ୍ଷରେ ଜାଣିଶୁଣି ଖରାପ ଖେଳିବୁ ନାହିଁ। କିନ୍ତୁ ଆବଶ୍ୟକ ହେଲେ ଇଂଲଣ୍ଡ ଲାଗି ଏଭଳି କରିବାରେ ଆଦୌ ପଛାଇବୁ ନାହୁଁ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ବର୍ଷା ଯୋଗୁଁ ମ୍ୟାଚ୍ ବାତିଲ; ବିପଦରେ ଶ୍ରୀଲଙ୍କା

**ଲୌଡରହିଲ, ଫ୍ଲୋରିଡା, ୧୨।୬(ଏଜେନ୍ସି):** କ୍ରମାଗତ ବର୍ଷା ଯୋଗୁଁ ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ଏଠାରେ ବୁଧବାର ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରାଯାଇଛି। ଏହା ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜିତ ହୋଇଥିବା ଶ୍ରୀଲଙ୍କା ଆଉ ଗୋଟିଏ ପଏଣ୍ଟ ହରାଇବା ଫଳରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହେବାର ଦ୍ୱାରଦେଶରେ ପହଞ୍ଚିଛି। ପ୍ରଥମ ଦୁଇଟି ମୁକାବିଲାରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକାଠାରୁ ୬ ୱିକେଟ ଓ ବାଂଲାଦେଶଠାରୁ ୨ ୱିକେଟରେ ହାରିଯାଇଥିଲା। ନେପାଳ ସହ ବାତିଲ ମ୍ୟାଚ୍‌ରୁ ଦଳ ପ୍ରଥମ ପଏଣ୍ଟ ପାଇଛି। ଏହା ଫଳରେ ଏହି ଦଳ ନିକଟରେ ସୁପର-୮’କୁ ଯିବାର ରାସ୍ତା ଏକପ୍ରକାର ବନ୍ଦ ହୋଇଯାଇଛି। ଅନ୍ୟଦଳ ଗୁଡିକ ପ୍ରଦର୍ଶନ ଉପରେ ଶ୍ରୀଲଙ୍କା ସୁପର-୮’କୁ ଯିବ କି ନାହିଁ ତାହା ସ୍ଥିର ହେବ। ଏହି ଗ୍ରୁପ୍‌ରେ ଦକ୍ଷିଣ ଆଫ୍ରିକା ୩ଟି ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ସୁପର-୮’ରେ ପ୍ରବେଶ କରିସାରିଛି। ଅନ୍ୟପକ୍ଷରେ ୨ଟି ଲେଖାଏଁ ମ୍ୟାଚ ଖେଳି ବାଂଲାଦେଶ ଓ ନେଦରଲାଣ୍ଡସ ୨ ପଏଣ୍ଟ ଲେଖାଏଁ ପାଇଛନ୍ତି। ଏଣୁ ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ଦକ୍ଷିଣ ଆଫ୍ରିକା ସହ ସୁପର-୮’କୁ ଯିବାର ସମ୍ଭାବନା ରହିଛି।



## ଇଣ୍ଡିଜ୍‌ଠୁ ହାରିଲେ ବିଦା ହେବ ନ୍ୟୁଜିଲାଣ୍ଡ

**ତାରୋବା,୧୨।୬(ଏଜେନ୍ସି):** ଆଫଗାନିସ୍ତାନ ବିପକ୍ଷ ପ୍ରଥମ ମୁକାବିଲାରେ ୮୫ ରନ୍ ବ୍ୟବଧାନରେ ପରାଜିତ ହେବା ପରେ ଗ୍ରୁପ୍-ସି’ରେ ସ୍ଥାନ ପାଇଥିବା ନ୍ୟୁଜିଲାଣ୍ଡ ଲାଗି ବିଶ୍ୱକପ୍‌ରେ ତିଷ୍ଠି ରହିବା କଷ୍ଟକର ହୋଇ ପଡ଼ିଛି। ଏତେ ବଡ଼ ବ୍ୟବଧାନରେ ପରାଜିତ ହେବା ପରେ ଏହି ଦଳ ଅବଶିଷ୍ଟ ମ୍ୟାଚ୍ ଜିତିଲେ ମଧ୍ୟ ନେଟ ରନ୍ ରେଟ୍‌ରେ ବିଦା ହେବାର ଆଶଙ୍କା ରହିଛି। ଅବଶ୍ୟ ଏହା ପୂର୍ବରୁ ଆସନ୍ତାକାଲି ଗ୍ରୁପ୍‌ର ଅନ୍ୟତମ ଶକ୍ତିଶାଳୀ ଦଳ ୱେଷ୍ଟଇଣ୍ଡିଜ୍ ସହ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ପ୍ରଥମ ମ୍ୟାଚ୍‌ରୁ କୌଣସି ପଏଣ୍ଟ ପାଇ ନ ଥିବା ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍ ହାରିଗଲେ ଚଳିତ ବିଶ୍ୱକପ୍‌ର ସୁପର-୮’ରୁ ବାଦ୍ ପଡ଼ିବ। ବର୍ତ୍ତମାନ ସୁଦ୍ଧା ଗ୍ରୁପ୍-ସି’ରେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ୨ଟି ଲେଖାଏଁ ମ୍ୟାଚ୍ ଖେଳି ୨ଟି ଲେଖାଏଁ ବିଜୟ ସହ ପଏଣ୍ଟ ସାରଣୀର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଏମାନେ ମଧ୍ୟ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦୁଇ ଦୁର୍ବଳ ଦଳ ପାପୁଆ ନ୍ୟୁ ଗିନି ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଏଣୁ ପ୍ରତିଯୋଗିତାରେ ତିଷ୍ଠି ରହିବାକୁ ହେଲେ ନ୍ୟୁଜିଲାଣ୍ଡକୁ ଏହି ମ୍ୟାଚ୍ ଜିତିବାକୁ ହେବ।

### ଇଂଲଣ୍ଡ ଲାଗି ବର୍ଷା ବିପଦ

ପ୍ରଥମ ୨ଟି ମ୍ୟାଚ୍‌ରେ ବାତିଲ ଓ ପରାଜିତ ହୋଇଥିବା ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡ ମାତ୍ର ଗୋଟିଏ ପଏଣ୍ଟ ପାଇଛି। ସୁପର-୮’ ଦୌଡରେ ତିଷ୍ଠି ରହିବାକୁ ହେଲେ ଏହି ଦଳକୁ ତାହାର ଶେଷ ଦୁଇଟି ମ୍ୟାଚ୍‌ରେ ନିଶ୍ଚିତ ଜିତିବାକୁ ହେବ। ଆସନ୍ତାକାଲି ଦଳ ଓମାନ ସହ ଖେଳିବ। ଏହି ମ୍ୟାଚ୍‌ରେ ବର୍ଷା ହେବାର ଆଶଙ୍କା ରହିଛି। ବର୍ଷା ଯୋଗୁ ଯଦି ଏହି ମ୍ୟାଚ୍ ବାତିଲ ହୁଏ, ତେବେ ଇଂଲଣ୍ଡର ସୁପର-୮ ଖେଳିବା ଆଶା ଧୂଳିସାତ ହୋଇଯିବ।

## ୧୪ରୁ ଜାତୀୟ ଅସି ଚାଳନା



**କଟକ,୧୨।୬(ସମିସ):** ଆସନ୍ତା ୧୪ ତାରିଖରୁ ଜାତୀୟ ଅସିଚାଳନା ଚାମ୍ପିଅନସିପ୍ କଟକ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବ। ୫ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଭାଗନେବେ। ୧୨ ବର୍ଷରୁ କମ୍, ୧୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ବୟସ ବର୍ଗରେ ମୁକାବିଲା ହେବ। ପ୍ରତିଯୋଗିତାର ବଜେଟ ୧୦ ଲକ୍ଷ ୫୦ ହଜାର ଟଙ୍କା ରହିଛି। ଓଡ଼ିଶା ରାଜ୍ୟ ଅସିଚାଳନା ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରତିଯୋଗିତା ଆୟୋଜନ କରାଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତୀୟ ଅସିଚାଳନା ମହାସଂଘ ସମ୍ପାଦକ ରାଜୀବ ମେହତା, କୋଷାଧ୍ୟକ୍ଷ ବସିର ଅହମ୍ମଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ଶାର୍ଦ୍ଦୁଳଙ୍କ ଗୋଡ଼ରେ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ,୧୨।୬(ଏଜେନ୍ସି):** ଭାରତୀୟ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ବୁଧବାର ଲଣ୍ଡନରେ ଗୋଡରେ ଅସ୍ତ୍ରୋପଚାର କରାଇଛନ୍ତି ଓ ଏହା ସଫଳ ହୋଇଛି। ଫଳରେ ସେ ଅତିକମ୍‌ରେ କ୍ରିକେଟରୁ ୩ ମାସ ଦୂରେଇ ରହିବା ସ୍ପଷ୍ଟ ହୋଇଛି। ୩୨ ବର୍ଷୀୟ ଠାକୁର ଇନଷ୍ଟାଗ୍ରାମ୍‌ରେ ଏ ନେଇ ଫଟୋ ସେୟାର କରିଛନ୍ତି ଓ ଅସ୍ତ୍ରୋପଚାର ସଫଳ ହୋଇଛି ବୋଲି କ୍ୟାପସନରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ସେ ୨୦୧୯ରେ ଗୋଡରେ ପ୍ରଥମଥର ପାଇଁ ଅସ୍ତ୍ରୋପଚାର କରାଇଥିଲେ। ଚଳିତ ବର୍ଷ ଦକ୍ଷିଣ ଆଫ୍ରିକା ଗସ୍ତ ଅବସରରେ ସେ ଗୋଡାରେ ଆଘାତ ପାଇଥିଲେ। ଆହତ ହେବା ସତ୍ତ୍ୱେସେ ରଣଜୀ ଟ୍ରଫି ଖେଳିଥିଲେ ଓ ମୁମ୍ବାଇକୁ ରେକର୍ଡ ୪୨ଥର ପାଇଁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସେ ଚେନ୍ନାଇ ସୁପର କିଙ୍ଗ୍‌ସ ତରଫରୁ ପ୍ରତିନିଧିତ୍ୱ କରି ୯.୭୫ ଇକୋନୋମି ରେଟ୍‌ରେ ୫ଟି ୱିକେଟ ଅକ୍ତିଆର କରିଥିଲେ। ଶାର୍ଦ୍ଦୁଳ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କେନ୍ଦ୍ରୀୟ ଚୁକ୍ତିର ଗ୍ରେଡ୍ ସି’ରେ ସାମିଲ ହୋଇଛନ୍ତି। ତେଣୁ ତାଙ୍କର ଚିକିତ୍ସା ଖର୍ଚ୍ଚ ବିସିସିଆଇ ବହନ କରିବ। ଠାକୁର ଏପର୍ଯ୍ୟନ୍ତ ଭାରତ ପାଇଁ ୮ଟି ଟେଷ୍ଟ, ୪୪ଟି ଦିନିକିଆ ଓ ୨୫ଟି ଟି-୨୦ ମ୍ୟାଚ୍ ଖେଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି।

## କତାରର ବିବାଦୀୟ ଗୋଲ୍ ନେଇ ତଦନ୍ତ ଦାବିକଲା ଏଆଇଏଫ୍‌ଏଫ୍




**ନୂଆଦିଲ୍ଲୀ,୧୨।୬(ଏଜେନ୍ସି):** ଦୋହାରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ ଘରୋଇ କତାରଠାରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା। ଅନ୍ତିମ ମୁକାବିଲାରେ ଭାରତ ପରାସ୍ତ ହୋଇ ଯୋଗ୍ୟତା ପର୍ଯ୍ୟାୟରୁ ବାଦ୍ ପଡିଥିଲା। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏକ ବିବାଦୀୟ ଗୋଲ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏହି ଗୋଲ ନେଇ ତଦନ୍ତ କରିବାକୁ ସର୍ବ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ବୁଧବାର ଦାବି କରିଛି। ଏ ନେଇ ଏଆଇଏଫ୍‌ଏଫ୍ ଅଧ୍ୟକ୍ଷ କଲ୍ୟାଣ ଚୌବେ ସୂଚନା ଦେଇଛନ୍ତି। ଦକ୍ଷିଣ କୋରିଆ ରେଫରି କିମ୍ ଉ- ସଙ୍ଗ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଯାହାଫଳରେ ଭାରତ ଗୋଲ ବରଣ କରିଥିଲା। ବଲ୍ ଲାଇନ୍ ବାହରକୁ ଚାଲିଯିବା ପରେ ମଧ୍ୟ କତାର ଖେଳାଳି ବଲ୍‌କୁ ଭିତରକୁ ଆଣି ଗୋଲ ଦେଇଥିଲେ। ଏହା ରି ପ୍ଲେରୁ ସ୍ପଷ୍ଟ ଭାବେ ଜଣାପଡୁଥିଲା। ତେଣୁ ରେଫରିଙ୍କ ଏଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବିରୋଧରେ ଭାରତ ଫିଫା ହେଡ୍ ଅଫ୍ କ୍ୱାଲିଫାୟର୍ସ, ଏଏଫ୍‌ସି ହେଡ୍ ଅଫ୍ ରେଫରି ଓ ମ୍ୟାଚ୍ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ତ୍ରୁଟିପୂର୍ଣ୍ଣ ଗୋଲ ବଳରେ ଭାରତ ପରାସ୍ତ ହୋଇଥିଲା ଓ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରୁ ବାଦ୍ ପଡିଥିଲା। ଏହି ଅନ୍ୟାୟ ବିରୋଧ ଫିଫା ଓ ଏଏଫ୍‌ସି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ଚୌବେ ଆଶା ପ୍ରକାଶ କରିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



৺ ଅଜୟ କିଶୋର ଦାସ (ଅଜି ବାବୁ)

ଆବିର୍ଭାବ : ୦୪.୦୪.୧୯୩୪, ତିରୋଧାନ : ୦୩.୦୬.୨୦୨୪

ଏକାଦଶାହ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା

ଶ୍ରଦ୍ଧାଞ୍ଜଳି ସହ: ପୁତ୍ର-ଆଡି, ବୋହୂ-ମୀନା, ନାତୁଣୀ-ଆନି ଏବଂ ପୁତୁରା ଝିଆରୀ ଓ ଆଇଡିଟି କର୍ମଚାରୀବୃନ୍ଦ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA